# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, August 18/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 263 | ମୂଲ୍ୟ ₹୭/-




**ସୁମାରିୱାଲା ଡବ୍ଲ୍ୟୁଏ ଉପ ସଭାପତି**

ଭାରତର ଆଦିଲ ସୁମାରିୱାଲା ୱାର୍ଲ୍ଡ ଆଥଲେଟିକ୍ସ (ଡବ୍ଲ୍ୟୁଏ)ର ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୨

୦୮

**ନିର୍ଦ୍ଦେଶନା ଦେବେ ଦିଶା**

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ଅଭିନୟ ପରେ ଏବେ ଏକ ମ୍ୟୁଜିକ ଭିଡିଓ 'କ୍ୟୁ କରୁ ଫିକର'ରେ ନିର୍ଦ୍ଦେଶନା ଦେବେ ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।



# ଡେଙ୍ଗୁ ମୁକାବିଲା ବିଫଳ

## ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ଟପିଲା

ଭୁବନେଶ୍ୱର,୧୭।୮ (ଅଭିଜିତ ଦାସ)

ରାଜ୍ୟରେ କ୍ଷିପ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ହୁହୁ ହୋଇ ବଢ଼ି ଚାଲିଛି ସଂକ୍ରମଣ। ପ୍ରତିବର୍ଷ ପରି ଏବର୍ଷ ଡେଙ୍ଗୁ ମୁକାବିଲା ଲାଗି ମୌସୁମୀ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ସହ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ସବୁକିଛି ବିଫଳ ହୋଇଛି। ଇତି ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ଟପିଯାଇଥିବାବେଳେ ଖୋର୍ଦ୍ଧା ଜିଲା ପୂର୍ବଭଳି ହଟ୍‌ସ୍ପଟ୍ ପାଲଟିଛି। ଏଠାରେ ରାଜ୍ୟର ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୩୩ ହଜାର ୭୦୩ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ସେଥିରୁ ୨ ହଜାର ୧୧୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ ୧୭ ହଜାର ୩୬୨ ରକ୍ତ ନମୁନାରୁ ୧ହଜାର ୪୪୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ଅର୍ଥାତ୍ ଚଳିତ ବର୍ଷ ୬୭୦ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୫୫ ଡେଙ୍ଗୁ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୧୭୯, ପୁରୀରେ ୧୫୦, କଟକରେ ୧୨୫ ଓ ଗଞ୍ଜାମ ଜିଲାରେ ୧୦୧ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଅନ୍ୟ ୧୪ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ତଳକୁ ରହିଛି। ଶେଷ ୧୦ଦିନ ମଧ୍ୟରେ ୨ ଜିଲାରୁ କୌଣସି ନୂଆ ଆକ୍ରାନ୍ତ ବାହାରିନାହାନ୍ତି। ତେବେ ଉଦ୍‌ବେଗର ବିଷୟ ହେଉଛି, ଖୋର୍ଦ୍ଧା ଜିଲାରେ ଚିହ୍ନଟ ୧୧୫୫ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟରୁ



- ଖୋର୍ଦ୍ଧାରୁ ଚିହ୍ନଟ ୧୧୫୫ ରୋଗୀଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୯୦%
- ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ତଥ୍ୟରେ ତାଳମେଳ ରହୁନି

ପାଖାପାଖି ୯୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରୁ ବାହାରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ମୁକାବିଲା ଲାଗି ବାରମ୍ବାର ବୈଠକ ବସିବା ସହ ବହୁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ସହରରେ ଡେଙ୍ଗୁ ସଂକ୍ରମଣ କମିବା ବଦଳରେ ବଢ଼ି ଚାଲିଛି। ପୁଣି ଡେଙ୍ଗୁ ତଥ୍ୟରେ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଉଛି। ବିଭାଗୀୟ ତଥ୍ୟରେ ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫୫ ଥିବାବେଳେ ବିଏମ୍‌ସି ତଥ୍ୟରେ ୧୪୨୭ ଆକ୍ରାନ୍ତ ବୋଲି ଉଲ୍ଲେଖ ରହିଛି।

☞ପୃଷ୍ଠା-୨

# ସରକାରୀ ଅଫିସ୍‌ରୁ ହଟିବ ପୁରୁଣା ଫ୍ୟାନ୍, ଏସି

ଭୁବନେଶ୍ୱର, ୧୭।୮ (ସୁନିତ ମିଶ୍ର)

ବିଦ୍ୟୁତ୍ ସଞ୍ଚୟ ଏବଂ ଦେୟ ହ୍ରାସ କରିବା ଲାଗି ଶକ୍ତି ବିଭାଗ ଚିନ୍ତା କରୁଛି। ଏଥିଲାଗି ସରକାରୀ କାର୍ଯ୍ୟାଳୟରୁ ୫ ବର୍ଷ ପୁରୁଣା ଏସି, ଫ୍ୟାନ୍ ହଟାଯିବାକୁ ଯୋଜନା କରାଯାଉଛି। ଏହା ବଦଳରେ ବିଏଲ୍‌ଡିସି ଫ୍ୟାନ୍ ଏବଂ ୫ ଷ୍ଟାର ଏସି ଲଗାଇବାକୁ ରାଜ୍ୟ ସରକାରଙ୍କୁ ଶକ୍ତି ବିଭାଗ ପ୍ରସ୍ତାବ ଦେଇଛି। ବିଜୁଳି ବିଲ୍ ହ୍ରାସ କରିବା ଲାଗି ପ୍ରତିବର୍ଷ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶକ୍ତି ସମୀକ୍ଷା ହେବ। ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ବିଭାଗ ମଧ୍ୟରେ ସମନ୍ୱୟ ରଖି କର୍ମଶାଳା ଆୟୋଜନ କରାଯିବ। ବିଜୁଳି ଶକ୍ତି ସଞ୍ଚୟ କରିବା ଲାଗି ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି।

ବିଜୁଳି ଶକ୍ତି ବଞ୍ଚାଇବା ଏବଂ ବିକଳ୍ପ ଭାବେ ସୌରଶକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୨ରେ ହିତାଧିକାରୀଙ୍କୁ ସବ୍‌ସିଡି ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଏବେ ମଧ୍ୟ ଏହା ଘୋଷଣାରେ ☞ପୃଷ୍ଠା-୨







# ଧର୍ମନିରପେକ୍ଷତା ପ୍ରତି ୟୁସିସି ବିପଦ

**ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୦୨ ଗୁଜରାଟ ଦଙ୍ଗା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ମୁସଲିମ୍ ମହିଳା ବିଲ୍‌କିସ୍ ବାନୋ ଗଣବଳାତ୍କାରର ଶିକାର ହୋଇଥିଲେ। ତାଙ୍କୁ ବଳାତ୍କାର କରି ଦୋଷୀ ସାବ୍ୟସ୍ତ ହେବା ପରେ ଜେଲଦଣ୍ଡ ଭୋଗୁଥିବା ୧୧ ଜଣଙ୍କ ଆଗୁଆ ମୁକ୍ତି ପାଇଁ ୨୦୨୨ରେ ମୋଦି ସରକାର ବ୍ୟବସ୍ଥା କରିଥିବା ପ୍ରଧାନମନ୍ତ୍ରୀଙ୍କ ସମାଲୋଚକମାନେ ଅଭିଯୋଗ ଆଣିଛନ୍ତି। ସମାଲୋଚକଙ୍କ ମତରେ ଶାସକ ଭାଜପା ଏକକ ଦେୱାନୀ ସଂହିତା ନାମରେ ମୁସଲମାନ ମହିଳାମାନଙ୍କୁ ନେଇ କୁମ୍ଭୀର କାନ୍ଦଣା କରୁଛି। ଅନ୍ୟପକ୍ଷେ ୟୁସିସିରେ ସମାନତା ରହିଲେ ମୁସଲମାନ ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଲିଙ୍ଗଗତ ନ୍ୟାୟ ପାଇପାରିବେ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମତ ଦିଅନ୍ତି।**




**ନୂଆଦିଲ୍ଲୀ,୧୭।୮**

ଭାରତରେ ପରବର୍ତ୍ତୀ ସରକାର ଗଠନ ହେବାର ୧୦ ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ଏକ ଦୀର୍ଘକାଳୀନ ଅଭିଯାନ ଉପରେ ପୁଣି ଜୋର୍ ଦେଇଛି। ବିବିଧତାପୂର୍ଣ୍ଣ ଏହି ଦେଶରେ ସମାନତା ଏକ ବିବାଦୀୟ ପ୍ରସଙ୍ଗ ରହିଆସିଥିବାବେଳେ ନାଗରିକମାନଙ୍କ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ଆଇନ ପ୍ରଣୟନକୁ ନେଇ ବହୁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତରେ ସଂଖ୍ୟାବହୁଳ ହିନ୍ଦୁ (୯୬୬ ନିୟୁତ) ଏବଂ ସଂଖ୍ୟାଲଘୁ ମୁସଲମାନ (୨୧୩ ନିୟୁତ) ଓ ଖ୍ରୀଷ୍ଟିଆନ (୨୬ ନିୟୁତ) ବସବାସ କରନ୍ତି। ଆଦିବାସୀ ସମ୍ପ୍ରଦାୟର ଜନସଂଖ୍ୟା ହେଉଛି ୧୦୪ ନିୟୁତ। ଏମାନେ ନିଜ ନିଜ ଦେୱାନୀ ଧର୍ମ ଓ ସଂସ୍କୃତି ପ୍ରଭାବିତ ନାଗରିକ ଆଇନ ଦ୍ୱାରା ପରିଚାଳିତ ହେଉଥିଲେ ହେଁ ସମସ୍ତଙ୍କ କ୍ଷେତ୍ରରେ ଗୋଟିଏ ଆପରାଧିକ ଆଇନ ଲାଗୁ ହୋଇଥାଏ।

ଦେଶରେ ଏକକ ଦେୱାନୀ ସଂହିତା (ୟୁସିସି) ଲାଗୁ କରିବାକୁ କିଛି ସପ୍ତାହ ତଳେ ମୋଦି ବ୍ୟକ୍ତିଗତ ଭାବେ ଜୋର୍ ଦେଇଥିଲେ। ୟୁସିସି କାର୍ଯ୍ୟକାରୀ ହେଲେ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର, ପୋଷ୍ୟ, ଅଭିଭାବକତ୍ୱ ଏବଂ ଜମି ଓ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବ୍ୟକ୍ତିଗତ ଆଇନଗୁଡ଼ିକ ସ୍ୱତଃ ଉଚ୍ଛେଦ ହୋଇଯିବ। ଜୁନ୍‌ରେ ମୋଦି ଭାଜପା କର୍ମୀଙ୍କୁ ସମ୍ବୋଧିତ କରି କହିଥିବା କଥାକୁ ୟୁସିସି ସମର୍ଥକମାନେ ଉଦ୍ଧୃତ କରୁଛନ୍ତି। ସେମାନଙ୍କ ମତରେ ଆଧୁନିକ ରାଷ୍ଟ୍ରରେ ‘ଦ୍ୱୈତ ଆଇନ’ ଅନାବଶ୍ୟକ। ବ୍ୟକ୍ତିଗତ ଆଇନଗୁଡ଼ିକରେ ଲିଙ୍ଗଗତ ବୈଷମ୍ୟକୁ ଶେଷ କରିବା ଦିଗରେ ୟୁସିସି ଏକ ବଳିଷ୍ଠ ପଦକ୍ଷେପ ହେବ। ଭାଜପା ନିର୍ଦ୍ଦିଷ୍ଟ ଭାବେ ଭାରତରେ ମୁସଲିମ୍ ପର୍ସନାଲ ଲ’କୁ ମହିଳା ବିରୋଧୀ ଆଖ୍ୟା ଦେଇଆସିଥିବାବେଳେ ଆକ୍ଟିଭିଷ୍ଟମାନେ ପ୍ରାୟ ସବୁ ସମ୍ପ୍ରଦାୟର ଲୋକେ ଅନୁସରଣ କରୁଥିବା ନାଗରିକ ଆଇନରେ ମହିଳାଙ୍କ ସହ ପକ୍ଷପାତିତା କରାଯାଇଥିବା କୁହନ୍ତି। ୟୁସିସିକୁ ଏହାର ସମର୍ଥକମାନେ ଜାତୀୟ ସଂହତି ପାଇଁ ସହାୟକ ହେବ ବୋଲି କହିଥାନ୍ତି। କିନ୍ତୁ ୟୁସିସିର ରୂପରେଖ କିପରି ହେବ ସେନେଇ ମୋଦି ସରକାର ଏଯାଏ କୌଣସି ଚିଠା ଜାରି କରିନାହାନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସଂଖ୍ୟାଲଘୁଙ୍କୁ ନ୍ୟୂନ କରିବା ପାଇଁ ମୋଦି ସରକାର ୟୁସିସିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ୟୁସିସି ଲାଗୁ ହେଲେ ଧର୍ମୀୟ ସଂଖ୍ୟାଲଘୁ ଓ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସମ୍ବିଧାନ ପ୍ରଦତ୍ତ ଧାର୍ମିକ ତଥା ସାଂସ୍କୃତିକ ଅଧିକାର ହରାଇବା ନେଇ ଆଶଙ୍କା କରୁଛନ୍ତି। କାରଣ ୨୦୧୪ରେ ମୋଦି ସରକାର କ୍ଷମତାସୀନ ହେବା ପରଠୁ ଦେଶର ବିଭିନ୍ନ ଭାଗରେ ଧର୍ମୀୟ ଓ ଜାତିଆଣ ବୈଷମ୍ୟଜନିତ ବିଭାଜନ ବଢ଼ିବାରେ ଲାଗିଥିବାରୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଦେଖିବାକୁ ଗଲେ ସଂଖ୍ୟାଲଘୁ ମୁସଲମାନଙ୍କ ଉପରେ ହିନ୍ଦୁଙ୍କ ଆକ୍ରମଣ ଘଟଣା ବଢ଼ିଛି।

କେନ୍ଦ୍ର ସରକାରଙ୍କୁ ଆଇନ ସଂସ୍କାର ଉପରେ ପରାମର୍ଶ ଦେଉଥିବା ଭାରତର ଲ’ କମିଶନ ଇତିମଧ୍ୟରେ ଧର୍ମୀୟ ସଙ୍ଗଠନଗୁଡ଼ିକ ସମେତ ବିଭିନ୍ନ ପକ୍ଷଙ୍କଠାରୁ ୟୁସିସି ଉପରେ ୭.୫ ନିୟୁତରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଗ୍ରହଣ କରିଛନ୍ତି। ନିର୍ବାଚନ ପୂର୍ବରୁ ଯାହା ବିତର୍କର ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରେ, ତାହା ହେଉଛି ୟୁସିସି ଲାଗୁ ହେଲେ ଭାରତର ଧର୍ମନିରପେକ୍ଷତା ଦୁର୍ବଳ ହୋଇଯିବ କି? ରାଜନୀତି ବିଜ୍ଞାନୀମାନେ ଯୁକ୍ତି ବାଢ଼ନ୍ତି, ବ୍ୟକ୍ତିଗତ ଆଇନଗୁଡ଼ିକରେ ଉନ୍ନତି ଅଣାଯିବାର ଆବଶ୍ୟକତା ରହିଥିବାବେଳେ ୟୁସିସି ପାଇଁ ନିଆଯାଉଥିବା ପଦକ୍ଷେପ ସହମତିଭିତ୍ତିକ ହେବା ଉଚିତ। ଏପରି ନ ହେଲେ ରାଜନୈତିକ ଉଦ୍ଦେଶ୍ୟରେ ଏହି ପ୍ରସ୍ତାବ ଅଣାଯାଇଛି ବୋଲି ଧରାଯିବ ଏବଂ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହାର ପରିଣାମ ବିପଜ୍ଜନକ ହୋଇପାରେ। ଉଦାହରଣ ସ୍ୱରୂପ ଅନ୍ୟ କେତେକ ରାଷ୍ଟ୍ରକୁ ବିଚାରକୁ ନିଆଯାଇପାରେ। ୧୮୦୪ରେ ଫ୍ରାନ୍ସରେ ଅନେକ ଶହ ସ୍ଥାନୀୟ ଆଇନକୁ ଉଚ୍ଛେଦକରି ନାଗରିକମାନଙ୍କ ପାଇଁ ଏକ ଦେୱାନୀ ଆଇନ ପ୍ରଣୟନ କରାଯାଇଥିଲା। ଇଟାଲୀ, ସ୍ପେନ୍, ଜର୍ମାନୀ, ପର୍ତ୍ତୁଗାଲ, ଆୟରଲାଣ୍ଡ, ଇଜିପ୍ଟ ଓ ତୁର୍କୀ ଭଳି ରାଷ୍ଟ୍ରରେ ସାଧାରଣ ବ୍ୟକ୍ତିଗତ ଆଇନ ପ୍ରଚଳିତ। ଆମେରିକାର ବିଭିନ୍ନ ରାଜ୍ୟରେ ସ୍ଥାନୀୟ ଆଇନ ଲାଗୁ କରାଯାଇପାରେ। କିନ୍ତୁ ସୁପ୍ରିମକୋର୍ଟ ୨୦୨୫ରେ ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ କରିବା ଭଳି ଦେଶବ୍ୟାପୀ ଗୋଟିଏ ଆଇନର କାର୍ଯ୍ୟକାରୀ କରାଇପାରନ୍ତି।

ଅତୀତରେ ଭାରତରେ ମଧ୍ୟ ବ୍ୟକ୍ତିଗତ ଆଇନଗୁଡ଼ିକୁ ନେଇ ଅନେକ ବିତର୍କ ହୋଇଛି। ଜାତିଗତ ବୈଷମ୍ୟକୁ ଶେଷ କରିବା ଏବଂ ମହିଳାଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଏକ ଡ୍ରାଫ୍ଟ ହିନ୍ଦୁ କୋଡ୍ ବିଲ୍ ୧୯୪୭ରେ ବ୍ରିଟିଶ ଇଣ୍ଡିଆର ସେଣ୍ଟ୍ରାଲ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିରେ ଆଗତ କରାଯାଇଥିଲା। ପରେ ୧୯୪୮ରେ ସ୍ୱାଧୀନ ଭାରତର ସମ୍ବିଧାନ ସଭାରେ ଏହାକୁ ଆଗତ କରାଯାଇଥିଲା। ବର୍ତ୍ତମାନ ଲିଙ୍ଗଗତ ସମାନତା ପାଇଁ ଓକିଲାତି କରୁଥିବା ଭାଜପାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ନେତୃତ୍ୱରେ ହିନ୍ଦୁ ଜାତୀୟତାବାଦୀମାନେ ୟୁସିସି ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି। ସେମାନେ ସେହି ସମୟରେ ହିନ୍ଦୁ କୋଡ୍ ବିଲ୍‌କୁ ହିନ୍ଦୁ ସମାଜ ପାଇଁ ‘ଆଟମ୍ ବମ୍’ ବା ପରମାଣୁ ବୋମା ଭାବେ ଅଭିହିତ କରି ବିରୋଧ କରିଥିଲେ। ୧୯୮୪ରେ ୟୁସିସି ଉପରେ ସ୍ୱାଧୀନ ଭାରତର ନୂଆ ସମ୍ବିଧାନ ପାଇଁ ଉଦ୍ଦିଷ୍ଟ ଚିଠା କମିଟି ଆଲୋଚନା କରିବା ସମୟରେ ଜଣେ ସଦସ୍ୟ ଯୁକ୍ତି ବାଢ଼ିଥିଲେ ଯେ, ଏହା ଦେଶର ଏକତା ଏବଂ ପ୍ରସ୍ତାବିତ ସମ୍ବିଧାନର ନିରପେକ୍ଷ ବିଶ୍ୱସନୀୟତାକୁ ବଜାୟ ରଖିବ। ମୁସଲମାନ ସଦସ୍ୟମାନେ ସେମାନଙ୍କ ଧର୍ମୀୟ ସ୍ୱାଧୀନତାରେ ହସ୍ତକ୍ଷେପ ହେବା ଆଶଙ୍କା କରି ଏହାକୁ ବିରୋଧ କରିଥିଲେ। କିନ୍ତୁ ବିନା ଏକକ ଦେୱାନୀ ସଂହିତାରେ ମହିଳାମାନଙ୍କ ଅଧିକାର ସୁରକ୍ଷିତ ହୋଇପାରିବ ନାହିଁ ବୋଲି ଯୁକ୍ତି କରାଯିବାରୁ ସେମାନେ ପଛଘୁଞ୍ଚା ଦେଇଥିଲେ। ଶେଷରେ ୟୁସିସି ପ୍ରଣୟନ ପ୍ରସ୍ତାବକୁ ସମ୍ବିଧାନର ଡିରେକ୍ଟିଭ୍ ପ୍ରିନ୍ସିପୁଲ୍ସରେ ସନ୍ନିବେସିତ କରାଯାଇଥିଲା। ଅର୍ଥାତ୍ ରାଷ୍ଟ୍ର ତତ୍କାଳ ୟୁସିସି ଆଣିବାକୁ ବାଧ ନୁହେଁ ଏବଂ ସବୁ ସମ୍ପ୍ରଦାୟର ସହମତି ଭିତ୍ତିରେ ପରବର୍ତ୍ତୀ ସମୟରେ ୟୁସିସି ଅଣାଯାଇପାରେ ବୋଲି ଏଥିରେ କୁହାଯାଇଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା କ୍ଷମତାକୁ ଆସିଲେ ୟୁସିସି ଆଣିବା ନେଇ ନିଜ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୨୦୧୮ରେ ଲ’ କମିଶନ ୟୁନିଫର୍ମ ସିଭିଲ୍ କୋଡ୍‌କୁ ‘ଅଣଜରୁରୀ ଓ ଅବାଞ୍ଛନୀୟ’ ଦର୍ଶାଇ କହିଥିଲେ, ଧର୍ମନିରପେକ୍ଷତା ଦେଶରେ ପ୍ରଚଳିତ ବହୁଳବାଦର ବିରୁଦ୍ଧାଚରଣ କରିପାରିବ ନାହିଁ।

(ସୌଜନ୍ୟ: ଅଲ୍‌ଜଜିରା)

## ସଂକ୍ଷେପରେ

### ୨ ଝିଅଙ୍କୁ ବଳାତ୍କାର ବାପାଙ୍କୁ ୭୦୨ ବର୍ଷ ଜେଲ୍

**କ୍ୱାଲାଲୁମ୍ପୁର,୧୭।୮:** ନିଜର ଦୁଇ ନାବାଳିକା ଝିଅଙ୍କୁ ବଳାତ୍କାର ଅଭିଯୋଗରେ କୋର୍ଟ ଜଣେ ମାଲେସୀୟଙ୍କୁ ୭୦୨ ବର୍ଷ ଜେଲ ସହ ୨୩୪ ବେତ ପାହାର ଦଣ୍ଡାଦେଶ ଶୁଣାଇଛନ୍ତି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ତଥ୍ୟ ଅନୁସାରେ ୫୩ ବର୍ଷୀୟ ଅଭିଯୁକ୍ତ ଜଣଙ୍କ ୨୦୧୮ରୁ ୨୦୨୩ ମଧ୍ୟରେ ଦୁଇ ନାବାଳିକାଙ୍କୁ ୩୦ଥର ବଳାତ୍କାର କରିଥିଲେ। ଜୋହର ସହରର ମୁଆର ଅଞ୍ଚଳରେ ଏଭଳି ଜଘନ୍ୟକାଣ୍ଡ ଘଟିଥିଲା। ଏହି କାରଣରୁ ଦୁଇ ଝିଅଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହୋଇଥିଲେ। ଦୁଇ ନାବାଳିକାଙ୍କ ଉପରେ ଏଭଳି ଅମାନବୀୟ ଅତ୍ୟାଚାର ହୋଇଥିବାଯୋଗୁ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ଲାଗି ପ୍ରତିପକ୍ଷ ଓକିଲ ଯୁକ୍ତି କରିଥିଲେ। ଅପରପକ୍ଷେ ଦଣ୍ଡ କୋହଳ କରିବା ଲାଗି ଅଭିଯୁକ୍ତ ଅପିଲ କରିଥିଲେ ସୁଦ୍ଧା କୋର୍ଟ ତା’କୁ ଅଗ୍ରାହ୍ୟ କରିଦେଇଥିଲେ। ଏଭଳି ଅପରାଧ ଅତ୍ୟନ୍ତ ଗମ୍ଭୀର ବୋଲି କୋର୍ଟ କହିଥିଲେ।

### ଡିଆର୍‌ଡିଓର ପୂର୍ବତନ ମୁଖ୍ୟ ଭି.ଏସ୍. ଅରୁଣାଚଳମ୍‌ଙ୍କ ଦେହାନ୍ତ

**ନୂଆଦିଲ୍ଲୀ,୧୭।୮:** ପ୍ରତିରକ୍ଷା ମନ୍ତ୍ରୀଙ୍କ ପୂର୍ବତନ ବୈଜ୍ଞାନିକ ଉପଦେଷ୍ଟା ତଥା ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡିଆର୍‌ଡିଓ)ର ପୂର୍ବତନ ମହାନିର୍ଦ୍ଦେଶକ ଭି.ଏସ୍. ଅରୁଣାଚଳମ୍‌ଙ୍କର ବୁଧବାର



ଆମେରିକାର କାଲିଫର୍ନିଆ ଅନ୍ତର୍ଗତ ବେ ଏରିଆରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ତାଙ୍କର ଦୁଇ ପୁଅ, ଝିଅ ଓ ସ୍ତ୍ରୀ ଅଛନ୍ତି। ଅରୁଣାଚଳମ୍‌ଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକରେ ବୈଜ୍ଞାନିକ ସମ୍ପ୍ରଦାୟ ଏବଂ ରଣନୀତିକ ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେ ଅରୁଣାଚଳମ୍‌ଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

### ପୁଅ ବୌଦ୍ଧ ଧର୍ମରେ ବିବାହ କରିବାରୁ ଭାଜପା ନେତା ଦଳରୁ ବହିଷ୍କୃତ

**ଲେହ,୧୭।୮:** ପୁଅ ବୌଦ୍ଧ ଧର୍ମାବଲମ୍ବୀ ଯୁବତୀଙ୍କୁ ବିବାହ କରିବାରୁ ଜଣେ ବାପାଙ୍କୁ ଭାଜପାରୁ ବହିଷ୍କୃତ ହେବାକୁ ପଡ଼ିଛି। ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଲଦାଖ ଭାଜପା ନେତା ତଥା ରାଜ୍ୟ ଭାଜପା ଉପ ସଭାପତି ନାଜିର ଅହମ୍ମଦ( ୭୪)ଙ୍କୁ ଦଳର ପ୍ରାଥମିକ ସଦସ୍ୟରୁ ବହିଷ୍କାର କରାଯାଇଛି। ଏହି ଘଟଣାରେ ନାଜିରଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଲଦାଖ ଭାଜପା ମୁଖ୍ୟ ଫୁଙ୍ଗଚକ୍ ଷ୍ଟାନ୍‌ଜିନ୍ ବୁଧବାର କହିଛନ୍ତି। ଲଦାଖରେ ରହୁଥିବା ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏକତା ରକ୍ଷା କରିବା ଲାଗି ଏଭଳି ପଦକ୍ଷେପ ନିଆଯିବା ଉଚିତ ଥିଲା ବୋଲି ଭାଜପା ଏକ ପ୍ରତିକ୍ରିୟାରେ କହିଛି।

### ହିମାଚଳ ବର୍ଷା ବିପ୍ୟାତ ମୃତ୍ୟୁସଂଖ୍ୟା ୭୨

**ଶିମ୍ଲା,୧୭।୮:** ଶିବ ମନ୍ଦିର ଭଗ୍ନାବଶେଷ ତଳୁ ଆଉ ଏକ ମୃତଦେହ ମିଳିବା ପରେ ହିମାଚଳପ୍ରଦେଶ ବର୍ଷା ବିପ୍ୟାତଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୭୨ରେ ପହଞ୍ଚିଛି। ମୃତକ ହେଉଛନ୍ତି ହିମାଚଳପ୍ରଦେଶ ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ପି.ଏଲ୍. ଶର୍ମା। ଗତ ସୋମବାର ଶିବମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା। ଏବେ ବି ୮ ଜଣ ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି। ରବିବାରଠାରୁ ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ଜିଲାରେ ଭୂସ୍ଖଳନ ଘଟିଛି।



ଝାଡ଼ଖଣ୍ଡ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ବୁଧବାର ତାଙ୍କ ବନ୍ଧୁ ତଥା ଲୋକପ୍ରିୟ ଅଭିନେତା ରଜନୀକାନ୍ତଙ୍କ ସହ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରଜନୀକାନ୍ତଙ୍କ ରାଞ୍ଚି ଗସ୍ତକୁ ନେଇ ରାଜ୍ୟପାଳ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଟୁଇଟରରେ ଉଭୟଙ୍କ ଖୁସି ମୁହୂର୍ତ୍ତର କିଛି ଫଟୋ ଶେୟାର କରିଥିଲେ। ରଜନୀକାନ୍ତ ଦେଶର ଜଣେ ପ୍ରସିଦ୍ଧ ଅଭିନେତା ବୋଲି ରାଧାକ୍ରିଷ୍ଣନ୍ କହିଥିଲେ।

## ସିମ୍ କାର୍ଡ ଡିଲରଙ୍କ ଯାଞ୍ଚ ବାଧ୍ୟତାମୂଳକ

### ୫୨ ଲକ୍ଷ ମୋବାଇଲ ସଂଯୋଗ ବିଚ୍ଛିନ୍ନ

**ନୂଆଦିଲ୍ଲୀ,୧୭।୮**

କେନ୍ଦ୍ର ସରକାର ସିମ୍‌କାର୍ଡ ଡିଲରମାନଙ୍କ ପୋଲିସ ଯାଞ୍ଚକୁ ବାଧ୍ୟତାମୂଳକ କରିଛନ୍ତି। ଜାଲିଆତି ରୋକିବା ପାଇଁ ବଲ୍କ ସଂଯୋଗ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ଜାଲ୍ ତଥ୍ୟ ଦେଇ ନିଆଯାଇଥିବା ୫୨ ଲକ୍ଷ ମୋବାଇଲ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ୬୭,୦୦୦ ଡିଲରଙ୍କୁ କଳା ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୩ ମେ’ରୁ ସିମ୍ କାର୍ଡ ଡିଲରମାନଙ୍କ ବିରୋଧରେ ୩୦୦ ଏତଲା ଦାଏର ହୋଇଛି। ଜାଲିଆତି କାର୍ଯ୍ୟରେ ସମ୍ପୃକ୍ତ ଥିବା ୬୬,୦୦୦ ଆକାଉଣ୍ଟକୁ ହ୍ୱାଟ୍ସଆପ୍ ବନ୍ଦ କରିଦେଇଛି। ଜାଲିଆତି ରୋକିବାକୁ ସିମ୍ କାର୍ଡର ପୋଲିସ ଯାଞ୍ଚ ଏବେ ବାଧ୍ୟତାମୂଳକ ହୋଇଥିବାବେଳେ ନିୟମ ଉଲ୍ଲଂଘନ କରିଥିବା ଡିଲରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା କରାଯାଇଛି। ଦେଶରେ ୧୦ ଲକ୍ଷ ସିମ୍ କାର୍ଡ ଡିଲର ରହିଛନ୍ତି। ପୋଲିସ ଯାଞ୍ଚ ଲାଗି ସେମାନଙ୍କୁ ଯଥେଷ୍ଟ ସମୟ ଦିଆଯିବ ବୋଲି ବୈଷ୍ଣବ କହିଛନ୍ତି।

## ମାଲେସିଆ ରାସ୍ତାରେ ବିମାନ ଦୁର୍ଘଟଣା: ୧୦ ମୃତ



ରାସ୍ତାରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି।

**କ୍ୱାଲାଲୁମ୍ପୁର,୧୭।୮**

ମାଲେସିଆର ଏକ ୪ ଲେନ୍ ବିଶିଷ୍ଟ ରାସ୍ତାରେ ଗୁରୁବାର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ୮ ବିମାନଯାତ୍ରୀ ଏବଂ ରାସ୍ତାରେ ଯାଉଥିବା ୨ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ହାଲୁକା ବିମାନଟି ରାସ୍ତାକୁ ଧକ୍କାଦେବା ପରେ ବିସ୍ଫୋରଣ ଘଟି ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା। ପରେ

### ଦୁର୍ଘଟଣା ବେଳର ଭିଡିଓ ଶୁଟିଂ

ସେଠାରୁ ପ୍ରବଳ ଧୂଆଁ ଉଠିଥିଲା। ସେହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ କାର୍‌ର ଡ୍ୟାସ୍‌କ୍ୟାମେରାରେ ଦୁର୍ଘଟଣା ବେଳର ଭିଡିଓ ଶୁଟିଂ ହୋଇଥିଲା। ମୃତ ବିମାନଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରୀୟ ପହଙ୍ଗ ପ୍ରଦେଶର ବିଧାନସଭା ସଦସ୍ୟ ଜୋହରି ହାରୁନ୍ ରହିଛନ୍ତି। ବିମାନଟି ଲାଙ୍ଗକାୱି ରିସର୍ଟ ଦ୍ୱୀପରୁ ରାଜଧାନୀ କ୍ୱାଲାଲୁମ୍ପୁର ପଶ୍ଚିମ ଭାଗରେ ଥିବା ସୁଲ୍‌ତାନ ଅବଦୁଲ ଅଜିଜ ଶାହ ଏୟାରପୋର୍ଟ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଇଣ୍ଡିଗୋ ବିମାନରେ ପାଇଲଟ୍‌ଙ୍କ ମୃତ୍ୟୁ

**ମୁମ୍ବାଇ,୧୭।୮**

ନାଗପୁରରୁ ପୁଣେ ଯିବାକୁ ଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଗୁରୁବାର ବୋର୍ଡିଂ ଗେଟ୍‌ଠାରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପାଇଲଟ୍‌ଙ୍କ ହଠାତ୍ ମୃତ୍ୟୁ ଘଟିବା ଚଳିତ ସପ୍ତାହରେ ତୃତୀୟ ଘଟଣା। ସେମାନଙ୍କ ମଧ୍ୟରୁ ୨ ଜଣ ଭାରତୀୟ ପାଇଲଟ୍। ବୁଧବାର ଦିଲ୍ଲୀରୁ ଦୋହା କାତାର ଏୟାରୱେଜ୍ ବିମାନରେ ଜଣେ ଯାତ୍ରୀ ଭାବେ ଯାଉଥିବା ବରିଷ୍ଠ ପାଇଲଟ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଓ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ମେଡିକାଲ ଏମର୍ଜେନ୍ସି ପାଇଁ ବିମାନକୁ ଦୁବାଇ ନିଆଯାଇଥିଲା। ସେହିପରି ଗତ ୧୪ ତାରିଖରେ ମିଆମିରୁ ଚିଲିର ସାଣ୍ଟିଆଗୋ ଯାଉଥିବା ଲାଟାମ ବିମାନର ଜଣେ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଥିଲା।

## ଏମ୍‌ପି, ଛତିଶଗଡ଼ ନିର୍ବାଚନ: ଭାଜପାର ପ୍ରାର୍ଥୀ ଘୋଷଣା

**ନୂଆଦିଲ୍ଲୀ,୧୭।୮(ପି.ଟି.)**

ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ନ ହେଉଣୁ ଭାଜପା ଦୁଇ ରାଜ୍ୟ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଗୁରୁବାର ଘୋଷଣା କରିଛି। ଛତିଶଗଡ଼ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିବାବେଳେ ମଧ୍ୟପ୍ରଦେଶ ଲାଗି ୩୯ ଜଣଙ୍କ ନାଁ ଘୋଷଣା କରାଯାଇଛି। ଉଭୟ ତାଲିକାରେ ୫ ଜଣ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି। ଛତିଶଗଡ଼ର ପାଟନ ଆସନରୁ ବିଜୟ ବଘେଲଙ୍କୁ ଦଳ ପ୍ରାର୍ଥୀ କରିଛି। ବର୍ତ୍ତମାନ ଉକ୍ତ ଆସନରୁ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ପ୍ରତିନିଧିତ୍ୱ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁଲନ ସିଂ ରାରଭିଙ୍କୁ ପ୍ରେମନଗର, ଲକ୍ଷ୍ମୀ ରାଜୱାଡେଙ୍କୁ ଭାତଗାଁଓ, ଶକୁନ୍ତଳା ସିଂ ପୋର୍‌ଥେଙ୍କୁ ପ୍ରତାପପୁର, ସାରଳା କୋସାରିଆଙ୍କୁ ସରାଇପାଲି, ଅଲକା ଚନ୍ଦ୍ରକାରଙ୍କୁ ଖଲ୍ଲାରି, ଗୀତା ଘାସି ସାହୁଙ୍କୁ ଖୁଜି ଏବଂ ମନିରାମ କାଶ୍ୟପଙ୍କୁ ବସ୍ତରରୁ ପ୍ରାର୍ଥୀ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ଭାଜପା ସାରଳା ବିଜେନ୍ଦ୍ର ରାୱତଙ୍କୁ ସବାଲଗଡ଼, ପ୍ରିୟଙ୍କା ମୀନାଙ୍କୁ ଚଚାଉରା, ଲଳିତା ଯାଦବଙ୍କୁ ଛତରପୁର, ଅଞ୍ଚଲ ସୋନ୍‌କରଙ୍କୁ ଜବଲପୁର ପୂର୍ବ, ନିର୍ମଳା ଭୂରିୟାଙ୍କୁ ପେଟଲାୱାଦ, ଭଳନୁ ଭୁରିୟାଙ୍କୁ ଝାବୁଆ, ଆଲୋକ ଶର୍ମାଙ୍କୁ ଭୋପାଳ ଉତ୍ତର, ଧ୍ରୁବ ନାରାୟଣ ସିଂଙ୍କୁ ଭୋପାଳ ମଧ୍ୟ ଆସନରୁ ପ୍ରାର୍ଥୀ କରିଛି।

ବୁଧବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସି ପ୍ରାର୍ଥୀ ତାଲିକା ଉପରେ ନିଷ୍ପତ୍ତି ନିଆଯାଇଥିଲା।

## ଜଳବାୟୁ ପରିବର୍ତ୍ତନ: ସବୁଜିମା ହେବ ଥର୍ ମରୁଭୂମି

**ନୂଆଦିଲ୍ଲୀ,୧୭।୮**

ଶୁଷ୍କ ଜଳବାୟୁ ଲାଗି ପରିଚିତ ଥିବା ଭାରତର ଥର୍ ମରୁଭୂମି ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ସବୁଜିମାରେ ଭରପୂର ହୋଇପାରେ ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ତାପମାତ୍ରା ବୃଦ୍ଧି ଯୋଗୁ ବିଶ୍ୱର ଅଧିକାଂଶ ମରୁଭୂମି ତାର କ୍ଷେତ୍ରଫଳ ବିସ୍ତାର କରିଚାଲିଥିବାବେଳେ ଥର୍ ମରୁଭୂମି ଏଥିରେ ବ୍ୟତିକ୍ରମ ଦେଖାଇଛି। ଏହି କାରଣରୁ ଶତାବ୍ଦୀ ଶେଷ ସୁଦ୍ଧା ଏହା ସବୁଜିମାରେ ଭରପୂର ହୋଇପାରେ ବୋଲି ଗବେଷକ ମାନେ କହିଛନ୍ତି। ଥର୍ ମରୁଭୂମି ରାଜସ୍ଥାନ ଏବଂ ପାକିସ୍ତାନର ପଞ୍ଜାବ ଓ ସିନ୍ଧୁ ପ୍ରଦେଶର କିଛି ସ୍ଥାନକୁ ସ୍ପର୍ଶ କରୁଛି। ଏହାର କ୍ଷେତ୍ରଫଳ ପ୍ରାୟ ୨ ଲକ୍ଷ ବର୍ଗ କି.ମି.। ଏହା ପୃଥିବୀର ବିଂଶତମ ବିଶାଳ ମରୁଭୂମି। ଗ୍ଲୋବାଲ ୱାର୍ମିଂ ପ୍ରଭାବରୁ ପୃଥିବୀରେ ଥିବା ମରୁଭୂମିଗୁଡ଼ିକର କ୍ଷେତ୍ରଫଳ ବୃଦ୍ଧି ଘଟୁଛି ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ୨୦୫୦ ସୁଦ୍ଧା ସାହାରା ମରୁଭୂମିର କ୍ଷେତ୍ରଫଳ ୬ହଜାର ବର୍ଗ କି.ମି. ବୃଦ୍ଧି ପାଇଥିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୧୯୦୧ରୁ ୨୦୧୫ ମଧ୍ୟରେ ଭାରତ ଏବଂ ପାକିସ୍ତାନର ଉତ୍ତର ପଶ୍ଚିମ ଅର୍ଦ୍ଧ ଶୁଷ୍କ ଅଞ୍ଚଳରେ ବର୍ଷାର ମାତ୍ରା ୧୦ରୁ ୧୫% ବୃଦ୍ଧି ପାଇଛି। ଏହି ଧାରା ଆଗାମୀ ଦିନରେ ୫୦ରୁ ୨୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞ ମାନେ ଆକଳନ କରିଛନ୍ତି। ଏହି ସର୍ଭେ ଏକଥା ମଧ୍ୟ ଦର୍ଶାଇଛି, ଭାରତର ପୂର୍ବଭାଗ ମୌସୁମୀ ପଶ୍ଚିମ ଓ ଉତ୍ତରପଶ୍ଚିମ ଅଞ୍ଚଳର ଜଳବାୟୁ ଲାଗି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଏହି ଅଞ୍ଚଳ ଗୁଡ଼ିକ ବର୍ଷାଋତୁରେ ସିନ୍ଧୁ ଅଞ୍ଚଳରେ ଅଧିକ ବର୍ଷା କରାଇବାରେ ସହାୟକ ହେଉଥିଲା ବୋଲି ଇତିହାସରେ ମଧ୍ୟ ବର୍ଣ୍ଣନା କରାଯାଇଛି। ଭାରତୀୟ ଜଳବାୟୁ ବର୍ତ୍ତମାନ ବାରମ୍ବାର ପରିବର୍ତ୍ତନ ଘଟିବାରେ ଲାଗିଛି। ଏହି ଧାରା ଆଗାମୀ ଦିନରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଅଞ୍ଚଳ ଜଳବାୟୁକୁ ଅଧିକ ଶୁଷ୍କ କରିବ। ଏହି ପରିବର୍ତ୍ତନ ଦେଶର ବର୍ଦ୍ଧିତ ଜନସଂଖ୍ୟା ଲାଗି ଖାଦ୍ୟ ସଙ୍କଟ ଦେଖାଦେବାର କାରଣ ହୋଇପାରେ ବୋଲି ମଧ୍ୟ ଆକଳନ କରାଯାଇଛି। ଭାରତର ଗ୍ରୀଷ୍ମଋତୁ ଜଳବାୟୁ କିପରି ଥର୍ ମରୁଭୂମିକୁ ସବୁଜିମାରେ ପରିବର୍ତ୍ତନ କରିବ ସେନେଇ ଗୁଆହାଟୀରେ ଥିବା କଟନ୍ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ବି.ଏନ୍. ଗୋସ୍ୱାମୀ ତାଙ୍କ ସର୍ଭେରେ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁସାରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ମହାସାଗରରେ ଉତ୍ତପ୍ତ ଜଳର ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିବର୍ତ୍ତନ ଗ୍ରୀଷ୍ମଋତୁରେ ଦେଶର ପଶ୍ଚିମଭାଗରେ ବର୍ଷା କରାଇବାରେ ସହାୟକ ହେଉଛି। ପାଣିପାଗ ପରିବର୍ତ୍ତନର ଏହି ଧାରା ଦେଶର ଉତ୍ତର ପଶ୍ଚିମ ଅଞ୍ଚଳରେ ଥିବା ଅର୍ଦ୍ଧ ଶୁଷ୍କ ଅଞ୍ଚଳକୁ ସବୁଜିମା କରିବାରେ ସହାୟକ ହେବ ବୋଲି ଗୋସ୍ୱାମୀ ଆକଳନ କରିଛନ୍ତି। ଏଥିସହ ଏହା ସମ୍ପୃକ୍ତ ଅଞ୍ଚଳର କୃଷି ଓ ଅର୍ଥନୀତି ପରିବର୍ତ୍ତନରେ ମଧ୍ୟ ସହାୟକ ହେବ ବୋଲି ସର୍ଭେରେ କୁହାଯାଇଛି।



ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ | Bhubaneswar, Friday, August 18/2023 

# ଚନ୍ଦ୍ରୟାନ-୩ରୁ ଅଲଗା ହେଲା ଲ୍ୟାଣ୍ଡର

ବେଙ୍ଗାଲୁରୁ,୧୭।୮(ପି.ଟି.)



ଚନ୍ଦ୍ରୟାନ-୩ ମହାକାଶ ଯାନର ଲ୍ୟାଣ୍ଡର ମଡ୍ୟୁଲ୍ ଗୁରୁବାର ଏହାର ପ୍ରପଲଶନ ମଡ୍ୟୁଲରୁ ସଫଳତାର ସହ ଅଲଗା ହୋଇଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଘୋଷଣା କରିଛି। ଇସ୍ରୋ ପାଇଁ ଏହା ଏକ ବଡ଼ ସଫଳତା। ଏହା ପରେ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର ବିକ୍ରମ ଅବତରଣ ପ୍ରକ୍ରିୟା ଆରମ୍ଭ ହେବ। ଲ୍ୟାଣ୍ଡର ମଡ୍ୟୁଲରେ ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନ ରହିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟାରେ ଲ୍ୟାଣ୍ଡର ମଡ୍ୟୁଲ୍‌କୁ ଚନ୍ଦ୍ରପୃଷ୍ଠର ଅଧିକ ନିକଟତର କକ୍ଷକୁ ଖସାଯିବ। ଫଳରେ ଚନ୍ଦ୍ରଠାରୁ ଏହାର ସର୍ବନିମ୍ନ ଦୂରତା ୩୦ କିଲୋମିଟର ଏବଂ ସର୍ବାଧିକ ଦୂରତା ୧୦୦ କିଲୋମିଟର ରହିବ। ଉକ୍ତ କକ୍ଷରୁ ଲ୍ୟାଣ୍ଡରର ସଫ୍ଟଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ ହେବ। ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହାକୁ ସଫ୍ଟଲ୍ୟାଣ୍ଡିଂ କରାଇବା ଲାଗି ଇସ୍ରୋ ଯୋଜନା କରିଛି। ଲ୍ୟାଣ୍ଡିଂ ମଡ୍ୟୁଲର ଅଲଗା ହୋଇଯିବା ପରେ ଚନ୍ଦ୍ରୟାନ-୩ର ପ୍ରପଲଶନ ମଡ୍ୟୁଲ୍ ବର୍ତ୍ତମାନର କକ୍ଷପଥରେ ବର୍ଷ ବର୍ଷ ଧରି ଏହାର ଯାତ୍ରା ଜାରି ରଖିବ ବୋଲି ମହାକାଶ ସଂସ୍ଥା ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

# ଜ୍ୟୋତି ପ୍ରକାଶ ବୋର୍ଡ ସଭାପତି

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୭।୮(ଅନିଲ ଦାସ)

ରାଜ୍ୟ ସରକାର ଆଇଏଏସ୍ ଅଫିସରସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କଟକରେ ଇନସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ(ଆଇଜିଆର) ଭାବେ କାର୍ଯ୍ୟରତ ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ଜ୍ୟୋତିପ୍ରକାଶ ଦାସଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେ ଅତିରିକ୍ତ ଭାବେ ଏହି ନୂଆ ଦାୟିତ୍ୱ ତୁଲାଇବେ। ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରମାଶିଷ ହାଜରାଙ୍କୁ ପଶୁପାଳନ ଓ ପ୍ରାଣୀଧନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ସେଠାରେ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ୟେଦୁଲା ବିଜୟଙ୍କୁ ବିଜ୍ଞାନ ଓ କାରିଗରି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

# ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

## ଏନ୍‌ଟିଏ ନିଷ୍କ୍ରିୟତା ପାଇଁ ଇଞ୍ଜିନିୟରିଂ ନାମଲେଖାରୁ ବଞ୍ଚିତ ଛାତ୍ର

କଟକ,୧୭।୮(କାର୍ତ୍ତିକ ସାହୁ)

୨୦୨୨ରେ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ (ଜେଇଇ) ଦେଇଥିବା ଜଣେ ଛାତ୍ର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ନିଷ୍କ୍ରିୟତା ପାଇଁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖାରୁ ବଞ୍ଚିତ ହୋଇଥିଲେ। ଏନ୍‌ଟିଏ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ପାଇଁ ରାୟ ପ୍ରଦାନ କରିଛନ୍ତି। ସିବିଆଇ ହାଇକୋର୍ଟଙ୍କ ରାୟର ନକଲ ପାଇବାର ୪ ମାସ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ।

ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ କମିଟିର ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟଙ୍କୁ ଆସିଥିଲେ ଛାତ୍ର ଅଂଶୁମାନ କାନୁନ୍‌ଗୋ। ସେ ଯୁକ୍ତଦୁଇ ବିଜ୍ଞାନ ପାସ୍ କରିବା ପରେ ଇଞ୍ଜିନିୟରିଂ ପଢ଼ିବା ନିମନ୍ତେ ୨୦୨୨ରେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଥିଲେ। ସେ ପ୍ରଥମ ପର୍ଯ୍ୟାୟର ବିଇ/ବି.ଟେକ୍ ପେପର-୧ ପରୀକ୍ଷାରେ ୯୮.୮୮୧୦୮୬୧% ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏ ପକ୍ଷରୁ ଇମେଲ୍ ଯୋଗେ ତାଙ୍କୁ ☞ପୃଷ୍ଠା-୨

# ଲଘୁଚାପ: ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

■ ୧୮ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ■ ୧୯ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୧୭।୮(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର କେତେକ ଜିଲାରେ ୧୮ ଓ ୧୯ ତାରିଖ ଦୁଇଦିନ ଧରି ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଗୋଟିଏ ଓ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୧୮ ତାରିଖରେ ପୁରୀ, କଟକ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୧୦ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ଗଜପତି, ଗଞ୍ଜାମ,ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ☞ପୃଷ୍ଠା-୨

# ଲଣ୍ଡା ପାହାଡ଼ରେ ସବୁଜିମା

## ସମ୍ବଲପୁରରେ ରକି ହିଲ୍ ଯୋଜନା

## କଷ୍ଟକର, ଅସମ୍ଭବ ନୁହେଁ: ଡିଏଫ୍‌ଓ

ସମ୍ବଲପୁର,୧୭।୮(ଶୁଭାଶିଷ ପାଢ଼ୀ)

ସହର ଉପକଣ୍ଠରେ ସବୁଜ ବନାନୀ ସୃଷ୍ଟି କରିବା ପାଇଁ ସମ୍ବଲପୁର ବନଖଣ୍ଡ ପକ୍ଷରୁ ବିଭିନ୍ନ ଯୋଜନାରେ ବୃକ୍ଷ ରୋପଣ କରାଯାଉଛି। ଲଣ୍ଡା ପାହାଡ଼କୁ ସବୁଜ ସୁନ୍ଦର କରିବା ସହ ପୁନରୁଦ୍ଧାର କରାଯାଉଛି। ତଥ୍ୟ ଅନୁଯାୟୀ ୩ବର୍ଷ ଭିତରେ ପ୍ରାୟ ୪୦୦୦ ହେକ୍ଟର ଜମିରେ ଚାରାରୋପଣ ଓ ପୁନରୁଦ୍ଧାର କରାଯାଇଛି। ଏବେ ପାହାଡିଆ ଅଞ୍ଚଳରେ ପଥର ପାହାଡ଼ (ରକି ହିଲ୍) ନାମକ ଏକ ଅଭିନବ ଯୋଜନାରେ ବୃକ୍ଷ ରୋପଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଡିଭିଜନରେ ବୃକ୍ଷରୋପଣ ପାଇଁ ପରୀକ୍ଷଣ ପ୍ରକ୍ରିୟା ଚାଲୁରହିଛି। ଏହି ଅଭିନବ କାର୍ଯ୍ୟ ସଫଳ ହେବା ନେଇ ଆଶା ରହିଛି। ଆଗକୁ ଏହାର ପରିମାଣ ବୃଦ୍ଧି ପାଇବ ବୋଲି ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନ କହିଛନ୍ତି।



ରକି ହିଲ୍‌ରେ ବୃକ୍ଷରୋପଣ କରାଯାଉଛି।

ଡିଏଫ୍‌ଓ ଆହୁରି କହିଛନ୍ତି, ଜଙ୍ଗଲ ବିଭାଗ ବୃକ୍ଷରୋପଣର ବିଭିନ୍ନ କୌଶଳ ଉପରେ ପରୀକ୍ଷଣ କରୁଛି। ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସାମିଲ କରାଯାଇଛି। ମିୟାୱାକି ବୃକ୍ଷର ସଫଳତା ପରେ ସେମାନେ ବର୍ତ୍ତମାନ ପ୍ରଥମଥର ପାଇଁ ପଥର ଜମିରେ ବୃକ୍ଷରୋପଣ ପରୀକ୍ଷା ଆରମ୍ଭ କରିଛନ୍ତି। ଦେଶର ଅଭିଜ୍ଞ ପରିବେଶବିତ୍‌ଙ୍କ ସହିତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଖାଦ୍ୟ ସଙ୍କଟରୁ ଅନୁଚିତ ଲାଭ



**ଆଜିର ମନ୍ତବ୍ୟ**

"ଆମେ କୌଣସି ଚାପର ବଶବର୍ତ୍ତୀ ହୋଇ କାମ କରୁନୁ। କାମ କରିବାର ଭିନ୍ନ ଶୈଳୀ ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ମୁଁ ଏକାଠି ରହିଛୁ।

– ଦେବେନ୍ଦ୍ର ଫଡନବିସ୍, ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଚିକ୍କଣ ମେଘ ଗରଜନ**
**ଭଲା ସାଜିଥିଲା ତୁମକୁ;**
**କେଉଁ ନାରୀ ତୁମ ମୁହଁ ବାନ୍ଧିଦେଲା**
**କଥା ନ କହିଲ ଆମକୁ।**

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ଏହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କଲା ଲୋକର ଏକ ପାପ,**
**ଚୋରି ଗଲା ଲୋକର ସହସ୍ରେ ପାପ।**

ପର ଦ୍ରବ୍ୟ ହରଣ କରିବା ବା ଚୋରି କରିବା ପାପରେ ଲେଖା ହୋଇଥାଏ। ସେହିପରି ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। ଏହା ଫଳରେ ସେ ଅଧିକ ପାପ କରିବସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆନନ୍ଦ ଚନ୍ଦ୍ର ବେହେରା, ଶିବ ଶଙ୍କର ମିଶ୍ର ହେବେ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି

**କଟକ,୧୭।୮ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ୨ ଜଣ ନୂଆ ବିଚାରପତି ନିମନ୍ତେ ସୁପ୍ରିମକୋର୍ଟ କଲେଜିୟମ୍ ଗୁରୁବାର ସୁପାରିସ କରିଛନ୍ତି। ସେମାନେ ହେଲେ ଆଇନଜୀବୀ ଶିବଶଙ୍କର ମିଶ୍ର ଓ ଜୁଡିସିଆଲ ଅଫିସର ଆନନ୍ଦ ଚନ୍ଦ୍ର ବେହେରା। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ସଞ୍ଜୟ କିଶାନ କାଉଲ ଓ ବିଚାରପତି ସଞ୍ଜୀବ୍ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଏହି ଦୁଇଜଣଙ୍କ ନାମ ସୁପାରିସ କରିଛନ୍ତି। ଆଇନଜୀବୀ ଶିବ ଶଙ୍କର ମିଶ୍ର ୧୯୯୧ ଡିସେମ୍ବର ୭ରେ ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିବା। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଏଥିସହ ଦେୱାନି, ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ସେହିପରି ଆନନ୍ଦ ଚନ୍ଦ୍ର ବେହେରା ଜଣେ ଜୁଡିସିଆଲ ଅଫିସର ଭାବେ ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଛନ୍ତି।

# ଅଭିନୟ ମାଧ୍ୟମରେ ଗ୍ରାମ ଦୁଃଖ ଜଣାଇଲେ କୁନି କଳାକାର

**କୋରାପୁଟ,୧୭।୮ (ଅମିତାଭ ବେହେରା)**

କୋରାପୁଟ ପୋଲିସ ପଡିଆଠାରେ ଆୟୋଜିତ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଖୁଣ ଅଭିନୟ ମାଧ୍ୟମରେ ନିଜ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଜଣାଇଛନ୍ତି ଜଣେ କୁନି ଝିଅ। ସେ ହେଲେ ପଦୁଗୁଡା ଗ୍ରାମର ଦେବୀ ପ୍ରସାଦ ଦାସଙ୍କ ୪ ବର୍ଷର ଝିଅ ସୋନାଲି ଦାସ। ସେ କୋରାପୁଟରେ ନର୍ସରିରେ ପଢୁଥିବା ଜଣାପଡିଛି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ପଦୁଗୁଡା ଗ୍ରାମର ଗ୍ରାମବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହି ଆସୁଛନ୍ତି। ଗ୍ରାମଟି ପଞ୍ଚାୟତ କାର୍ଯ୍ୟାଳୟଠାରୁ ୩ କି.ମି.ଦୂର ହୋଇଥିଲେ ମଧ୍ୟ ଗ୍ରାମକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଗ୍ରାମବାସୀ ୨ଟି ପାହାଡ଼ର ପାଦଚଲା ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଯଦି କୌଣସି ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ହୁଏ ତେବେ ଖଟିଆ ହିଁ ଭରସା। ରୋଗୀଙ୍କୁ ଖଟିଆରେ ୩ କି.ମି. ଲୁଲ୍ଲା ପଞ୍ଚାୟତକୁ ଆଣିବା ପରେ ଡାକ୍ତରଖାନା ନିଆଯାଏ। ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ନଳକୂପ ନ ଥିବା ଯୋଗୁ ଗ୍ରାମବାସୀ ଚୁଆ ପାଣି ବ୍ୟବହାର କରୁଛନ୍ତି। ଗ୍ରାମର ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଗ୍ରାମରେ ଲାଗି ରହିଥିବା ସମସ୍ୟାକୁ ନିଜେ ଉପଲବ୍ଧି କରି ସୋନାଲି ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା କୃଷି,କୃଷକ ସଶକ୍ତୀକରଣ ଓ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ନିଜ ନିଖୁଣ ଅଭିନୟ ମାଧ୍ୟମରେ ଗ୍ରାମର ଦୁଃଖ ଜଣାଇଥିଲେ। ସେହି ମଞ୍ଚରେ ମନ୍ତ୍ରୀଙ୍କ ସମେତ ଜିଲାପାଳ, ଡିଆଇଜି, ଏସ୍‌ପି, ବିଧାୟକ, ଦଳୀୟ କର୍ମୀଙ୍କ ସହ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ଗ୍ରାମର ସମସ୍ୟାକୁ ଅଭିନୟ ମାଧ୍ୟମରେ ସର୍ବ ସମ୍ମୁଖକୁ ଆଣିଥିବାରୁ କୁନି ଝିଅ ସୋନାଲି ସମସ୍ତଙ୍କ ପ୍ରଶଂସାର ପାତ୍ର ପାଲଟିଛନ୍ତି।



ଅଭିନୟ ମାଧ୍ୟମରେ ଅତିଥିମାନଙ୍କୁ ନିଜ ଗ୍ରାମ ସମସ୍ୟା ଜଣାଉଛନ୍ତି ସୋନାଲି।

# 'କୁଭି', 'ଦେଶିଆ' ଭାଷାର ବର୍ଣ୍ଣମାଳା ପୁସ୍ତକ ଓ ସ୍ୱତନ୍ତ୍ର ପୋଷ୍ଟାଲ କଭର ଉନ୍ମୋଚିତ




**ଭୁବନେଶ୍ୱର,୧୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

## ମାତୃଭାଷାରେ ଶିକ୍ଷାଦାନ ଜରୁରୀ: କେନ୍ଦ୍ର ଅର୍ଥମନ୍ତ୍ରୀ

ଜନଜାତି ପିଲାଙ୍କ ମଧ୍ୟରେ ଭାଷା ପାର୍ଥକ୍ୟକୁ ଦୂର କରିବା ପାଇଁ ପ୍ରସ୍ତୁତ ହୋଇଛି 'କୁଭି' ଓ 'ଦେଶିଆ' ଭାଷାର ବର୍ଣ୍ଣମାଳା ପୁସ୍ତକ। ଏହି ବର୍ଣ୍ଣମାଳା ପୁସ୍ତକଦ୍ୱୟର ନାମ ରହିଛି 'ଦେଶିଆ ଭାଷା ଶିକ୍ୟା' ଓ 'କୁଭି ବାସା ଜାପୁ'। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଛନ୍ତି। ଏଥିସହ ସ୍ୱତନ୍ତ୍ର ପୋଷ୍ଟାଲ କଭରକୁ ମଧ୍ୟ ସେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି, ଜଣେ ଯେତେବେଳେ ନିଜ ମାତୃଭାଷାରେ ଶିଖେ, କଥା ହୁଏ ଓ ଚିନ୍ତା କରେ, ସେତେବେଳେ ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସେହି ଭାଷାକୁ ବ୍ୟବହାର କରିବା ନେଇ ସ୍ପଷ୍ଟ ମତ ରଖେ। ମାତ୍ର ଯଦି ପିଲାଙ୍କୁ ପଢ଼ିବା କିମ୍ବା କହିବାଠାରୁ ଭିନ୍ନ ଭାଷା ଶିଖାଯାଏ, ତେବେ ସେମାନେ ଦ୍ୱନ୍ଦ୍ୱରେ ପଡନ୍ତି। ସେଥିପାଇଁ ମାତୃଭାଷାରେ ଶିକ୍ଷାଦାନ ଜରୁରୀ। ଭାଷା ସହିତ ପ୍ରକୃତିର ସମ୍ପର୍କ ରହିଛି। ଗୋଟେ ଭାଷାରୁ ସେ ଅଞ୍ଚଳର ପ୍ରାକୃତିକ ପରିବେଶର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଓ ସେହି ଭାଷାରେ ପୁସ୍ତକ ପ୍ରକାଶନର ଆବଶ୍ୟକତା ରହିଛି ବୋଲି ସୀତାରାମନ କହିଛନ୍ତି।

ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଏହି ପୁସ୍ତକ ୧୦୦ରୁ କମ୍ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଛି। ଛବିଳ ମଧୁ ବର୍ଣ୍ଣବୋଧ ସ୍ୱରୂପ ୨ଟି ଜନଜାତି ଭାଷାଭାଷୀ ପୁସ୍ତକ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାର ଜନଜାତି ସମ୍ପ୍ରଦାୟର ପିଲାମାନେ 'କୁଭି' ଓ 'ଦେଶିଆ' ଭାଷାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହିତ ଓ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ। କଥନ ସହିତ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିପାରିବେ। ମାତୃଭାଷାରେ ପାଠ ପଢିଲେ ହିଁ ପିଲାଙ୍କର ମାନସିକ ବିକାଶ, ତର୍କ, ଶାସ୍ତ୍ରୀୟ ଅନୁସନ୍ଧାନ କ୍ଷମତା ବୃଦ୍ଧି ହୋଇଥାଏ। ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢା ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ପୁସ୍ତକ ପ୍ରସ୍ତୁତ କରିଥିବା ଡ. ମହେନ୍ଦ୍ର ମିଶ୍ର ଓ ତାଙ୍କ ଟିମ୍‌କୁ ସମ୍ମାନିତ କରାଯାଇଥିଲା। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଏନ୍‌ସିଇଆର୍‌ଟିର ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଏନ୍‌ସିଇଆରଟିର ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକ୍ଲାନୀ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଅଗ୍ରୱାଲ୍, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ତ୍ରିପାଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ରାଜଗାଙ୍ଗପୁରରେ ନିର୍ମାଣ ହେବ ରେଳ ଓଭରବ୍ରିଜ୍

## ଲୋକଙ୍କଠାରୁ ସିଧାସଳଖ ଜମି କିଣିବେ ସରକାର

**ଭୁବନେଶ୍ୱର,୧୭।୮ (ଅନିଲ ଦାସ)**

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରଠାରେ ରେଲ ଓଭରବ୍ରିଜ୍(ଆର୍‌ଓବି) ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରା ନ ଯାଇ ସିଧାସଳଖ ଲୋକଙ୍କଠାରୁ ରାଜ୍ୟ ସରକାର ଜମି କିଣିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୧ ଓ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସୁନ୍ଦରଗଡ଼ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ। ଏହି ଗସ୍ତ ସମୟରେ ଜିଲାର ରାଜଗାଙ୍ଗପୁରଠାରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ସମ୍ପର୍କରେ ସେ ଅବଗତ ହୋଇଥିଲେ। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଆର୍‌ଓବି ପାଇଁ ଆବଶ୍ୟକ ଜମିକୁ ସିଧାସଳଖ ରାଜ୍ୟ ସରକାର କିଣି ନେଇ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ରେଳ ଓଭରବ୍ରିଜ୍ ସୁନ୍ଦରଗଡ଼ ଜିଲାର ସୋନାଖାନ୍ ଓ କାଂଶବାହାଲ ଷ୍ଟେଶନ ମଧ୍ୟରେ ରାଜଗାଙ୍ଗପୁର ମୌଜାରେ ନିର୍ମାଣ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଚନ୍ଦ୍ରୟାନ-୩ରୁ...

ସେଥିରେ ଥିବା ଏସ୍‌ଏଚ୍‌ଏପିଇ(ସ୍ପେକ୍ଟ୍ରୋ-ପୋଲାରିମେଟ୍ରି ଅଫ୍ ହାବିଟେବଲ୍ ପ୍ଲାନେଟ୍ ଆର୍ଥ) ପେ'ଲୋଡ୍ ପୃଥିବୀ ବାୟୁମଣ୍ଡଳର ସ୍ପେକ୍ଟ୍ରୋସ୍କୋପିକ୍ ଅଧ୍ୟୟନ ଚଳାଇବ। ଚନ୍ଦ୍ରୟାନ-୩ ଗତ ମାସ ୧୪ରେ ଉତ୍କ୍ଷେପଣ ହେବା ପରେ ଅଗଷ୍ଟ ୫ରେ ଏହା ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିଲା। ମହାକାଶ ଯାନରୁ ଲ୍ୟାଣ୍ଡର ମଡ୍ୟୁଲ ଅଲଗା ହେବା ପୂର୍ବରୁ ଅଗଷ୍ଟ ୬, ୯, ୧୪ ଏବଂ ୧୬ ତାରିଖରେ ଏହାର ଘୂର୍ଣ୍ଣନ ପଥ ହ୍ରାସ କରାଯାଇଥିଲା। ଲ୍ୟାଣ୍ଡର ୩୦ କିଲୋମିଟର ଉଚ୍ଚତାରେ ପହଞ୍ଚିବା ପରେ ସେଠାରୁ ତଳକୁ ଖସାଇବା ଓ ବେଗ ହ୍ରାସ କରିବା ସବୁଠୁ ଲ୍ୟାଣ୍ଡିଂର ସବୁଠୁ କଷ୍ଟକର ସମୟ ବୋଲି ନିକଟରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଥିଲେ। ଯୋଜନା ଅନୁଯାୟୀ ଲ୍ୟାଣ୍ଡର ମଡ୍ୟୁଲ୍ ଗୁରୁବାର ମହାକାଶ ଯାନରୁ ଅଲଗା ହୋଇଥିବାରୁ ସୋମନାଥ ଖୁସି ବ୍ୟକ୍ତ କରିଛନ୍ତି।

### ସିବିଆଇ ତଦନ୍ତ...

୧୧।୭।୨୦୨୨ରେ ଅବଗତ କରାଯାଇଥିଲା। ନିଜ ଦକ୍ଷତାକୁ ପ୍ରମାଣିତ କରିବା ପାଇଁ ସେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଏହି ପରୀକ୍ଷା ଦେଇଥିଲେ। ଏଥର ତାଙ୍କର ୯୮.୯୩୭୪୦୬୭% ନମ୍ବର ରହିଥିଲା। ଏଥର ବି ଏନ୍‌ଟିଏ ପକ୍ଷରୁ ଇମେଲ ଯୋଗେ ତାଙ୍କୁ ସ୍କୋର କାର୍ଡ ଜଣାଇ ଦିଆଯାଇଥିଲା। ଦୁଇଟିଯାକ ପରୀକ୍ଷାରେ ଅଂଶୁମାନ୍ ୯୮%ରୁ ଅଧିକ ନମ୍ବର ରଖିଥିବାରୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭଳି ଉନ୍ନତମାନର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ସେ ନିଶ୍ଚିତ ହୋଇଯାଇଥିଲେ। ଏଥିସହ ସେ ଅଲ୍ ଇଣ୍ଡିଆ ଜେଇଇ (ଆଡ୍‌ଭାନ୍ସ) ପ୍ରବେଶିକା ପରୀକ୍ଷା ୨୦୨୨ ଦେବାକୁ ଯୋଗ୍ୟ ହୋଇଥିବା ଜାଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ପାଖକୁ ନାମ ଲେଖାଇବା ନିମନ୍ତେ କୌଣସି ଇଣ୍ଟିମେଶନ ଲେଟର ଆସି ନ ଥିଲା କି ସେ ଜେଇଇ(ଆଡ୍‌ଭାନ୍ସ) ପରୀକ୍ଷା ଦେବା ପାଇଁ ଯୋଗ୍ୟ ହୋଇ ନ ଥିଲେ। ଏନେଇ ସେ ଏନ୍‌ଟିଏ ୱେବସାଇଟ୍ ଜରିଆରେ ପଚାରିବାରୁ ଜାଣିବାକୁ ପାଇଲେ ଯେ ଏନ୍‌ଟିଏ ତାଙ୍କୁ ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ୧୮.୮୮୧୦୮୬୧% ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୩.୧୩୭୪୦୬୭% ମାର୍କ ପ୍ରଦାନ କରିଛି। ଇଞ୍ଜିନିୟରିଂରେ ଉଚ୍ଚଶିକ୍ଷା ହାସଲ ନିମନ୍ତେ ଅଂଶୁମାନ ତ୍ରୁଟି ସଂଶୋଧନ ପାଇଁ ଏନ୍‌ଟିଏ କର୍ତ୍ତୃପକ୍ଷଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ହେଲେ ୨୦୨୨ ଅଗଷ୍ଟ ୭ରେ ଏନ୍‌ଟିଏ ୱେବସାଇଟ୍‌ରୁ ଭିନ୍ନ ପ୍ରକାର ଫଳ ମିଳିଥିଲା। ଏନ୍‌ଟିଏର ଏଭଳି କାର୍ଯ୍ୟ ପାଇଁ ଅଂଶୁମାନ ରାଉରକେଲା ଏନ୍‌ଆଇଟିରେ ନାମ ଲେଖାରୁ ବଞ୍ଚିତ ହୋଇଥିଲେ। ନକଲି ମାର୍କସିଟ୍ ଦର୍ଶାଇ ତାଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଯାଇ ନ ଥିଲା। ଆବେଦନକାରୀ ଛାତ୍ର ଏହି ମାମଲାରେ କେନ୍ଦ୍ର ସରକାର, ଜେଇଇ କର୍ତ୍ତୃପକ୍ଷଙ୍କ ସମେତ ୫ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଗତ ୧୪ ତାରିଖରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ ପାଣ୍ଡେ ଓ ସୁବିର ପାଳିତ ମାମଲା ପରିଚାଳନା କରୁଥିଲେ।

### ଲଣ୍ଡା ପାହାଡ଼ରେ...

ଆଲୋଚନା ଓ ପରାମର୍ଶ ନେବା ପରେ ଏହି ନୂତନ ପରୀକ୍ଷଣ କରାଯାଉଛି। ପୁନରୁଦ୍ଧାର ତଥା ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯାଇ ସଚେତନ କରାଯାଉଛି। ସମ୍ବଲପୁର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ପ୍ରାୟ ୬୦୦ରୁ ୭୦୦ ହେକ୍ଟର ଟାଙ୍ଗରା ପାହାଡ଼ ରହିଛି। ସେଠାରେ ମାଟି ପ୍ରାୟ ନ ଥିବା ସହିତ ସମାନ। ଏହିପରି ପଥର ଜମିରେ ବୃକ୍ଷରୋପଣ କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ଏହି ଅଭିନବ ଯୋଜନା ପାଇଁ ଜିଲା ଖଣିଜ ପାଣ୍ଠିରୁ ପ୍ରତି ହେକ୍ଟର ପିଛା ୧୦ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଏଥିରେ ବିଭିନ୍ନ କିସମର ୧୬ଶହ ଚାରା ରୋପଣ କରାଯାଇ ୩ବର୍ଷ ପାଇଁ ରକ୍ଷଣାବେକ୍ଷଣ କରାଯବ। ଠିକ୍ ପଦ୍ଧତି ଅନୁସରଣ କରି ଏପରି ପଥର ଅଞ୍ଚଳରେ କେତେକ ପ୍ରଜାତି ଚାଷ କରାଯାଇପାରିବ। ନୂତନ ଯୋଜନାରେ କିଲାସମା ସଂରକ୍ଷିତ ଜଙ୍ଗଲ, ଭାଲୁବାହାଲ, ରେଙ୍ଗାଲି ରେଞ୍ଜରେ ବୃକ୍ଷରୋପଣ କରାଯାଇଛି। ଏହି ଯୋଜନାକୁ ନେଇ ପ୍ରଥମେ ମୃତ୍ତିକା କିମ୍ବା ପଥରଖଣ୍ଡ ନ ଥିବାରୁ କ୍ଷେତ୍ର କର୍ମଚାରୀ ବୃକ୍ଷରୋପଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପରେ ସମାନ ସମସ୍ୟାକୁ ନେଇ ବିଶ୍ଳେଷଣ କରାଯାଇଥିଲା। ସମଗ୍ର ଡିଭିଜନରେ ଅନୁଧ୍ୟାନ କରାଯିବା ପରେ ପ୍ରାୟ ୭୦୦ ହେକ୍ଟର ଜମି ମିଳିଥିଲା, ଯେଉଁଠାରେ କମ୍ ବୃକ୍ଷରୋପଣ ସହିତ ପଥର ରହିଛି। ଗୋଟିଏ ହେକ୍ଟର କ୍ଷେତ୍ରକୁ ନେଇ ପରୀକ୍ଷା କରାଯାଇଛି। ଏକ ହେକ୍ଟରରେ ପ୍ରାୟ ୧୬ଶହ ଚାରା ରୋପଣ କରାଯାଇଛି। ଗେଣ୍ଡୁଲି, ବରଗଛ, ଅଁଳା, ବାହାଡ଼ା, ଅଗସ୍ତି, ମହୁଲ, କେନ୍ଦୁ ଇତ୍ୟାଦି ପ୍ରଜାତି ସହିତ ପରୀକ୍ଷା କରାଯିବ। ବୃକ୍ଷରୋପଣ ଦୁଇବର୍ଷ ପାଇଁ ମୂଲ୍ୟାଙ୍କନ ହେବ। ସମସ୍ତ ପର୍ଯ୍ୟବେକ୍ଷଣ ରେକର୍ଡ କରାଯାଇ ବିଶ୍ଳେଷଣ କରାଯିବ। ଏହା ଦ୍ୱାରା ଯେଉଁଠାରେ ଗଛ ମରିଯାଉଛି ତାହାର କାରଣ ଜଣାପଡିବ। ସ୍ଥାନୀୟ ପରିବର୍ତ୍ତନ ସହିତ ଚାରାଗୁଡିକରେ ମଧ୍ୟ ପରିବର୍ତ୍ତନ କରାଯିବ। ପଥର ଚଟାଣ ଓ କମ ମାଟି ଥିବା ସ୍ଥାନରେ ଦୁଇଫୁଟ୍ ଉଚ୍ଚତା ଓ ଦୁଇଫୁଟ୍ ଦୈର୍ଘ୍ୟର ପଥର କାଣ୍ଟ କରାଯିବ। ସେଥିରେ ମାଟି ପକାଇ ଚାରା ରୋପଣ କରାଯିବ। ଚାରିପଟେ ପଥର ଥିବାରୁ ବର୍ଷା ହେଲେ ମଧ୍ୟ ମାଟି ଧୋଇବ ନାହିଁ। ଚାରାରୋପଣ କରିବା ପରେ ଭର୍ମିକମ୍ପୋଷ୍ଟ, ଜିଭାମୃତ୍ର ବ୍ୟବହାର କରାଯିବ। କମ୍ ବର୍ଷରେ ଗଛଗୁଡିକ କିଭଳି ବଡ ହୋଇ ସବୁଜ ପାହାଡ ହେବ ସେ ନେଇ ଚେଷ୍ଟା କରାଯିବ। ଏଥିପାଇଁ ବନ ବିଭାଗ କର୍ମଚାରୀ ନିୟୋଜିତ ରହି ରକ୍ଷଣାବେକ୍ଷଣ କରିବେ। ଏହି ଯୋଜନା ପାଇଁ ସ୍ଥାନୀୟ ବନ ସୁରକ୍ଷା ସମିତିର ସହଯୋଗ ନିଆଯାଇଛି। ସେମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯୋଜନା ସଫଳ ହେଲେ ଆଗକୁ ସମ୍ବଲପୁର ଜିଲାରେ ଥିବା ଲଣ୍ଡା ପାହାଡ଼, ପଥୁରିଆ ଅଞ୍ଚଳରେ ସବୁଜ ବନାନୀ ସୃଷ୍ଟି ହେବ ବୋଲି ଡିଏଫ୍‌ଓ ନୀଳାମ୍ବରନ କହିଥିଲେ।

### ଲଘୁଚାପ: ୨ ଦିନ...

ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ବରଗଡ଼, ରାୟଗଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୧୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଗଜପତି, ଗଞ୍ଜାମ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଏହିସମୟରେ ତଳିଆ ଅଞ୍ଚଳରେ ପାଣି ଜମିବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ଓଡ଼ିଶା ଉପକୂଳ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ। ୧୯ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି।

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ମଧ୍ୟମ ଧରଣର ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୪୧.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୫୬.୨, ଗୋପାଳପୁର ୨୯.୮, ପୁରୀ ୬୨.୨, ବାରିପଦା ୨୨.୮, କେନ୍ଦୁଝର ୬୭.୮, ହୀରାକୁଦ ୩୩, ତାଳଚେର ୨୦, ଭବାନୀପାଟଣା ୧୬.୬, ବଲାଙ୍ଗୀର ୧୫, କୋରାପୁଟ ୨୩.୨, ଟିଟିଲାଗଡ଼ ୫୬.୨, ଦାରିଙ୍ଗବାଡ଼ି ୧୫, ନୟାଗଡ଼ ୧୫, ଛତ୍ରପୁର ୧୨୨.୪, ଦେବଗଡ଼ରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ସରକାରୀ ଅଫିସ୍‌ରୁ ହଟିବ....

ସୀମିତ ରହିଛି। ତେଣୁ ଶକ୍ତି ବିଭାଗର ଏହି ନୂତନ ଯୋଜନାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏହା ପଛରେ ସେମାନେ ଦୁର୍ନୀତିର ଗନ୍ଧ ବାରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଶକ୍ତି ବିଭାଗର ଏଭଳି ନିଷ୍ପତ୍ତିକୁ ଦେଖିଲେ ସନ୍ଦେହ ଲାଗୁଛି। ରୂପାନ୍ତରୀକରଣ ନାମରେ ଏବେ କେବଳ ସ୍କୁଲରେ ରଙ୍ଗ କରି ଦିଆଯାଉଛି। ଠିକ୍ ସେମିତି କେବଳ ଫ୍ୟାନ୍ ଓ ଏସି ବଦଳାଇ ଦେଲେ ଯେ ବିଜୁଳି ଶକ୍ତି ବଞ୍ଚିବ ତାହା ନୁହେଁ, ଏହା କେବଳ ଦୁର୍ନୀତି କରିବାକୁ ଯୋଜନା। ଭବିଷ୍ୟତରେ ଏକଥା ପ୍ରତିଫଳିତ ହେବ ବୋଲି ମୋହନ କହିଛନ୍ତି। କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନୂଆ କମ୍ପାନୀରୁ କିଣା ହେଲେ ସେଥିରୁ ଏକ ପ୍ରକାର କମିଶନ ମିଳେ। ତେଣୁ ଯେଉଁମାନେ ଏହି ଦାୟିତ୍ୱରେ କିଣିବା ଲାଗି ରହିବେ, ସେମାନେ ନିଶ୍ଚିତ ନିଜ ହାତ ଚିକ୍କଣ କରିବେ। ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ବିଜୁଳି ଶକ୍ତି ବଞ୍ଚାଇବା ଲାଗି ସରକାରଙ୍କର ଏହା ଏକମାତ୍ର ଯୋଜନା ନୁହେଁ। ଏଥି ପୂର୍ବରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

### ଡେଙ୍ଗୁ ମୁକାବିଲା...

ଏ ନେଇ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି କହିଛନ୍ତି, ଡେଙ୍ଗୁ ଆଉ ଋତୁଭିତ୍ତିକ ରୋଗ ହୋଇ ରହିନାହିଁ। ବର୍ଷର ସବୁ ସମୟରେ ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀଙ୍କ ରିପୋର୍ଟ ଆସୁଛି। ସାଧାରଣତଃ ମୌସୁମୀରେ ଅଧିକ ସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୪୮ ପ୍ରତିଶତ ଟେଷ୍ଟିଂ ବଢାଯାଇଛି। ସେହିପରି ଗତବର୍ଷ ଟିପିଆର୍(ଟେଷ୍ଟ ପଜିଟିଭ ରେଟ୍) ୮.୩ ପ୍ରତିଶତ ଥିବାବେଳେ ଚଳିତବର୍ଷ ୬.୨ ରହିଛି। ଉଭୟ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘର ଘର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତା'ସହ ପାର୍କ ଓ ସ୍କୁଲ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ସେହିପରି କ୍ୟାପିଟାଲ ହସ୍ପିଟାଲର ଉପଅଧୀକ୍ଷକ ଡା. ଦିଲ୍ଲୀପ ପଣ୍ଡା କହିଛନ୍ତି, ହସ୍ପିଟାଲରେ ଦୈନିକ ୩୫୦ରୁ ଊର୍ଦ୍ଧ୍ୱ ରକ୍ତ ନମୁନ ପରୀକ୍ଷା କରାଯାଉଥିବାବେଳେ ୧୨ରୁ ୧୪ ଜଣ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ୫୫ ରୋଗୀ ଅଛନ୍ତି। ହସ୍ପିଟାଲ ଉପରେ ଅଧିକ ଚାପ ରହୁଛି। ଅଧିକ ସଂଖ୍ୟକ ଟେଷ୍ଟ କରାଯାଉଥିବାରୁ ଗତ କିଛିଦିନ ମଧ୍ୟରେ ହସ୍ପଟାଲରେ ଥିବା ଡେଙ୍ଗୁ ପରୀକ୍ଷଣ ମେସିନ ଖରାପ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୨ଟି ମେସିନରେ ଟେଷ୍ଟିଂ କରାଯାଉଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ବିଏମ୍‌ସି ପକ୍ଷରୁ ମଶା ଉତ୍ପତ୍ତି ସ୍ଥଳ ନଷ୍ଟ କରିବା, ମଶା ତେଲ ସିଞ୍ଚନ ଓ ମଶା ଧୂଆଁ ଛଡ଼ା ଯାଉଛି। ସେହିଭଳି ଘରକୁ ଘର ବୁଲି ସଚେତନ କରାଯିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅଧିକ ଫୋକସରେ ରଖାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଜଞ୍ଜାଳ ବୃଦ୍ଧି କାରଣରୁ ଜମା ଫୁର୍‌ସତ୍ ପାଇବେ ନାହିଁ। ଆଜି ଆପଣ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇପାରନ୍ତି। ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ପାରିବାରିକ ଅସହଯୋଗରୁ ଚାହୁଁଥିବା କାମ ହାସଲ କରିପାରିବେ ନାହିଁ।

**ବୃଷ** କୌଣସି ବନ୍ଧୁଙ୍କ ସାହାଯ୍ୟ ଆଶାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ। ପରିବାରରେ କିଛି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଲିମକଦ୍ଦମା ତଥା ବିବାଦୀୟ ଘଟଣାରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ଅଫିସରେ ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ।

**ମିଥୁନ** ଜଣେ ସମ୍ପର୍କୀୟ ସକାଳୁ କିଛି ନୂଆ ଖବର ଦେବେ, ଯାହା ଆପଣଙ୍କୁ ଅଭିଭୂତ କରିପକାଇବ। ବହୁତ ଦିନର ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଅସାବଧାନତା କାରଣରୁ ଦ୍ରବ୍ୟହାନିଜନିତ ପରିବାରରେ କଳହର ସମ୍ଭାବନା ରହିଛି।

**କର୍କଟ** କୌଣସି ନୂତନ ଅନୁଭୂତି ଲାଭ କରି ଭାବବିଭୋର ହୋଇପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆର୍ଥିକ ଦିଗଟି ମନ୍ଦ ନ ହେଲେ ମଧ୍ୟ ଅଧିକ ଆଶା କରି ଅସନ୍ତୁଷ୍ଟ ରହିବେ।

**ସିଂହ** ଅନ୍ୟାନ୍ୟ ଦିଗରୁ କିଛି ଅସୁବିଧା ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିବ। କର୍ମକ୍ଷେତ୍ରରେ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ପାଇଁ ଅନୁତାପ କରିବେ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମାନସିକ ସ୍ଥିତିକୁ କଳୁଷିତ କରିବ। କୌଣସିଥିରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇ ପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ବୃଦ୍ଧି ହେତୁ ଆପଣ କେତେକ କାମ ପାଇଁ ବାଧକ ସାଜିବେ। ଭାବପ୍ରବଣ ବଶତଃ କିଛି ଗୁମର କଥା ପ୍ରକାଶ କରି ଅପଦସ୍ଥ ହେବେ।

**ତୁଳା** ମନ ଭିତରେ ଯାହା ଦୁଃଖ ଥାଉନା କାହିଁକି ପରିସ୍ଥିତି ବଶତଃ ଉପର ମନରେ ହସି ହସି କହିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ ଓ ଅନ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଳମ୍ବ ଘଟିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି।

**ବିଛା** ସମସ୍ୟା ଓ ବିବାଦୀୟ ପରିସ୍ଥିତି ମଧ୍ୟରେ ହିଁ ଆପଣଙ୍କ ଲକ୍ଷ୍ୟ ପୂରଣ ହେବ। ଯାହା ଓ ଯେତିକି ଆଶା କରୁଥିଲେ ସେହି ପରିମାଣରେ ପାଇ ପାରିବେ ନାହିଁ। ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ପରିବହନ ଓ ଶିଳ୍ପ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ପରିବାରରେ ଅଧିକାଂଶ ସମୟ ତର୍କ, ବିବାଦ ଓ ରାଗରୁଷାରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କଲେ ଫଳ ଓଲଟା ହୋଇଯାଇପାରେ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଆକସ୍ମିକ ଭାବରେ ସାମାନ୍ୟ ଶାରୀରିକ ଅସୁସ୍ଥତା ମଧ୍ୟ ଅନୁଭବ କରିବେ।

**ମକର** ଏତେ ସହଜରେ କାମ ହାସଲ ହେବାର ଆଶା ନ ଥାଇ ମଧ୍ୟ ଲକ୍ଷ୍ୟ ପ୍ରାପ୍ତି ହେତୁ ବିସ୍ମୟାଭିଭୂତ ହୋଇପାରନ୍ତି। ସମ୍ପର୍କୀୟଙ୍କ ଦ୍ୱାରା ଅଟକି ରହିଥିବା ନିର୍ମାଣାଧୀନ କାମରେ ଅଗ୍ରଗତି ଘଟିବ। ପ୍ରଶାସନିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଟଙ୍କା ବାକି ରଖିଥିବା କଥାକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**କୁମ୍ଭ** ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଶତ୍ରୁତା ଆଚରଣ କରୁଥିବା ବନ୍ଧୁଟି ପ୍ରତି ଦୂରେଇ ରହି ଚଳିବା ଭଲ ହେବ। ଶେଷ କରିବାକୁ ଭାବୁଥିବା କାମଟି ସୁବିଧାରେ କରିପାରିବେ ନାହିଁ, ଏଥି ସକାଶେ ବହୁତ ହଇରାଣ ହେବାକୁ ପଡ଼ିପାରେ।

**ମୀନ** ଆଜି ଦିନଟିରେ ସରଗରମ ଆଲୋଚନା କରି ନିଜ ନିଜ ସ୍ତରରେ ସମାଲୋଚିତ ହେବେ। କୌଣସି ସ୍ଥାନକୁ ଗସ୍ତ କାଳରେ ନିଜର ଲୋକମାନଙ୍କୁ ଦେଖି ଖୁସି ହୋଇପାରନ୍ତି। ଶୁଣାକଥାକୁ ବିଶ୍ୱାସକରି କୌଣସି ପଦକ୍ଷେପ ନିଅନ୍ତୁ ନାହିଁ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ସାମୟିକ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଦ୍ୱିତୀୟା ଶୁକ୍ରବାର, ଅଗଷ୍ଟ ୧୮ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ,ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୧ଗତେ ଘ.୦୬।୨୧ ମଧ୍ୟେ, ଘ.୦୭।୧୨ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୧୫ ଗତେ ଘ.୧୧।୫୦ ମଧ୍ୟେ ରାହୁକାଳ ।




## ସ୍ୱାଧୀନତା ଦିବସରେ ଅଧ୍ୟାପକ ଗାଇଲେ ବୋଲବମ୍ ଗୀତ, ଭିଡିଓ ଭାଇରାଲ

**ବେଲପଡ଼ା, ୧୭।୮ (ମନୋଜ କୁମାର ମିଶ୍ର):** ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଧୁମାଭଟା ବୀଣାପାଣି କଲେଜରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ବେଳେ ଜାତୀୟ ସଙ୍ଗୀତ ଗାନ ବଦଳରେ ବୋଲବମ୍ ଗୀତ ଗାଇଥିଲେ ଜଣେ ଅଧ୍ୟାପକ। ଏହି ଭିଡିଓ ଭାଇରାଲ ହେବା ପରେ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏପରି ଲଜ୍ଜାଜନକ ଘଟଣା ଘଟିଥିବା ବେଳେ କଲେଜରେ ଅଧ୍ୟକ୍ଷ ଉପସ୍ଥିତ ଥିବା କୁହାଯାଉଛି। ଅଧ୍ୟକ୍ଷ ଓ ସମ୍ପୃକ୍ତ ଅଧ୍ୟାପକଙ୍କ ନାମରେ ଗୁରୁବାର ବେଲପଡ଼ା ଥାନାରେ ଏତଲା ଦେଇ ଗିରଫ ଦାବି କରିଛି କୋଶଲ ମୁକ୍ତିମୋର୍ଚ୍ଚା। ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଦେବାର୍ଚ୍ଚନ ବାଗଙ୍କୁ ତାଙ୍କ ମୋବାଇଲ ନଂ ୮୬୫୮୨୦୩୯୮୪ରେ ଯୋଗାଯୋଗ କରାଯାଇଥିଲା। ସେ ରିସିଭ୍ କରି ପରେ ଫୋନ କାଟି ଦେଇଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।




# ଛାତ୍ରୀଙ୍କୁ ଶିକ୍ଷକଙ୍କ ଅଶ୍ଳୀଳ ଇଙ୍ଗିତ

## ଅଭିଯୋଗ କରିବାରୁ ହତ୍ୟା ଧମକ

**ପରଜଙ୍ଗ, ୧୭।୮ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖଇରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଶିକ୍ଷକ ତ୍ରିନାଥ ବିଶ୍ୱାଳ ଅଶ୍ଳୀଳ ଇଙ୍ଗିତ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରାୟ ମାସେ ତଳେ ଶିକ୍ଷକ ଜଣକ ତାଙ୍କ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ନେଇ ଛାତ୍ରୀ ଜଣକ ଘରେ ଜଣାଇବା ପରେ ତାଙ୍କ ବାପା ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୁକ୍ତ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ଆଗରେ ଭୁଲ୍ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଘଟଣାରେ ଶିକ୍ଷକ ଜଣକ ଆକ୍ରୋଶମୂଳକ ମନୋଭାବ ରଖି ଉକ୍ତ ସ୍କୁଲରେ ପଢୁଥିବା ଛାତ୍ରୀଙ୍କ ଦୁଇ ଭାଇଙ୍କୁ ପାଇଖାନା ସଫା କରିବା ପାଇଁ ବାଧ୍ୟ କରିଥିଲେ। ଏଥିସହ ଷ୍ଟିଲ୍ ସ୍କେଲ୍‌ରେ ପିଟିଥିଲେ। ଘଟଣା ସମ୍ପର୍କରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ବିଇଓ ହରିହର ଦେହୁରୀଙ୍କ ନିକଟରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ, ଏବିଇଓ ବିଦ୍ୟାଧର ସାହୁ ଗୁରୁବାର ଅଭିଯୋଗର ତଦନ୍ତ କରିବାକୁ ସ୍କୁଲକୁ ଯାଇଥିଲେ। ଏହା ପରେ ଶିକ୍ଷକଙ୍କ ସମ୍ପର୍କୀୟ ଶଳା ତାଙ୍କ ପରିବାରକୁ ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ପରିବାର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବାରୁ ଛାତ୍ରୀଙ୍କ ବାପା ପରଜଙ୍ଗ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପଟେ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ପାତ୍ର କହିଛନ୍ତି।

# ଚଣ୍ଡିଖୋଲରୁ ବାଲେଶ୍ୱର ସବୁ ପୋଲ ଯାଞ୍ଚ ଆରମ୍ଭ

**ରସୁଲପୁର, ୧୭।୮ (ରଞ୍ଜିତ ରାଉତ)**

- **ରସୁଲପୁରଠାରେ ରାଜପଥ ପୋଲ ଭୁଶୁଡ଼ିବା ପରେ ତତ୍ପର ରାଜପଥ କର୍ତ୍ତୃପକ୍ଷ**
- **ଡିଜାଇନ ପ୍ରସ୍ତୁତକାରୀ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ**

ଯାଜପୁର ଜିଲାଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ରସୁଲପୁର ବ୍ଲକ ଅଫିସ ସମ୍ମୁଖ ପୋଲ ଭୁଶୁଡ଼ିବା ପରେ ସମସ୍ତ ପୁରୁଣା ପୋଲର ସ୍ଥିତି ଯାଞ୍ଚ ପାଇଁ ରାଜପଥ କର୍ତ୍ତୃପକ୍ଷ ତତ୍ପର ହୋଇ ଉଠିଛନ୍ତି। ଏହି କ୍ରମରେ ୨୦୦୭-୦୮ ବର୍ଷରେ ଚଣ୍ଡିଖୋଲଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ସମସ୍ତ ପୁରୁଣା ପୋଲ ସ୍ଥିତି ଯାଞ୍ଚ ଆରମ୍ଭ ହୋଇଛି। ଏକାଧିକ ତଦନ୍ତକାରୀ ଦଳ ସମସ୍ତ ପୁରୁଣା ପୋଲର ସ୍ଥିତି ପରଖି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ରିପୋର୍ଟ ଆଧାରରେ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ତେଣେ ରାଜପଥ ପୋଲ ଡିଜାଇନ ପ୍ରସ୍ତୁତରେ ନିୟୋଜିତ ଭାଲେଡେରିଆ ନାମକ ଆମେରିକାନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଜୁଲାଇ ୧୮ତାରିଖରେ ପୋଲ ଭୁଶୁଡ଼ିବା ଘଟଣା ରାଜ୍ୟ ଓ ଦେଶରେ ଏକ ପ୍ରମୁଖ ଖବର ପାଲଟିଥିଲା। ପରେ ଦିଲ୍ଲୀରୁ ତଦନ୍ତକାରୀ ଦଳ ଆସି ଦୁର୍ଘଟଣାର କାରଣ ଖୋଜିବା ସହ ଭୁଶୁଡ଼ି ପଡ଼ିଥିବା ପୋଲର ବିଭିନ୍ନ ଦିଗକୁ ଯାଞ୍ଚ କରିଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ଡିଜାଇନରେ ତ୍ରୁଟି ଯୋଗୁ ପୋଲ ଭୁଶୁଡ଼ିଥିବା ଜଣାପଡ଼ିଥିଲା। ୩ଜଣିଆ ତଦନ୍ତ ଦଳର ରିପୋର୍ଟ ହସ୍ତଗତ ପରେ ଭୁଶୁଡ଼ି ପଡ଼ିଥିବା ପୋଲକୁ ପୁନଃ ନିର୍ମାଣ କରାଯିବା ସହ ସେହି ବେଳର ସମସ୍ତ ପୋଲ ସ୍ଥିତି ଯାଞ୍ଚ ପାଇଁ ନିଷ୍ପତ୍ତି ହୋଇଛି।

ରାଜପଥ ଉପରିସ୍ଥ ପୋଲ ଅଚାନକ ପୋଲ ଭୁଶୁଡ଼ି ପଡ଼ିବା ଦୃଶ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ମନରେ ଏବେ ବି ସତେଜ ରହିଛି। ଯାଜପୁର ରୋଡ୍‌ରୁ କଟକ ଅଭିମୁଖେ ଯାଉଥିବା ମା' ନାମକ ଯାତ୍ରୀବାହୀ ବସ୍ ପୋଲ ଅତିକ୍ରମ କରିବାର କେଇ ମିନିଟ୍ ମଧ୍ୟରେ ପୋଲ ଭୁଶୁଡ଼ି ପଡ଼ିଥିଲା। ପଛରେ ଆସୁଥିବା ସ୍ଥାନୀୟ ଖଣ୍ଡିତର ଅଞ୍ଚଳର ଟ୍ରାକ୍ଟର ଚାଳକ ମୁନା ସାହାଣୀ ଏହି ଦୃଶ୍ୟ ଦେଖିଥିଲେ। ଉପସ୍ଥିତ ବୁଦ୍ଧିକୁ ଉପଯୋଗ କରି ସେ ନିଜକୁ ବଞ୍ଚାଇବା ସହ ଆସୁଥିବା ଅନ୍ୟଗାଡ଼ିଗୁଡ଼ିକୁ ନିଶ୍ଚିତ ଏକ ବଡ଼ଧରଣର ଦୁର୍ଘଟଣାରୁ ଏଡ଼ାଇଦେବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲାର ବାହାନଗାଠାରେ ଜୁନ ୨ରେ ରେଳ ଦୁର୍ଘଟଣା ଘଟିଥିଲା। ଏହି ଘଟଣାର ବିଭୀଷିକା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ରାଜପଥ ପୋଲ ଭୁଶୁଡ଼ିବା ଘଟଣା ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

ଘଟଣାକୁ ରାଜପଥ କର୍ତ୍ତୃପକ୍ଷ ଗୁରୁତର ସହ ନେଇଛନ୍ତି। ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନ ଘଟିବ ସେ ନେଇ କେନ୍ଦ୍ର ସଡ଼କ ଓ ପରିବହ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଏନ୍ଏଚ୍ଏଆଇ ବାଲେଶ୍ୱର ଶାଖାର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନକୁ କର୍ତ୍ତୃପକ୍ଷ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି। ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ରିପୋର୍ଟ ଆସିବା କ୍ଷଣି କର୍ତ୍ତୃପକ୍ଷଙ୍କ ତରଫରୁ ତ୍ୱରିତ ପଦକ୍ଷେପ ନିଆଯାଉଛି। ଦୁର୍ଘଟଣାସ୍ଥଳରେ ନୂତନ ପୋଲ ନିର୍ମାଣ ନେଇ ପ୍ରକ୍ରିୟା ଚାଲୁ ରହିଛି। ଏଥିସହିତ ସେହି ସମୟରେ ଚଣ୍ଡିଖୋଲଠାରୁ ବାଲେଶ୍ୱର ମଧ୍ୟରେ ନିର୍ମାଣ ହୋଇଥିବା ସମସ୍ତ ପୁରୁଣା ପୋଲର ସ୍ଥିତି ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି।

# ଗାଁରୁ ପବିତ୍ର ମାଟି ସଂଗ୍ରହ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ


କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କଳସରେ ମାଟି ନେଇ ଶୋଭାଯାତ୍ରାରେ ଯାଉଛନ୍ତି।

## ବୀରହରେକୃଷ୍ଣପୁରରେ ଅମୃତ କଳସ ଯାତ୍ରା

**ପୁରୀ, ୧୭।୮ (ଅଜିତ ମହାନ୍ତି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୨ରୁ ସାରା ଭାରତରେ ଆରମ୍ଭ ହୋଇଥିବା 'ମେରି ମାଟି, ମେରା ଦେଶ' ଅଭିଯାନ ଅନ୍ତର୍ଗତ ଅମୃତ କଳସ ଯାତ୍ରା ଗୁରୁବାର ପୁରୀର ବୀରହରେକୃଷ୍ଣପୁରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀରାଜଗୁରୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ବହୁ ଭାଜପା କର୍ମୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ବୀରହରେକୃଷ୍ଣପୁରରେ ପହଞ୍ଚିବା ପରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ଏହି ଗାଁରୁ ପବିତ୍ର ମାଟି ସଂଗ୍ରହ କରି କଳସରେ ଭରିଥିଲେ। ଏହାକୁ ଦିଲ୍ଲୀ ନିଆଯାଇ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀରେ ହେବାକୁ ଥିବା ଅମୃତ ବାଟିକାରେ ବ୍ୟବହାର କରାଯିବ ବୋଲି ସୀତାରାମନ କହିଛନ୍ତି। ଏହି ଅବସରରେ ଚାରାରୋପଣ ଓ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା। ଦେଶର ଏକତା ତଥା ଅଖଣ୍ଡତା ପାଇଁ ପ୍ରାଣବଳୀ ଦେଇଥିବା ବୀରଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସୂଚନାଯୋଗ୍ୟ, ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ବୁଧବାର ରାତିରେ ପୁରୀରେ ପହଞ୍ଚି ମେ ଫେୟାର ହୋଟେଲରେ ରାତ୍ରୀଯାପନ କରିଥିଲେ। ଗୁରୁବାର ସକାଳେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପ୍ରାୟ ୩୦ ମିନିଟ୍ ସେ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ଫେରିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ଯାଇ 'ମେରି ମାଟି, ମେରା ଦେଶ' ବିଷୟବସ୍ତୁ ଉପରେ ନିର୍ମିତ ବାଲୁକା କଳା ଦେଖିଥିଲେ। ଏହାପରେ ପେଣ୍ଟକଟାସ୍ଥିତ ସଦାଶିବ କ୍ୟାମ୍ପସ ଯାଇ ଚାରାରୋପଣ କରିବା ସହିତ ଶହୀଦ ପରିବାରଙ୍କୁ ସମ୍ମାନିତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ପଞ୍ଚପ୍ରାଣ ଶପଥପାଠ କରାଇଥିଲେ। ପରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀରାଜଗୁରୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁର ଯାଇଥିଲେ।






ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। **–ଶ୍ରୀମା**



# ଖାଦ୍ୟ ସଙ୍କଟରୁ ଅନୁଚିତ ଲାଭ




ଜେନିଫର୍ କ୍ଲାପ୍
ଆଇପିଇଏସ୍ ଖାଦ୍ୟ କମିଟି ବିଶେଷଜ୍ଞ ;ପ୍ରାଧ୍ୟାପକ, ୱାଟରଲୁ ୟୁନିଭର୍ସିଟି

ଫିଲ ହୋୱାର୍ଡ
ପ୍ରାଧ୍ୟାପକ, କମ୍ୟୁନିଟି ସଷ୍ଟେନେବିଲିଟି(ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟି)

ଗତ କିଛି ବର୍ଷ ହେବ କୋଭିଡ୍‌–୧୯ ଏବଂ ୟୁକ୍ରେନ୍ ଯୁଦ୍ଧ ଯୋଗୁ ଖାଦ୍ୟଶସ୍ୟ ସାମଗ୍ରୀର ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଛି। ଏହା ବୈଶ୍ୱିକ ଖାଦ୍ୟ ସୁରକ୍ଷାକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି। ବର୍ତ୍ତମାନ, ବିଶ୍ୱର ଖାଦ୍ୟ ମୂଲ୍ୟ ୧ ବର୍ଷ ପୂର୍ବେ ଥିବା ସର୍ବୋଚ୍ଚ ସ୍ତରରୁ ହ୍ରାସ ପାଇଥିଲେ ବି ଏହାକୁ ନେଇ କେହି ଖୁସି ହେବା ଉଚିତ ନୁହେଁ। କାରଣ ବିଶ୍ୱର ଖାଦ୍ୟ ସଙ୍କଟ ଏବେ ସୁଦ୍ଧା ଶେଷ ହୋଇନାହିଁ। ଅତିରିକ୍ତ ମୂଲ୍ୟର ଅସ୍ଥିରତାର ଅଧିକ ଆଶଙ୍କା ରହିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବ୍ଲାକ୍ ସି ଗ୍ରେନ୍ ଇନିସିଏଟିଭକୁ ରଦ୍ଦ କରିବା ଏବଂ ୟୁକ୍ରେନ୍‌ର ରପ୍ତାନି ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ଦ୍ୱାରା ଖାଦ୍ୟଶସ୍ୟ ମୂଲ୍ୟ ପୁନର୍ବାର ଊର୍ଦ୍ଧ୍ୱଗାମୀ ହେବାରେ ଲାଗିଛି। କିନ୍ତୁ ଠିକ୍ ଭାବେ କାମ କରୁ ନ ଥିବା ବା ଖରାପ ଖାଦ୍ୟ ବଜାରଗୁଡ଼ିକ ହେଉଛନ୍ତି ବିଶ୍ୱ ପାଇଁ ଦୀର୍ଘମିଆଦୀ ସଙ୍କଟ। ମହାମାରୀ ପୂର୍ବାପେକ୍ଷା ଗହମ ମୂଲ୍ୟ ୨ଗୁଣରୁ ଅଧିକ ମହଙ୍ଗା ହୋଇଛି। ତଥାପି ଏଯାବତ ଅଧିକାଂଶ ବିକାଶଶୀଳ ଦେଶରେ ଖାଦ୍ୟ–ମୂଲ୍ୟ ମୁଦ୍ରାସ୍ଫୀତି ୫%ରୁ ଅଧିକ ଅଛି। ଏହା ରୱାଣ୍ଡା ଓ ଇଜିପ୍ଟରେ ୩୦%ରୁ ଅଧିକ। ଏଣୁ ବିଶ୍ୱ ସ୍ତରରେ ଆଉ ଥରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇବା ସମ୍ଭାବନା ରହିଛି। ବାସ୍ତବ ସମସ୍ୟା ହେଉଛି, ପ୍ରମୁଖ କୃଷି ବ୍ୟବସାୟ ସଂସ୍ଥାଗୁଡ଼ିକର ବଜାର ଶକ୍ତି ବୃଦ୍ଧି ହିଁ ବିପଦକୁ ବଢ଼ାଉଛି। ଫଳରେ ଖାଦ୍ୟ ମୂଲ୍ୟରେ ଅତ୍ୟଧିକ ପରିବର୍ତ୍ତନ ହେବା ଅନୁମାନ କରାଯାଉଛି।

ଉର୍ବରକ ବା ସାର କ୍ଷେତ୍ରକୁ ବିଚାରକୁ ନିଆଯାଉ। ୨୦୨୦–୨୧ରେ ସାର ମୂଲ୍ୟ ୩ଗୁଣ ହେବା ଦ୍ୱାରା ଖାଦ୍ୟ ମୂଲ୍ୟ ବଢ଼ିଗଲା। ଯବକ୍ଷାରଜାନ ସାରର ଅଧିକ ମୂଲ୍ୟ ବୃଦ୍ଧି ବି ଏଥିପାଇଁ କିଛି ମାତ୍ରାରେ ଦାୟୀ। ଗ୍ରେଡେଡ୍ ରାଣ୍ଡମ ଆଡପ୍‌ଟିଭ ଇଣ୍ଟରଆକ୍ଟିଭ ନନ୍–ଲିନିୟର (ଜିଆର୍‌ଏଆଇଏନ୍) ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲଚର ଆଣ୍ଡ ଟ୍ରେଡ୍ ପଲିସି(ଆଇଏଟିପି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ, ଅଗ୍ରଣୀ ଫାର୍ମଗୁଡ଼ିକ ବର୍ଦ୍ଧିତ ଉତ୍ପାଦନ ମୂଲ୍ୟକୁ ଭରଣାକରିବା ପାଇଁ ଯାହା ଆବଶ୍ୟକ ଥିଲା ତା' ପରେ ବି ସାର ମୂଲ୍ୟ ବଢ଼ାଇଥିଲେ। ସେମାନଙ୍କ ପରିଚାଳନାଗତ ଲାଭକୁ ୩୬% ପର୍ଯ୍ୟନ୍ତ ବଢ଼ାଇଦେଲେ, ଏପରିକି କମ୍ ଉତ୍ପାଦ ବିକ୍ରିକରି ଏହା କରିପାରିଲେ। ସେମାନେ ଶେଷରେ ଲାଭ କରିଥିବା ଅନୁପାତ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପୂର୍ବାପେକ୍ଷା ୩ଗୁଣ ଅଧିକ। ଏସ୍ ଆଣ୍ଡ ପି କମ୍ପାନୀଗୁଡ଼ିକ ଦ୍ୱାରା ଦର୍ଶାଯାଇଥିବା ହାରାହାରି ୧୩% ଲାଭଠାରୁ ଏହା ଯଥେଷ୍ଟ ଅଧିକ ଥିଲା। ସେହିପରି ବିଶ୍ୱର ଖାଦ୍ୟଶସ୍ୟ ବ୍ୟବସାୟୀମାନେ ବି ସୀମିତ ଯୋଗାଣରୁ ରେକର୍ଡ ସ୍ତରର ଲାଭ କରିପାରିଛନ୍ତି। ବହୁଦେଶୀୟ ଖାଦ୍ୟଶସ୍ୟ କମ୍ପାନୀ ଆର୍ଚର ଡାନିଏଲ୍ସ ମିଡ଼୍‌ଲ୍ୟାଣ୍ଡ(ଏଡିଏମ୍) ୨୦୨୨ର ମଧ୍ୟଭାଗରେ ସବୁଠୁ ଅଧିକ ତ୍ରୈମାସିକ ଲାଭ କରି ରେକର୍ଡ କରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱୀ କାର୍‌ଗିଲ ମଧ୍ୟ ଅତ୍ୟଧିକ ଲାଭ କରିଥିଲା, ଯାହାର ମୋଟ ରେଭିନ୍ୟୁ ୨୩% ବୃଦ୍ଧି ପାଇଥିଲା।



କେବଳ ଖାଦ୍ୟ ଓ ସାର କ୍ଷେତ୍ରରେ କର୍ପୋରେଟ ଏକାଗ୍ରତା ବଢ଼ିବା ଯୋଗୁ ଖାଦ୍ୟ ସଙ୍କଟ ଭଳି ସ୍ଥିତିରେ ଏଭଳି ଅତ୍ୟଧିକ ଲାଭ ସମ୍ଭବ ହୋଇଛି। ୪ଟି ଏବିସିଡି(ଆକ୍ସିଲରେଟେଡ୍ ବିଜ୍‌ନେସ୍ କଲେକ୍ସନ ଆଣ୍ଡ ଡେଲିଭରି) କମ୍ପାନୀଗୁଡ଼ିକ ମଧ୍ୟରୁ ଏଡିଏମ୍ ଓ କାର୍‌ଗିଲ ସମେତ ବୁଙ୍ଗେ ଓ ଡ୍ରିଫସ୍ ବିଶ୍ୱର ଆନୁମାନିକ ୭୦–୯୦% ଖାଦ୍ୟଶସ୍ୟ ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ଆମେରିକାରେ ଯବକ୍ଷାରଜାନ ସାର ଉତ୍ପାଦନର ୭୫% ଏହି ୪ଟି କମ୍ପାନୀ ଦ୍ୱାରା ହେଉଛି ଏବଂ ବିଶ୍ୱରେ ପଟାସ ସାର ବଜାରର ୭୨% ଏମାନଙ୍କ ଅଧୀନରେ ଅଛି। ଅନେକ ଦଶନ୍ଧିର ମିଶ୍ରଣ ଏବଂ ଅଧିଗ୍ରହଣ ମାଧ୍ୟମରେ ଏଭଳି ସଂସ୍ଥାଗୁଡ଼ିକ ଯୋଗାଣ ଶୃଙ୍ଖଳାର ତଳୁ ଉପର ଯାଏ ପ୍ରଭାବ ବିସ୍ତାର କରିବାରେ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ, ବୁଙ୍ଗେ ଏବଂ ବୃହତ୍ କମ୍ପାନୀ ଗ୍ଲେନ୍‌କୋର୍‌ର ଶାଖା ଭିଟେରା ମଧ୍ୟରେ ୩୪ ବିଲିୟନ ଡଲାରର ମିଶ୍ରଣ ହୋଇଛି। ଏଥିରୁ ବୁଝାପଡୁଛି ଯେ, ସେମାନେ ପୁଣି ସୋୟାବିନ ଏବଂ କାନୋଲା ପ୍ରକ୍ରିୟାକରଣ ବଢାଇ ଏବଂ ସମଗ୍ର ଆମେରିକାରେ ବିତରଣ କରିବେ।

ଅଗ୍ରଣୀ କୃଷି ବ୍ୟବସାୟ ସଂସ୍ଥାଗୁଡ଼ିକର ବୃହତ୍ ଯୋଗାଣ–ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣ କ୍ଷମତା ଅଛି, ଯାହା ତୈଳ ବଜାରରେ ଓପିଇସିର ଭୂମିକା ସହିତ ସମାନ। ସେମାନେ ୧୯୭୦ ଦଶକରେ ଏବଂ ୨୦୦୮–୧୧ ମସିହାରେ ବଜାର ଅସ୍ଥିରତାରେ ଏହାକୁ ବ୍ୟବହାର କରିବାକୁ ଭୟକରି ନ ଥିଲେ ଏବଂ ଏହାଦ୍ୱାରା ସାର ଓ ଶସ୍ୟ କାରବାର କ୍ଷେତ୍ରରେ ମଧ୍ୟ ଅଧିକ ଲାଭ କରିଥିଲେ। ବିଶ୍ୱର ଗରିବମାନେ ସେମାନଙ୍କ ଆୟର ୬୦%ରୁ ଅଧିକ ବ୍ୟୟ କରିଥାନ୍ତି। ଏଣୁ ଖାଦ୍ୟ ମୂଲ୍ୟରେ ବୃଦ୍ଧି ହେଉଥିବା ପ୍ରତ୍ୟେକଟି ପ୍ରତିଶତ ସେମାନଙ୍କ ପାଇଁ ବିପର୍ଯ୍ୟୟ ଆଣିପାରେ। ଖାଦ୍ୟ ଏବଂ ସାରର ରପ୍ତାନି ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବା ଅନେକ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ୬୦ ବର୍ଷ ମଧ୍ୟରେ ଏବେ ସାମ୍ନା କରୁଥିବା ସବୁଠୁ ଖରାପ ଋଣ ସଙ୍କଟର ଏକ କାରଣ ମଧ୍ୟ। ଏହି ସମୟରେ, କୃଷକମାନେ ଖାଦ୍ୟ ମୂଲ୍ୟ ବୃଦ୍ଧିରେ ଲାଭ ପାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ। ମୁଖ୍ୟତଃ ବ୍ୟାପକ ବଜାର କ୍ଷମତା ଥିବା ପ୍ରମୁଖ କମ୍ପାନୀଗୁଡ଼ିକ ଦ୍ୱାରା ଇନ୍‌ପୁଟ ମୂଲ୍ୟ ସହିତ ଯୋଗାଇ ଦିଆଯାଉଥିବା ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏଭଳି ଘଟୁଛି। ଏବେ କୃଷକଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ ମୂଲ୍ୟ ହ୍ରାସ ପାଇବା ସହ ଋଣ ବୃଦ୍ଧି ହେତୁ (ସୁଧ ହାରରେ ବୃଦ୍ଧି କାରଣରୁ) ଅନେକ କୃଷକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି।

ୟୁକ୍ରେନ୍‌ରେ ରୁଷିଆର କାର୍ଯ୍ୟକଳାପ ଭବିଷ୍ୟତରେ ଗହମ ମୂଲ୍ୟ ପୁନର୍ବାର ବୃଦ୍ଧି କରିବାକୁ ପ୍ରେରିତ କରିଛି। ଏହା ସ୍ପଷ୍ଟ ଯେ, ସତର୍କ ନ ରହିଲେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଏହା ନିଃସନ୍ଦେହ ଯେ, ଆହୁରି ଅଧିକ ବାଧା ଆସିବ। ଯଦି ବିଶ୍ୱର ଖାଦ୍ୟ ବ୍ୟବସ୍ଥା ଉପରେ ଅଳ୍ପ କିଛି କମ୍ପାନୀ ଏଭଳି ଅଯଥା କ୍ଷମତା ବଜାୟ ରଖନ୍ତି,ତେବେ ଏହାର ପରିଣାମ ଆହୁରି ଜଟିଳ ହେବା ସମ୍ଭାବନା ଅଛି। ସେଥିପାଇଁ ପରବର୍ତ୍ତୀ ସଙ୍କଟ ଆସିବା ପୂର୍ବରୁ ସରକାର ପ୍ରୋତ୍ସାହନରେ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

କୃଷି ବ୍ୟବସାୟର ଅପ୍ରତ୍ୟାଶିତ ଲାଭ ଏବଂ ଜଳବାୟୁ–ସ୍ଥାୟୀ ଖାଦ୍ୟ ପ୍ରଣାଳୀରେ ପୁନଃ ନିବେଶ କରିବାକୁ ଦୃଢ଼ ତଥା ବାଧ୍ୟତାମୂଳକ ଆହ୍ୱାନ ଦିଆଯାଇଛି। ଅସାଧୁ ଉପାୟରେ ସାର ମୂଲ୍ୟ ବୃଦ୍ଧି ଉପରେ ସରକାରୀ ଯାଞ୍ଚ ପାଇଁ କୃଷକ ସମୁଦାୟ କରୁଥିବା ଦାବି ଉପରେ ବି ପଦକ୍ଷେପ ନେବା ଦରକାର। ଏହାସହ ଅତ୍ୟଧିକ ମିଶ୍ରଣ ଏବଂ ଅଧିଗ୍ରହଣ ପ୍ରକ୍ରିୟାକୁ ପ୍ରତିହତ କରିବା ଲାଗି ପ୍ରତିଯୋଗିତା ନିୟମକୁ ଅଧିକ ଦୃଢ କରିବା ଆବଶ୍ୟକ। ଅନେକ ଦଶନ୍ଧି ହେଲା ଯାହା ସରକାରଗୁଡ଼ିକ କରିବାକୁ ଅନିଚ୍ଛୁକ ରହିଆସିଛନ୍ତି ତା' ଉପରେ ବିଚାରକରିବା ଦରକାର ଏବଂ ଏକଚାଟିଆ ମନୋଭାବକୁ ଭାଙ୍ଗିବା ଲାଗି ପଦକ୍ଷେପ ଲୋଡ଼ା। ଜନସାଧାରଣଙ୍କ ସ୍ୱାର୍ଥରେ କେଉଁ ପ୍ରକାରର ଏକୀକରଣ ହେଉଛି ତାହା ଆକଳନ କରିବା ଏବଂ ଏକ ସ୍ପଷ୍ଟ ବାର୍ତ୍ତା ଦେବା ସକାଶେ ବୁଙ୍ଗେ–ଭିଟେରା କମ୍ପାନୀର ମିଶ୍ରଣ ଏକ ସୁଯୋଗ ଆଣିଛି। ତେବେ ମୋଟ ଉପରେ ଖାଦ୍ୟ ସଙ୍କଟରୁ ଅନୁଚିତ ବା ବେଆଇନ ଲାଭ ପାଇବା ପ୍ରକ୍ରିୟାକୁ ଆଉ ସହ୍ୟ କରାଯିବ ନାହିଁ।

## ସିଂହ ଲାଙ୍ଗୁଡ଼, ଶୃଗାଳ ମୁଣ୍ଡ



ରାକେଶ ପଣ୍ଡା

ଜୀବନର ଧାଁ ଦୌଡ଼ ମଧ୍ୟରେ ପ୍ରତିଟି ବ୍ୟକ୍ତିର ଗୋଟିଏ ସାଧାରଣ ଲକ୍ଷ୍ୟ ରହିଥାଏ। ତାହା ହେଉଛି ଅର୍ଥ ରୋଜଗାର। ଅର୍ଥ ରୋଜଗାରର ସାଧାରଣତଃ ଦୁଇଟି ମାର୍ଗ ଅଛି। ଗୋଟିଏ ହେଉଛି 'ଆତ୍ମନିର୍ଭରଶୀଳତା' ଏବଂ ଅନ୍ୟଟି 'ନିଯୁକ୍ତି ବା ଚାକିରି। ତେବେ ପ୍ରଥମ ମାର୍ଗଟିରେ ଜଣେ ବ୍ୟକ୍ତି ନିଜସ୍ୱ କିଛି ଅର୍ଥ ବିନିଯୋଗ କରି ବ୍ୟବସାୟ ଜରିଆରେ ରୋଜଗାର କରିଥାନ୍ତି ଏବଂ ଆତ୍ମନିର୍ଭରଶୀଳ ହୋଇଥାନ୍ତି। ଏଥିସହ,କିଛି ଯୋଗ୍ୟ ଓ ଦକ୍ଷ ବ୍ୟକ୍ତିମାନଙ୍କ ନିମନ୍ତେ ନୂତନ ନିଯୁକ୍ତି ସୃଷ୍ଟି କରିଥାନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଥାନ୍ତି। ଏମାନଙ୍କ ସଂଖ୍ୟା ସମାଜରେ କମ୍। ଅନ୍ୟପକ୍ଷରେ ଦ୍ୱିତୀୟ ମାର୍ଗକୁ ଆପଣେଇଥିବା ବ୍ୟକ୍ତିବିଶେଷ ନିଯୁକ୍ତି ଓ ରୋଜଗାରର ଏକ ସୁରକ୍ଷିତ ବଳୟ ମଧ୍ୟରେ ନିଜକୁ ଅବସ୍ଥାପିତ କରିବା ଉଦ୍ଦେଶ୍ୟରେ ଚାକିରି ପଛରେ ଧାଇଁଥାନ୍ତି! ସେଥି ନିମନ୍ତେ, ନିଜକୁ ଅନ୍ୟର ଛାୟା ତଳେ ଓ ନିୟନ୍ତ୍ରଣରେ ତାଙ୍କର ଆଜ୍ଞାଧୀନ ହୋଇ ରହିବାକୁ ମଧ୍ୟ ପସନ୍ଦ କରନ୍ତି । ଆଜିର ତାରିଖରେ ସେପରି ମାନସିକତା ଧାରଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ ଅଧିକ।

ଅଧିକାଂଶ ପିତାମାତା, ନିଜ ସନ୍ତାନସନ୍ତତିଙ୍କର ଜୀବନର ଲକ୍ଷ୍ୟଭାବରେ'ଚାକିରି'ର ମାର୍ଗକୁ ସେମାନଙ୍କ ଜନ୍ମସମୟରୁ ହିଁ ନିର୍ଦ୍ଧାରଣ କରିଥାନ୍ତି! ସେମାନେ ଆଗାମୀ ଦିନରେ ନିଜର ପିଲାକୁ ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, କୌଣସି ଏକ ସରକାରୀ ଚାକିରିଆ ତଥା କମ୍ପାନୀମାନଙ୍କରେ ବଡ଼ଅଧିକାରୀ ଭାବରେ ଦେଖିବାକୁ ଚାହାନ୍ତି। ଯେଉଁ ଲକ୍ଷ୍ୟକୁ ପୂରଣ କରିବାକୁ ସେମାନେ ପିଲାର ପ୍ରାଥମିକ ଶିକ୍ଷା ତଥା ବିଦ୍ୟାଳୟ ସମୟରୁ ହିଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରିଥାନ୍ତି। କିନ୍ତୁ,କେବେହେଲେ ପିଲାଟିର ମନରକଥା, ଇଚ୍ଛା ଓ ଅଭିଲାଷ ତଥା ଭବିଷ୍ୟତର କାର୍ଯ୍ୟପନ୍ଥା ଗଢିବା ନିମନ୍ତେ ତା'ର କେଉଁକ୍ଷେତ୍ରରେ ଆଗ୍ରହ ଓ ଦକ୍ଷତା ଅଛି ତାହା ଜାଣିବାକୁ ଚେଷ୍ଟାକରନ୍ତି ନାହିଁ କି ସନ୍ତାନକୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ପ୍ରେରିତ କରନ୍ତି ନାହିଁ। ଫଳରେ ଜୀବନର ପ୍ରାରମ୍ଭରୁ ହିଁ ଗୋଟିଏ ପିଲାର ମନସ୍ତତ୍ତ୍ୱ ଅନ୍ୟର ଅଧୀନରେ ରହି କାର୍ଯ୍ୟସମ୍ପାଦନ କରିବା ପରି ହୋଇଯାଇଥାଏ। ପରବର୍ତ୍ତୀ ସମୟରେ ଯେଉଁ ଚିନ୍ତାଧାରାକୁ ପରିବର୍ତ୍ତନ କରିବା କଷ୍ଟକର ହୋଇପଡ଼େ। ଆଜି ପରିସ୍ଥିତି ଏପରି ଉପୁଜିଛି, ନିଯୁକ୍ତି ଦେବା ମଣିଷଙ୍କ ସଂଖ୍ୟା ତୁଳନାରେ ନିଯୁକ୍ତି ପାଇବାର ଆଶାୟୀଙ୍କ ଭିଡ଼ ଅନେକ ଗୁଣ ଅଧିକ। ସମାଜରେ ନିଯୁକ୍ତି ଦେବା ଓ ନିଯୁକ୍ତି ପାଇବା ମଧ୍ୟରେ ଅନେକ ଅସମାନତା ପରିଲକ୍ଷିତ ହେଉଛି। ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସରକାରଙ୍କ ଦ୍ୱାରା ଅନେକ ପ୍ରୋତ୍ସାହନ ଏବଂ ସୁବିଧା ଓ ସୁଯୋଗ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ କୌଣସିନା କୌଣସି କ୍ଷେତ୍ରରେ ତାହା ଆଶାନୁରୂପ ସଫଳ ହୋଇପାରୁ ନାହିଁ। ଫଳସରୂପ ଆଗାମୀ ସମୟରେ ଭାରତକୁ ବେକାରି ସ୍ତରରେ ଏକ ବଡ ବିସ୍ଫୋରଣ ଆଡକୁ ବାଟ କଢେଇ ନେଉଛି।

ଅତୀତରେ ଅଧିକାଂଶ ବ୍ୟକ୍ତି ଓ ପରିବାର କୌଳିକ ବୃତ୍ତିକୁ ଆପଣେଇ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସେସବୁ ଅସ୍ତିତ୍ୱ ହରାଇ ବସିଲାଣି। ପାରିବାରିକ ତଥା କୌଳିକ ବ୍ୟବସାୟ ଓ ବୃତ୍ତିକୁ ଆପଣେଇବା ତଥା ରୋଜଗାରର ଏକ ପନ୍ଥା ଭାବରେ ଗ୍ରହଣ କରିବା ନିମନ୍ତେ ଉଭୟ ଉଚ୍ଚଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତଙ୍କର ଆଗ୍ରହ ନାହିଁ । ଏହି ପରିପ୍ରେକ୍ଷୀରେ,ସରକାରୀ ସ୍ତରରେ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନକୁ ତ୍ୱରାନ୍ୱିତ କରିବା ପୂର୍ବକ ତୃଣମୂଳ ସ୍ତରରେ ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବା ବିଧେୟ। ଏଥିସହ, କ୍ଷୁଦ୍ର ବ୍ୟବସାୟ କରି ଲାଭ ଓ ସଫଳତା ପାଇବା ନିମନ୍ତେ ଯୁବପିଢ଼ିଙ୍କ ମନରେ ଦୃଢ଼ବିଶ୍ୱାସ ଜାଗ୍ରତ କରିବା ଉଚିତ। ଅନ୍ୟପକ୍ଷରେ, ପ୍ରତିଟି ମଣିଷ ବିଶେଷ କରି ଆଜିର ଯୁବ ପିଢି ଚାକିରି ପଛରେ ନ ଦୌଡି ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ନିଜେ କିଛି କରିବାର ମାନସିକତାକୁ ଉଜାଗର କରିବାକୁ ହେବ। ସ୍ୱଳ୍ପ ଅର୍ଥ ବିନିଯୋଗ କରି ଛୋଟ ବ୍ୟବସାୟରୁ ରୋଜଗାର ଜୀବନ ଯାତ୍ରା ଆରମ୍ଭ କରିହେବ। ତେବେ ବଡ଼ ଓ ଶକ୍ତିଶାଳୀ ଜୀବ ସିଂହର ଲାଙ୍ଗୁଡ ହୋଇ ନିଜକୁ ଅନ୍ୟର ଆଦେଶ ଓ ଅଧୀନରେ ରଖି କାର୍ଯ୍ୟ କରିବା ମାନସିକତା ମଧ୍ୟରୁ ନିଜକୁ ମୁକ୍ତ କରି ଛୋଟ ଜୀବ ଶୃଗାଳର ମୁଣ୍ଡ ହୋଇ ଶରୀରରେ ଥିବା ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ନିଜର ନିୟନ୍ତ୍ରଣକୁ ଆଣି ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବାର ଅନୁଭବ ଭିନ୍ନ।

**ବନ୍ଧାଲୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ଏ ହେଉଛି ନୂତନ ଭାରତ, ଯେଉଁଠି ଲୋକେ ଏବେ ବି ହାତରେ ମଳ ସଫା କରୁଛନ୍ତି, ଜାତି ବ୍ୟବସ୍ଥାରେ ସମାନତାରୁ ବଞ୍ଚିତ ହେଉଛନ୍ତି। ଏଭଳି ସମସ୍ୟା ବ୍ୟଥିତ କରିଛି ବିହାରର ରାମପୁରରେ ଜନ୍ମିତ ବିନ୍ଦେଶ୍ୱର ପାଠକଙ୍କୁ। ସେ ସମାନତା ଲାଗି ଲଢେଇ କରୁଛନ୍ତି, ହାତରେ ମଳ ସଫା କରିବା ପଦ୍ଧତିକୁ ଶେଷ କରିବା ଲାଗି ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ବିନ୍ଦେଶ୍ୱର ସୁଲଭ ସାନିଟେଶନ ମୁଭମେଣ୍ଟ ଆରମ୍ଭ କରିବା ସହ ସୁଲଭ ଇଣ୍ଟରନ୍ୟାଶନାଲ ସୋସିଆଲ ସର୍ଭିସ ଅର୍ଗାନାଇଜେଶନ ପ୍ରତିଷ୍ଠା କରିଛନ୍ତି। ପ୍ରାୟ ୫ ଦଶନ୍ଧି ପୂର୍ବରୁ ସେ ହାତରେ ମଳ ସଫା କରିବା ପ୍ରକ୍ରିୟାକୁ ଶେଷ କରିବା ଲାଗି ସୁଲଭ ସାନିଟେଶନ ମୁଭମେଣ୍ଟ ଆରମ୍ଭ କରିଥିଲେ। ସରକାର ପ୍ରତିଘରକୁ ପାଇଖାନା ଯୋଗାଇ ଦେବା ଯୋଜନା କରିବା ପୂର୍ବରୁ ସେ ଭାରତରେ ଲୋକଙ୍କ ଘରେ ପାଇଖାନ ନିର୍ମାଣ କରିବା ଆରମ୍ଭ କରିସାରିଥିଲେ। ୨୦୨୧ ସୁଦ୍ଧା ସେ ତାଙ୍କ ସଂସ୍ଥା ମାଧ୍ୟମରେ ୧.୫ ମିଲିୟନ ପରିବାରରେ ପାଇଖାନା ତିଆରି କରିସାରିଛନ୍ତି। କେବଳ ଏତିକି ନୁହେଁ, ଏହି ଅଭିଯାନରେ ସେ ବଞ୍ଚିତ ତଥା ହାତରେ ମଳ ସଫା କରୁଥିବା ସମୁଦାୟ ୫୦,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୮

- ବାଜପେୟୀ ସରକାରକୁ କ୍ଷମତାଚ୍ୟୁତ କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ଜନତା ପାର୍ଟି ନେତା ଶଙ୍କର ସିଂ ବାଘେଲାଙ୍କ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାରେ ଯୋଗଦାନ।
- କାବେରୀ ଜଳବଣ୍ଟନ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ସଂଶୋଧିତ ଚିଠା ଯୋଜନାକୁ ସୁପ୍ରିମ୍‌କୋର୍ଟଙ୍କ ଅନୁମୋଦନ।
- ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଯୌନ ଅପରାଧ ମାମଲାରେ ସଂଘୀୟ ଅଦାଲତର ବିଚାରମଣ୍ଡଳୀ ସମ୍ମୁଖରେ ହାଜର।

## ଭିନ୍ନ ସ୍ୱର: ଭିନ୍ନ ଯନ୍ତ୍ରଣା



ଡ. ନିର୍ମଳ ଚନ୍ଦ୍ର ଶୁରଦେଓ

ବର୍ତ୍ତମାନ ଆମେ ଆଉ ଆମର ହୋଇ ରହିନାହୁଁ। ପରିବେଶ, ପରିସ୍ଥିତି ଓ ସାମାଜିକ ବ୍ୟବସ୍ଥା ଆମକୁ ଧୀରେ ଧୀରେ ଗ୍ରାସ କରି ସାରିଲାଣି। ଆମେ ଏହାରି ସ୍ଥିତିରେ ହିଁ ଗତି କରୁଛୁ। ଭଲ କଥାଟିଏ ଅବା କାର୍ଯ୍ୟଟିଏ ସହଜରେ କରିପାରୁନା। ଏଥିପାଇଁ ଆମ ଚତୁଃପାର୍ଶ୍ୱରେ ରାବଣମାନେ ଜଗି ବସିଛନ୍ତି। ଏମାନେ ଚାହାନ୍ତି ଆମ ମତ, ଧର୍ମଭାବନା ବିରୋଧରେ କେହି କେବେହେଲେ ସ୍ୱର ଉଠାନ୍ତୁ ନାହିଁ। ସେପରି କିଛି କାର୍ଯ୍ୟ କରନ୍ତୁ ନାହିଁ।

ଭାରତବର୍ଷରେ ସବୁ ଧର୍ମ ସମାନ। ଏଠାରେ ହିନ୍ଦୁ, ଇସଲାମ୍, ଶିଖ୍, ବୌଦ୍ଧ, ଜୈନ ଆଦି ପ୍ରତ୍ୟେକ ଧର୍ମର ଲୋକେ ବାସକରନ୍ତି। ଆମ ସମ୍ବିଧାନ ବ୍ୟବସ୍ଥାରେ ମଧ୍ୟ ସବୁ ଧର୍ମକୁ ସମାନ ଅଧିକାର ପ୍ରଦାନ କରାଯାଇଛି। ଗୋଟିଏ ଉନ୍ନତ ଭାଇଚାରାର ଦେଶ ହେଉଛି ଭାରତ। ଏଠାରେ ମୁସଲମାନ ମଧ୍ୟ ଦଶହରା ପର୍ବ ପାଳନ କରନ୍ତି ଏବଂ ରମ୍‌ଜାନ ଓ ଇଦ୍‌ରେ ମୁସଲମାନ ମଧ୍ୟ ନିମନ୍ତ୍ରଣ କରିଥାନ୍ତି ହିନ୍ଦୁମାନଙ୍କୁ। ତଥାପି ମଧ୍ୟ ଗୋଷ୍ଠୀ ବିବାଦ, ଦଳୀୟ ଚିନ୍ତାଧାରାରେ ଆଜି ଆମେ ବାନ୍ଧି ହୋଇଯାଇଛେ। କେଉଁଠି କେଉଁଠି ଏଥିଯୋଗୁ ଅନେକ ଜୀବନ ଓ ଧନ ସମ୍ପତ୍ତିର କ୍ଷୟ ହେଉଛି। ମାତ୍ର ଏଥିପ୍ରତି କାହାରି ନିଘା ନାହିଁ। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ସମସ୍ତେ ବ୍ୟସ୍ତ। ବିଶେଷକରି ଧାର୍ମିକ ଉତ୍ତେଜନା ଦିନକୁ ଦିନ ଦେଶରେ ବଢ଼ିବାରେ ଲାଗିଛି। ଜାତିଗତ ହିଂସା ବି ବଢିବାରେ ଲାଗିଛି। ଏଇ ନିକଟରେ ହରିୟାଣାର ଏକ ଶୋଭାଯାତ୍ରାକୁ ନେଇ ହିଂସାରେ ବ୍ୟାପକ କ୍ଷତି ଘଟିଛି। ମଣିପୁର ହିଂସାରେ ଭାରତର ଛବି ମଳିନ ପଡ଼ିଯାଇଛି। ଲୋକଙ୍କ ସ୍ୱାଧୀନତା ସଙ୍କୁଚିତ କରାଯାଇଛି। ଏପରିସ୍ଥଳେ ଆମେ ଆମର ସାମ୍ବିଧାନିକ ବ୍ୟବସ୍ଥାକୁ କିପରି ସମ୍ମାନ ଜଣାଉଛେ ତାହା ପାଠକ ସହଜରେ ବିଚାର କରିପାରିବେ। ଅସହିଷ୍ଣୁ ଭାବ ଆଜି ଆମମାନଙ୍କ ମଧ୍ୟରେ ବହୁମାତ୍ରାରେ ଦେଖାଦେଇଛି। କାହାର ଭଲ ଆମେ ଦେଖିପାରୁନୁ। କିଏ ଉପରକୁ ଉନ୍ନତି କରିଗଲେ ଆମେ ତାଙ୍କୁ ପଛରୁ ଟାଣିବାକୁ ଆମର ସବୁ କଳ, ବଳ ଓ କୌଶଳ ଲଗାଇ ଦେଉଛୁ। ଅନ୍ୟର ପ୍ରଶଂସା ଓ ଉତ୍ଥାନ ଆମର ଏବେ ହଜମ ହେଉନାହିଁ। ଏହି ସମୟରେ ଆମର ସ୍ୱର ଭିନ୍ନ ହୋଇଯାଉଛି। ଆମର ଯନ୍ତ୍ରଣା ଏକ ଭିନ୍ନ ମୋଡ଼ ନେଉଛି। ଏହା ଆମପାଇଁ ଯେତିକି ବିପଦ, ଦେଶ ଜାତି ପାଇଁ ମଧ୍ୟ ସେତିକି ସଙ୍କଟ ସୃଷ୍ଟି କରୁଛି। ଏଥିରୁ ଆମକୁ କେତେ ଲାଭ ମିଳିବ ଅବା ଏହା ଦ୍ୱାରା ଆମର କ'ଣ ଉପକାର ହେବ ସେଥିପ୍ରତି ଆମର ନଜର ରହି ନ ଥାଏ। ଆମେ ଜାଣୁ ଅନ୍ୟକୁ ବିରୋଧ କରିବା ଆମର ମୂଳମନ୍ତ୍ର।

ଏହି ଧର୍ମୀୟ ଗୋଷ୍ଠୀ କନ୍ଦଳ ବ୍ୟତୀତ ଆଉ ଗୋଟିଏ ଚିତ୍ର ଆମ ଆଗକୁ ଆସୁଛି।



ମଣିପୁରରେ ଦୁଇ ଆଦିବାସୀ ମହିଳାଙ୍କୁ ଉଲଗ୍ନକରି ରାଜରାସ୍ତାରେ ଚଲାଇଚଲାଇ ନେବା ସବୁ ନୀତିହୀନତାକୁ ଟପିଯାଇଛି। ଏହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଥରେ ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ–'ଯେଉଁଦିନ ରାତିରେ ଜଣେ ମହିଳା ଏକାକୀ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇପାରିବ, ସେଦିନ ଆମେ ପ୍ରକୃତ ସ୍ୱାଧୀନତା ପାଇଛୁ ବୋଲି ଅନୁଭବ କରିବା'। ଏହି କଥାଟି ଏକବିଂଶ ଶତାବ୍ଦୀରେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଆମ ଦେଶର ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରି ନିଜ ଦକ୍ଷତାର ପ୍ରମାଣ ବିଭିନ୍ନ ସମୟରେ ଦେଇଛନ୍ତି। ଏହା ସତ୍ତ୍ୱେ ସେମାନେ ଏପରି ଲାଞ୍ଛିତ ହେବା ପରିତାପର ବିଷୟ ନିଶ୍ଚିତ। ଏଥିଯୋଗୁ ଆମେ ଏହି ଆଲୋଚନାର ପ୍ରଥମରୁ କହିରଖିଛୁ– ଆମେ ଆଉ ଆମର ହୋଇନାହୁଁ। ଆମେ ଜାଣୁଛୁ ଏହା ମହିଳାମାନଙ୍କ ପ୍ରତି ଅସମ୍ମାନ। ସେମାନଙ୍କ ଜାତିପ୍ରତି ଦାରୁଣ କୁଠାରାଘାତ। ତଥାପି ଆମେ ଏସବୁ କୁକର୍ମ କରିବାକୁ ଅଣ୍ଟା ଭିଡି ବାହାରି ପଡୁଛୁ। ଏସବୁ ପରିସ୍ଥିତି ଦେଖି, ଏସବୁ ଦୃଶ୍ୟ ଅନୁଭବ କରି ଆମେ ତଥାପି ନିଦାବିଷ୍ଟ ପାଲଟିଛୁ। କ'ଣ କରିବା ଉଚିତ, କ'ଣ ନ କରିବା ଉଚିତ ସେଥିପ୍ରତି ଆମେ ଗୁରୁତ୍ୱ ଦେଉନା। ଭଲ ମଣିଷ ଆଜି ଆମ ପାଖରେ ନାହାନ୍ତି।

ଏଇଠି ଗୋଟିଏ କଥା ମନକୁ ଆସୁଛି: ଥରେ କେତେକ ପିଲା ଗୋଟିଏ ପଡିଆରେ କ୍ରିକେଟ ଖେଳୁଥାନ୍ତି। ବ୍ୟାଟିଂ କରୁ କରୁ ବଲ୍‌ଟି ଜଣେ ଭଦ୍ରବ୍ୟକ୍ତିଙ୍କ ବଗିଚାରେ ପଡିଲା। ଖେଳୁଥିବା ପିଲାଙ୍କ ମଧ୍ୟରୁ ଜଣେ ପିଲା ବଲ୍‌ଟି ଆଣିବାକୁ ସେହି ବ୍ୟକ୍ତିଙ୍କ ଗେଟ୍ ଖୋଲି ଯିବା ବେଳେ ସେ ଘରମାଲିକ ତାକୁ ପାଟିକରି ତାଗିଦ କରିବାରୁ ପିଲାଟି ନୀରବରେ ଫେରିଆସିଥିଲା। କିଛି ବର୍ଷ ବିତିଯାଇଛି, ପିଲାମାନେ ସେହି ପଡିଆରେ ଖେଳୁଥିବା ବେଳେ ପୁଣି ବଲ୍‌ଟି ସେହି ବ୍ୟକ୍ତିଙ୍କ ବଗିଚାରେ ଯାଇ ପଡିଛି। ପିଲାଟିଏ ଗେଟ୍ ଫିଟାଇ ଭିତରକୁ ଗଲା। ଏହି ସମୟରେ ଜଣେ ବୃଦ୍ଧ ପିଲାଟିକୁ କ'ଣ ହେଲା, କୁଆଡ଼େ ଆସିଛ ବୋଲି ସ୍ନେହରେ ପଚାରିଲେ। ପିଲାଟି ପାଖ ପଡ଼ିଆରେ ସେମାନେ ଖେଳୁଥିବା ବଲ୍‌ଟି ଏହି ବଗିଚାରେ ପଡିଯାଇଥିବା କହିଲା। ବୃଦ୍ଧ ଜଣକ ପିଲାଟିକୁ କହିଲେ ଖୋଜି ନେ।

ଏଥିରୁ ପାଠକେ ଉପଲବ୍ଧି କରୁଥିବେ– ସମୟ ସବୁବେଳେ ସମାନ ଯାଏ ନାହିଁ। ଏବେ ଆଲୋକ ତ' ପରେ ଅନ୍ଧାର ନିଶ୍ଚିତ। କହି ରଖିଲେ ଭଲ ହେବ–ସମ୍ପୃକ୍ତ ବୃଦ୍ଧଜଣକ ସେତେବେଳେ ଥିଲେ ଆଇଏଏସ୍। ସେ ସମୟର ତେଜ ଏବେ ତାଙ୍କ ନିକଟରେ ନିଷ୍ପ୍ରଭ ହୋଇଯାଇଛି ; ଯାହା ତାଙ୍କ ଚଳଣି ଓ ବ୍ୟବହାରରେ ପରିଲକ୍ଷିତ ହୋଇଛି।

ସମୟକୁ ଯଦି ଆମେ ସମ୍ମାନ ଦେବା ତା' ହେଲେ ଆମେ ଆମରି ସ୍ୱର, ଆମ ପରିଧି ଭିତରେ ସୁଖରେ ରହିପାରିବା।

**ପୁରୁଣା ସହର, ନୟାଗଡ**
**ମୋ:୯୯୩୮୩୦୯୬୫୨**

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | | | | | |
| | 2 | | 3 | | | | | |
| 4 | | 3 | 2 | | | 8 | 9 | |
| 3 | | 7 | | | | | | 6 |
| 5 | | | 1 | | | | 3 | |
| | | | | | | | | 1 |
| 7 | | | | | | 4 | | |
| | 6 | 4 | | 5 | | | | 8 |
| | | | | | 6 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 7 | 8 | 3 | 6 | 2 | 1 | 4 |
| 4 | 8 | 1 | 7 | 2 | 9 | 5 | 6 | 3 |
| 2 | 6 | 3 | 1 | 5 | 4 | 9 | 8 | 7 |
| 1 | 2 | 9 | 4 | 7 | 5 | 6 | 3 | 8 |
| 8 | 4 | 5 | 3 | 6 | 2 | 7 | 9 | 1 |
| 3 | 7 | 6 | 9 | 8 | 1 | 4 | 5 | 2 |
| 9 | 3 | 2 | 6 | 4 | 8 | 1 | 7 | 5 |
| 7 | 1 | 4 | 5 | 9 | 3 | 8 | 2 | 6 |
| 6 | 5 | 8 | 2 | 1 | 7 | 3 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନାସ୍ଥା ପ୍ରସ୍ତାବ ନୀତିଶିକ୍ଷା ହେଲା

ମହାଶୟ,

କେନ୍ଦ୍ର ସରକାରଙ୍କ ବିରୋଧରେ ବିରୋଧୀ ଇ–ଣ୍ଡି–ଆ ମେଣ୍ଟ ଲୋକ ସଭାରେ ଆଗତ କରିଥିବା 'ଅନାସ୍ଥା ପ୍ରସ୍ତାବ' ଭାଜପା ପାଇଁ ଏକ ରାଜନୈତିକ ନୀତିଶିକ୍ଷା। ମଣିପୁରର ଅପାରଗ ସରକାରଙ୍କ କର୍ତ୍ତୃତ୍ୱ ଲୁଚାଇବା ପାଇଁ ଭାରତର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିକାଶ ଅଭିବୃଦ୍ଧିର ଭାବଧାରାକୁ ବାଜି ଲଗାଇବା ଉଚିତ ନୁହେଁ। ଏହାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ହେବ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାରଙ୍କୁ। ବଡ଼ ବିଷୟ ହେଲା, ମଣିପୁରରେ ଭାଜପା ସରକାର ରହିଥିବା ବେଳେ ପୋଲିସ କିମ୍ବା ସ୍ଥାନୀୟ ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପଦକ୍ଷେପ ନେବାରେ ଆଗଭର ହୋଇ ନ ଥିଲେ। କେନ୍ଦ୍ର ସରକାର ଏଇ ହିଂସାତ୍ମକ ବର୍ବରତା ଘଟଣା ମେ' ୪ରୁ ଘଟିଥିଲେ ସୁଦ୍ଧା ଜାଣିଶୁଣି ମଣିପୁର ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ବରଂ ଏହା ପରିବର୍ତ୍ତେ ମାସ ମାସ ଧରି ନୀରବ ଦର୍ଶକ ସାଜିବା ଏବଂ ୨ ମହିଳାଙ୍କୁ ବିବସ୍ତ୍ର କରି ନିର୍ଯାତନା ଦେବା ଘଟଣାର ଭିଡିଓ ଭାଇରାଲ ହେବାପରେ ଘଟଣାକୁ ନିନ୍ଦନୀୟ ବୋଲି କହି ସିବିଆଇ ତଦନ୍ତ କରାଯିବ କହିବା ଯୁକ୍ତିଯୁକ୍ତ ମନେହୁଏ ନାହିଁ। ଏହା ଅତ୍ୟନ୍ତ ହାସ୍ୟାସ୍ପଦ, ଦୁଃଖଦାୟକ, ଦୁର୍ଭାଗ୍ୟଜନକ ଏବଂ ଲଜ୍ଜାଜନକ। ଲୋକ ସଭାରେ ଆଗତ ଅନାସ୍ଥା ପ୍ରସ୍ତାବ ଯୁକ୍ତିଯୁକ୍ତ ଓ ଯଥାର୍ଥ ଥିଲା। ପ୍ରଧାନମନ୍ତ୍ରୀ ମୁହଁ ଖୋଲିବାକୁ ବାଧ୍ୟ ହେଲେ, କିନ୍ତୁ ମଣିପୁର ସ୍ଥିତି ବଦଳିଲା ନାହିଁ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୁହେଁ ନୁହେଁ ଅକାରଣ ଅର୍ଦ୍ଧସ୍ଫୁଟ ଆହତ ମଞ୍ଜରୀ
ଅପ୍ରକାଶ ବାଣୀ ଯେତେ ମିଳାଇଛି,
ହୋଇନାହିଁ ଧରି
ପ୍ରତି ଅଣୁ ପରମାଣୁ ନୋହେ ଅକାରଣ,
କୋଟି କୋଟି ଜୀବନ ମରଣ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ କଲେ ଉତ୍ସାହିତ

**ଭବାନୀପାଟଣା,୧୭।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାକୁ ଗୁରୁବାର ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦିନିକିଆ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବା ସହ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ପ୍ରଥମେ ସେ ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ସିନାଖୁଣ୍ଟି ଗ୍ରାମର ଚାଷୀ ମନ୍ମଥ ଗଜାନନ ସାହୁଙ୍କ ସମନ୍ୱିତ ଚାଷ ପ୍ରଣାଳୀ ଯୋଜନାରେ ଅନ୍ତର୍ଭୁକ୍ତ ଫାର୍ମ ପରିଦର୍ଶନ କରି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଦେଦର ପଞ୍ଚାୟତରେ ୪୦ ହେକ୍ଟର ଜମିରେ ପାମ ତୈଳ ଚାଷ ବୁଲି ଦେଖିବା ସହ ଭବାନୀପାଟଣା ବ୍ଲକ ସାନଖଏରମାଳ ଗ୍ରାମରେ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ, କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଉପସ୍ଥିତିରେ ମନ୍ତ୍ରୀ ସ୍ୱାଇଁ କୃଷି, ପ୍ରାଣୀସମ୍ପଦ, ଉଦ୍ୟାନ, ଜଳଛାୟା, ସମବାୟ ବିଭାଗର ଅଧିକାରୀଙ୍କୁ ନେଇ ଜିଲାରେ ପ୍ରଣୟନ ହେଉଥିବା ବିଭିନ୍ନ ସ୍କିମ, ଚାଷୀଙ୍କ ଉନ୍ନତି, କ୍ଷେତ୍ର



କୃଷି ମନ୍ତ୍ରୀ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## କୃଷି ମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତ

କର୍ମଚାରୀଙ୍କ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଗସ୍ତ ସମୟରେ କ୍ଷେତ୍ରରେ ଚାଷୀମାନେ ସାମନା କରୁଥିବା ବିଭିନ୍ନ ଅସୁବିଧାକୁ ଉଲ୍ଲେଖ କରି ଏହାର ନିରାକରଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କୋରାପୁଟରେ ଯେଭଳି କଫି ଚାଷ ଆଖିଦୃଶିଆ ଉନ୍ନତି କରିଛି ତାର ଉଦାହରଣ ଦେଇ କଳାହାଣ୍ଡି ଜିଲାରେ ଏହାକୁ ବ୍ୟାପକ କରିବାକୁ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କହିଥିଲେ। ସର୍ବୋପରି ଜିଲାରେ ସମନ୍ୱିତ ଚାଷ ପ୍ରଣାଳୀ, ମିଶ୍ରିତ ଚାଷକୁ ଗୁରୁତ୍ୱ ଦେବା ସହ ସର୍ବୋତ୍ତମ ଉର୍ବର ମୃତ୍ତିକାର ଅଧିକାରୀ ଏହି ଜିଲା ଚାଷ କ୍ଷେତ୍ରରେ ରାଜ୍ୟରେ ଏକ ନୂତନ ଉଦାହରଣ ସୃଷ୍ଟି କରୁ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ସନ୍ତୋଷ ପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଜିଲା ଉଦ୍ୟାନ ଅଧିକାରୀ କିଶୋର ମହାଲିଙ୍ଗ, ଡିଆରସିଏସ ପ୍ରମୋଦ କୁମାର ସାହୁ, ପିଡି ଡିଆଇପିଆରଓ ମନୋଜ ବେହେରା, ସିଡିଭିଓ, ଉପ ନିର୍ଦ୍ଦେଶକ ମତ୍ସ୍ୟ ବିଭାଗ, ଜୁନାଗଡ, କେସିଙ୍ଗା ଓ ଧର୍ମଗଡ ଆରଏମସି ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ପିଇଓଙ୍କ ଅନିର୍ଦ୍ଦିଷ୍ଟକାଳ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭବାନୀପାଟଣା,୧୭।୮ (ଉତ୍ତମ କୁମାର ଦାଶ)**

ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ୨ଦଫା ଦାବି ନେଇ ଗତ ୭ରୁ ୧୭ ତାରିଖ (ଗୁରୁବାର) ପର୍ଯ୍ୟନ୍ତ କଳାହାଣ୍ଡି ଜିଲାର ୧୩ଟି ବ୍ଲକର ପିଇଓମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିଲେ। ନିର୍ଦ୍ଧାରିତ ସମୟରେ ସରକାର ପିଇଓ ସଂଘର ୨ ଦଫା ଦାବି ନ ଶୁଣିବାରୁ ଶେଷରେ ସଂଘ ନିଷ୍ପତ୍ତିକ୍ରମେ ଶୁକ୍ରବାର(ଆଜି)ଠୁ ଅନିର୍ଦ୍ଦିଷ୍ଟକାଳ ପାଇଁ ପିଇଓ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ। ଏପରିସ୍ଥଳେ ଭବାନୀପାଟଣା ସଦର ବ୍ଲକରେ ପିଇଓ ସଂଘ ପକ୍ଷରୁ ସ୍ଥାନୀୟ ବିଡିଓ ପ୍ରୀତା କୁମାରଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ ୩କୁ ବୃଦ୍ଧି କରିବା ଓ ଓପିଆରଏସ କ୍ୟାଡର ରୁଲରେ ପିଇଓଙ୍କୁ ସାମିଲ କରିବା ଆଦି ଦାବି ରହିଥିଲା। ଦାବିପତ୍ର ପ୍ରଦାନ ସମୟରେ ସଦର ବ୍ଲକ ପିଇଓ ସଂଘ ସଭାପତି ପଦ୍ମନାଭ ସିଂ, ସାଧାରଣ ସମ୍ପାଦକ ଗୌରାଙ୍ଗ ମାଝି, କୋଷାଧ୍ୟକ୍ଷ ପ୍ରଦୀପ ମିଶ୍ର, ଜିଲା ସଙ୍ଗଠନ ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ପିଇଓମାନେ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.:ଏମ୍‌ଇସିଏଚ୍‌ସିକେପି-୨୩-୨୪-୨୧, ତାରିଖ: ୧୬।୦୮।୨୦୨୩ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** କୋଚିଂ ଡିପୋ ରାଉରକେଲାର ୨୫୦ କେଭିଏ କ୍ୟାକ୍‌ସନ ମେକ୍ (ଇଞ୍ଜିନ-କମିନ୍ସ) ଡିଜିର ମରାମତି । **ଟେଣ୍ଡର ମୂଲ୍ୟ:** ₹୫,୧୮,୦୪୦.୪୮; **ବିଡ୍ ଅମାନତ:** ₹୧୦,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ୍ୟ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୦୫।୦୯।୨୦୨୩ ୧୫.୦୦ ଘଣ୍ଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-520)**

**ADVERTISEMENT**

Date 02.08.2023

**"Ref. No. Advertisement /Trimaster/NTPC-DARLIPALI/290**

**Sub.:** Advertisement for the agency against the outstanding payment of the workers Project:- Construction power supply arrangement with 2 numbers 33 KV feeders from 132/33 KV Remja, GSS Brajrajnagar of OPTCL for Darlipali STPP in Odisha. Ref. PO No. 5500020296-065-1053 Dt.18.06.2015 This is notifying that Some agencies have done the work with M/s. Trimaster Pvt. Ltd. (Formally Known C&S Electric Ltd.) from Jan' 2015 to Feb' 2018 for the Project of 33KV Line work from Remja Grid to NTPC Darlipali Plant. The agencies have not taken the worker payment appx. Amount Rs.35,545/- which is pending in M/s. Trimaster Pvt. Ltd. End. All agencies have requested kindly collected their outstanding payment within one-week time of this advertisement, please contact undersign otherwise we understand that there is no outstanding payment of the agencies from the M/s. Trimaster Pvt. Ltd. The Details of agencies & worker name with amount are as under."

**Worker Name with Agency details**

1. Dinesh Kol - Rs.1005/-, Karan Kol - Rs.1005/-, Puran Kol - Rs.1005/-, Niraj Pandey - Rs.1053/- (Agency Name: Mithila Power Construction). 2. Surendra - Rs.1196/-, Binod Patel - Rs.2504/, Akash Patel - Rs.1579/- (Agency Name: Vardhan Engineers and S.S Construction). 3. Udit Patel - Rs.3399/-, Ranjan Rohidas - Rs.1675/, Hare Krushna Swain - Rs.3131/, Debendra Swain - Rs.2441/-, Ashfaque Ansari - Rs.766/-, Satya Ranjan Choudhury - Rs.1914/- (Agency Name: Devashish Enterprises). 4. Sunil Choudhari - Rs.1149/-, Pradip Kumar Choudhari - Rs.957/-, Aditya Kumar Mahla - Rs.1196/-, Bhola Choudhari - Rs.909/-, Sandip Kumar Choudhari - Rs.1196/-, Ramashish Chudhari - Rs.957/-, Chandu Kumar Chaudhari - Rs.957/-, Saryu Chaudhari - Rs.1005/-, Ramachandar Choudhuri - Rs.1101/-, Vidyasagar Nishad - Rs.1196/-, Styaban Sahu - Rs.1149/-, Nilanchal Naranga - Rs.1101/- (Agency Name: Kalyani Construction).

**Nawab Khan (Trimaster Pvt. Ltd.)**
**Mobile No. 9953888200, Email: nawab.khan@trimaster.co.in.**

# ୨ ଦିନିଆ ଖାଦ୍ୟମେଳା ଉଦ୍‌ଯାପିତ

**କର୍ଲାମୁଣ୍ଡା,୧୭।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ରଜୀବ ଗାନ୍ଧୀ ସଭାଗୃହଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ଚାଲିଥିବା ଦୁଇ ଦିନିଆ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ସିଡିପିଓ ଜି. ଗୁଡ଼ଲା, ବିଡିଓ ସୁଚରିତା ମୁଗ୍ରୀ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଆଇସିଡିଏସ ସୁପରଭାଇଜର କୁସୁମ ମଞ୍ଜରୀ ପଣ୍ଡା, ସୁପୋଷଣ ପ୍ରକଳ୍ପ ବ୍ଲକ ସଂଯୋଜକ ସୁରଜିତ ଧଙ୍ଗଡାମାଝି, ସ୍ଥାନୀୟ ସରପଞ୍ଚ ଖିତିସୁତା ସାହୁ, ସମିତି ସଭ୍ୟା ରୀମା ସାହୁ, ମିଶନଶକ୍ତି ବ୍ଲକ ଫେଡରେଶନ ସଭାନେତ୍ରୀ ଜୟନ୍ତୀ ସାହୁ, ଉପସଭାନେତ୍ରୀ ସୁଷମା ରଣା, କୋଷାଧ୍ୟକ୍ଷ ଜାହ୍ନବୀ ସାହୁ, ଗ୍ରାମ କୃଷି କର୍ମୀ ଲୋକନାଥ ନାଗ, ମିଲେଟ ମିଶନ ପ୍ରକଳ୍ପ ବିପିସି ଜଗଦୀଶ ପ୍ରସାଦ ରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏବିପିସି ପ୍ରଦୀପ କୁମାର ସାହୁ, ସିଆରପି ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ଧୁରାବନ ବାଗ, ଭାନୁମତି ପ୍ରଧାନ ଅୟୋଜନ କରିଥିବା ବେଳେ ପଞ୍ଚାୟତ ଫେଡରେଶନ ସଭାନେତ୍ରୀ ସଜନାବତୀ ସାହୁ, ସମ୍ପାଦିକା ସୁପ୍ରଭା ସାହୁ, ନିଲେନ୍ଦୀ ସାହୁ, କୈଇଁନ୍ତି ମାଝି, ତିରଞ୍ଜି ମେର୍ଲି, ଦ୍ରୋଣ ସାହୁ ସହଯୋଗ କରିଥିଲେ। ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆବରା, ସିଙ୍ଗଡ଼ା, ମିକ୍ଚର, ଲଡୁ, ମାଲପା, ବିସ୍କୁଟ, କେକ ଓ କାଙ୍ଗୁ ବିସ୍କୁଟ, କୋଦୋ କ୍ଷୀରି, ମାଣ୍ଡିଆ ପଣା ପ୍ରଭୃତି ବେଶ ଆକର୍ଷଣୀୟ ହୋଇଥିଲା।

# ରାଜ୍ୟ ସଭା ସଦସ୍ୟ, ଜିଲାପାଳଙ୍କୁ ଦାବିପତ୍ର

**କେସିଙ୍ଗା,୧୭।୮(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୋଣାର୍କ ସୂତାକଳରେ ନୂତନ ପରିଚାଳକ ନିର୍ଦ୍ଦେଶକଙ୍କ ନିଯୁକ୍ତି ଓ ସୂତାକଳ ରୂପାନ୍ତର ପାଇଁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ଜିଲାପାଳଙ୍କୁ କୋଣାର୍କ ସୂତାକଳ କର୍ମଚାରୀ ଓ ଶ୍ରମିକ ସଂଘ ଭବାନୀପାଟଣାରେ ବୁଧବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। କୋଣାର୍କ ସୂତାକଳ ପରିଚାଳକ ନିର୍ଦ୍ଦେଶକ ଅନୀଲ କୁମାର ଦୋରାଙ୍କ ଅକାଳ ବିୟୋଗ ପରେ ସୂତାକଳ ପରିଚାଳନା କ୍ଷେତ୍ରରେ ବହୁ ଅସୁବିଧା ହେଉଉଛି। ଏଠାରେ ଯଥାଶୀଘ୍ର ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ପାଇଁ ଦାବି କରାଯାଇଛି। ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି ସୂତାକଳ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି। କପା ଫସଲ ଅମଳ ସମୟରେ ବହୁ ଅମଳ ହୋଇ ଏହି ମିଲରେ ଜିନିଙ୍ଗ ହୋଇ ବାହାର ରାଜ୍ୟକୁ ଯାଉଛି। ରାଜ୍ୟ ସରକାର ଦୃଷ୍ଟି ଦେଲେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ପାଇବେ। ଏହି ଅଞ୍ଚଳରେ କପାକୁ ଜିନିଙ୍ଗ କରି ଅନ୍ୟ ରାଜ୍ୟକୁ ପଠାଯାଉଛି। ଏହି ଅଞ୍ଚଳରେ କୁଟୀର ଶିଳ୍ପ ନିର୍ମାଣ କଲେ ମହିଳା, ଯୁବକ, ଯୁବତୀମାନେ ଘରେ ବସି କାମ କରି ରୋଜଗାରକ୍ଷମ ହୋଇ ପାରିବେ। ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ଜିଲାପାଳଙ୍କ ନିକଟରେ କୋଣାର୍କ ସୂତାକଳ କର୍ମଚାରୀ ଶ୍ରମିକ ସଂଘ ଉପସଭାପତି ସୁରେଶ ରାଓ, ସାଧାରଣ ସମ୍ପାଦକ ଜୋନାଥନ ନାଏକ, ଯୁଗ୍ମ ସମ୍ପାଦକ ଅମରେଶ ସେଠୀ, ପୂର୍ବତନ କର୍ମଚାରୀ ସଂଯୁକ୍ତା ନାଏକ, ପବିତ୍ର କୁମାର ପ୍ରମୁଖ ଦାବି କରିଛନ୍ତି।

## କେସିଙ୍ଗା କୋଣାର୍କ ସୂତାକଳ

■ନୂତନ ଏମ୍‌ଡି ନିଯୁକ୍ତି, ରୂପାନ୍ତର ପାଇଁ ଦାବି

# ବୁଢ଼ୀପଦରକୁ ମିଳିଲା ରାଜସ୍ୱ ଗ୍ରାମ ସ୍ୱୀକୃତି

**କେସିଙ୍ଗା,୧୭।୮(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମପଞ୍ଚାୟତ ବୁଢ଼ୀପଦର ଗ୍ରାମକୁ ରାଜ୍ୟ ସରକାର ରାଜସ୍ୱ ଗ୍ରାମ ଭାବେ ଗୁରୁବାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଗ୍ରାମର ପ୍ରହରୀ ମଣ୍ଡପରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରି ରାଜସ୍ୱ କର୍ମଚାରୀଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଗ୍ରାମବାସୀ ଛତା ଧରି କେସିଙ୍ଗା ଓ ନର୍ଲା ବ୍ଲକ, ବାଲସି-ବୁଢ଼ୀପଦର ଗ୍ରାମରୁ ସୀମା ନିର୍ଦ୍ଧାରଣ କରାଯାଇଥିଲା। ବୁଢ଼ୀପଦର ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିଲେ। ଜିଲାପାଳ ରାଜ୍ୟ ସରକାରଙ୍କ ନିକଟକୁ ସର୍ଭେ କରି ପଠାଇଥିଲେ। ମୁଖ୍ୟମନ୍ତ୍ରୀ ରାଜସ୍ୱ ଗ୍ରାମର ମାନ୍ୟତା ସ୍ୱୀକୃତି ପ୍ରଦାନ କରିଥିବାରୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଓ ଜିଲାପାଳ, ତହସିଲଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଯୁଗେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଶିରୋଲ ରାଜସ୍ୱ ନିରୀକ୍ଷକ ଡିଙ୍ଗର ପୁଟେଲ, ସହକାରୀ ରାଜସ୍ୱ ନିରୀକ୍ଷକ ଶୁଭ ଚିନ୍ତକ ନାୟକଙ୍କ ସମେତ ବାଲସି ସରପଞ୍ଚ ଭରତୀ ସୁନା, ଭାବନୀ ସାହୁ, ୱାର୍ଡ ସଭ୍ୟ ବିରଞ୍ଚି ସାହୁ, ନବୀନ ସାହୁ, କବିଧାରୁଆ ପ୍ରମୁଖ ଗ୍ରାମବାସୀଙ୍କ ଉପସ୍ଥିତରେ ପ୍ରସ୍ତାବିତ ନୂତନ ମୌଜାର ସୀମା ନିର୍ଦ୍ଧାରଣ କରାଯାଇଥିଲା।

# ମାଟିରେ ମିଶିଲା ଗଞ୍ଜେଇ ବେପାରୀଙ୍କ ଘର



ଭଙ୍ଗାଯାଇଥିବା ଘନଶ୍ୟାମଙ୍କ ଘର ।

**ସଇଁତଳା,୧୭।୮(ରାଖାଲ ପ୍ରସାଦ ଶତପଥୀ):** ବଲାଙ୍ଗୀର ଜିଲା ସଇଁତଳା ଥାନା ଅଧୀନ ଫପସି ଛକ ନିକଟ ସରକାରୀ ଜମିରେ ଗଢି ଉଠିଥିବା ଗଞ୍ଜେଇ ବେପାରୀ ଘନଶ୍ୟାମ ଜେନାଙ୍କ ଅଟ୍ଟାଳିକାକୁ ପ୍ରଶାସନ ଜେସିବି ଲଗାଇ ଭାଙ୍ଗିଦେଇଛି। ଗୁରୁବାର ଏସ୍‌ପି ଖିଲାରୀ ରିଷିକେଶଙ୍କ ନିର୍ଦ୍ଦେଶକ୍ରମେ ସଇଁତଳା ତହସିଲଦାର ତଥା ମାଜିଷ୍ଟ୍ରେଟ ମନସଫିଲ କେରକେଟାଙ୍କ ଉପସ୍ଥିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସୂଚନାମତେ ଗତ ଜୁନ ମାସ ୩ତାରିଖ ରାତିରେ ଟିଟିଲାଗଡ଼, ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ଓ ପୋଲିସ ମିଳିତଭାବେ ଚଢ଼ାଉ କରି ସଇଁତଳା ଫପସି ଗ୍ରାମରେ ଥିବା ଘନଶ୍ୟାମ ଜେନାଙ୍କ ଘରୁ ୬କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ବ୍ରହ୍ମପୁର ଅଞ୍ଚଳର ଘନଶ୍ୟାମଙ୍କ ବାପା ବଡ଼ମାଲ ଗୋଳାବାରୁଦ କାରଖାନା ଗେଟ ନିକଟରେ ସରକାରୀ ଜମି କବ୍‌ଜା କରି ଘର ନିର୍ମାଣ କରିବା ସହ ସେଠାରେ ଏକ କବାଡ଼ିଖାନା କରିଥିଲେ। ପରେ ଉକ୍ତ ସ୍ଥାନରେ ଘନଶ୍ୟାମ ଗତ ୫ବର୍ଷ ହେଲା ଗଞ୍ଜେଇ କାରବାର ଚଳାଇ ଆସୁଥିଲେ। ନିକଟରେ ଥିବା ସରକାରୀ ଜମିରେ ଏକ ବିଳାସପୂର୍ଣ୍ଣ କୋଠା ନିର୍ମାଣ କରିଥିଲେ। ସରକାରୀ ଜମିରେ ଘର ନିର୍ମାଣ କରି ଗଞ୍ଜେଇ ବେପାର କରୁଥିବା କାରଣରୁ ପ୍ରଶାସନ ଏହାକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲା। ଗତ ତା୧୧।୭।୨୦୨୩ରିଖରେ ସମ୍ପୃକ୍ତ ଘରକୁ ଏକମାସ ମଧ୍ୟରେ ଖାଲି କରିବାକୁ ନୋଟିସ୍ ଜାରି କରାଯାଇଥିଲା ।

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବୈଧାନିକ ନିକାଶ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍ : www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

**ଉର୍ଜା ମିତ୍ରଙ୍କ ତାଲିକାଭୁକ୍ତୀକରଣ**

ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଯୋଗାଇବା ପାଇଁ ବଛା ବଛା ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟରରେ 'ଉର୍ଜା ମିତ୍ର' ଭାବେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ପାଇଁ ଅଭିଜ୍ଞତାସମ୍ପନ୍ନ ପ୍ରମାଣିତ ଶକ୍ତି ସମୀକ୍ଷକ (ସିଇଏ)ଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।

ତାଲିକାଭୁକ୍ତୀକରଣ ଏକବର୍ଷ ଅବଧି ପାଇଁ ହେବ ଏବଂ ସର୍ବାଧିକ ଦୁଇ ବର୍ଷ ଅବଧି ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରିବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କର ମୁଖ୍ୟ କାର୍ଯ୍ୟପ୍ରଦର୍ଶନ ସୂଚକାଙ୍କ (କେପିଆଇ)ରେ ସନ୍ତୋଷଜନକ କାର୍ଯ୍ୟପ୍ରଦର୍ଶନ ଏବଂ ପ୍ରକଳ୍ପର ଭବିଷ୍ୟତ ଆବଶ୍ୟକତା ଉପରେ ନିର୍ଭର କରିବ ।

ତାଲିକାଭୁକ୍ତୀକରଣର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅଭିଜ୍ଞତା ଇତ୍ୟାଦି ଶକ୍ତି ଦକ୍ଷତା ବ୍ୟୁରୋ ୱେବ୍‌ସାଇଟ୍ **www.beeindia.gov.in**ରୁ ଡାଉନ୍‌ଲୋଡ୍ କରାଯାଇପାରିବ ।

ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଗ୍ରହୀ ଆବେଦନକାରୀମାନେ ନିଜର ଆତ୍ମ ବିବରଣୀ, ୨ଟି ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍, ପ୍ରମାଣପତ୍ର/ମାର୍କଶିଟ୍‌ର ସେଲ୍‌ଫ-ଆଟେଷ୍ଟେଡ୍ ନକଲ ତଥା ସେମାନଙ୍କର ଯୋଗ୍ୟତା ଓ ଅଭିଜ୍ଞତା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ସହିତ ଦୁଇଟି ରେଫରେନ୍ସ ଅଗ୍ରଣୀ ଖବରକାଗଜରେ ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସଚିବ, ଶକ୍ତିଦକ୍ଷତା ବ୍ୟୁରୋ, ୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ସେକ୍ଟର-I, ନୂଆଦିଲ୍ଲୀ-୧୧୦୦୬୬ଙ୍କ ନିକଟକୁ ପଠାଇପାରିବେ ।

CBC 34106/12/0007/2324 — ସଚିବ, ବିଇଇ

**ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ**
(ସଂସଦର ଏକ ଅଧିନିୟମ ଦ୍ୱାରା ଗଠିତ ଏକ ବୈଧାନିକ ସଂସ୍ଥା)
କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
ଏନ୍‌ଏଏସ୍‌ସି କମ୍ପ୍ଲେକ୍ସ, ଡିପିଏସ୍ ମାର୍ଗ,
ତୋଡାପୁର ଗ୍ରାମ ସମ୍ମୁଖ, ନୂଆଦିଲ୍ଲୀ ୧୧୦୦୧୨
PPVFRA

**ଶେଷ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏହା ଉଦ୍ଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର ଏବଂ ଉଦ୍ଭିଦ ଜିନୋମ୍ ଉଦ୍ଧାରକ କୃଷକ ସମ୍ମାନ ଓ ସ୍ୱୀକୃତି ୨୦୨୨-୨୩ ପାଇଁ କୃଷକ ସମୁଦାୟ ଏବଂ ବ୍ୟକ୍ତିବିଶେଷ କୃଷକଙ୍କଠାରୁ ଦରଖାସ୍ତ ଆହ୍ୱାନ ନିମନ୍ତେ ମେ ୧୭, ୨୦୨୩ରେ ପ୍ରକାଶିତ ବିଜ୍ଞାପନ ସନ୍ଦର୍ଭରେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ଅଗଷ୍ଟ ୧୬, ୨୦୨୩ ଥିଲା । କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଦରଖାସ୍ତ ଗ୍ରହଣର ତାରିଖକୁ ସେପ୍ଟେମ୍ବର ୩୦, ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

(ଯୁକେ ଦୁବେ)
CBC 01146/12/0003/2324 — ଉପ ନିବନ୍ଧକ

**EXTRAORDINARY GAZETTE**

**OFFICE OF THE SPECIAL PLANNING AUTHORITY, PHULBANI**

**At: Town Planning Unit, Phulbani, UCO Bank Road, Hatapada, Near Ram Mandir, Phulbani - 762001, Phone No.: 06842-253539, E-Mail: plbtpu@gmail.com**

**NOTIFICATION**

**Date: 12.05.2023**

No. 74-PSPA, Phulbani - In exercise of the powers conferred under sub-section (i) of Section 31 of the Odisha Town Planning & Improvement Trust Act, 1956 (Odisha Act. 10 of 1957), the Special Planning Authority, Phulbani, do hereby notify for the information of the General Public of Phulbani that the Draft GIS/RS based master Plan for Master Plan area of Phulbani comprising 24 (Twenty Four) no of Revenue Villages (Mouzas) under Phulbani Municipality as specified in the schedule given below over which the aforesaid Act has already been enforced by the Govt. in H&UD Department vide Notification No. 37489/UD, dated 05.12.1979 is hereby published for the information of the General Public likely to be affected thereby and notice is hereby given that the said draft would be taken into consideration on or after expiry of a period of 60 (Sixty) days from the date of publication in the Odisha Gazettee:

**SCHEDULE**

| Sl. No. | Name of the Revenue Villages | Thana No. | Name of ULBs/GP | Area Acres |
|---|---|---|---|---|
| 1 | 2 | 3 | 4 | 5 |
| 1 | Baikumpa | 115 | Phulbani Municipality | 84.328 |
| 2 | Khumbharapara | 116 | - do - | 67.931 |
| 3 | Sainpara | 117 | - do - | 9.615 |
| 4 | Baikhol | 118 | - do - | 66.665 |
| 5 | Phulbani Sahi | 119 | - do - | 80.604 |
| 6 | Kendupadar | 120 | - do - | 76.581 |
| 7 | Damigan | 121 | - do - | 305.247 |
| 8 | Dakapal | 122 | - do - | 123.231 |
| 9 | Olenbachnagar | 123 | - do - | 95.228 |
| 10 | Bidangi | 124 | - do - | 45.740 |
| 11 | Penjisahi | 125 | - do - | 70.490 |
| 12 | Jiringipara | 126 | - do - | 165.198 |
| 13 | Salunki | 127 | - do - | 100.890 |
| 14 | Salunkeri | 128 | - do - | 25.380 |
| 15 | Lengarasahi | 129 | Tudipaju GP | 38.525 |
| 16 | Nedipara | 130 | - do - | 21.195 |
| 17 | Pitabari | 131 | - do - | 71.622 |
| 18 | Teragura | 133 | - do - | 39.054 |
| 19 | Sarttagura | 147 | - do - | 130.497 |
| 20 | Mulagudari | 17 | - do - | 152.264 |
| 21 | Bandhasahi | 132 | Gudari GP | 98.110 |
| 22 | Dadapaju | 1 | - do - | 428.609 |
| 23 | Gudari | 18 | - do - | 692.984 |
| 24 | Bamaden R.F. | - | - | 101.173 |
| | **Total** | | | **3091.161** |

The Plans, Reports and Zoning Regulations in respect of above areas of Phulbani can be inspected in the office of Special Planing Authority, Phulbani at Town Planning Unit, UCO Bank Road, Hatapada, Near Ram Mandir, Phulbani - 762001 on any working days during office hours with effect from the date of notification in the Odisha Gazette. Any objections and suggestions in respect of said Master Plan proposal including Report and Zonal Regulation may be submitted to the Special Planning Authority, Phulbani in duplicate within 60 (Sixty) days from the date of publication in Odisha Gazette.

Hereinafter, from the date of publication of notification no Person, Private/Public Institution/ Industry, Department of Government/Semi-Govenment shall erect or proceed with construction of any building or structure or work or enter into or carry out a contact in respect of any land within the area included in the Master Plan unless he/she has applied for and obtained permission from the Special Planning Authority, Phulbani as required under sub-section (3) of the Odisha Town Planning and Improvement Trust Act, 1956.

Further, hereinafter all sub-divisional lay-out plans intended for parceling out or selling in smaller plots with adequate provision of roads and open spaces shall also require prior approval of Special Planning Authority, Phulbani.

Any development which shall be made in any land without permission of special Planning Authority, Phulbani and which is contrary to the provision of Master Plan shall not consider in awarding compensation in event of land being acquired. Subsequently under provision of O.T.P. & I.T. Act, 1956 for implementation of any Development Scheme. Taking up construction without permission shall be punishable under provisions of the said Act.

**Sd./- Sri Baladeva Behera, OAS-I (J.B.)**
**Special Planning Authority, Phulbani**

**Sd./- Sri Ashish Ishwar Patil, I.A.S.**
**Collector & District Magistrate**
**Kandhamal-cum-Chairman**
**SPA Committe, Phulbani**

**N.B.:** The period of 60 days is affected from the date of publication in the News Paper.

**OFFICE OF THE DEAN & PRINCIPAL** No.-E-330

**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA**
**RANGAMATIA, BARIPADA - 757107, DISTRICT - MAYURBHANJ, ODISHA**
**Telephone: 06792 - 240400/01. E -mail : prmmchbaripada@gmail.com**

**NOTICE INVITING TENDER**

Reference No. 3362 /2023-24 /PRMMCH Baripada / / Dated. 16.08.2023

The sealed tenders are invited from the registered firms/ publishers **for supply of Medical Books**, quoting the discount on publisher's price which is to be purchased for the central library of PRM Medical College, Baripada during the financial year 2023-24. The tender papers containing the terms & conditions alongwith list of the BOOKs can be downloaded from the College website **www.prmmch.nic.in** / official website **www.mayurbhanj.nic.in from 28.08.2023**. The last date of **submission of bid documents is 18.09.2023 by 5.00 P.M.**

**Sd./- Dean & Principal, PRMMCH, Baripada**
OIPR-10120/11/0005/2324

**Office of the Executive Engineer**
**Road Construction Department,**
**Road Division, Chaibasa**

**E-Procurement Notice**

E-tender Reference No. : RCD/CHAIBASA/602Date : 16.08.2023

| | | |
|---|---|---|
| 1. | Name of Work | IRQP work of Kudahatu Chowk to Usambir (orissa Border) Road from Km 0.00 to Km 18.025 (Total Length- 18.025 KM) under Road Division Chaibasa for the year 2023-24. |
| 2. | Estimated Cost (Rs.) | ₹ 10,84,08,992.00 (Ten Crore Eighty Four Lacs Eight Thousand Nine Hundred Ninety Two) Only. |
| 3. | Time of Completition | 06 (Six) Months |
| 4. | Date of Publication of Tender On Website | 23.08.2023 at 11.30 AM |
| 5. | Last date/Time for receipt of bids. | 13.09.2023 Up to 3.00 P.M. |
| 6. | Last date/Time of receipt of cost of bidding document and Bid Security | 15.09.2023 Up to 12.00 P.M. |
| 7. | Date of Opening of Bid | 15.09.2023 at 12:30 P.M. |
| 8. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 9. | Contact no. of Procurement Officer | 7781899686 |
| 10. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

**Executive Engineer**
**PR 304836 West Singhbhum(23-24)#D RCD, Road Division, Chaibasa.**

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, PADAMPUR**
**Phone No-(06683)-223418(Off), e-mail:-eemipad@yahoo.co.in**

**'e'-Procurement Notice**

**Bid Reference No- SE-MID-PDP- 02 / 2023-24**
**No- 1810 /MID // Date- 07.08.2023**

No.A-431:- Bid documents consisting of Work, Estimated cost, Cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | | |
|---|---|---|---|
| 1 | Name of the works | : | Improvement / Repair of Civil works |
| 2 | No. of works | : | 14 (fourteen) Nos. |
| 3 | Estimated cost | : | Varies from Rs. 5.93 lakh to Rs.58.13 lakh only (Approx.) |
| 4 | Period of completion | : | 01 (One) to 05 (Five) calendar months |
| 5 | Date and time of availability of bid documents in the portal | : | From Dt. 21.08.2023 at 10.00 A.M. to Dt. 31.08.2023 upto 5.00 P.M. |
| 6 | Last date / time of receipt of bids in the portal | : | Dt. 31.08.2023 upto 5.00 P.M. |
| 7 | Date of opening of bid | : | Dt. 01.09.2023 at 10.00 A.M. onwards |
| 8 | Date of lottery scheduled to be held (If required) | : | Dt. 26.09.2023 at 11.00 A.M. in the O/o S.E., M.I. Division, Padampur |
| 9 | Name and address of the OIT | : | O/o-Superintending Engineer, M.I. Division, Padampur, At: Padampur, P.O.- Raj Bora Sambar, Dist.: Bargarh, PIN-768036, (Odisha), Ph.- 06683-223418 |
| 10 | Further details can be seen from the e-Procurement market place | : | http://tendersodisha.gov.in |

**Sd./- S.K. Mohanty, Superintending Engineer**
**M.I. Division,Padampur**
OIPR-32037/11/0001/2324

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋକସରା,(ଦୁଷ୍ମନ୍ତ କୁମାର ପାଇଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ତେତେଲପଡା ଗ୍ରାମର କମଳ ଲୋଚନ ନାଗ (୪୦)ଙ୍କୁ ଭାଲୁ ଆକ୍ରମଣ କରିଛି। ବୁଧବାର ସନ୍ଧ୍ୟାରେ ଶୌଚ ପାଇଁ ଗାଁ ନିକଟ ନାଳକୁ ଯାଇଥିବା କମଳଙ୍କୁ ଭାଲୁ ଆକ୍ରମଣ କରିଥିଲା। ଯୁବକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଆସି ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ କହିଛନ୍ତି।

**ସଂକ୍ଷେପରେ**

## ହତ୍ୟା ଘଟଣାରେ ୨ ଗିରଫ

ନୂଆପଡ଼ା,୧୭।୮(ମକାରୁ ବେମାଲ)

ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ସିରିଗିଡି ଗାଁର ଭରତ ମାଝି (୬୦)ଙ୍କୁ ହତ୍ୟା କରି ଛତିଶଗଡ ସୀମାନ୍ତରେ ଫିଙ୍ଗିଦେଇଥିବା ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭୀମସେନ ହରିଜନ ଏବଂ ମନୋଜ ସାହୁ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୁଧବାର ସନ୍ଧ୍ୟାରେ ନୂଆପଡା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣୀ ବେହେରା ସୂଚନା ଦେଇଛନ୍ତି। ଗତ ୧୨ ତାରିଖରେ ସିରିଗିଡି ଗାଁର ଭରତଙ୍କୁ ସେହି ଗାଁର ଭୀମସେନ ଏବଂ ସେହି ଗାଁରେ ବିଭିନ୍ନ ସମୟରେ ବ୍ୟବସାୟ କରି ରହୁଥିବା ମନୋଜ ଡାକି ନେଇ ଛତିଶଗଡ ସୀମାନ୍ତରେ ଭୋଜି କରିଥିଲେ। ଭରତ ଏବଂ ଭୀମସେନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭୀମସେନ ଏବଂ ମନୋଜ ମିଶି ଭରତଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ଏ ନେଇ ପୋଲିସ ଦଫା ୩୦୨, ୩୪ରେ ଏକ ମାମଲା (ନଂ. ୫୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ସମୟରେ ଉପଖଣ୍ଡ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, ଦରମବନ୍ଧା ଆଇଆଇସି ବିନୋଦ ବିହାରୀ ସେଠୀ, ସଦର ଆଇଆଇସି ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ଉପାଧ୍ୟକ୍ଷଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ଖଡ଼ିଆଳ,୧୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ମାଣ୍ଡୋସିଲ ଗ୍ରାମପଞ୍ଚାୟତ ମାଳପଡାରେ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ପରିଦର୍ଶନ କରି ସମୀକ୍ଷା କରିଥିଲେ। ଉକ୍ତ ଗ୍ରାମରେ ରାସ୍ତାଘାଟ, ମଣ୍ଡପ, ପ୍ରଧାନମନ୍ତ୍ରୀ ଆବାସଗୃହ, ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଥିଲେ। ଗ୍ରାମର ବୃଦ୍ଧବୃଦ୍ଧା ଯେଉଁମାନେ କି ବର୍ତ୍ତମାନ ସୁଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ସେମାନଙ୍କୁ କିପରି ଶୀଘ୍ର ଭତ୍ତା ପ୍ରଦାନ କରାଯାଇ ପାରିବ ସେ ନେଇ ବିଡ଼ିଓଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ତାଣ୍ଡିଙ୍କ ସହ ମାଣ୍ଡୋସିଲ ସରପଞ୍ଚ ସୁଭାଷିନୀ ପାନ, ସମିତି ସଭ୍ୟ ଡୋଲମଣୀ ପଣ୍ଡା, ଜିଆରଏସ, ବିଏଫଟି ତଥା ଗ୍ରାମର ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଖଡ଼ିଆଳ,୧୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବଡଦୋହେଲ ଛକଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବଡଦୋହେଲ ଗ୍ରାମର ବଇଦ ବାଗ (୫୫) ଗୋଟିଏ ପ୍ଲାଷ୍ଟିକ ବ୍ୟାଗରେ ୨୦ କେଜି ଗଞ୍ଜେଇ ଧରି ରାୟପୁର ଯିବା ପାଇଁ ବସକୁ ଅପେକ୍ଷା କରିଥିଲେ। ନୂଆପଡା ଓ ଖଡ଼ିଆଳ ଅବକାରୀ ବିଭଗ ପକ୍ଷରୁ ପାଟ୍ରୋଲିଙ୍ଗ କରୁଥିବା ବେଳେ ବଇଦଙ୍କୁ ସନ୍ଦେହ କରି ପ୍ଲାଷ୍ଟିକ ବ୍ୟାଗ ଯାଞ୍ଚ କରିବା ପରେ ଗଞ୍ଜେଇ ଥିବା ଜଣାପଡିଥିଲା। ଚଢ଼ାଉରେ ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ଉପ ନିରୀକ୍ଷକ ସଞ୍ଜୀବ ବେହେରା, ଖଡ଼ିଆଳ ଉପନିରୀକ୍ଷକ ଉମ୍ବରୁଧର ହରିଜନ, ଏଏସଆଇ ହିଙ୍ଗୁଳା ଦାସ, କନଷ୍ଟେବଲ ମୁରଲୀଧର ଶବର, ବୈଜୟନ୍ତୀ ଶବର, ମଧୁସୂଦନ ସିଂ, ରୋଷଣ ବିଶ୍ୱାଳ ସାମିଲ ଥିଲେ।

## ଖଡ଼ିଆଳ ଅଞ୍ଚଳରେ ଜିମ କଲେଜ ବ୍ୟାୟାମ ଜଗିଂ ଉଦ୍‌ଘାଟିତ

ଖଡ଼ିଆଳ,୧୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳର ଜିମ କଲେଜ ବ୍ୟାୟାମ ଜଗିଂ ଉଦ୍‌ଘାଟନ ସହ ଆମ୍ବେଦକର ଛକରେ ସେଲଫି ପଏଣ୍ଟ ଖରିଆର, ବ୍ଲକ ଛକର ଆମର ଖଡ଼ିଆଳ ସେଲଫି ପଏଣ୍ଟ ଓ ଲାଲବହାଦୂର ଶିଶୁ ଉଦ୍ୟାନ ପାର୍କ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ଖଡ଼ିଆଳ ନଗର ପାଳ ଉଜ୍ଜ୍ୱଳ ଗୁପ୍ତା ଉଦଘାଟନ କରିଥିଲେ। ଉଦଘାଟୀନ ସମାରୋହରେ ଏନଏସି ଉପାଧ୍ୟକ୍ଷା ସକୁନ୍ତଳା ରାଉତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କାଉନସିଲର କିରଣ ତାଣ୍ଡିଙ୍କ ସମେତ ସମସ୍ତ କାଉନସିଲର ଓ ନିମନ୍ତ୍ରିତ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ୨୦ ସୁଦ୍ଧା ଶିକ୍ଷକ ନିଯୁକ୍ତ ନ କଲେ ଆନ୍ଦୋଳନ

**ବିଶିବାହାଲ ସୁନାଦେଇ ଉଚ୍ଚ ବିଦ୍ୟାଳୟ**

- ୧୧୦ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ, ପାଠପଢ଼ା ବାଧା
- ବିଦ୍ୟାଳୟ ପରିଚାଳନା କମିଟିର ଚେତାବନୀ

ନୂଆପଡ଼ା,୧୭।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବିଶିବାହାଲ ସୁନାଦେଇ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଦାବି କରି ଗୁରୁବାର ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖ ମଧ୍ୟରେ ଶିକ୍ଷକ ଯୋଗାଇ ନ ଦେଲେ ବିଦ୍ୟାଳୟରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଯେ, ୧୯୮୭ରେ ଅବସ୍ଥାପିତ ସୁନାଦେଇ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୧୧୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଇଟି ଶିକ୍ଷକ ସହିତ ୩ଜଣ ଶିକ୍ଷକ ରହିଛନ୍ତି। ମାତ୍ର ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ଶିକ୍ଷକ ରହିଥିବା ବେଳେ ଅନ୍ୟ ବିଷୟ ପଢାଇବା ପାଇଁ ଶିକ୍ଷକ ନ ଥିବାରୁ ଅନ୍ୟ ବିଷୟ ଆଦୌ ପଢା ହେଉନାହିଁ। ଆଗକୁ ମାଟ୍ରିକ ପରୀକ୍ଷା ଅଛି, ଛାତ୍ରୀଛାତ୍ରଙ୍କ



ଦାବିପତ୍ର ଦେଉଛନ୍ତି।

ଭବିଷ୍ୟତକୁ ସରକାର ଅନ୍ଧାରକୁ ଠେଲି ଦେଉଛନ୍ତି। ବିଦ୍ୟାଳୟକୁ ୫-ଟି ଯୋଜନାରେ ଅର୍ନ୍ତଭୂକ୍ତ କରି ଚକଚାକ କରାଯାଉଛି, ହେଲେ ଶିକ୍ଷକ ଶୂନ। ପିଲାମାନେ ଚକଚାକ ବିଦ୍ୟାଳୟକୁ ଦେଖି ପାଠପଢ଼ିବେ କି, ବିଦ୍ୟାଳୟ କାମ ପଛେ, ଆମକୁ ପ୍ରଥମେ ଶିକ୍ଷକ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଆବଶ୍ୟକ ଶିକ୍ଷକ ନିଯୁକ୍ତ କରିବା ପାଇଁ ଅନେକ ଥର ଗ୍ରାମବାସୀ ଜିଲା ପ୍ରଶାସନଠାରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଦ୍ୟାଳୟ ପରିଚାଳା କମିଟି ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଆଲୋଚନା କରି ପ୍ରତ୍ୟେକ ପିଲା ମାସକୁ ୫୦ ଟଙ୍କା ଦେଇ ଶିକ୍ଷକ ନିଯୁକ୍ତ କରି ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର କିଛି ଶିକ୍ଷିତ ଯୁବତୀ କିମ୍ବା ଯୁବକଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ ନିଯୁକ୍ତ କରିବେ। ସେହି ଯୁବତୀଯୁବକମାନେ ଶିକ୍ଷାଦାନ କରିବେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଇଙ୍କୁ ପଚାରିବାରୁ ଏହି ବିଷୟରେ ଉପରିସ୍ଥ ଅଧିକାରୀଠାରେ ଉପସ୍ଥାପନ କରିବୁ। ଶୁକ୍ରବାର ୨ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିୟୋଜିତ କରାଯିବ ବୋଲି କହିଥିଲେ। ଆସନ୍ତା ୨୦ ତାରିଖ ମଧ୍ୟରେ ଶିକ୍ଷକ ଯୋଗାଇ ନ ଦେଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ମାଝି, ଜାହିଦ ଖାନ, ପୁରୁନ୍ଦର ଧରୁଆ, ହୃଦାନନ୍ଦ ଆଡବଙ୍ଗ, ବୈରାଗୀ ନିଆଲ, ଲଭ ଆଡବଙ୍ଗ, ଗଜିନ୍ଦ୍ର ଟାଣି, ନିରଞ୍ଜନ ତାଣ୍ଡି, ଦ୍ରୋପଦି ସୁନାନୀ, ମୁନସି ଦୁରିଆ, ବଜର ମାଝି, ବିରେନ୍ଦ୍ର କେତକି ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବେଲଗାଁ ଅଙ୍ଗନୱାଡି କେନ୍ଦ୍ରରେ ବାଉଁଶବାଡ଼ ଲାଗିଲା



ଅଙ୍ଗନୱାଡି କେନ୍ଦ୍ରରେ ବାଉଁଶ ବାଡ଼ ଲଗା ଯାଇଛି।

ନୂଆପଡ଼ା,୧୭।୮(ମକାରୁ ବେମାଲ)

**ଧରିତ୍ରୀ ପ୍ରଭାବ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ କେତକିପଡା ଓ କରୁଆପଡା ଅଙ୍ଗନୱାଡି କେନ୍ଦ୍ର ପାଣି ଘେରରେ ରହିଥିବା ବେଳେ କେନ୍ଦ୍ର ଚର୍ତୁଦିଗରେ କୋମଳମତି ଶିଶୁମାନଙ୍କ ସୁରକ୍ଷା ପାଇଁ ପାଚେରି ନ ଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ହୋଇଥିଲା। ଏହା ପରେ ଅଙ୍ଗନୱାଡି କେନ୍ଦ୍ର ଚାରି ପାଖରେ ବାଉଁଶ ବାଡ଼ ଲଗାଯାଇଛି। ବେଲଗାଁଠାରୁ ୧ କି.ମି. ଦୂର ବିଜୁ ଏକ୍ସପ୍ରେସ ୱ ରାସ୍ତା କଡରେ କେତକିପଡା ଓ କରୁଆପଡା ୨ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଛି। ପାଚେରି ନ ଥିବାରୁ ଶିଶୁମାନେ ସୁରକ୍ଷିତ ମଣୁନାହାନ୍ତି ବୋଲି ଖବର ପ୍ରକାଶ ହେବା ପରେ ବାଉଁଶ ବାଡ଼ ଲଗାଯାଇଛି। ଗାଁଠାରୁ ୧ କି.ମି. ଦୂରରେ ବିଜୁ ଏକ୍ସପ୍ରେସ ୱେରେ ପିଲାମାନେ ଚାଲି ଯାଉଛନ୍ତି। ପିଲାଙ୍କୁ କାହା ଦାୟିତ୍ୱରେ ଛାଡିବୁ। ପିଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ପାଣି ପାରି ହୋଇ କେନ୍ଦ୍ରକୁ ଯାଉଛନ୍ତି। ପ୍ରକଳ୍ପରେ ଅନେକ ପ୍ରକାର ବିଷଧର ସାପ ଓ ଜଳଚର ପ୍ରାଣୀ ରହିଛନ୍ତି। କେତେବେଳେ ଅଘଟଣ ଘଟି ଗଲେ ଦାୟୀ କିଏ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ସେଠାରେ ପିଲାମାନେ ସୁରକ୍ଷିତ ରହି ପାରିବେ ନାହିଁ ବୋଲି ଗ୍ରାମବାସୀ ଅନେକ ଥର ଦାବି କରିଥିଲେ ମଧ୍ୟ କୌଣସି ବିଭାଗୀୟ କର୍ମଚାରୀ ଧ୍ୟାନ ଦେଉ ନାହାନ୍ତି। ଅଙ୍ଗନୱାଡି କେନ୍ଦ୍ର ଗାଁର ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର କରା ନ ଗଲେ ପିଲାଙ୍କୁ ଛାଡିବୁ ନାହିଁ ବୋଲି ସେବାଚନ ଶଗରିଆ, ଦୁର୍ବଳ ଶଗରିଆ, ପଦୁଲୋଚନ ମାଝି, ପୀତାମ୍ବର ମାଝି, ରବୀନ୍ଦ୍ର ଦଳ, ମିତ୍ରଭାନୁ କରୁଆ, ତହସିଲ ତିୱାରୀ, କୁବେର କରୁଆ, ଜଗବନ୍ଧୁ କେତକି, ଲଳିତ କରୁଆ, ପିଲାରାମ ଭୋଇ, ସନ୍ତୋଷ ଭୋଇ, ତ୍ରିଲୋଚନ ଭୋଇ, ଭଗତ ରାମ ମିର୍ଦ୍ଧା, ଡିଙ୍ଗ କଟା, ରତନ ଶଗରିଆ ପ୍ରମୁଖ ଦାବି କରିଛନ୍ତି।

# ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ



ବିଜେଡି ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

- ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ରୀ ଦେଲେ: ପ୍ରଣବ
- ଭାଜପା, କଂଗ୍ରେସର ୨ଶହ କର୍ମକର୍ତ୍ତା ସାମିଲ

ଭବାନୀପାଟଣା,୧୭।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ଗୁରୁବାର ଭବାନୀପାଟଣା ଟାଉନ ହଲଠାରେ ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳ ପକ୍ଷରୁ ହିଲଟାଉନଠାରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ସହରରେ ଥିବା ବିଜୁ ବାବୁ ଓ ଶହୀଦ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଟାଉନହଲଠାରେ ବିଜେଡି ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କଳାହାଣ୍ଡି ବିଜେଡି ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନ ମଜ୍ଭୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକୁ ଲୋକଙ୍କୁ ପାଖରେ ପହଞ୍ଚାଇ ତାଙ୍କ ନିକଟତର ହେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ତଥା ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଏସଡିସି ଅଧ୍ୟକ୍ଷ ଶିବାଜୀ ମାଝି, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଭାଜପା ଓ କଂଗ୍ରେସର ୨ଶହ କମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ସୁନାମୁଦିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବିପତ୍ର

ନୂଆପଡ଼ା,୧୪।୮(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ସୁନାମୁଦି ଗାଁଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୋଇରଗାଁ ପଞ୍ଚାୟତ ବଡ ପଞ୍ଚାୟତକୁ ଭାଗ କରି ସୁନାମୁଦିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ବୋଇରଗାଁ ପଞ୍ଚାୟତ ସୁନାମୁଦି, ବାଞ୍ଜିମୁଣ୍ଡା, ନୂଆପରା, ଚିକଲଚୁଆଁ,ବାବେପଡା, ଖଡ୍ଡୁପାଣି, ଡୁଡୁଙ୍ଗଖୋଲା, ବାଗଲୋର, କୋଠିଆପଡା, ମାନ୍ଦଲପଖାନ ଗାଁର ଅଧିବାସୀ ସୁନାମୁଦିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଉ ବୋଲି ଗତ ମେ ୨୧ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ନୂଆପଡା ଜିଲା ଗସ୍ତରେ ଆସିଥିବା ଦାବିପତ୍ର ପ୍ରଦାନ କରିଥିଲେ। ଦାବିକୁ ବିଚାର ଡିଏମ-୨୦୨୩୨୬/୫୭୮,୨୦୨୩ ଅଗଷ୍ଟ ୩ରେ ଚିଠି କରି ସ୍ଥାନ ନିରୁପଣ କରିବା ପାଇଁ ବୋଇର ଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁନାମୁଦି ମଧ୍ୟ ଭାଗରେ ରହିଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ହେଲେ ସବୁ ଗାଁକୁ ସୁବିଧା ହେବ। ଯଥାଶୀଘ୍ର ସୁନାମୁଦିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଉ ବୋଲି ୧୦ଟି ଗାଁର ଅଧିବାସୀ ଜିଲାପାଳଠାରେ ଦାବି କରିଛନ୍ତି।

# ବେଦାନ୍ତ ପକ୍ଷରୁ ନୂତନ ଜୀବିକା ପ୍ରକଳ୍ପର ଶୁଭାରମ୍ଭ

**ନୂତନ ଛେଳିଚାଷ ଆୟ ବୃଦ୍ଧିରେ ସହାୟକ ହେବ**

ଲାଞ୍ଜିଗଡ଼,୧୭।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତରେ ବେଦାନ୍ତ, ଭାରତର ଅଗ୍ରଣୀ ମେଟାଲଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା ଏକ ନୂତନ ଛେଳି ଚାଷ ପ୍ରକଳ୍ପ ଆରମ୍ଭ କରିଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଯୋଗଦେଇ ବେଦାନ୍ତ ଛେଳିଚାଷ ପ୍ରକଳ୍ପ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ, ବେଦାନ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଗୋପାଳ ପାଲ, ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବେଦାନ୍ତ ସିଏସଆର୍ ବିଭାଗ ମୁଖ୍ୟ ଶିଶିର ତରଫଦାର, ଭବାନୀପାଟଣା ପୌର ପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବୀରେନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଭଟାଙ୍ଗପଦରରେ ୨୬ଟି ଗାଁର ଲୋକଙ୍କୁ ୨୦୦ରୁ ଅଧିକ ଛେଳି ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପର ପ୍ରଭାବ ସମ୍ପର୍କରେ ଜିଜିପାଲ ଡେପୁଟି ସିଇଓ ବେଦାନ୍ତ କହିଛନ୍ତି ଯେ ବେଦାନ୍ତ ଲାଞ୍ଜିଗଡ଼ ଆମ ଅପରେସନ ପରିସରରେ ଗୋଷ୍ଠୀ ବିକାଶ ପାଇଁ ଆମେ ପ୍ରତିବଦ୍ଧ। ଆମର ବ୍ୟାପକ ଆୟସୃଷ୍ଟି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ଆମେ ବିକାଶମୂଳକ ହସ୍ତକ୍ଷେପକୁ ବୃଦ୍ଧି କରିବାକୁ ସିଦ୍ଧାନ୍ତ ନେଇଛୁ। ଆମେ ଗୋଷ୍ଠୀର ଜୀବିକା ନିର୍ବାହ ପାଇଁ ସେମାନଙ୍କୁ ସକ୍ଷମ କରାଇବା ଲାଗି ଚେଷ୍ଟା କରୁଛୁ। ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ବେଦାନ୍ତ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ଭଟାଙ୍ଗପଦର ସମିତିସଭ୍ୟ ରୂପେନ୍ଦ୍ର ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ। ବେଦାନ୍ତ ଜନସମ୍ପର୍କ ବିଭାଗର କୌଶିକ ପାଟଗିରି, ମୃତ୍ୟୁଞ୍ଜୟ ଅଗ୍ରୱାଲ, ଶୃତି ଶୁକ୍ଲା, ଶିବପ୍ରସାଦ ସାମଲ, ଗ୍ରାମ ରୋଜଗାର ସେବକ ରାଧାମୋହନ କରୁଆଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାମଖୁଣ୍ଟା ଚାମ୍ପିୟନ

**ରାଜା ଅନୁପ ସିଂଦେଓ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖଡ଼ିଆଳ,୧୭।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ୧୪ତମ ରାଜା ଅନୁପ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜୋରାବନ୍ଦ ଏବଂ ଜାମଖୁଣ୍ଟା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଜାମଖୁଣ୍ଟା ପ୍ରଥମାର୍ଦ୍ଧରେ ଏକ ଗୋଲ ଦେଇ ଅଗ୍ରଣୀ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଜୋରାବନ୍ଦ ଏକ ଗୋଲ ସ୍କୋର କରିଥିଲା। ଫଳରେ ଜାମଖୁଣ୍ଟା ଏବଂ ଜୋରାବନ୍ଦ ୧ -୧ ଗୋଲ ବ୍ୟବଧାନରେ ଡ୍ର ରହିଥିଲା। ପରେ ୫ ମିନିଟ ଅତିରିକ୍ତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପେନାଲଟିସୁଟରେ ଜାମଖୁଣ୍ଟା ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଆୟୋଜକ କୁମାର ଅଙ୍କିତ ସିଂ ଦେଓଙ୍କ ଅଧକ୍ଷତାରେ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ପୂର୍ବତନ ଫୁଟବଲ ଖେଳାଳି ଛବି ସାଗର, ୫ ନଂ. ୱାର୍ଡ କାଉନସିଲର ସୁନୀଲ ସାହୁ, ପୂର୍ବତନ ଏନଏସି ଅଧକ୍ଷ ନିମାଇଁ ଚରଣ ତାଣ୍ଡି, ବିଜେଡି ଉପସଭାପତି ମନୋଜ ଦୀପ ପ୍ରମୁଖ ଯୋଗଦେଇ ଜାମଖୁଣ୍ଟା ଦଳକୁ ନଗଦ ୭ ହଜାର ଟଙ୍କା ସହ ଟ୍ରଫି ଏବଂ ଜୋରାବନ୍ଦ ଦଳକୁ ନଗଦ ୫ ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ଭାବେ ତାପସ ପତି ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେଫରୀ ଭାବେ ସୌରଭ ପଣ୍ଡା ଏବଂ ସୁଶାନ୍ତ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ପାତ୍ର, ଜିତେନ୍ଦ୍ର ନାୟକ, ପୂର୍ଣ୍ଣତୋଷ ମୁଣ୍ଡ ଏବଂ ନନ୍ଦୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ରାଜା ଅନୁପ ସିଂଙ୍କ ନାତି କୁମାର ଅଙ୍କିତ ସିଂଦେଓ, ବିବେକ ଯାଦବ, ପ୍ରଭୁଦତ୍ତ ଗୌଡ଼, ମହମ୍ମଦ ଆକିବ ରାଜା, ଦୀପକ ମହାପାତ୍ର, ତାପସ ପତି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଘଣ୍ଟିଗୁଡ଼ା, ଦଣ୍ଡପାଟକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କର



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।





ଦାଣ୍ଡପାଟ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

**ଦାବି ପୂରଣ ନ ହେଲେ ଧାରଣା ଚେତାବନୀ**

କୋକସରା/ବେହେରା,୧୭।୮(ଦୁଷ୍ମନ୍ତ କୁମାର ପାଇଯୋଶୀ/ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଅନେକ ପଞ୍ଚାୟତ ସାମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଛି। ଶ୍ରାବଣ ମାସ ସରିବାକୁ ଅଳ୍ପ ଦିନ ବାକି ରହିଥିବା ବେଳେ ବର୍ଷାର ଲୁଚକାଳି ଚାଷୀଙ୍କ ନିଦ ହଜାଇ ଦେଇଛି। ଗୁରୁବାର ବ୍ଲକର ମହିମା ପଞ୍ଚାୟତ ଚାଷୀମାନେ ଘଣ୍ଟିଗୁଡା ରାଜସ୍ୱ ଗ୍ରାମକୁ ମରୁଡି ଅଞ୍ଚଳ ଘୋଷଣା କରିବା ସହ ଅନ୍ୟ ଦାବି ନେଇ ତହସିଲଦାର ଦେବବ୍ରତ କରାଟିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମହିମା ପଞ୍ଚାୟତରେ ୩ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ଘଣ୍ଟିଗୁଡା ରାଜସ୍ୱ ଗ୍ରାମ ଅଧୀନ ୧୨୦୦ ଏକର ଚାଷ ଜମି ପାଇଁ ଜଳସେଚନ କୌଣସି ବ୍ୟବସ୍ଥା ନାହିଁ। ବର୍ତ୍ତମାନ ଗଜା ମରୁଡି ହୋଇ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। କ୍ଷୟକ୍ଷତି ଆକଳନ କରି ତୁରନ୍ତ ସରକାରୀ ସହାୟତା ପ୍ରଦାନ, ରାଜସ୍ୱ ବିଭାଗ ପକ୍ଷରୁ ଘଣ୍ଟିଗୁଡାକୁ ମହିମା ପଞ୍ଚାୟତ ଅନ୍ୟ ରାଜସ୍ୱ ଗ୍ରାମ ସହ ସ୍ୱତନ୍ତ୍ର କରି କ୍ରପ କଟିଂ ରିପୋର୍ଟ ଦିଆଯାଉ, ପ୍ରଧାନମନ୍ତ୍ରୀ ଫସଲ ବୀମାର ଅବଧି ବୃଦ୍ଧି କରାଯାଉ, ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ଏକର ପ୍ରତି ୧୫ ହଜାର କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ମହିମା ସରପଞ୍ଚ ଈଶରାମ କୋଲଥିଆ, ମଧୁବନ ପାତ୍ର, ୱାର୍ଡ ମେମ୍ବର ହରିହର ବାଗ, ବଳଭଦ୍ର ଧଙ୍ଗଡାମାଝି, ଗିରିଧାରୀ ପୂଝରୀ, ହିମାଞ୍ଚଳ ପାତ୍ର, ଗଜାନନ ଠାକୁର, ପୂର୍ଣ୍ଣଚନ୍ଦ୍ର ମୁଲକିଆ, ଭୁବନାନନ୍ଦ ନାଏକ, ଚକ୍ର ମୁଲକିଆ ଓ ଘଣ୍ଟିଗୁଡା ଅଞ୍ଚଳର ଶତାଧିକ ଚାଷୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି।

ଦଣ୍ଡପାଟ ଅଞ୍ଚଳର ବେହେରା, ଗଡିଆଯୋର୍, ଛଞ୍ଚାଣବାହାଲି, କଦଲିମୁଣ୍ଡା, ପର୍ଲା, ତେଣ୍ଡାପଲି, ଘୁମର, ଧଅରପୁର ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରୁଆ ବେଉଷା ହୋଇ ନ ଥିବା ବେଳେ ଜମି ଫାଟି ଆଁ କଲାଣି। ଫଳରେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛି। ଦାଣ୍ଡପାଟ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଦାବି କରିଛି ଦାଣ୍ଡପାଟ କୃଷକ ସଙ୍ଗଠନ। ଗୁରୁବାର ଧର୍ମଗଡ଼ଠାରେ ସଙ୍ଗଠନ ଆବାହକ ରତନ ନାଏକଙ୍କ ନେତୃତ୍ୱରେ ସହ ସହ ଚାଷୀ ଏକ ବିଶାଳ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦଣ୍ଡପାଟ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଶିକ୍ଷା ଅନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରଙ୍କ ଫି' ଛାଡ଼, ମେଗାଲିଫ୍ଟ ଜରିଆରେ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ଗ୍ରାମରେ ଛାଡ଼ି ହୋଇଥିବା ଚାଷ ଜମିକୁ ପାଣି ଯୋଗାଇବା, ଦଣ୍ଡପାଟ ଅଞ୍ଚଳ କ୍ଷତିଗ୍ରସ୍ତ ଆକଳନ ସହ ଚାଷୀଙ୍କ ଋଣ ଛାଡ ଏବଂ ଫସଲ ବୀମା ଅବଧିକୁ ବୃଦ୍ଧି କରିବା ଦାବି କରାଯାଇଛି। ଦଣ୍ଡପାଟ ଅଞ୍ଚଳ କୃଷକ ସଙ୍ଗଠନର ରତନ ନାଏକ, ସୁଧୀର ବାଗ, ସୁଧୀର ଗୋପାଳ, ସେତୁରାମ ଭକ୍ତ, ଗଡ଼ିଆଜୋର ସରପଞ୍ଚ ଉଦିତ ନାଏକ, ଈଶରାମ ମାଝି, ଜଳଧର ସାହୁ, ନିରାକାର ଗୋପାଳ, ଉପେନ୍ଦ୍ର ବାଗ ପ୍ରମୁଖ ଧର୍ମଗଡ଼ ଉପଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଦାବିପତ୍ର ଉପରେ ଗୁରୁତ୍ୱ ଦେଇ ବିଚାର ନ କଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ମଦ ଜବତ: ଜଣେ ଗିରଫ**

ଅମରପାଲି,(ପୀତାମ୍ବର ସାହୁ)-ଅବକାରୀ ବିଭାଗ ପକ୍ଷରୁ ବୀରମହାରାଜପୁର ଥାନା ଗୁଲାବନ୍ଧ ଗ୍ରାମରେ ଚଢ଼ାଉ କରାଯାଇ ୧୨ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଗ୍ରାମର ଚୌଧୁରୀ ପ୍ରଧାନ(୪୫)ଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଅବକାରୀ ଏସ୍ଆଇ ସୁମିତ୍ରା ହେମ୍ବ୍ରମ୍,ଏଏସଆଇ ପ୍ରଶାନ୍ତ ପରିଡା, କନଷ୍ଟେବଳ ଉର୍ବ ମାଝି, ରେଣୁକାନ୍ତ ଭୁଏ, ରାଜୀବ ଭଞ୍ଜ ପ୍ରମୁଖ ସାମିଲ ଥିଲେ।

# ଡେଙ୍ଗୁ ରୋଗୀ ଚିହ୍ନଟ, ପୌର ପ୍ରଶାସନ ବେଫିକର

**ସୋନପୁର,୧୭।୮(ମୃତ୍ୟୁଞ୍ଜୟ ଶତପଥୀ)**

ନଦୀକୂଳିଆ ସହର ସୁବର୍ଣ୍ଣପୁରରେ ଏଡିସ୍ ମଶାଙ୍କ ବଂଶ ବୃଦ୍ଧି ପାଉଛି। ଗତ ୯ ତାରିଖରେ ସହରର ଗ୍ରୀଡକୋ ଅଞ୍ଚଳରେ ଜଣେ ୯ ବର୍ଷୀୟା ବାଳିକାଙ୍କୁ ଡେଙ୍ଗୁ ରୋଗ ହୋଇଥିବା ପରୀକ୍ଷାରୁ ଜଣାପଡିଛି। ସେହିପରି ଜୁଲାଇ ମାସରେ ସୁବର୍ଣ୍ଣପୁର ସହରରେ ଜଣେ ଓ ଉଲୁଣ୍ଡାରେ ଜଣେ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। କିନ୍ତୁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ବେଫିକର ଅଛି। ଦୂଷିତ ପରିବେଶ ଓ ଜମି ରହୁଥିବା ପାଣି ଯୋଗୁ ଏଡିସ୍ ମଶା ବଂଶ ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏ ଦିଗରେ ସତର୍କ ରହିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହରକୁ ସ୍ୱଚ୍ଛ ରଖିବା ପାଇଁ ପ୍ରାକ୍ତନ ଜିଲାପାଳ ଅବୋଲି ସୁନିଲ ନରୱଣେ ଉଦ୍ୟମ କରିଥିଲେ। ବ୍ୟବସାୟ ପ୍ରତିଷ୍ଠାନ ଓ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁ ବାହାରେ ଏଣେତେଣେ ନ ଫୋପାଡି ଡଷ୍ଟବିନ୍‌ରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନାକୁ ଅଧିକ କ୍ରିୟାଶୀଳ କରାଯାଇଥିଲା। କ୍ଲିନ୍ ସୁବର୍ଣ୍ଣପୁର ଅଭିଯାନର ଯାଞ୍ଚ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ବୁଲା ଗାଇଗୋରୁଙ୍କ ପାଇଁ ଗୋ ଶ୍ରଦ୍ଧା ଭଳି ଯୋଜନା ହୋଇଥିଲା। ତେବେ ଜିଲାପାଳଙ୍କ ବଦଳି ପରେ ଏହି ଅଭିଯାନ ବାଟବଣା ହୋଇଯାଇଛି। ଅଧିକାରୀ ଓ



ସୁବର୍ଣ୍ଣପୁର ସହର ନଳିନୀ ଛକ ନିକଟରେ ବର୍ଜ୍ୟବସ୍ତୁ ଗଦା ହୋଇଛି।

କର୍ମଚାରୀମାନେ ସଠିକ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁନାହାନ୍ତି। ସହରର ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁ ଗଦା ଦେଖିବାକୁ ମିଳୁଛି। ଭୁବନେଶ୍ୱର ପଟୁ ସୁବର୍ଣ୍ଣପୁର ସହରକୁ ପ୍ରବେଶ ରାସ୍ତାର ଆରମ୍ଭରେ ରହିଛି ଆବର୍ଜନା ଗଦା। ତେଲନଦୀ ବ୍ରିଜ୍ ପାରି ହେବା ପରେ ଡାହାଣ ପାର୍ଶ୍ୱରେ ଗଦା ହେଉଛି ଆବର୍ଜନାର ପାହାଡ। ପୌର ପରିଷଦ ପକ୍ଷରୁ ନଦୀକୂଳରେ ଆବର୍ଜନା ଠୁଳ କରାଯାଉଛି। ଏହି ସ୍ଥାନରୁ ହିଁ ଆରମ୍ଭ ହୋଇଛି ରିଂ ରୋଡ। ଏହି ରିଂ ରୋଡ ଦେଇ ସୁବର୍ଣ୍ଣମେରୁ, ସୁରେଶ୍ୱରୀ ଓ ରାମେଶ୍ୱର ମନ୍ଦିରକୁ ଶ୍ରଦ୍ଧାଳୁମାନେ ଯାଇଥାନ୍ତି। ବୟସ୍କ ବ୍ୟକ୍ତିମାନେ ରିଂ ରୋଡରେ ପ୍ରାତଃଭ୍ରମଣ କରନ୍ତି। ତେବେ ପୂତିଗନ୍ଧମୟ ପରିବେଶ ଯୋଗୁ ବାହାର ଜିଲାରୁ ଆସୁଥିବା ପର୍ଯ୍ୟଟକ ନାକ ଟେକୁଛନ୍ତି। ଆବର୍ଜନାଗୁଡିକ ବର୍ଷାରେ ଓଦା ହେଲେ ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ବର୍ଷା ହେଲେ ଏହି ବର୍ଜ୍ୟବସ୍ତୁ ସିଧାସଳଖ ତେଲନଦୀରେ ମିଶୁଛି। ନଦୀଜଳ ପ୍ରଦୂଷିତ ହେଉଛି। ନଦୀଜଳ ବ୍ୟବହାର କରୁଥିବା ଲୋକେ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ସହରର ନଳିନୀ ଛକ ନିକଟରେ ଥିବା ଟ୍ୟାକ୍ସି ଷ୍ଟାଣ୍ଡ ଓ ମହାରାଜା ହାଇସ୍କୁଲ ପଛ ପାର୍ଶ୍ୱରେ ୭ରୁ ୮ ଦିନ ଧରି ଆବର୍ଜନା ଗଦା କରି ରଖାଯାଉଛି। ସେଗୁଡ଼ିକୁ ଟ୍ରାକ୍ଟରରେ କୁଲପଡାସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ନିଆଯାଉନି। ପୌରାଞ୍ଚଳର ରାମଜୀନଗର, ଉଦୟନଗର, ଗ୍ରୀଡ୍‌କୋ କଲୋନୀ, ଶାନ୍ତିନଗର, ବିବେକାନନ୍ଦ ନଗର, ରାମକୃଷ୍ଣ ନଗର, ପଟାଭାଡି, ମାଣିକେଶ୍ୱରୀ ପ୍ଲଟ ଓ ଗୋକର୍ଣ୍ଣେଶ୍ୱରପଡା ଆଦି ଅଞ୍ଚଳରେ ଏ ପର୍ଯ୍ୟନ୍ତ ବ୍ୟବସ୍ଥିତ ଭାବେ ଡ୍ରେନ୍ ନିର୍ମାଣ ହୋଇପାରିନି। ସେହିପରି ମଝିପଡା, ଥନାପତିପଡା, ବଡବଜାର, ଭଗବତୀପ୍ଲଟ, ଘୋଡା ଘାଟପଡା, ମାଳିପଡା, ଟିଙ୍କିରିପଡା, ତରିଆପଡା, କୁମ୍ଭାରପଡା ଓ ଢେରାପଡା

**ସୁବର୍ଣ୍ଣପୁର ପୌରାଞ୍ଚଳ**



■ସହର ଭିତରେ ଆବର୍ଜନା, ଡ୍ରେନ୍ ସଫା ହେଉନି

ଆଦି ଅଞ୍ଚଳରେ ଠିକ୍ ଭାବେ ଡ୍ରେନ୍ ସଫା ହେଉନି। ବିଭିନ୍ନ ସ୍ଥାନରେ ନର୍ଦ୍ଦମା ଜଳ ଜମା ହୋଇରହୁଛି। ଏହିସବୁ ସ୍ଥାନରୁ ମଶା ବଂଶ ବିସ୍ତାର ହେଉଛି । ମଶାଙ୍କ ପାଇଁ ସହରବାସୀ ଶାନ୍ତିରେ ରହି ପାରୁନାହାନ୍ତି । ମାତ୍ର ମଶା ଦମନ ପାଇଁ ପୌର ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ ହେଉନି । ଡେଙ୍ଗୁ ରୋଗ ଏଡିସ୍ ମଶା ଦ୍ୱାରା ବ୍ୟାପେ। ଏହି ମଶା ସାଧାରଣତଃ ସକାଳ ସମୟରେ ଓ ସନ୍ଧ୍ୟା ପୂର୍ବରୁ କାମୁଡେ। ସହରରେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସାଧାରଣ ମ୍ୟାଲେରିଆ ରୋଗୀ ଏବେ ଆତଙ୍କିତ ହୋଇ ପଡୁଛନ୍ତି। ତେଣୁ ପୌର ପରିଷଦ ପକ୍ଷରୁ ସହର ମଝିରେ ସ୍ଥାନେ ସ୍ଥାନେ ଗଦା ହୋଇଥିବା ଅଳିଆ ଦୂର ସ୍ଥାନକୁ ହଟାଇବା ସହ ଡ୍ରେନ୍‌ଗୁଡିକୁ ନିୟମିତ ସଫା କରିବା ଓ ସମସ୍ତ ୱାର୍ଡରେ ମଶା ଧୂଆଁ ପ୍ରୟୋଗ ପାଇଁ ସହରବାସୀ ଦାବି କରିଛନ୍ତି।

## ଅନୁଗୋଳ ଅତିରିକ୍ତ ଏସ୍‌ପିଙ୍କ ଅକାଳ ବିୟୋଗ

**ଅନୁଗୋଳ,୧୭।୮ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ (୫୮)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ବଜାରରୁ ଫେରି ଘରେ କିଛି କାମ କରୁଥିବା ବେଳେ ତାଙ୍କର ବାନ୍ତି ହୋଇଥିଲା। ଏହାପରେ ସେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଜିଲା ପୋଲିସରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ପାଣିଗ୍ରାହୀ ଜଣେ କର୍ମଠ, ନ୍ୟାୟବନ୍ତ ପୋଲିସ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ନିକଟରେ ତାଙ୍କର ବାଲେଶ୍ୱର ଜିଲାକୁ ବଦଳି ହୋଇଥିଲା। କିଛି ଦିନ ମଧ୍ୟରେ ସେ ନୂଆ ସ୍ଥାନରେ ଯୋଗଦେବାର ଥିଲା। ତାଙ୍କ ମୃତ୍ୟୁ ଖବରପାଇ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ଛେଳିଆପଡ଼ା ପୋଲିସ ରିଜର୍ଭ ପଡ଼ିଆରେ ତାଙ୍କୁ ଗାର୍ଡ ଅପ୍ ଅନର ପ୍ରଦାନ କରାଯାଇଥିଲା। ତାଙ୍କ ପୈତୃକ ଘର ସୁବର୍ଣ୍ଣପୁର ଜିଲାରେ ହୋଇଥିବା ବେଳେ ବଲାଙ୍ଗୀରରେ ସେ ରହି ଆସୁଥିଲେ। ତେଣୁ ତାଙ୍କ ପାର୍ଥିବ ଶରୀର ସେଠାକୁ ନିଆଯାଇଛି। ପରଲୋକ ବେଳେ ତାଙ୍କ ନିକଟରେ ସ୍ତ୍ରୀ ସସ୍ମିତା ପାଣିଗ୍ରାହୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବଦଳିଲେ ୩ ଥାନା ଅଧିକାରୀ

**ବୌଦ୍ଧ,୧୭।୮(ଅଜିତ କୁମାର ବାରିକ)**

ଗୁରୁବାର ଦିନ ବୌଦ୍ଧ ପୋଲିସର ଅଦଳବଦଳ ହୋଇଥିବା ଜଣାପଡିଛି। ଶାରଦା ପ୍ରସନ୍ନ ଦାଶ ବୌଦ୍ଧ ଆଦର୍ଶ ଥାନାର ନୂଆ ଥାନା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଥାନା ଅଧିକାରୀ ମାଧବାନନ୍ଦ ନାଏକ ଡିଏସ୍ପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହିପରି କଣ୍ଟାମାଳ ଥାନା ଅଧିକାରୀ ନଳିନୀକାନ୍ତ ଦାଶଙ୍କୁ ହରଭଙ୍ଗା ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ଜିଲା ପୋଲିସ କାର୍ଯ୍ୟାଳୟରେ ଥିବା ଗୋପୀନାଥ ପ୍ରଧାନଙ୍କୁ କଣ୍ଟାମାଳ ଥାନା ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ଏସ୍ଆଇ ତୁଳାରାମ ମହାନନ୍ଦଙ୍କୁ ଶଗଡା ଫାଣ୍ଡିରୁ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ଜଣାପଡିଛି।

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

**ଡୁଙ୍ଗୁରିପାଲି,୧୭।୮(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ସ୍ଥାନରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପଠାରେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ ବିଇଓ ଗଣେଶ କିସାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିପ୍ରଚରଣ ସାହୁ ପରିଚାଳନା କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସମେତ କର୍ମଚାରୀ ଉପସ୍ଥିତ ରହିଥିଲେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ବ୍ଲକ ବିଏସଏସଓ ପ୍ରବୀଣ ରଥ ଓ ପ୍ରୋଗାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ ସଂଯୋଜନା କରିଥିଲେ। ସେହିପରି ବେହେରାମାଳ ଗ୍ରାମ ପଞ୍ଚାୟତର ଲଙ୍ଗଳକଟା ପ୍ରାଥମିକ ବିଦ୍ୟାଳୟରେ ସମିତି ସଭ୍ୟା ଶିବାଞ୍ଜଳି ପଣ୍ଡା,ରାମପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଓ ଶ୍ରୀରାମ ମହାବିଦ୍ୟାଳୟରେ ଅଧ୍ୟକ୍ଷ ତରଣୀସେନ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଡୁଙ୍ଗୁରିପାଲି ରାଜଲକ୍ଷ୍ମୀ ଗଣ୍ଡାପଡାଠାରେ ଡୁଙ୍ଗୁରିପାଲି ଜୋନ ସଭାପତି ରଥ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଡାର ଉପେନ୍ଦ୍ର କୁମ୍ଭାର, ସୁବାସ କୁମ୍ଭାର, କମଳ ନନ୍ଦ, ପ୍ରଶାନ୍ତ, ଶେଖର, ଜଗଦୀଶ, ରିଙ୍କୁ, ବିଜୟ, ସୁଶାନ୍ତ, ସାରଥୀ, ପୂର୍ଣ୍ଣ , ଲଳିତ, ବିନୋଦ ପ୍ରମୁଖ ଉପସ୍ଥିତ ଥିଲେ।

**ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ା ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଘଣ୍ଟାପଡ଼ା ଆଞ୍ଚଳିକ ଗ୍ରାମପଞ୍ଚାୟତ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଗିରିଧର ଦେହୁରୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି କାର୍ତ୍ତିକେଶ୍ୱର ବେହେରା, ବିପିନ ଭୋଇ, ନୀଳାଚଳ ଭୋଇ, ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ କୁମାର ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଗୁରୁଜୀ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ସଦସ୍ୟା ସାହୁ, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ପତିତପାବନ ବିଶି, ଘଣ୍ଟାପଡ଼ା ସମଲେଶରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ପୀତବାସ ପଣ୍ଡା, ଏମ.ଇ. ସ୍କୁଲରେ ପ୍ରଧାନଶିକ୍ଷକ ମହେନ୍ଦ୍ର ଲୁହା, ଘଣ୍ଟାପଡ଼ା ଜୁନିୟର କଲେଜରେ ଅଧ୍ୟକ୍ଷ ପରମାନନ୍ଦ ଡ଼ାଙ୍ଗ, ଘଣ୍ଟାପଡ଼ା ଥାନାରେ ଥାନାଧିକାରୀ ବଳଭଦ୍ର ଗଣ୍ଡ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଘଣ୍ଟାପଡା ଗ୍ରାମ ପଞ୍ଚାୟତରେ ସରପଞ୍ଚ ରୀତା କହଁର, ଘଣ୍ଟାପଡ଼ା ପ୍ୟାକ୍ସରେ ସମ୍ପାଦକ କର୍ଣ୍ଣ ରଣାଙ୍କ ତତ୍ତ୍ୱାବଧାନରେ ସଭାପତି ମାନୁ ରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ସିଦ୍ଧାର୍ଥ କଲେଜରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

**ବିନିକା,୧୭।୮(ରାମ ଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କଲେଜରେ ଅଧ୍ୟକ୍ଷା ରେଖା ପଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଝସକେତନ ମେହେର, ନୀଳମାଧବ ଛତ୍ର, ଝଳକ କୁମାର ମିଶ୍ର, ନାରାୟଣ ଚୌଧୁରୀ, ଗରିବ ସାଲମା, ପ୍ରୀତିରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟକ୍ଷା ଓ ଅତିଥି।

ଥିଲେ। ଏହି ଅବସରରେ ପୂର୍ବତନ ସୈନିକ କ୍ଷିତୀଶ ଚନ୍ଦ୍ର ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ଏନଏସଏସ ପୋଗ୍ରାମ ଅଫିସର ରୋହିତ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲ୍ୟ ବିବାହମୁକ୍ତ ପଞ୍ଚାୟତ ଗଠନ ଉପରେ ଗୁରୁତ୍ୱ

**ଉଫୁଲାରେ ସଶକ୍ତ ମହିଳା କାର୍ଯ୍ୟକ୍ରମ**

**ଅମରପାଲି,୧୭।୮(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରହିତ୍ୟରେ ସଶକ୍ତ ମହିଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜୁଭେନାଇଲ ଜଷ୍ଟିସ ବୋର୍ଡ ସଭ୍ୟା ମଞ୍ଜୁଲତା ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ଉଫୁଲା ସଶକ୍ତ ମହିଳା ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି ଥିଲେ। ଏମବିକେ ପଦ୍ମାଳୟା ନନ୍ଦ ମହିଳାଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀର



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ସଦସ୍ୟା, ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ଗର୍ଭବତୀ, ପ୍ରସୂତି, କିଶୋରୀଙ୍କ ପୁଷ୍ଟି ଅଭାବ, ରକ୍ତହୀନତା ଦୂରୀକରଣ, ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ଉପରେ ମତ ରଖିଥିଲେ। ସ୍ୱାସ୍ଥ୍ୟ, ସମାଜକଲ୍ୟାଣ ତଥା ମହିଳା ଶିଶୁ କଲ୍ୟାଣ ସ୍ଥାୟୀ କମିଟି ସଭ୍ୟା ମୀନତି ଭୋଇ, ଶିବାନୀ ସାହୁ ଯୋଗଦେଇ ମହିଳା ଅଧିକାର ଉପରେ ଆଲୋକପାତ କରିଥିଲେ। ଶେଷରେ ସଭ୍ୟା ବିମଳା ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

## ୧୮ରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଅମରପାଲି,୧୭।୮(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ କାର୍ଯ୍ୟରତ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଗଷ୍ଟ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ଏନେଇ ବ୍ଲକରେ କାର୍ଯ୍ୟରତ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କାର୍ଯ୍ୟବନ୍ଦ ଡାକରା ଦେବା ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ତରଫରୁ ରାଜ୍ୟର ସମସ୍ତ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସାମୁହିକ ସ୍ୱାର୍ଥ ପାଇଁ ୨ ଦଫା ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ସଂଘର ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଏନେଇ ସଂଘ ତରଫରୁ ଦାବି ପୂରଣ ନ



ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ଆଶଙ୍କା**

ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏବେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଦାବି ପୂରଣ ନ ହେବାରୁ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚରଣ ସାହୁ, ଲିଙ୍ଗରାଜ ବାଘ, ଗୌରାଙ୍ଗ ମହାପାତ୍ର, ମିତାଞ୍ଜଳି ରଥ, ଯଶୋବନ୍ତ ରାୟ, ଆଦିତ୍ୟ କୁମାର ମେଣ୍ଡିଲି, ସରୋଜ ନନ୍ଦ, ଅକ୍ଷୟ କୁମାର ଭୋଇ, ବିଶ୍ୱାମିତ୍ର ସାହୁ, ଦୁର୍ଗାପ୍ରସାଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବି କଲା ମିଳିତ ଶିକ୍ଷକ ସଂଘ

**କାର୍ଯ୍ୟରତ ଶିକ୍ଷକଙ୍କୁ ସ୍କୁଲରେ ପଶି ମାଡ଼ ଘଟଣା**

**କଣ୍ଟାମାଳ,୧୭।୮(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ସ୍କୁଲ ପରିସରରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ମାଡ ଘଟଣାରେ ଗୁରୁବାର ବ୍ଲକ ମିଳିତ ଶିକ୍ଷକ ସଂଘ କ୍ଷୋଭ ପ୍ରକାଶ କରିଛି। ଗୁରୁବାର ମନମୁଣ୍ଡା ଠାରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ଅପରାହ୍ନରେ ଘିକୁଣ୍ଡି ପ୍ରାଥମିକ ସ୍କୁଲରେ ଶିକ୍ଷକ ହରିଶଙ୍କର ଦାଶ ପାଠ ପଢାଉଥିବା ବେଳେ ଉକ୍ତ ଗାଁର ୨ ଜଣ ଯୁବକ ପୂର୍ବଶତ୍ରୁତାରୁ ସ୍କୁଲରେ ପଶି ସ୍କୁଲର କାଗଜପତ୍ର ଫିଙ୍ଗା ଫୋପଡା କରିଥିଲେ । ଏନେଇ ସମ୍ପୃକ୍ତ ଶିକ୍ଷକ ପ୍ରତବାଦ କରିବାରୁ ତାଙ୍କୁ ଏକ ଠେଙ୍ଗାରେ ପିଟିଥିଲେ । ତାଙ୍କୁ ଚିକିତ୍ସା ପାଇଁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କର ଦୁଇ ହାତରେ ଗଭୀର ଆଘାତ ଲାଗିଛି । ଏନେଇ ଶିକ୍ଷକଙ୍କ ଅଭିଯୋଗ କ୍ରମେ ମନମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ୪୬ ୟୁନିଟ ରକ୍ତ ସଂଗ୍ରହ, ୪୨ଜଣଙ୍କ ଚକ୍ଷୁ ପରୀକ୍ଷା

**ଅମରପାଲି,୧୭।୮(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ କଲ୍ୟାଣମଣ୍ଡପରେ ସହଯୋଗ ସେବା ସଂଗଠନ ଓ ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ୪୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସହଯୋଗ ସେବା ସଙ୍ଗଠନର ସଭାପତି ନବାରୁଣ ଦେବଦତ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ପରିଷଦ ସଦସ୍ୟ ଲବକୁମାର ସାହୁ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହକୁର, ଆମ୍ବା ଅଧ୍ୟକ୍ଷ ବିବସତି ପଣ୍ଡା, ବିପିନ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଙ୍ଗଠନର ସଦସ୍ୟ ଅରବିନ୍ଦ ରଣା ସଂଯୋଜନା କରିଥିଲେ। ସମ୍ପାଦକ ପ୍ରକାଶ ପ୍ରଧାନ, ଟିଟୁ ପଣ୍ଡା, ଅଭିନନ୍ଦନ ପୁଖାରୀ, ସୁଶାନ୍ତ ପୁରୋହିତ, ପ୍ରିୟବ୍ରତ ପୁରୋହିତ, ଶିବରାମ ବେହେରା, ରଶ୍ମି ମୋଦି, ରମାକାନ୍ତ ହରିପାଲ, ଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ୍ରଙ୍କ ଜୀବନ ଗଲା

**ସୋନପୁର,୧୭।୮(ମୃତ୍ୟୁଞ୍ଜୟ ଶତପଥୀ)**

ଗୁରୁବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋନପୁର କଲେଜର ଛାତ୍ର ଧର୍ମରାଜ ବାଘ(୧୭)ଙ୍କ ମୃତ୍ୟୁ ଘଟିଛି। ଧର୍ମରାଜଙ୍କ ଘର ସୋନପୁର ଥାନା କଳାପଥର ପଞ୍ଚାୟତର ବାଙ୍କବିଜା ଗ୍ରାମରେ। ସେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଗୁରୁବାର କଲେଜରେ ପରୀକ୍ଷା ଥିଲା। ନିଜ ଘରେ ଥିବା ଛେଳିଗୁଡ଼ିକ ଚରାଇବା ପାଇଁ ସେ ସକାଳେ ତରବର ହୋଇ ପାଖ ଜଙ୍ଗଲକୁ ଯାଇଥିଲେ। ଛେଳିଙ୍କୁ ଖାଇବାକୁ ଦେବା ପାଇଁ ଜଙ୍ଗଲର ଏକ ଉଚ୍ଚ ସ୍ଥାନକୁ ଉଠି ଗଛର ଡାଳ ଭାଙ୍ଗୁଥିଲେ। ତେବେ ଗଛ ଡାଳଟି ଭାଙ୍ଗି ପାର୍ଶ୍ୱରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଉପରେ ପଡି ଯାଇଥିଲା। ଅଜାଣତରେ ଧର୍ମରାଜ ଉକ୍ତ ଡାଳକୁ ଧରି ଦେଇଥିଲେ। ବିଦ୍ୟୁତ୍ ଆଘାତରେ ସେ

**ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ**

ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ରଙ୍କ ବାପା ରଞ୍ଜିତ ବାଘଙ୍କ ଅଭିଯୋଗକୁ ଭିତ୍ତି କରି ସୋନପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋନପୁର ଥାନା ଏସ୍ଆଇ ରଞ୍ଜିତ ମହାପାତ୍ର ମାମଲାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ପରେ ପୋଲିସ ଛାତ୍ରଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଛାତ୍ରଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦୀନବନ୍ଧୁ ପ୍ରଧାନ ପାଇବେ ରାଷ୍ଟ୍ରପତି ପୋଲିସ ମେଡ଼ାଲ

**ଘଣ୍ଟାପଡା,୧୭।୮(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳ ବରଗାଁ ଗ୍ରାମର ଦୀନବନ୍ଧୁ ପ୍ରଧାନ ୨୦୨୩ ମସିହା ପାଇଁ ରାଷ୍ଟ୍ରପତି ପୋଲିସ ମେଡ଼ାଲ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି। ଏ ନେଇ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ୧୯୮୮ ମସିହାରେ ପ୍ରଧାନ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀରେ ସବ୍‌ଇନ୍ସପେକ୍ଟର ଭାବେ ଯୋଗଦେଇ ଭାରତର ବିଭିନ୍ନ କାର୍ଯ୍ୟାଳୟରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରଛନ୍ତି। ଏହାଛଡା ୭ ବର୍ଷ ମୁମ୍ବାଇସ୍ଥିତ ସିବିଆଇ ବିଭାଗରେ ମଧ୍ୟ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିଲେ। ସିବିଆଇରେ କାର୍ଯ୍ୟ କରିବା ସମୟରେ ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ଆପରାଧିକ ମାମଲା ସଫଳତାର ସହ ତୁଲାଇ ପ୍ରଶଂସିତ ହୋଇଥିଲେ। ଏହି କାର୍ଯ୍ୟ ଭିତରେ ସେ ଅନେକ ମେଡ଼ାଲ ପୋଲିସ ବିଭାଗରୁ ପାଇଛନ୍ତି। ସେ ବର୍ତ୍ତମାନ



ଦୀନବନ୍ଧୁ ପ୍ରଧାନ।

ହାଇଦ୍ରାବାଦସ୍ଥିତ ଜାତୀୟ ଶିଳ୍ପ ସୁରକ୍ଷା ଏକାଡେମୀ(ନିଶା)ର କାର୍ଯ୍ୟନିର୍ବାହୀ ବିଭାଗରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି । ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ମେଡାଲ ପାଇଁ ପ୍ରଧାନଙ୍କ ନାମ ଘୋଷିତ ହେବା ପରେ ତାଙ୍କ ବନ୍ଧୁବର୍ଗ, ସହକର୍ମୀ ଏବଂ ବରଗାଁରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଜଣାଯାଇଛି ଏବଂ ବରଗାଁ ଗ୍ରାମ ଏବେ ଉତ୍ସବମୁଖର ହୋଇପଡିଛି। ସେ ହେଉଛନ୍ତି ବରଗାଁ ଗ୍ରାମର ବାସିନ୍ଦା ରାହାସ ବିହାରୀ ପ୍ରଧାନ ଓ ରୂପବନ୍ତି ପ୍ରଧାନଙ୍କ ବଡ଼ ପୁଅ ।

## ବର୍ଷା ପବନରେ ଭାଙ୍ଗିଲା ଘର

**ଘଣ୍ଟାପଡା,୧୭।୮(ପ୍ରଭାତ କୁମାର ସାହୁ)**

ବୁଧବାର ପ୍ରବଳ ବର୍ଷା ଯୋଗୁ କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ପୋଡାପଦର ଗ୍ରାମର କର୍ଣ୍ଣସିଂ କହଁରଙ୍କ ଘର ଭାଙ୍ଗି ଯାଇଛି। ସରକାର ଗରିବ ପରିବାରକୁ ଛାତ ଘର ଯୋଗାଇ ଦେଉଥିବା ବେଳେ କର୍ଣ୍ଣସିଂ ଏଯାଏ ସେହି ସୁବିଧା ପାଇ ପାରିନାହାନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ବହୁବାର ସରକାରୀ ବାବୁଙ୍କୁ ଗୁହାରି କରି ମଧ୍ୟ କୌଣସି ସୁଫଳ ମିଳିନାହିଁ । ଫଳରେ ଭାଗ୍ୟକୁ ଆଦରି ୨ ବଖରା ଝାଟିମାଟି ଘରେ ପରିବାର ସହ ରହୁଥିଲେ । ହେଲେ ବର୍ଷାରେ ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବର୍ତ୍ତମାନ ଅନ୍ୟ ଗୋଟିଏ ଘରେ ରୋଷେଇ କରିବା ସହିତ ୫ପ୍ରାଣୀ କୁଟୁମ୍ବ ମୁଣ୍ଡ ଗୁଞ୍ଜି ରହୁଛନ୍ତି । ତାଙ୍କୁ ସରକାରୀ ସହାୟତା ପ୍ରଦାନ ସହ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

**ବଣାଇଁ,୧୭।୮ (ପ୍ରଦୀପ ତ୍ରିପାଠୀ) :** ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ବଡଗୋଗୁଆ ଗ୍ରାମରେ ବୁଧବାର ରାତିରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ମୁନା ସାହୁ(୨୩)। ବଣାଇଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମୁନା ରାତିରେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପ୍ରଥମେ ଝଡା ଫୁଙ୍କା କରିଥିଲେ। ଏଥିରେ ଭଲ ନ ହେବାରୁ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା, ବାପା ଗିରଫ

**ଟେନ୍‌ସା,୧୭।୮ (ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କମଣ୍ଡ ଗ୍ରାମ ନାଏକ ସାହିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ପୁଅକୁ ଟାଙ୍ଗିଆରେ ହାଣି ହତ୍ୟାକଲା ବାପା। କୌଣସି କାରଣରୁ ବାପା ଗୋପୀନାଥ ନାଏକ ଓ ପୁଅ ସୁଶାନ୍ତ(୩୨)ଙ୍କ ମଧ୍ୟରେ ବଚସା ହୋଇଥିଲା। ଗୋପୀନାଥ ରାଗିଯାଇ ପାଖରେ ଥିବା ଏକ ଟାଙ୍ଗିଆରେ ପୁଅକୁ ଆକ୍ରମଣ କରିଥିଲେ। ଏଥିରେ ପୁଅ ସୁଶାନ୍ତ ଗୁରୁତର ହୋଇଥିଲେ। ପରିବାର ଲୋକେ ପ୍ରଥମେ ସୁଶାନ୍ତଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ମୃତ ସୁଶାନ୍ତଙ୍କ ପିଉସୀ ଯଶବନ୍ତୀ ନାୟକ କୋଇଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୭/୨୩ରେ ମାମଲା ରୁଜୁକରି ଅଭିଯୁକ୍ତ ବାପା ଗୋପୀନାଥଙ୍କୁ ଗିରଫକରି ପଚରାଉଚରା ଜାରିରଖିଥିବା ଜଣାପଡ଼ିଛି।

### ସରକାରୀ ମହିଳା କଲେଜରେ ସ୍ୱାଧୀନତା ଦିବସ



**ସୁନ୍ଦରଗଡ,୧୭।୮ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଶ୍ୱ ପ୍ରସିଦ୍ଧ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ଜର୍ମାନୀରେ ନିଜର ଦେଶ ପ୍ରେମର ପରାକାଷ୍ଠାର ଉଦାହରଣ ବକ୍ତବ୍ୟର ଆକର୍ଷଣ ବିନ୍ଦୁ ଥିଲା। ଅବସରପ୍ରାପ୍ତ ଆର୍ମି ସୈନିକ ରଞ୍ଜିତ ସିଂ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀମାନେ ସମୂହ ଗୀତ, ନୃତ୍ୟ ଏବଂ ବକ୍ତବ୍ୟ ପରିବେଷଣ କରିଥିଲେ। ରିଜର୍ଭ ପୋଲିସ ପଡିଆରେ ସ୍ୱାଧୀନତା ଦିବସ ସମାରୋହ ଉପଲକ୍ଷେ ଆୟୋଜିତ ଜିଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ତୃତୀୟ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କଲେଜର ୨ ଛାତ୍ରୀ ବନ୍ଦନା ରାଉତ ଏବଂ ହିମାଦ୍ରୀ ପ୍ରଧାନଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଇଥିଲା। ଡ.ସଞ୍ଜୟ କୁମାର ବେହେରା, ଚାରୁଲତା ନାଏକ, ଡ. ସଞ୍ଜିତା ଅଭିଜିତା, ଡ. ତୃପ୍ତିମୟୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୭ଦିନରେ ଭାଙ୍ଗିଲେଣି ୫ରୁ ଅଧିକ ଘର

**ନୂଆଗାଁ ,୧୭।୮ (ବିଜୟ ତ୍ରିପାଠୀ)**

■ ଥମୁନି ହାତୀ ଉପଦ୍ରବ, ଲୋକେ ଆତଙ୍କିତ

■ ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

ସୁନ୍ଦରଗଡ ଜିଲା ନୂଆଗାଁ ଅଞ୍ଚଳରେ ଗତ କିଛିଦିନ ହେବ ହାତୀ ଉପଦ୍ରବ୍ୟ ଥମିବାର ନାଁ ଧରୁନାହିଁ। ୨ ଝାଡ଼ଖଣ୍ଡୀ ହାତୀ ଉଭୟ ବିଶ୍ରା ଓ ବୀରମିତ୍ରପୁର ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ୭ଦିନ ପୂର୍ବେ ବୀରମିତ୍ରପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗୋଲଦାରୁ ସ୍କୁଲରୁ ୨ଟି ହାତୀ ୫୦କି.ଗ୍ରା.ରୁ ଅଧିକ ଚାଉଳ ଖାଇଦେଇଥିବା ବେଳେ ଅଫିସ ଘରକୁ ମଧ୍ୟ ଭାଙ୍ଗିଦେଇଥିଲେ। ଏହି ଘଟଣା ପରେ ବୀରମିତ୍ରପୁର ବନ କର୍ମଚାରୀ ଉକ୍ତ ୨ହାତୀଙ୍କୁ ରାତିରେ ବାଗଡେଗା ଜଙ୍ଗଲ ଆଡ଼କୁ ଘଉଡ଼ାଇ ଦେଇଥିଲେ। ତେବେ ଉକ୍ତ ହାତୀ ୨ଦିନ ପୂର୍ବେ ପତ୍ରାଟୋଲି ଗ୍ରାମରେ ଆତଙ୍କ ଖେଳାଇଛନ୍ତି। ରାତିରେ ଧନସିଂ ଭୂମିଜଙ୍କ ଘର ଭାଙ୍ଗିବା ସହ ଆସବାବପତ୍ର ସବୁ ନଷ୍ଟ କରିଦେଇଛନ୍ତି। ସେହିଭଳି ବାରିଲେପ୍ଟା ପଞ୍ଚାୟତ ଗୁଡ଼ଗୁଡା ଗ୍ରାମରେ ବିଳାସ ବାଡ଼ାଙ୍କ ଘରଭାଙ୍ଗି ଦେଇଛନ୍ତି। ବୁଧବାର ରାତିରେ ପୁଣି ଗୋଟିଏ ଦନ୍ତାହାତୀ ବାଗଡେଗା ଗ୍ରାମରେ ପଶି ଦୁଧନାଥ ସାହୁଙ୍କ ଦୋକାନଘର ସଟର ଭାଙ୍ଗିଦେଇଥିବା ବେଳେ ଘୋଗା ଓରାମଙ୍କ ଘରକୁ ଭାଙ୍ଗିଦେଇଥିଲେ। ଗୋଠଛଡ଼ା ୨ ଦନ୍ତା ୨ ରେଞ୍ଜ ଅଞ୍ଚଳରେ ବହୁ କ୍ଷୟକ୍ଷତି କରୁଛନ୍ତି। ବନବିଭାଗ ଅଧିକାରୀ ହାତୀକୁ ଝାଡ଼ଖଣ୍ଡ ଅଞ୍ଚଳକୁ ଘଉଡାଇବା ବଦଳରେ କେବଳ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଘଉଡାଇ ନିଜ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେବେ ହାତୀଙ୍କୁ ଏହି ଅଞ୍ଚଳରୁ ସ୍ଥାୟୀଭାବେ କିପରି ଘଉଡାଯାଇପାରିବ ସେ ଦିଗରେ ବନବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ହାତୀ ଭାଙ୍ଗିଥିବା ଘର।

# ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ଗୁଳିଫୁଟି ୩ ଆହତ

**ସୁନ୍ଦରଗଡ଼/ରାଜଗାଙ୍ଗପୁର,୧୭।୮ (ଜୟ ନାରାୟଣ ମେଣ୍ଡୁଲି/ଅଶୋକ ପାଣି)**

**କ୍ୟାଶ୍ ଭ୍ୟାନ୍‌ରେ ଟଙ୍କା ଲୋଡ୍ ବେଳେ ଅଘଟଣ**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବସଷ୍ଟାଣ୍ଡ ଡେଲି ମାର୍କେଟଠାରେ ଥିବା ଆଇସିଆଇସିଆଇ ବ୍ୟାଙ୍କରୁ ଗୁରୁବାର କ୍ୟାଶ୍ ଭ୍ୟାନ୍‌ରେ ଟଙ୍କା ଲୋଡ୍ କରୁଥିବା ବେଳେ ଅଘଟଣ ଘଟିଛି। ସୁରକ୍ଷା କର୍ମୀଙ୍କ ଅସାବଧାନତା ଯୋଗୁ ବନ୍ଧୁକରୁ ଗୁଳି ଫୁଟି ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ରାଜଗାଙ୍ଗପୁର ଶାନ୍ତି ନଗରର ଅନୁରାଗ ତନ୍ତୀ, ଜାମପାଲିର ସୀତା ଲାକ୍ରା ଏବଂ ଏମଡି ଇଲିଆସ। ସେମାନଙ୍କୁ ପ୍ରଥମେ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଅତ୍ୟଧିକ ରକ୍ତ ସ୍ରାବ ହେଉଥିବାରୁ ରାଉରକେଲା ଆର୍‌ଜିଏଚ୍‌କୁ ପଠାଇ ଦିଆଯାଇଛି। ଖବର ପାଇ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଏବଂ ଅନ୍ୟମାନେ ଓ ସୁନ୍ଦରଗଡ଼ର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କ ସୁରକ୍ଷା କର୍ମୀ ରଞ୍ଜିତ ସିଂଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ଡବଲ ବ୍ୟାରେଲ ବନ୍ଧୁକ ଜବତ କରିଛି। ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଉକ୍ତ ବ୍ୟାଙ୍କରୁ କ୍ୟାଶ ଭ୍ୟାନ୍‌ରେ ଟଙ୍କା ଲୋଡ୍ ହୋଇ ରାଉରକେଲା ଯିବାକୁ ଥିଲା। ଏହି ସମୟରେ ସୁରକ୍ଷାକର୍ମୀ ରଞ୍ଜିତଙ୍କ ଡବଲ ବ୍ୟାରେଲ ବନ୍ଧୁକର ଟ୍ରିଗର ଅସାବଧାନତା ଯୋଗୁ ଟିପି ହୋଇଯିବାରୁ ଗୁଳି ଫୁଟିଥିବା ସହଯୋଗୀ ସୁରକ୍ଷା କର୍ମୀ ପ୍ରକାଶ କରିଛନ୍ତି।

# ୨୮ରେ ଅଙ୍ଗନୱାଡି କର୍ମୀଙ୍କ ଧର୍ମଘଟ



**କୁତ୍ରା,୧୭।୮ (ଦେବାଶିଷ ସାହୁ)**

ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାରକର୍ସ ଆସୋସିଏଶନ ପକ୍ଷରୁ ଆସନ୍ତା ୨୮ରେ ବିଭିନ୍ନ ଦାବି ନେଇ ଧର୍ମଘଟ କରାଯିବ। ସେମାନଙ୍କ ଦାବି ଗୁଡିକୁ ନେଇ ପୂର୍ବରୁ ବାରମ୍ବାର ସରକାରଙ୍କ ନିକଟରେ ଉପସ୍ଥାପିତ କରାଯିବା ସହ ଧର୍ମଘଟ ମଧ୍ୟ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏପରିକି ସଂଘ ପକ୍ଷରୁ ୨୦୨୨ ନଭେମ୍ବର ୨୧ରୁ ୨୦୨୩ ଜାନୁଆରୀ ୩ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଫେବୃଆରୀ ୧୫ ମଧ୍ୟରେ ଆଲୋଚନା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ଧର୍ମଘଟରୁ ଓହରିଥିଲେ। ହେଲେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଲୋଚନା କରା ନ ଯିବା ଯୋଗୁଁ ଆସନ୍ତା୨୮ରୁ ଅଙ୍ଗନୱାଡି କର୍ମୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଜିଲା ସମ୍ପାଦିକା ବିମଳା ଲାକଡା, କୁତ୍ରା ବ୍ଲକ ସଭାପତି ସୁନିତା ମିଞ୍ଜ, ସମ୍ପାଦିକା ଅନିତା ମଞ୍ଜ, ଲିଲି ସୁଷମା ଲୁଗୁନ, ପ୍ରିତି ତିର୍କୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଏବଂ ସମନ୍ୱିତି ଶିଶୁ ବିକାଶ ଯୋଜନା ଅଧିକାରୀ ଜୟଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଅବଗତ କରାଇଛନ୍ତି।

### ମାଡ଼ି ଚାଲିଛି ଲମ୍ପି ଭାଇରସ୍, ପୁଣି ଏକ ଗାଈ ମୃତ

**କୁତ୍ରା,୧୭।୮ (ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ମାରାତ୍ମକ ଲମ୍ପି ଭାଇରସ୍ ବ୍ୟାପିବାରେ ଲାଗିଛି। ଏଥିଯୋଗୁ ଗୋଟେ ପରେ ଗୋଟେ ଗାଈଙ୍କ ମୃତ୍ୟୁ ଘଟୁଛି। ଗୁରୁବାର ଏହି ଭାଇରସ୍ ଯୋଗୁଁ ପୁଣି ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତମାସରେ ଏହି ଭାଇରସ୍ ପ୍ରଥମେ କୁତ୍ରା ବ୍ଲକ ଅନ୍ତର୍ଗତ ରାଞ୍ଚିରୋଡ ନିକଟରେ ଏକ ବଳଦ ଦେହରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସୁଦ୍ଧା କୁତ୍ରାରେ ୨ଟି ଗାଈର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହା ଏକ ଡିଆଁ ରୋଗ ହୋଇଥିବାରୁ ଅନ୍ୟ ଗାଈ ଗୋରୁଙ୍କ ଦେହରେ ଏହା ବ୍ୟାପୁଛି। ଏବିଷୟରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ ରଞ୍ଜନ ପରିଡାଙ୍କୁ ପଚାରିବାରୁ ,ଏହା ବର୍ତ୍ତମାନ ଜୋରସୋରରେ ବ୍ୟାପୁଛି। ଏହାର କିଛି ଟିକା ନାହିଁ। ଯାହା ଚିକିତ୍ସା କରାଯାଉଛି। ଯାହାହେଲେ ବି ୧୦୦ ରୁ ୨-୩ ପ୍ରତିଶତ ଗାଈଗୋରୁଙ୍କ ମୃତ୍ୟୁ ଘଟିବ ବୋଲି ସେ କହିଛନ୍ତି।

# ବିପୁଳ ପରିମାଣର ମହୁଲ ପୋଚ, ମଦ ଜବତ

**ଲହୁଣୀପଡ଼ା,୧୭।୮ (ଦାଶରଥି ପଣ୍ଡା)**

ଲହୁଣୀପଡ଼ା, ବଣେଇଁ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ, ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ପରାଗପୋଷ ନାଳ ଏବଂ ତାଳବାହାଲି ପଞ୍ଚାୟତ କରଡା କୁନ୍ଦର ନାଳ ଓ ତାଳବାହାଲି ନାଳରୁ ୪ହଜାର ୭୬୦ କେଜି ମହୁଲ ପୋଚ ଏବଂ ୧୨୦ଲିଟର ମହୁଲି ମଦ ସହିତ ମଦ ପ୍ରସ୍ତୁତ ସାମଗ୍ରୀ ଜବତ କରାଯାଇଥିଲା। ଜବତ ପରେ ମହୁଲ ପୋଚ ଓ ମହୁଲି ମଦକୁ ଜଙ୍ଗଲ ଭିତରେ ନଷ୍ଟ କରି ଦିଆଯାଇଥିଲା। ଚଢ଼ାଉ ସମୟରେ ଲହୁଣୀପଡ଼ା ଅବକାରୀ ବିଭାଗ ଓଆଇସି ତେଜରାଜ ଗହୀର, ବଣେଇଁ ଓଆଇସି ଶ୍ରୀକାନ୍ତ ପଟ୍ଟନାୟକ, ଏଏସ୍‌ଆଇ ଅବଦୁଲ ଅନୱାର, ସଞ୍ଜୟ ଗୁପ୍ତା, ରଶ୍ମି ଲାକ୍ରା, ପୋଲିସ ଏଏସ୍‌ଆଇ ପାଣ୍ଡବ ଜୟପୁରିଆ ଏବଂ ପଞ୍ଚାନନ ଜେନା, ବିଦ୍ୟାଧର ସାହୁ, ଅମୂଲ୍ୟ ଲେଙ୍କା, ପ୍ରଭାସିନୀ ବାରିକ ସାମିଲ ଥିଲେ।



ଜବତ ହୋଇଥିବା ମହୁଲ ପୋଚ।

# ମିତେଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ,୧୭।୮ (ଜୟ ନାରାୟଣ ମେଣ୍ଡୁଲି)**

କରମଡିହିଠାରେ ଗତ ୩ଦିନ ଧରି ଚାଲିଥିବା ମିତେଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ସୁବଳୟା ଦଳକୁ ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ବଜରଙ୍ଗବାଲୀଦଳକୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଗୋଲକିପରଭାବେ ସୁବଳୟା ଦଳରେ ପ୍ରସନ୍ନ ଖରସେଲ, ମ୍ୟାନ୍ ଅଫ୍ ଦ ସିରିଜଭାବେ ସୁବଳୟା ଦଳରେ ଶିବସନ, ଫିରୋଜ ଖାନ ପ୍ରମୁଖ ପୁରସ୍କୃତ ହୋଇଥିଲେ। ତଳସରା ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝି, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତିରାଣୀ ପ୍ରଧାନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିଜେଡି ଜିଲା ଉପସଭାପତି ଜୟନାରାରାଣ ତ୍ରିପାଠୀ, ନରଦୀପ ସିଂ, ବିମଳ ବୋଷ, ନିତ୍ୟାନନ୍ଦ ଦାଶ, ରମେଶ ଖଣ୍ଡା, ସଦର ମହକୁମା ଥାନା ଏସ୍‌ଆଇ ମୁକେଶ ସାହାଣ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜନ ଖଣ୍ଡା, ଜଗନାଥ ଖଣ୍ଡା, ସୁଧାଂଶୁ କୁମାର ଚୌଧୁରୀ, ଦେବେନ ବେକ୍, ଶଙ୍କର ଓରାମ, ଆଶିଷ ସା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଚେକ୍ ଓ ଟ୍ରଫି ପ୍ରଦାନ କରାଯାଉଛି।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି

**ସୁନ୍ଦରଗଡ,୧୭।୮ (ଜୟ ନାରାୟଣ ମେଣ୍ଡୁଲି)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଅବନକେଲା ନୂଆଁଖାଇ ଭେଟଘାଟ ମଚାନ (ମଞ୍ଚ)ତାର ପ୍ରସ୍ତୁତି ଆରମ୍ଭ କରିଛି। ଅବନକେଲା ଗଣେଷ ପୂଜା କମିଟି ସଭ୍ୟଙ୍କୁ ନେଇ ଫିରୋଜ କୁମାର ପଟେଲଙ୍କ ଆବାହକତ୍ୱ ଓ ମିରାନନ୍ଦ ସେଟଙ୍କ ସଭାପତିତ୍ୱରେ ଗୁରୁବାର ହୋଇଥିବା ସଭାରେ ଗୁରୁଚରଣ ବଡେକ ଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ପରେ ନୂତନ ପୂଜା କମିଟି ଗଠନ ପ୍ରକ୍ରିୟାରେ ଅନିଲ ସେଟ ସଭାପତି, ଫିରୋଜ କୁମାର ପଟେଲ ସମ୍ପାଦକ, ଜିତେନ୍ଦ୍ର ସାହୁ କୋଷାଧ୍ୟକ୍ଷ ଓ ଦୁଲାନନ୍ଦ ସେଟ ସହ କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଥିଲେ। ସେପ୍ଟେମ୍ବର ୧୯ ଗଣେଷ ପୂଜା ଓ ୨୦ ନୂଆଁଖାଇ ଭେଟଘାଟର ଉଦ୍‌ଘାଟନ ଓ ୨୧ ସନ୍ଧ୍ୟା ଉଦ୍‌ଯାପନ ଉତ୍ସବ ହେବ। ଗାଁର ମହିଳାଙ୍କୁ ନେଇ ଝୋଟି ରଙ୍ଗୋଲି, ପିଠାପଣା ଓ ଛୋଟ ପିଲାଙ୍କୁ ନେଇ ଡ୍ୟାନ୍ସ କାର୍ଯ୍ୟକ୍ରମ ହେବ। ପଶ୍ଚିମ ଓଡିଶାର କବି, କଳାକାର, ଗାୟକ, ସଂକୀର୍ତ୍ତକ ତଥା ଅଭିନେତ୍ରୀ, ଅଭିନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କୃପାସିନ୍ଧୁ ପଟେଲ, ହିମାଂଶୁ ଗଡତିଆ, ଗୋବିନ୍ଦା ସେଠ, ମନୀଷ ପଟେଲ, ଦୁଲାଚାନ୍ଦ ବଡେକ ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ବ୍ରଜରାଜନଗର,୧୭।୮ (ବିଜୟ ବରାଡ)**

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୨୦ତାରିଖରେ ଝାରସୁଗୁଡା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଗସ୍ତରେ ଆସିବେ। ସେ ସ୍ଥାନୀୟ ଓପିଏମ୍ ଡ୍ରାମା ପେଣ୍ଡାଲରେ ପହଞ୍ଚିବା ପରେ ଚଣ୍ଡୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବା ସହ ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ଶୁଣିବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଗୁରୁବାର ବ୍ରଜରାଜନଗରର ବିଜେଡି କାଉନସିଲରମାନେ ଚଣ୍ଡୀ ମନ୍ଦିର ଯାଇ ବୈଠକ କରି ଆଲୋଚନା କରିଥିଲେ। ପୂର୍ବତନ ଉପ ନଗରପାଳ ଜୟନ୍ତ ଦୀକ୍ଷିତ, ପୌର ଉପାଧ୍ୟକ୍ଷ ଗୋପାଳ ସୀତାଣୀଙ୍କ ନେତୃତ୍ୱରେ ପୌରାଞ୍ଚଳର ବିକାଶ ନେଇ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଚଣ୍ଡୀ ମନ୍ଦିରରେ ପାର୍କ ଓ କ୍ଲ, ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତ୍ୟାଧୁନିକ ମେଶିନ ସହିତ ଉନ୍ନତ ମାନର ରୋଗୀ ସେବା ପ୍ରଦାନ, ଓରିଏଣ୍ଟ ପେପର ମିଲ ପରିତ୍ୟକ୍ତ କ୍ୱାର୍ଟର୍ସରେ ରହୁଥିବା ଗରିବ ପରିବାରକୁ ଥଇଥାନ କରିବା ଆଦି ଦାବି ଉପସ୍ଥାପନ କରାଯିବ ବୋଲି ଆଲୋଚନା ହୋଇଥିଲା।



ଚଣ୍ଡୀ ମନ୍ଦିର ପରିସରରେ ଏକାଠି ହୋଇଥିବା କାଉନସିଲର।

# ଆଜି ବ୍ଲକ ଘେରିବ କଂଗ୍ରେସ

**ସୁନ୍ଦରଗଡ,୧୭।୮ (ଜୟ ନାରାୟଣ ମେଣ୍ଡୁଲି)**

ଦରଦାମ ବୃଦ୍ଧି, ବ୍ଲକ ସ୍ତରରେ ପିସି କାରବାର, ଆବାସ ଯୋଜନାରେ ପ୍ରିୟାପ୍ରୀତି, ବେକାରୀଙ୍କୁ ନିଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଜିଲାର ୧୭ ବ୍ଲକ ଘେରାଉ କରାଯିବ। ଏନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ଦେହୁରୀ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ତଥା ନେତା ନିମାଇ ଚରଣ ନାଏକ, ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡଙ୍ଗୀ, ପିସିସି ଇସ୍ତାହାର କମିଟିସଦସ୍ୟ ବେଣୁମାଧବ ତ୍ରିପାଠୀ, ପିସିସି ସମ୍ପାଦିକା ଭୂଲକି ସେଠ, ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ଦେବାଶିଷ ଦାସ, ମେଘନାଦ ନାଏକ ପ୍ରମୁଖ ଜିଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ ସଭାପତି ଓ ଅନ୍ୟମାନେ।

# ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ବନ କର୍ମଚାରୀ

**ବଣାଇଁ,୧୭।୮ (ପ୍ରଦୀପ ତ୍ରିପାଠୀ)**

**ହାତୀ ଉପଦ୍ରବ ଘଟଣା**

ବଣାଇଁ ବନାଞ୍ଚଳ ଅନ୍ତର୍ଗତ ଧରଣୀଧରପାଲି ସେକ୍ସନରେ ଗତ କିଛିଦିନ ହେବ ୨ ଦନ୍ତା ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଥିବାନେଇ ଅଭିଯୋଗ ହୋଇଆସୁଛି। ବୁଧବାର ରାତିରେ ଗୋଠଛଡା ଦନ୍ତା ସାଥୀ ହାତୀଠାରୁ ଅଲଗା ହୋଇ ପାଣ୍ଡୁରିଶିଳା ଗ୍ରାମରେ ପଶି ରାଜେନ୍ଦ୍ର ନାଏକ, ରିନା ବଳ, ଅଞ୍ଜୁ ପାତ୍ର, ଡମ୍ବୁ କିଷାନ, ଦୈତାରୀ କିଷାନଙ୍କ ଘର ଭାଙ୍ଗି ଦେଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାକୁ ଯାଇଥିବା ବେଳେ ପାଣ୍ଡୁରିଶିଳା ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି । ଏନେଇ ଗୁରୁବାର ବଣାଇଁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ଖବର ଲେଖା ହେବା ପର୍ଯ୍ୟନ୍ତ ( ସନ୍ଧ୍ୟା ୮ଟା) କୌଣସି ମାମାଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଅପରପକ୍ଷରେ ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହଯୋଗ ଉପରେ ଚିନ୍ତା ପ୍ରକଟ କରି ତାଙ୍କ ସୁରକ୍ଷାକୁ ଗୁରୁତ୍ୱଦେଇ ସହଯୋଗ ଲୋଡ଼ିଥିବା ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ପାଣ୍ଡୁରିଶିଳା ଗ୍ରାମରେ ହାତୀ ଥିବା ନେଇ ବନ ବିଭାଗ ଖବର ପାଇ ଘଉଡାଇବାକୁ ଯାଇଥିବା ବେଳେ ଗ୍ରାମବାସୀ ତାଙ୍କ ଗାଡ଼ିକୁ ଅଟକ ରଖି ଗାଡ଼ି ଟାୟାରରୁ ପମ୍ପ ବାହାର କରିବା ସହିତ ଫରେଷ୍ଟ ଗାର୍ଡ ଉତ୍କଳ ରାଉତଙ୍କୁ ପ୍ରବଳ ମାଡମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ମାତ୍ର ୨ କିଲୋମିଟର ମଧ୍ୟରେ ବନଖଣ୍ଡ ଅଧିକାରୀ ରହୁଛନ୍ତି। ହେଲେ ଏଭଳି ଘଟଣା ପରେ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ନ ପହଁଞ୍ଚିବା ସାଧାରଣ ଜନତାଙ୍କୁ ଅଧିକ ଉତ୍ୟକ୍ତ କରିଥିବା ବେଳେ ବଣାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଅଧସ୍ତନ କର୍ମଚାରୀ ସିଧା ସଳଖ ଜନତାଙ୍କ ଆକ୍ରମଣର ଶିକାର ହୋଇ ବଣାଇଁ ଥାନାରେ ଏତଲା ଦେଇଛନ୍ତି। ହେଲେ ତାଙ୍କ ଏତଲା ଇଂରାଜୀରେ ଲେଖା ଥିବାରୁ ଓଡ଼ିଆରେ ଲେଖି ଦେଲା ପରେ ମାମଲା ରୁଜୁ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

# କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ, ଜଣେ କୋର୍ଟ ଚାଲାଣ

**ଲହୁଣୀପଡ଼ା,୧୭।୮ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅଞ୍ଚଳରୁ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଗୁରୁବାର ପୋଲିସ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆମୁସ ମୁଣ୍ଡା(୫୩)। ସୂଚନାରୁ ପ୍ରକାଶ ଯେ, କେ. ବଲାଙ୍ଗ ଥାନା ଅନ୍ତର୍ଗତ ପଟା ସାହି ରେଲୱେ ସାଇଡିଂରୁ ଓଡି-୧୪ଏଏ-୨୯୨୮ ନମ୍ବର ପିକ୍‌ଅପ୍ ଭ୍ୟାନରେ ପ୍ରାୟ ୮୦ ବସ୍ତାରୁ ଊର୍ଦ୍ଧ୍ୱ ଚୋରା କୋଇଲା ରାଉରକେଲା ପଟେ ଚାଲାଣ ହେଉଛି ବୋଲି କୌଣସି ସୂତ୍ରରୁ ଚାନ୍ଦିପୋଷ ପୋଲିସ ଖବର ପାଇଥିଲେ। ଏହାକୁ ପିଛା କରି ଚାନ୍ଦିପୋଷ ନିକଟରେ ପିକ୍‌ଅପ୍ ଭ୍ୟାନକୁ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଦେଖିବାକୁ ପାଇଥିଲେ ୮୦ରୁ ଊର୍ଦ୍ଧ୍ୱ ବସ୍ତା ବୋଝେଇ ହୋଇଛି। କୋଇଲାର କୌଣସି କାଗଜ ପତ୍ର ନ ଥିବାରୁ ଏହା ଚୋରି କୋଇଲା ବୋଲି ପୋଲିସର ସନ୍ଦେହ ହୋଇଥିଲା। କୋଇଲା ବୋଝଇ ପକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରି ଥାନାକୁ ଆଣିବା ସହ ଏକ ମାମଲା ରୁଜୁ କରି ଆମୁସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଟ୍ରାକ୍ଟର, ବାଇକ୍ ଜବତ, ୨ ଗିରଫ

ପାଇକମାଳ (ବଡ଼ ଶତପଥୀ): ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ବୁଧବାର ରାତିରେ ଚୋରି ଯୋଜନା କରୁଥିବାବେଳେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୂଆପଡ଼ା ଜିଲା ମହୁଆଭଟା ଗ୍ରାମର ଗଣପତ ଡନସନା(୨୮) ଏବଂ ବିଷ୍ଣୁ ଡନସନା(୨୦)। ପୋଲିସ ଏକ ନମ୍ବର ବିହୀନ ଟ୍ରାକ୍ଟର, ଦୁଇଟି ବାଇକ୍ (ନଂ.ଓଡ଼ି୨୬ଏଫ/୬୨୭୧ ଏବଂ ନଂ.ଓଡ଼ି୧୬/୦୫୯୭) ଏକ ଟାଟା ଏସିଇ(ନଂ.ସିଜି୦୬ ଜିଏମ/୯୧୨୩) ଜବତ କରିଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୯୦।୨୩) ରୁଜୁ ହୋଇଛି।

# ସମାଜ ସଂସ୍କାରକ ଥିଲେ ପାର୍ବତୀ ଗିରି

ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ)

ସ୍ୱାଧୀନତା ଆନ୍ଦୋଳନରେ ନାରୀମାନଙ୍କ ମଧ୍ୟରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରି ନାରୀ ଜାଗରଣର ମୁଖ୍ୟ ପୁରୋଧା ସାଜିଥିଲେ ପାର୍ବତୀ ଗିରି । ନିଜର ନିଷ୍ଠା, ପରାକାଷ୍ଠା ପ୍ରଦର୍ଶନ କରି ଦେଶ ମାତୃକାର ସେବାରେ ସେ ଥିଲେ ଜଣେ ନିଆରା ସମର୍ପିତ ବ୍ୟକ୍ତିତ୍ୱ । ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଅବଦାନ ଯେଭଳି ଅତୁଳନୀୟ, ସମାଜରେ ସଂସ୍କାର ଆଣିବାରେ ସେଭଳି ଅବିସ୍ମରଣୀୟ ବୋଲି ଗୁରୁବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପାର୍ବତୀ ଗିରିଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ପାଳନ ସମାରୋହରେ ମତପ୍ରକାଶ ପାଇଛି ।

ସ୍ଥାନୀୟ ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦିବାକର ମାଝି ସଭାପତିତ୍ୱ କରିଥିଲେ। ଆଡ଼ଭୋକେଟ୍ ନିହାରିକା ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ତତ୍କାଳୀନ ପୁରୁଷ ପ୍ରାଧାନ୍ୟ ସମାଜରେ ପାର୍ବତୀ ଗିରି ଜଣେ ମହିଳା ନେତ୍ରୀ ଭାବେ ଆନ୍ଦୋଳନକୁ ଓହ୍ଲାଇଥିଲେ। ନିଜର ଅଗ୍ନିବର୍ଷୀ ଭାଷଣରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିପାରିଥିଲେ। ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ମଧ୍ୟ ତାଙ୍କ ଲଢ଼େଇ କମ୍ ନ ଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ଉତ୍ସାହ, ପ୍ରବଳ ଉଦ୍ୟମରେ ସେ ତୃଣମୂଳସ୍ତରରୁ ସ୍ୱାଧୀନତା ପାଇଁ କ୍ଷେତ୍ର ପ୍ରସ୍ତୁତିରେ ସମର୍ଥ ହୋଇପାରିଥିଲେ ବୋଲି ଆଚାର୍ଯ୍ୟ କହିଥିଲେ ।

ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ କହିଥିଲେ, ଅସହାୟ, ନିଷ୍ପେସିତ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କ ସେବାକୁ ପାର୍ବତୀ ଗିରି ନିଜ ବ୍ରତ ଭବେ ଗ୍ରହଣ କରିଥିଲେ ଏବଂ ଏଥିପାଇଁ ସେ ବହ୍ନିକନ୍ୟା ଏବଂ ବଡ଼ମା' ଭାବେ ସଭିଁଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେଥିପାଇଁ ତାଙ୍କ ସ୍ମୃତି ଆଜି ମଧ୍ୟ ପ୍ରତିଟି ଜନମାନସରେ ପ୍ରତିଫଳିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ସ୍ଥିତ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ରଣେଶ୍ୱର ରାମଚଣ୍ଡୀ ସଙ୍ଗଠନ ସଭାପତି ଦିବାକର ପ୍ରଧାନ, ପର୍ବତାରୋହୀ ଲିପିକା ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୋହେଲା ବ୍ଲକ ନଅଗାଁର ଆୟୁଷ୍ମାନ ପଣ୍ଡା, ରେମଣ୍ଡାର ଶପଥ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ସାମ୍ବାଦିକ ସଂଘ, ପାର୍ବତୀ ଗରି ମହିଳା କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦରସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ମଧ୍ୟ ପାର୍ବତୀ ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଠାରେ ଗଣେଶ ସେଟ୍, ସୁବିଜ୍ଞ ମଲ୍ଲିକ, ଶିବଶଙ୍କର ବିଶି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଶ୍ରମ ପରିଚାଳକ ଜଳନ୍ଧର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଷା ପୁରୀ, ଯଶୋବନ୍ତୀ ପଟେଲ, ଶଙ୍ଖ ଗିରି, ମଣି ଭୁଏ, ଶତ୍ରୁଘ୍ନ ମାଝି, ସ୍ୱାଗତିକା ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ।



ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୭।୮(ବିରଞ୍ଚି ଦର୍ଲା):** କୁଚିଣ୍ଡାସ୍ଥିତ ଭାଜପା ଅଫିସରେ ବୁଧବାର ୭୭ତମ ସ୍ୱାଧୀନତା ଦିବସରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ କୁଚିଣ୍ଡା ସହରାଞ୍ଚଳର ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କୁ ନେଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସେନା କର୍ମଚାରୀ ସୁକୁମାର କିଷାନ, ଅଶ୍ୱିନୀ ସାଥୁଆ, ଜେନାମଣି କିଷାନ, ମୁକ୍ତେଶର ଡୁଡୁମ, ଭୁବନେଶ୍ୱର ଛତ୍ରିଆ ଓ ଅନିଲ କୁମାର ଦାସଙ୍କୁ ରାଜ୍ୟ ଉପସଭାପତି ନାଏକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ପ୍ରବକ୍ତା ପିଙ୍କୁ ପାଣି, ପ୍ରିତମ ପାଣିଗ୍ରାହୀ, ପ୍ରଭାତ ବାଘ, ଚିତ୍ତରଞ୍ଜନ ଭୋଇ, ଶ୍ରୀକାନ୍ତ ଦ୍ୱିବେଦୀ, ଯୁଧିଷ୍ଠିର ମିଞ୍ଜ, କୁଞ୍ଜଲତା ନାଏକଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ରବୀନ୍ଦ୍ର ମଣ୍ଡପରେ ଚଇତୁର ଘୋଡ଼ାନାଚ ମଞ୍ଚସ୍ଥ

**ସମ୍ବଲପୁର,୧୭।୮(ବି.ଶଙ୍କର):** ସମ୍ବଲପୁରୀ ନାଟକ ଚଇତୁର ଘୋଡାନାଚ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ପ୍ରଶାନ୍ତ ମହାରଣାଙ୍କ ରଚିତ, ନିର୍ଦ୍ଦେଶିତ ଓ ସଂଗୀତ ନିର୍ଦ୍ଦେଶନାରେ ସମ୍ବଲପୁର ନାଟ୍ୟକଳା ପରିଷଦର କଳାକାରମାନେ ନାଟକ ପରିବେଷଣ କରିଥିଲେ। ନାଟକରେ ଚଇତୁର ଲୋକ ନୃତ୍ୟ ପରମ୍ପରା ବଞ୍ଚାଇବା ସ୍ୱପ୍ନ ସାକାର ହୋଇଛି। ଏହା ପୂର୍ବରୁ ଚଇତୁର ଘୋଡାନାଚ ରାଜ୍ୟ ଓ ରାଜ୍ୟ ବାହାରେ ପରିବେଷିତ ହୋଇ ପୁରସ୍କୃତ ହୋଇଛି। ବିଭିନ୍ନ ଭୂମିକାରେ ସୂର୍ଯ୍ୟ ପାଣିଗ୍ରାହୀ, ନରେନ୍ଦ୍ର ବେହେରା, ବିରୁପାକ୍ଷ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ, ଯୋଗେଶ ନନ୍ଦ, ସଂଯୁକ୍ତା ପଣ୍ଡା, ମଧୁମିତା ନାଏକ, ରୁଦ୍ରାଂଶ ମେହେର, ଆକାଂକ୍ଷା ମିଶ୍ର, ପୂର୍ଣ୍ଣଚନ୍ଦ୍ର ବୁଡ଼ା, ଅସୀମ ପ୍ରଧାନ, ତାପସ ସାହୁ ଓ ଅଙ୍କିତା ମିଶ୍ର ଅଭିନୟ କରିଥିଲେ। ପ୍ରମୋଦ ମିଶ୍ର ଗୀତ ରଚନା ଏବଂ ରବୀନ୍ଦ୍ର ପଣ୍ଡା ଓ ପଦ୍ମିନୀ ଦୋରା କଣ୍ଠ ଦାନ କରିଥିଲେ।

### ରେଲୱେ ଶ୍ରମିକ କଂଗ୍ରେସର ବୈଠକ

**ସମ୍ବଲପୁର,୧୭।୮(ବି.ଶଙ୍କର):** ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ରେଲୱେ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସମ୍ବଲପୁର ଡିଭିଜନାଲ ସାଧାରଣ ସମ୍ପାଦକ ଭୁପେଶ କୁମାର ମୁଣ୍ଡ ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଡିଭିଜନର ଅନ୍ତର୍ଗତ ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାର ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ସମ୍ବଲପୁର ଶାଖାର ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିଲା।

### ନଦୀରୁ ମୃତଦେହ ଜବତ

**ଝାରବନ୍ଧ,୧୭।୮(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ଅମଠିରେ ଅଙ୍ଗ ନଦୀରେ ଭାସୁଥିବା ଏକ ଅଜଣା ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇ ଅଧିକ ତଦନ୍ତ କରୁଛି। ଅମଠି ଗ୍ରାମର କିଛି ଲୋକ ସକାଳୁ ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ଉକ୍ତ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଝାରବନ୍ଧ ଥାନାଧିକାରୀ ଶୁଚିସ୍ମିତା ମହାନ୍ତି, ଏଏସ୍‌ଆଇ ଶଶିକାନ୍ତ ବାରିକ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ଜମଲା ପଞ୍ଚାୟତରେ ଭତ୍ତା ବଣ୍ଟନ

**ପଦ୍ମପୁର,୧୭।୮(ପ୍ରଦୀପ୍ତ ଦାଶ):** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ଜମଲା ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୮ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ସରପଞ୍ଚ ଐଶ୍ୱର୍ଯ୍ୟା ପାଣିଗ୍ରାହୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରସାଗର ସାହୁ ଉପସ୍ଥିତ ଥିଲେ।

## ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ମହାନ୍ତିପଡ଼ାସ୍ଥିତ ଇଲେଭେନ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ରାଧାମୋହନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିର ପରିଚାଳନାରେ କ୍ଲବର ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ସେହିପରି ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ବରଗଡ଼ ରକ୍ତଭଣ୍ଡାରରେ ଅନ୍ୟ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୩ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଅଶ୍ୱିନୀ ତ୍ରିପାଠୀ, ସମାଜସେବୀ ସ୍ୱାଧୀନ ପାତ୍ର, ନରସିଂହ କର, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ସଭାପତି ସତ୍ୟଜିତ ଦାଶ, ଉପସଭାପତି ନିରଞ୍ଜନ ତ୍ରିପାଠୀ, ସମ୍ପାଦକ ଏସ.କେ ନସିମୁଦ୍ଦିନ ଉପସ୍ଥିତ ଥିଲେ।

## ନୂତନ ଟ୍ରାନ୍ସଫର୍ମର ସ୍ଥାପନ ଦାବି


ନିର୍ବାହୀ ଯନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ ବଡବାଲିପସି ଗ୍ରାମରେ ଦୀର୍ଘ ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯାଇଛି। ଫଳରେ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ତେବେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଗ୍ରାମବାସୀ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବଡବାଲିପସି ଗ୍ରାମର ବହୁ ଗ୍ରାମବାସୀ ଏବଂ କଂଗ୍ରେସ କର୍ମୀ ବିଦ୍ୟୁତ୍ ବିଭାଗ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ନିର୍ବାହୀ ଯନ୍ତ୍ରୀ ରାଜୁ ସାହାଙ୍କୁ ସାକ୍ଷାତ କରିବାସହ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ତିଲେଇବଣି ଫିଡରରୁ ବଡବାଲିପସି ଓ ନିକଟସ୍ଥ କୁରଡ ଗ୍ରାମର ବିଦ୍ୟୁତ୍ ସଂଯୋଗ କାଟି ଦେବଗଡ ଫିଡର୍ ସହିତ ସଂଯୋଗ କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇ ଓ କଂଗ୍ରେସ ନେତା ଦୀପକ କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ୫ ଅସୁସ୍ଥ

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତ ଫୁଲପଥରଖୋଳ ଗ୍ରାମରେ ଗୁରୁବାର ମହୁ ମାଛି ଆକ୍ରମଣରେ ୫ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଶରତ ସେଠୀ, କୁମାରୀ ସେଠୀ, ସୂର୍ଯ୍ୟା ସେଠୀ, ଜୟନ୍ତୀ ସେଠୀ, ଜ୍ୟୋତ୍ସ୍ନାମୟୀ ସେଠୀ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେମାନେ ଏବେ ମଧ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଦିନ ୧୧ଟାରେ ସମସ୍ତେ ଚାଷ ଜମିରେ ଧାନ ପହ୍ଲା ରୋପଣ କରୁଥିବା ବେଳେ ନିକଟସ୍ଥ ଏକ ଗଛରେ ବସା ବାନ୍ଧିଥିବା ବହୁ ସଂଖ୍ୟକ ମହୁମାଛି ସେମାନଙ୍କୁ ଅତର୍କୀତ ଆକ୍ରମଣ କରିଥିଲେ।

## ନୂତନ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ନୂତନଭାବେ ଯୋଗଦେଇଥିବା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଉପ ଜିଲାପାଳ ପରୀକ୍ଷିତ ସାହୁଙ୍କୁ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଜିଲାପରିଷଦ କାର୍ଯ୍ୟାଳୟକୁ ଯାଇ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାର୍ଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପ ଜିଲାପାଳ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଆଲୋଚନା କରିଥିବା ଜଣାପଡିଛି।


ନୂତନ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ।

## ବାଲ୍ୟବିବାହ ନିରୋଧ ସଚେତନତା ଅଭିଯାନ ଶୁଭାରମ୍ଭ

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ସ୍ୱାଧୀନତା ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ଆନୁକୂଲ୍ୟରେ ବାରକୋଟ ବ୍ଲକର ୧୬ଟି ବିଦ୍ୟାଳୟ, ୧୨ ପଞ୍ଚାୟତ, ଗୋଟିଏ ଚର୍ଚ୍ଚ ଓ ୨ଟି ସୋସାଇଟିରେ ୪୧୮୧ ମହିଳା ଓ ପୁରୁଷ ଏବଂ ୩୭୮୯ ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍ୟ ବିବାହ ନିରୋଧ ଉପରେ ଏକ ବୃହତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋବେଲ ପୁରସ୍କାର ବିଜେତା କୈଳାସ ଶତ୍ୟାର୍ଥୀଙ୍କ ଆହ୍ୱାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦିକା ଅନୁପମା ରାଉତଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ଯୁବକ ସଂଘ କର୍ମକର୍ତ୍ତା, ସରପଞ୍ଚ ଲକ୍ଷ୍ମଣ କିଷାନ, ଦୀପକ କୁମାର ନାୟକ, ଝୁନୁ ବେହେରା, ଭବାନୀ ଶଙ୍କ ବିଶ୍ୱାଳ, ଚିତ୍ରସେନ ନାୟକ ଓ ସମ୍ପୃକ୍ତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇଥିଲେ। ଜିଲାରୁ କିଭଳି ବାଲ୍ୟ ବିବାହ ଭଳି କୁପ୍ରଥାର ମୂଳୋତ୍ପାଟନ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବାଲ୍ୟ ବିବାହ ରୋକିବା ପାଇଁ ରହିଥିବା ବିଭିନ୍ନ ସରକାରୀ ନୀତିନିୟମ ଏବଂ ସାମାଜିକ କର୍ତ୍ତବ୍ୟ ଉପରେ ସମସ୍ତଙ୍କୁ ସଚେତନ କରାଯାଇଥିଲା।

## ନୂତନ ରିଜର୍ଭ ଇନ୍ସପେକ୍ଟରଙ୍କ ଯୋଗଦାନ

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସଶସ୍ତ୍ର ପୋଲିସ୍ ବାହିନୀର ନୂତନ ରିଜର୍ଭ ଇନ୍ସପେକ୍ଟରଭାବେ ହାମ୍ବିରା ସୋରେନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋରେନ ଗତ ୧୫ରେ କାର୍ଯ୍ୟରେ ଯୋଗ ଦେବାପରେ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟ ପକ୍ଷରେ ୨ବର୍ଷ ହେଲା ରିଜର୍ଭ ଇନ୍ସପେକ୍ଟର ପଦବୀ ଖାଲି ପଡିଥିଲା। ସୋରେନଙ୍କ ଯୋଗଦାନ ପରେ ସଶସ୍ତ୍ର ପୋଲିସ୍ ବାହିନୀର ମନୋବଳ ବୃଦ୍ଧି ପାଇ ଅଧିକ ସଶକ୍ତ ହେବ ବୋଲି ଜନ ସାଧାରଣ ଆଶା ବ୍ୟକ୍ତ କରିଛନ୍ତି।

## ବ୍ରହ୍ମ ସ୍ଥାପନା ମହୋତ୍ସବ ଜରିଆରେ ସମାଜକୁ ସନ୍ଥଙ୍କ ବାର୍ତ୍ତା

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ଏକ ଆରୋଗ୍ୟମୟ ପରିବେଶ ସୃଷ୍ଟି ସହିତ ଜଳ ସଂରକ୍ଷଣ, ଜଳବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ମଣିଷ ଚେତନାର ଶୁଦ୍ଧି ଓ ରୋଗ ପ୍ରତିଷେଧକ ବୃଦ୍ଧି, ଆଧ୍ୟାତ୍ମିକତାର ବୃଦ୍ଧି ନିମନ୍ତେ ରେକୀ ମିଶନର ପ୍ରତିଷ୍ଠାତା ବିଜ୍ଞାନୀ ଗୁରୁ ପୂଜ୍ୟ ଶ୍ରୀସନ୍ଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୧୪ରୁ କଟକ ଶ୍ରୀରାମ ନଗରସ୍ଥିତ ରେକୀ ମିଶନଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ରହ୍ମ ବୃକ୍ଷ (ବଟ ଓ ଅଶ୍ୱତ)କୁ ସାଙ୍ଗରେ ଧରି ଦେବଗଡ଼ ଜିଲାକୁ ଯାତ୍ରା କରିଥିଲେ। ଏହି ଯାତ୍ରାରେ ଓଡ଼ିଶାର ଗୁରୁସେନା, ଶକ୍ତିସେନାକୁ ସାମିଲ କରି କଟକ ଚଣ୍ଡି ମନ୍ଦିର, ଝାଞ୍ଜିରି ମଙ୍ଗଳା ମନ୍ଦିର, ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରୁ ଆଜ୍ଞାମାଳ ପାଇ ଦେବଗଡ଼ଠାରେ ପହଞ୍ଚି ପୁରୁଣାଗଡ଼ସ୍ଥିତ ଓଲଟ ବଟ ବୃକ୍ଷ ମୂଳରେ ପୂଜାର୍ଚ୍ଚନା ସାରି ସହର ପରିକ୍ରମା କରିଥିଲେ। ପରେ ଗିରିଗୋବର୍ଦ୍ଧନ ମନ୍ଦିର ପରିସରରେ ପହଞ୍ଚିଥିଲେ। ପୂର୍ବ ନିର୍ଦ୍ଧାରିତ ମନ୍ଦିର ପ୍ରାଙ୍ଗଣରେ ଟ୍ରଷ୍ଟବୋର୍ଡର ଅନୁମତି ଓ ସହଯୋଗ କ୍ରମେ ବଟ ଓ ଅଶ୍ୱସ୍ଥ ବୃକ୍ଷ ରୋପଣ କରିଥିଲେ। ସେହି କ୍ରମରେ ପଞ୍ଚଖଣ୍ଡା ଠାରୁ କୁରୋଡ଼କୋଟ ରାସ୍ତାର ଉଭୟ ପାର୍ଶ୍ୱରେ ଓ ମଠସାହି ସ୍ଥିତ କନକ ଦୂର୍ଗା ମନ୍ଦିର କର୍ମକର୍ତ୍ତାଙ୍କ ସହଯୋଗରେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗିରିଗୋର୍ଦ୍ଧନ ଟ୍ରଷ୍ଟ ବୋର୍ଡ, ମା' କନକ ଦୂର୍ଗାର କର୍ମକର୍ତ୍ତାବୃନ୍ଦ ତଥା ରେକୀ ମିଶନର ସଂଯୋକ କ୍ଷେତ୍ରବାସୀ ମେହେର, ପ୍ରଦୀପ ଛତ୍ରିଆ, ନବୀନ ମହାନ୍ତି, ମଳୟ ବେହେରା, ପ୍ରଶାନ୍ତ ଦେବ, ରମଣୀ ରଞ୍ଜନ ଆଚାର୍ଯ୍ୟ, ଶରତ ମେହେର, ଅନନ୍ତ ମେହେର, ଜୟନ୍ତୀ ବେହେରା, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ପ୍ରଫୁଲ୍ଲ ନାଏକ, ବିଜୁ ମହାପାତ୍ର ତଥା ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।


ମନ୍ଦିର ପରିସରରେ ବୃକ୍ଷ ରୋପଣ କରାଯାଉଛି।

## ପଶ୍ଚିମାଞ୍ଚଳ ଏକତା ମଞ୍ଚର ନାରୀଶକ୍ତି ବୈଠକ

ସମ୍ବଲପୁର,୧୭।୮(ବି.ଶଙ୍କର)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତି ଶାଖାର ବୈଠକ ବୁଧବାର ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି। ପଙ୍କଜିନୀ ମେହେରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ମଞ୍ଚର ଆବାହକ ଭବାନୀଶ ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଯୋଗଦେଇ ମହିଳାମାନଙ୍କ ବିକାଶ ନେଇ ଆଲୋଚନା କରିଥିଲେ। ମଞ୍ଚର କେନ୍ଦ୍ରୀୟ ସହ ସଂଯୋଜିକା ଭାବେ ଝୁନୁ ତ୍ରିପାଠୀ, ସମ୍ବଲପୁର ଜିଲା ମହିଳା ସଂଯୋଜିକା ସ୍ୱସ୍ତିକା ନାୟକ, ସହ ସଂଯୋଜିକା ପଙ୍କଜିନୀ ବୈଠାରୁ, କାର୍ଯ୍ୟକ୍ରମ ସଂଯୋଜିକା ଭାବେ ତୃପ୍ତି ପଣ୍ଡା, ସମ୍ବଲପୁର ଶାଖା ସଂଯୋଜିକା ସୁଷମା ପ୍ରଧାନ, ସହ ସଂଯୋଜିକା ସୁଜାତା ଗୁରୁ, ରେଙ୍ଗାଲି ଶାଖା ସଂଯୋଜିକା ପଙ୍କଜିନୀ ରାଉତ, ହୀରାକୁଦ ଶାଖା ସଂଯୋଜିକା ସଂଯୁକ୍ତା ଆଚାର୍ଯ୍ୟ, ରେଢାଖୋଲ ଶାଖା ସଂଯୋଜିକା ଜନନୀ ମିଶ୍ର, ଗୋଶାଳା ଶାଖା ସଂଯୋଜିକା ଭାବେ ସଂଯୁକ୍ତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଦାବି

ସମ୍ବଲପୁର,୧୭।୮(ବି.ଶଙ୍କର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଚାଉଲଡିପୋ ବାସିନ୍ଦା ଘରଡିହ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଦାବି କରିଛନ୍ତି। ସେମାନେ ଏ ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଘରଡିହ ମିଳି ନ ଥିବାବେଳେ ବାରମ୍ବାର ଆବେଦନ ପରେ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବାରୁ ପଦାକ୍ଷପ ନେବାକୁ ଗୁହାରି କରିଥିଲେ।

# ମୃତକଙ୍କ ପରିବାରକୁ ୫ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

■ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ ବୃଦ୍ଧା

■ ଜାତୀୟ ମାନବ ଅଧିକାର କମିଶନଙ୍କ ନିର୍ଦ୍ଦେଶ

ଦେବଗଡ଼,୧୭।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଗ୍ରାମରେ ୨୦୨୨ ମସିହା ଜାନୁଆରୀ ୧୯ରେ ପାର୍ବତୀ ସାହୁ(୬୫)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି) ଗୁରୁବାର ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଘଟଣା ବାବଦରେ ଭବାନୀପାଟଣାର ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ଅଭିଯୋଗର ଶୁଣାଣି କରି ଏନ୍‌ଏଚ୍‌ଆରସି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି କ୍ଷତିପୂରଣ ରାଶି ପ୍ରଦାନ କରି ତାର ପ୍ରମାଣ ସହିତ ସବିଶେଷ ରିପୋର୍ଟ ୬ ସପ୍ତାହ ମଧରେ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୋଗ ଆଗତ ହେଲା ପରେ କମିଶନ ଏହାକୁ କେଶ ନମ୍ବର ୧୨୦୬ / ୨୦୨୨ରେ ପଞ୍ଜିକରଣ କରି ଦୁଇ ଥର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଥିଲେ। କମିଶନଙ୍କ ନୋଟିସର ଜବାବରେ ଦେବଗଡ଼ ଜିଲାପାଳ ବିସ୍ତୃତ ରିପୋର୍ଟ ଦାଖଲ କରିବା ସହିତ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରି ଜଣେଇ ଥିଲେ ଯେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏଭଳି ଘଟଣା ଘଟିଲା। ଦେବଗଡ଼ ପୋଲିସ ଅଧିକ୍ଷକ ମଧ ସମାନ ମତାମତ ସହିତ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ ଟାଟା ପାୱାର ପକ୍ଷରୁ ଘଟଣା ବାବଦରେ ସମ୍ପୂର୍ଣ୍ଣ ଓଲଟା ରିପୋର୍ଟ ପ୍ରଦାନ କରାଯାଇଥିଲା। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଓ ଟାଟା ପାୱାର ଅଧିକାରୀ ଏଥିପାଇଁ ଦାୟୀ ନୁହନ୍ତି ବୋଲି ସଫେଇ ଦିଆଯାଇଥିଲା। ଅପରପକ୍ଷରେ ସମ୍ବଲପୁର ଜୋନର ମୁଖ୍ୟଯନ୍ତ୍ରୀ ତଥା ବିଦ୍ୟୁତ୍ ନିରୀକ୍ଷକ ତାଙ୍କ ତଦନ୍ତ ରିପୋର୍ଟରେ ଟାଟା ପାୱାରର ଅବହେଳା ବିଷୟରେ ସବିଶେଷ ଉଲ୍ଲେଖ କରିବା ସହିତ କେଉଁ କେଉଁ ତ୍ରୁଟି ଯୋଗୁ ଏଭଳି ଘଟଣା ଘଟିଲା ତାହା ଦର୍ଶାଇଥିଲେ। ଟାଟା ପାୱାର କର୍ତ୍ତୃପକ୍ଷ ତାଙ୍କର ଦାୟିତ୍ୱ ଠିକ ଢଙ୍ଗରେ ସମ୍ପାଦନ କରି ନ ଥିବା ପ୍ରମାଣ ସହିତ ଉଲ୍ଲେଖ କରିଥିଲେ। ଏହି ସମସ୍ତ ରିପୋର୍ଟଗୁଡିକୁ ତର୍ଜମା କଲାପରେ ମାନବ ଅଧିକାର କମିଶନ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର ଓ ଓଡିଶା ସରକାର ଏହି ଘଟଣା ପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ଦର୍ଶାଇବା ସହିତ, ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଅଗଷ୍ଟ, ୨୦୨୩

**ଟିଟିଲାଗଡ଼ ଜିଲା ଦାବି: ମୁରିବାହାଲରେ ଆଂଶିକ ପ୍ରଭାବ**

ମୁରିବାହାଲ,(ଶ୍ରୀବତ୍ସ ବେହେରା ): ଟିଟିଲାଗଡ ଜିଲା ଓ ହଳଦୀକୁ ବ୍ଲକ ମାନ୍ୟତା ଦାବିରେ ଗୁରୁବାର ଆହୂତ ବନ୍ଦର ପ୍ରଭାବ ମୁରିବାହାଲ ବ୍ଲକ ଅଞ୍ଚଳରେ ଆଂଶିକ ପ୍ରଭାବ ପଡିଛି। ବ୍ଲକ, ତହସିଲ କାର୍ଯ୍ୟାଳୟ ବନ୍ଦଥିବା ବେଳେ ଦୋକାନ, ସ୍କୁଲ କଲେଜ ଖୋଲା ରହିଥିଲା। ହଳଦୀ ଛକରେ ୫୯ନଂ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ସମିତି ସଭ୍ୟ ଟୁନାମଣି ମହାନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ବନ୍ଦ ରହିଥିଲା। ଚତୁର ମହାନନ୍ଦ, ଦୀନେଶ କୁମାର ସାମିଲ ଥିଲେ।



## ସଂକ୍ଷେପରେ

### ବିଦ୍ୟୁତ୍ ଉପଭୋକ୍ତାଙ୍କ ବୈଠକ, ମନମାନିକୁ ନେଇ ଅସନ୍ତୋଷ

ଲାଠୋର,୧୭।୮ (ଭୁବନେଶ୍ୱର ବାରିକ)

ବିଦ୍ୟୁତ୍ ବିଭ୍ରାଟ ସାଙ୍ଗକୁ ସରବରାହ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟକଳାପ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଉପଭୋକ୍ତା। ବୁଧବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀକେନ୍ଦ୍ରଠାରେ ଏକ ବୈଠକ କରି ସେମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସରବରାହ ସଂସ୍ଥାର କର୍ମଚାରୀମାନେ ଘରେ ପଶି ଚେକିଙ୍ଗ କରୁଛନ୍ତି। କୌଣସି ତ୍ରୁଟି ନ ପାଇଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଫାଇନ ପକାଉଛନ୍ତି। ଫାଇନ ନ ଦେଲେ ବିଦ୍ୟୁତ୍ କାଟି ଦିଆଯାଉଛି। ଏପରିକି ଫାଇନ ଦେଲେ ବି ରସିଦ ପ୍ରଦାନ କରାଯାଉ ନ ଥିବା ନେଇ ଜଣେ ଉପଭୋକ୍ତା ବୈଠକରେ ଅଭିଯୋଗ କରିଥିଲେ। ଏଥିସହିତ ବ୍ୟବହାରଠାରୁ ଅଧିକ ବିଲ୍ ଆସୁଥିବା ଅଭିଯୋଗ ଆସିଥିଲା। ଏ ନେଇ ବିଦ୍ୟୁତ୍ ଯୋଗାଣ ସଂସ୍ଥା ପାଟଣାଗଡ଼ ଏସ୍‌ଡିଓ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିନା କାରଣରେ କାହାକୁ ହଇରାଣ କରାଯାଉନାହିଁ। ଏପରିକି ଅଧିକ ଫାଇନ କିମ୍ବା ବିଲ ଆଦାୟ କରାଯାଉ ନାହିଁ ବୋଲି ସେ କହିଥିଲେ।

### ଉନ୍ନୟନ ପ୍ରକଳ୍ପ ପାଇଁ ଦେଢ଼କୋଟି ମଞ୍ଜୁର

ଦେଓଗାଁ,୧୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଉନ୍ନୟନ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଦେଢ଼କୋଟି ଟଙ୍କା ମଞ୍ଜୁର ହୋଇଛି। ଏନେଇ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ । ବ୍ଲକର ୨୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ୩୨ଟି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ଏବଂ ବ୍ଲକ ଅଞ୍ଚଳରେ ଥିବା ଯୁକ୍ତ ୨ କଲେଜକୁ ନବୀକରଣ ପାଇଁ ୨୫ଲକ୍ଷ ଓ ଡିଗ୍ରୀ କଲେଜକୁ ୫୦ଲକ୍ଷ ଟଙ୍କା ଦିଆଯାଇଥିବା ସୂଚନା ଦେଇଥିଲେ । ଏଥିପାଇଁ ଅଞ୍ଚଳର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ୫ଟି ସଚିବଙ୍କ ଦେଓଗାଁ ବ୍ଲକ ଗସ୍ତ ପରେ ସାତଦିନ ମଧ୍ୟରେ ପ୍ରକଳ୍ପପାଇଁ ଅର୍ଥ ମଞ୍ଜୁର କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଧ୍ୟକ୍ଷ ଖମାରୀ ବିବୃତିରେ କହିଛନ୍ତି।

### ତମାଖୁ ନିୟନ୍ତ୍ରଣ ସମ୍ବନ୍ଧୀୟ କର୍ମଶାଳା

ଲୋଇସିଂହା,୧୭।୮ (ସୁଶାନ୍ତ ବାରିକ)

ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ପରିସରରେ ତମାଖୁ ନିୟନ୍ତ୍ରଣ ସମ୍ବନ୍ଧୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ୨୪ ଜଣ ଯୁବଗୋଷ୍ଠୀ ଯୋଗଦେଇଥିଲେ। ଏହି କର୍ମଶାଳାରେ ସତ୍ୟଶିବ ରଥ, ସସ୍ମିତା ରଥ ସୁଶୋଭନ ମହାପାତ୍ର ଯୋଗଦେଇ ତମାଖୁ ବ୍ୟବହାର ଯୋଗୁ ବ୍ୟକ୍ତି, ସମାଜ ଓ ପରିବାର କିପରି କ୍ଷତିର ସମ୍ମୁଖୀନ ହେଉଛନ୍ତି ତାହା ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ସାମାଜିକସ୍ତରରେ ତମାଖୁ ବର୍ଜନ କିପରି ହୋଇପାରିବ ତାହା ଉପରେ ଯୋଜନା କରାଯିବା ସହ ଏକ୍ଷେତ୍ରରେ ଯୁବଗୋଷ୍ଠୀ କିପରି ସଚେତନ ହୋଇ ଲୋକଙ୍କୁ ସଚେତନ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା । ପରେ ତମାଖୁ ବର୍ଜନ ଉପରେ ଶପଥ ପାଠ କରାଯାଇଥିଲା ।

### ଅଜିତ, ଅଭିପ୍ସା ସମ୍ବର୍ଦ୍ଧିତ

ଦେଓଗାଁ,୧୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଓସିଏସ୍ ପରୀକ୍ଷାରେ ଦେଓଗାଁ ବ୍ଲକ ପାଣ୍ଡେଲ ଗ୍ରାମର ଅଜିତ କୁଅଁର ସଫଳ ହୋଇଛନ୍ତି। ସେହିପରି କରାଟେ ସବଜୁନିୟରରେ ଅର୍ନ୍ତଜାତୀୟସ୍ତରରେ ଦେଓଗାଁର ଅଭିପ୍ସା ହୋତା ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ବ୍ଲକ ପାଇଁ ଗୌରବ ଆଣିଥିବା ଏହି ଦୁଇ ଜଣଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନଷ୍ଠିତ ଉତ୍ସବରେ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିପୂର୍ବରୁ ଅଧ୍ୟକ୍ଷ ଖମାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ଡ. ଚିତ୍ତରଞ୍ଜନ ମିଶ୍ର, ଦେଓଗାଁ ଥାନାରେ ଥାନାଧିକାରୀ ତାରାବତୀ ପ୍ରଧାନ, ବନ ରେଞ୍ଜରେ ରେଞ୍ଜର ଅଲୋକ କୁମାର ମାଝି, କୁତୁର୍ଲା ପଞ୍ଚାୟତରେ ସରପଞ୍ଚ ତେଜ ହରପାଲ ପତାକା ଉତ୍ତୋଳନ କରିଥିଲେ।

# ତ୍ୟାଗ ଦ୍ୱାରା ଅମୃତତ୍ୱ ମିଳିଥାଏ

**ରୋଟାରି ଇଲିଟ୍ ପକ୍ଷରୁ ଉଡାନ୍‌ର ଇଣ୍ଡକସନ୍ କାର୍ଯ୍ୟକ୍ରମ**

■ ସ୍କୁଲ ସମୟର ପୁନରାବୃତ୍ତି ହୁଏନାହିଁ: ଜିଲାପାଳ

ବଲାଙ୍ଗୀର,୧୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରୋଟାରୀ ଇଲିଟ ପକ୍ଷରୁ ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲ ପରିସରରେ ଉଡାନ୍ ଇଣ୍ଡକସନ୍-୨୦୨୩ ଗୁରୁବାର ଅନୁଷ୍ଠିତ ହୋଇଛି। ଧର୍ମେନ୍ଦ୍ର ପ୍ରସାଦ ନନ୍ଦଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଛାତ୍ରୀମାନଙ୍କୁ କହିଥିଲେ ଯେ, ଜୀବନରେ ବ୍ୟବସାୟ ବା ଚାକିରି ପାଇଁ ବହୁ ସମୟ ମିଳେ। ମାତ୍ର ସ୍କୁଲ ସମୟ ଥରେ ଚାଲିଗଲେ ଆଉ ଏହାର ପୁନରାବୃତ୍ତି ହୁଏନାହିଁ। ଏଣୁ ସ୍କୁଲ ସମୟକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ଜୀବନର ଲକ୍ଷ୍ୟ ସ୍ଥିର କରିବା ଉଚିତ୍ ବୋଲି କହିଥିଲେ। ନିଜ ଜୀବନର ଅନୁଭୂତି ବର୍ଣ୍ଣନା କରି କିଭଳି ସେ ଛାତ୍ର ଜୀବନରେ ସଫଳତା ପାଇବାକୁ କଠିନ ପରିଶ୍ରମ କରିଥିଲେ



ଉଡାନ୍ ଇଣ୍ଡକସନ୍-୨୦୨୩ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ତାହା କହିଥିଲେ। କୌଣସି ଲକ୍ଷ୍ୟ ହାସଲ କରିବାକୁ ହେଲେ ସବୁବେଳେ ପ୍ରଥମେ ନିଜ ଉପରେ ଆତ୍ମବିଶ୍ୱାସ ରଖିବାକୁ ହେବ ବୋଲି କହିଥିଲେ। ଉଡାନ୍ ତଥା ରୋଟାରୀ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ତାଙ୍କ ବକ୍ତବ୍ୟରେ ରୋଟାରୀର ଉଡାନ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରି ତ୍ୟାଗ ଦ୍ୱାରା ହିଁ ଅମୃତତ୍ୱ ମିଳିଥାଏ ବୋଲି କହିଥିଲେ। ଅନ୍ୟ ପାଇଁ କିଛି କରିବାର ଅଭିଳାଷ ରଖି ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଜୀବନରେ ଶୃଙ୍ଖଳା ସବୁଠୁ ବଡ ଅନୁଭୂତି ଆଣିଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଉଡାନ୍ କାର୍ଯ୍ୟକ୍ରମ ଶିକ୍ଷକ ନବୀନ କୁମାର ନାୟକ ଏବଂ ଟାଉନ୍ କାଳିବା ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଛାତ୍ରୀମାନେ ନିଜକୁ ଗଢ଼ିବା ସହ ସମାଜକୁ ଗଢ଼ିବା ଦିଗରେ ବ୍ରତୀ ହେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆକରି ଯୋଗଦେଇଥିବା ଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ସହ ବ୍ୟାଗ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଡାନ୍‌ର ପୁରାତନ ଛାତ୍ରୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ଦୀପିକା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ମାରପିଟ ଅଭିଯୋଗରେ ଢାବା ମାଲିକ ଗିରଫ

ମୁରିବାହାଲ, ୧୭।୮ (ଶ୍ରୀବତ୍ସ ବେହେରା )

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଷ୍ଟେଶନ ପଡା ବିବେକାନନ୍ଦ ଛକରେ ଥିବା ଏକ ଢ଼ାବାର ମାଲିକଙ୍କୁ ମାରପିଟ କରିବା ଅଭିଯୋଗରେ ଗୁରୁବାର ସ୍ଥାନୀୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ମନୋଜ କୁମାର ମହାରଣା। ଆକ୍ରମଣର ଶିକାର ସଦାନନ୍ଦ ଜାଲଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନା ମୁତାବକ ଗତ ୧୫ତାରିଖ ରାତି ପ୍ରାୟ ୧୦ଟା୩୦ରେ ସଦାନନ୍ଦ ମୁରିବାହାଲ ରାଧାକୃଷ୍ଣ ମନ୍ଦିରରୁ ଘରକୁ ଫେରୁଥିବା ବେଳେ ବିବେକାନନ୍ଦ ଛକରେ ଢ଼ାବା ମାଲିକ ମନୋଜ ଅତର୍କିତ ଭାବେତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏକ ମାମଲା(୧୭୬/୨୩) ରୁଜୁ କରି ପୋଲିସ ମନୋଜଙ୍କୁ ଗିରଫ କରିଥିବା ମୁରିବାହାଲ ଥାନା ଏସଆଇ ଦନାର୍ଦନ ଓରାମ ସୂଚନା ଦେଇଛନ୍ତି ।

# ଆଞ୍ଚଳିକ ଶୁଳିଆବୁଢ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ



ଯୁକ୍ତ ୨ କଲେଜ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିଗଣ ।

ଦେଓଗାଁ,୧୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଞ୍ଚାୟତ ମୁଖ୍ୟାଳୟରେ ଆଞ୍ଚଳିକ ଯୁକ୍ତ ୨ ଶୁଳିଆବୁଢ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କୃଷିସେବା ସମବାୟ ସମିତି ସଭାପତି ଟିକେରାମ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଉଦୟ ଶଙ୍କର ରଣା ଯୋଗଦେଇ ନୂତନ କଲେଜର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ପୂର୍ବତନ ଶିକ୍ଷକ ଚନ୍ଦ୍ର ଶେଖର ରଣା, ପୂର୍ବତନ ସରପଞ୍ଚ ଅଶୋକ ରଣା, ନୀଳମଣୀ ରଣା, ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରେମରାଜ ପ୍ରଧାନ, ସରପଞ୍ଚ ରଞ୍ଜିତା ସାହୁ, ସମିତି ସଭ୍ୟ ଟଙ୍କଧର ବେରିଆ ଓ କ୍ଷୀରୋଦ୍ର ପ୍ରସାଦ ରଣା ପ୍ରମୁଖ ଯୋଗଦେଇଥିଲେ। ଗୌରଗୋଠରେ ଆଞ୍ଚଳିକ କଲେଜର ଶୁଭାରମ୍ଭ ଦ୍ୱାରା ଅଞ୍ଚଳର ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପାକ୍ସ ସମ୍ପାଦକ ଦୂର୍ଯ୍ୟୋଧନ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ଭୂଏ, ଘନଶ୍ୟାମ ପଧାନ, ବିକ୍ରମ ରଣା, ଶିବ ରଣା, ନୁକେଶ କୁମାର ରଣା, ଦିନେଶ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଜୟ ସିଂ କୁମ୍ଭାର।

# ଟୁଲସୀନଗର ଦୁର୍ଗାପୂଜା କମିଟି ପୁନର୍ଗଠିତ


ଟୁଲସୀନଗର ଦୁର୍ଗାପୂଜା କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୧୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟୁଲସୀନଗରପଡା ଦୁର୍ଗାପୂଜା କମିଟି ବୈଠକ ସଭାପତି କିଶୋର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ୧୫ତମ ଦୁର୍ଗାପୂଜାକୁ ମହାସମାରୋହରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦୁର୍ଗାମଣ୍ଡପର ଅଧୁରା କାମ କିପରି ଶୀଘ୍ର ସମାପ୍ତ ହେବ ସେ ନେଇ ଆଲୋଚନା ହୋଇଥିଲା। ଏଦିଗରେ ସମସ୍ତ ସଦସ୍ୟ ସହଯୋଗ କରିବା ସହ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରାଯାଇଥିଲା। ଚଳିତ ଦୁର୍ଗାପୂଜା ତିନିଦିନାତ୍ମକ ପୂଜା କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଗତବର୍ଷର ପୂଜା କମିଟି ଯଥାସ୍ଥିତି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସଭାପତି ଭାବେ କିଶୋର କୁମାର ରଥ, ସମ୍ପାଦକ ସୁନୀଲ କୁମାର ମହାନ୍ତିଙ୍କୁ ପୁନଃ ଦାୟିତ୍ୱ ଅର୍ପଣ କରାଯାଇଥିଲା। କମିଟିରେ ନୀଳାଦ୍ରୀ ବିହାରୀ ସିଂ ଓ ଚକ୍ରପାଣି ରଣା ଉପସଭାପତି, ଆଲୋକ ପାଣିଗ୍ରାହୀ ଓ ଗୋବିନ୍ଦ ବହିଦାର ସହସମ୍ପାଦକ, ନାରାୟଣ ମିଶ୍ର କୋଷାଧ୍ୟକ୍ଷ ଏବଂ ଅଜୟ ମହାପାତ୍ର ସହକୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହା ସହ ୧୫ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଅଡିଟର ଭାବେ ଡ. ମହେଶ ପଟ୍ଟନାୟକ ଏବଂ ଇନ୍ଦ୍ରମଣି ରଥଙ୍କୁ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା କମିଟିରେ ବାଞ୍ଛାନିଧି ମିଶ୍ର, ପୂର୍ବତନ ଏସପି ବିବେକ ରଥ, ଗୌରାଙ୍ଗ ମିଶ୍ର, ଡ. ବିପିନ ବିହାରୀ ମିଶ୍ର, ସୁରେନ୍ଦ୍ର ନେଗୀ, ଭଗବାନ ବରର୍ଗତ୍ତୀ, ରଞ୍ଜିତ ମହାନ୍ତି, ସତ୍ୟ ସିଂ, ଆନନ୍ଦ ଖୁଆସ, ବିଭୂତି ଶଙ୍କର ବିନ୍ଧଣୀ, ସଞ୍ଜୟ ମିଶ୍ର, ବନମାଳୀ ବାଗ, କବିରାଜ ଭୋଇ, ବାଲାଜୀ ପଣ୍ଡା, ଡା. ବିପିନ ତ୍ରିପାଠୀ, ସତ୍ଯନାରାୟଣ ରଥ, ପ୍ରହଲ୍ଲାଦ ଭୋଇ, ନୀଳ ସେଠ୍, କାହ୍ନୁ ସାହୁ, ବାଞ୍ଛା ସେଠ, ପ୍ରଫୁଲ୍ଲ ମେହେର, ସୁରେନ୍ଦ୍ର ଅଶ୍ୱପାଳ, ସୁଦାମ ସାହୁ, ଛବିଳ ବରର୍ଗତ୍ତୀ, ଚୈତନ୍ୟ ସାଏ, ହରେକୃଷ୍ଣ ଆଡଜୁଆଡ, ବିଶ୍ୱମ୍ଭର ମିଶ୍ର, ସୁକଦେବ ଷାଣ୍ଡ, ସଞ୍ଜୟ ଭୋଇ, ବିଭୂତି ପୋଢ, କବିରାଜ ଭୋଇ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ଦିବଙ୍ଗତ ସଦସ୍ୟ ସୁଶାନ୍ତ ସୁତାର ଏବଂ ରାଜେନ୍ଦ୍ର ସାହୁଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ଏସ୍‌ସି, ଏସ୍‌ଟି ପିଲାଙ୍କୁ ମିଳିନି ଛାତ୍ରବୃତ୍ତି

ଲାଠୋର, ୧୭।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଅଧ୍ୟୟନ କରୁଥିବା ଅନୁସୂଚିତ ଜାତି, ଜନଜାତି ସମ୍ପ୍ରଦାୟର ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଗତ ୫ ବର୍ଷ ହେବ ଛାତ୍ରବୃତ୍ତି ମିଳିନାହିଁ। ସରକାର ୬ଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ବାର୍ଷିକ ୨୪୦ ଟଙ୍କା, ଛାତ୍ରଙ୍କୁ ୧୮୦ ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ୩୦୦ ଓ ଛାତ୍ର ଙ୍କୁ ୨୪୦ ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ଗତ ୨୦୧୯ ମସିହାରୁ ଆଜିଯାଏ ସମ୍ପୃକ୍ତ ବର୍ଗର ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇନାହିଁ। ୬ଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀମାନେ ୫ ବର୍ଷର ଛାତ୍ରବୃତ୍ତି ବାବଦକୁ ୧୨୦୦ଟଙ୍କା ଲେଖାଏ ଓ ଛାତ୍ର ମାନେ ୯୦୦ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀ ଜଣ ପିଛା ୧୫୦୦ ଓ ଛାତ୍ରମାନେ ୧୨୦୦ ଲେଖାଏ ଟଙ୍କା ପାଇବାକୁ ବାକି ରହିଛି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁମ୍‌ଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ପାରି ନାହିଁ। ତେବେ ତାଙ୍କ କାର୍ଯ୍ୟାଳୟ ଡ଼ିଇଓ ସୁଶାନ୍ତ ଛତ୍ରିଆଙ୍କୁ ପଚାରିବାରୁ ପ୍ରତିବର୍ଷ ପିଲାଙ୍କ ବୃତ୍ତି ବାବଦ ଟଙ୍କା ବିଦ୍ୟାଳୟ ପାସ୍‌ବହିରେ ଜମା କରାଯାଉଛି ବୋଲି କହିଛନ୍ତି। ଅପରପକ୍ଷରେ ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କୁ ପଚାରିଲେ ଆମକୁ ଛାତ୍ର ବୃତ୍ତି ବାବଦକୁ ଟଙ୍କା କେବେ ଜମା ଆକାରରେ ଦେଉଛନ୍ତି ଅବଗତ କରାଯାଉନାହିଁ। ତେଣୁ କେଉଁ ହେଡ଼ରେ କେତେ ଟଙ୍କା ଜମା ହେଲା ଆମେ ଜାଣି ନପାରିଲେ କେମିତି ପିଲାଙ୍କୁ ପ୍ରଦାନ କରିବୁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ଏପରିସ୍ଥଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କେବେ କେଉଁ ବିଦ୍ୟାଳୟର ପାସ୍‌ବହିରେ କେତେ ଟଙ୍କା ଛାତ୍ର ବୃତ୍ତି ବାବଦକୁ ଟଙ୍କା ଜମା ଦିଆଯାଇଛି ତାର ସମ୍ପୂର୍ଣ୍ଣ ତଥ୍ୟ ବିଦ୍ୟାଳୟମାନଙ୍କୁ ଦେଲେ ପିଲାମାନେ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଶ୍ମଶାନ ନ ଥିବାରୁ ସତ୍କାର ପାଇଁ ବିସ୍ଥାପିତ ହଇରାଣ

**ବାଗଡିଆ ଗାଁର ରୟତି ଜମିରେ ହେଲା ବିସ୍ଥାପିତଙ୍କ ଦାହସଂସ୍କାର**

ବଲାଙ୍ଗୀର,୧୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବନ୍‌ଛୋରପାଲି ଗାଁରୁ ବିସ୍ଥାପିତ ହୋଇ କୁସ୍‌ମେଲ ଥଇଥାନ କଲୋନୀରେ ରହୁଥିବା ଚନ୍ଦ୍ରଶେଖର ମଲ୍ଲିକ (୭୦)ଙ୍କ ଗୁରୁବାର ମୃତ୍ୟୁ ଘଟିଥିଲା। କୁସ୍‌ମେଲ କଲୋନୀରେ ଶ୍ମଶାନ ସୁବିଧା ନ ଥିବାରୁ ତାଙ୍କର ମୃତଦେହ ଦାହସଂସ୍କାର କରିବାକୁ ପରିବାର ଲୋକେ ଅଡୁଆରେ ପଡିଥିଲେ। ସତ୍କାର ପାଇଁ କେଉଁଠିକି ନେବେ ସେନେଇ ଦୀର୍ଘ ସମୟ ଧରି ବିଚାର ଆଲୋଚନା ପରେ ଥଇଥାନ କଲୋନୀ ନିକଟସ୍ଥ ବାଗଡିଆ ଗାଁରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ରୟତି ଜମିକୁ ନେଇ ଦାହସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ଅପରାହ୍ଣ ପ୍ରାୟ ୨ଟାରେ ସେଠାରେ ତାଙ୍କର ସତ୍କାର ହୋଇଥିଲା। ବନ୍‌ଛୋରପାଲି ଗାଁର ବହୁ ପରିବାର ଏବେ କୁସ୍‌ମେଲ ଥଇଥାନ କଲୋନୀରେ ରହୁଛନ୍ତି। ସେଠାରେ ସର୍ବନିମ୍ନ ମୌଳିକ ସୁବିଧା ନଥିବାରୁ ବିସ୍ଥାପିତ ପରିବାର ସଦସ୍ୟମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଶ୍ମଶାନ ନଥିବାରୁ ଦୀର୍ଘସମୟ ଧରି ମୃତଦେହ ରଖି ଅନ୍ୟ ଏକ ଗାଁକୁ ନେଇ ଦାହସଂସ୍କାର କରିବା ଘଟଣାକୁ ନେଇ ବିସ୍ଥାପିତ ପରିବାରମାନେ ଘୋର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏନେଇ ଜିଲା ପ୍ରଶାସନ ତୁରନ୍ତ ସୁବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ସର୍ବନିମ୍ନ ମୌଳିକ ସୁବିଧା ନ ଯୋଗାଇ ତରବିରିଆ ଭାବେ ବିସ୍ଥାପିତ କରାଯାଇଥିବାରୁ ବିସ୍ଥାପିତମାନେ କଷ୍ଟ ଭୋଗୁଛନ୍ତି। ଏହାର ଶୀଘ୍ର ପ୍ରତିକାରରେ ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଛନ୍ତି।

# ହରିହର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ


ପ୍ରତିଷ୍ଠା ଦିବସ ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

ଲୋଇସିଂହା, ୧୭।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ଉଚ୍ଚ ବିଦ୍ୟାଳୟର ୫୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଅଧିକାରୀ କୋଦଣ୍ଡଧର ପ୍ରଧାନ, ହେମସାଗର ନନ୍ଦ, ଦୁର୍ବାଦଳ ବାଗ,ସ୍କୁଲ ଆଲୁମିନି କମିଟି ସଭାପତି ରଙ୍କ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କଠିନ ପରିଶ୍ରମ କରି ଲକ୍ଷ୍ୟ ହାସଲ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅମନ ମହାକୁରଙ୍କ ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୭ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପ୍ରତିଭାମୟୀ ତ୍ରିପାଠୀଙ୍କୁ ରାଜକିଶୋର ପୁରସ୍କାର, ଶୋହମ ପଧାନଙ୍କୁ ସଂସ୍କୃତ ସମ୍ମାନ, ଓ ଦିବ୍ୟମ ପଧାନଙ୍କୁ ରାକେଶ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, ୧୨୨ ୟୁନିଟ୍ ରକ୍ତ ସଂଗ୍ରହ

ଲୋଇସିଂହା,୧୭।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳର ମିଳିତ ଆନୁକୂଲ୍ୟରେ ଲୋଇସିଂହା ଓ ପୁଇଁତଳାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଲୋଇସିଂହା ଶିବିରୁ ୧୦୧ ଓ ପୁଇଁତଳାରୁ ୨୧ ୟୁନଟି ସଂଗ୍ରହ କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ନିହାର ରଞ୍ଜନ ବେହେରାଙ୍କ ଉଦ୍ୟମକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ଜନଜାତି ସମନ୍ୱୟ ସମିତି ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୂପମା ପଧାନ, ଜିଲା ପରିଷଦ ସସଭ୍ୟା ଲିଲିମା ବେହେରା,ସଂଯୁକ୍ତ ବରିହା,ବୀଣାପାଣି ଦାସ ଅତିଥି ଭାବେ ଯୋଗଦେଇଥିଲେ ।


ମୁଖ୍ୟ ଅତିଥି ନିରଞ୍ଜନ ବିଶି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ସିରିଜ ଚୋରି ଘଟଣାର ପର୍ଦ୍ଦାଫାଶ

■ କ୍ରେତାଙ୍କ ସହ ୩ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

■ ଚୋରିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ବାନ୍ଧିଛି ମେଲଛାମୁଣ୍ଡା ପୋଲିସ

■ ଚୋରି ସାମଗ୍ରୀ ଜବତ

ଖପ୍ରାଖୋଲ,୧୭।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ମୁଖ୍ୟ ବଜାରରେ ଗତ ୨ତାରିଖରେ ହୋଇଥିବା ସିରିଜ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ସ୍ଥାନୀୟ ପୋଲିସ। ଚୋରିରେ ସାମିଲ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଛି। ଗୁରୁବାର ଖପ୍ରାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ରମାକାନ୍ତ ସାହୁ ଏ ନେଇ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗତ ୨ ତାରିଖ ରାତିରେ ବିଦ୍ୟୁତ୍ ନ ଥିବା ଏବଂ ବର୍ଷା ହେଉଥିବାର ସୁଯୋଗ ନେଇ ଖପ୍ରାଖୋଲର ଏକ ମୋବାଇଲ ଦୋକାନ, ୱେଲଡିଂ ଦୋକାନ, ପରିବା ଦୋକାନ, କପସିପାଲି ଗାଁରେ ଏକ ମୋବାଇଲ ଓ କିରାନା ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସିସି ଟିଭି ଫୁଟେଜ ଆଧାରରେ ପୋଲିସ ତନାଘନା କରି ଚୋରିରେ ୫ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ



ଖବରଦାତା ସମ୍ମିଳନୀରେ ପୋଲିସ ଜବତ ଚୋରି ସାମଗ୍ରୀ ଓ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

ପାଇଥିଲା। ସେମାନଙ୍କ ମୋବାଇଲ ଟ୍ରାକିଂ କରି ପୋଲିସ ପଡୋଶୀ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ମେଲଛାମୁଣ୍ଡା ଗାଁର ଶୁଭମ ପଟ୍ଟନାୟକ (୨୪), ବେଲମୁଣ୍ଡା ଗାଁର ସନ୍ତୋଷ ସାହୁ (୨୫)ଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ବେଲମୁଣ୍ଡା ଗାଁର ଚିତ୍ତରଞ୍ଜନ ପାଣ୍ଡେ(୨୨)ଙ୍କୁ ଗିରଫ କରାଯାଇଥିଲା। ଏହି ଚୋରିରେ ମେଲଛାମୁଣ୍ଡା ଥାନା କୁଣ୍ଡାଖାଇ ଗାଁର ଚୂଡାମଣି ଭୋଇ (୨୩) ଓ ବନ୍ଧବାହାଲ ଗାଁର ଦୁଃଖନାସନ ଓରଫ ଅମିତ ବିଶି(୨୫)ଙ୍କ ସମ୍ପୃକ୍ତ ଥିବା ଜଣାପଡିଥିଲା। ହେଲେ ବରଗଡ ଥାନା ପୋଲିସ ସେମାନଙ୍କୁ କିଛିଦିନ ତଳେ ଅନ୍ୟ ଏକ ଚୋରି ଘଟଣାରେ ଗିରଫ କରିଥିବା ଜଣାପଡିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କମାନଠାରୁ ଏକ ସ୍କୁଟି, ଏକ ଏଲିଡି ଟିଭି, ୮ ଟି ମୋବାଇଲ, ୧୧ଟି ଷ୍ଟିଲ ଥାଳିଆ, ଅନେକ ଚୋରା ସାମଗ୍ରୀ ଓ ଚୋରି ଉପକରଣ ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଥାନା ଏସଆଇ ଗୋପୀନାଥ ମହାକୁଡ, ସଞ୍ଜୀବ ସାହୁ ଉପସ୍ଥିତ ଥିଲେ।

## ଟ୍ରାକ୍ଟର, ବାଇକ୍ ଜବତ, ୨ ଗିରଫ

ପାଇକମାଲ (ବଡ଼ ଶତପଥୀ): ବରଗଡ଼ ଜିଲା ପାଇକମାଲ ଥାନା ଅଞ୍ଚଳରେ ବୁଧବାର ରାତିରେ ଚୋରି ଯୋଜନା କରୁଥିବାବେଳେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୂଆପଡ଼ା ଜିଲା ମହୁଆଭଟା ଗ୍ରାମର ଗଣପତ ଡନସନା(୨୮) ଏବଂ ବିଷ୍ଣୁ ଡନସନା(୨୦)। ପୋଲିସ ଏକ ନମ୍ବର ବିହୀନ ଟ୍ରାକ୍ଟର, ଦୁଇଟି ବାଇକ୍ (ନଂ.ଓଡ଼ି୨୬ଏଫ/୬୨୭୧ ଏବଂ ନଂ.ଓଡ଼ି୧୬/୦୫୯୭) ଏକ ଟାଟା ଏସିଇ(ନଂ.ସିଜି୦୬ ଜିଏମ/୯୧୨୩) ଜବତ କରିଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୧୯୦।୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### କୀଟନାଶକ ଖାଇ ଯୁବକ ମୃତ

**ଭେଡ଼େନ,୧୭।୮(ସୁଦନ ମହାକୁର):** ପାରିବାରିକ ଗଣ୍ଡଗୋଳକୁ ନେଇ କୀଟନାଶକ ଖାଇ ଦେବାରୁ ଗୁରୁବାର ବରଗଡ଼ ଜିଲା ଭେଡ଼େନ ଥାନା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ସିଆଲଖଣ୍ଡହଥା ଗ୍ରାମର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହରିବୋଲ ଧରୁଆ (୫୪)। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏ ନେଇ ଭେଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫।୮) ରୁଜୁ ହୋଇଛି। ପ୍ରକାଶ ଯେ, ଅର୍ଜୁନ ଧରୁଆଙ୍କ ପୁଅ ହରିବୋଲ ବୁଧବାର ରାତିରେ ମଦ୍ୟପାନ କରି ପରିବାର ଲୋକଙ୍କ ସହିତ ଗଣ୍ଡଗୋଳ କରିଥିଲେ। ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିବାରୁ ସେ ଉତ୍କ୍ଷିପ୍ତ ହୋଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭେଡ଼େନ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନଦୀରୁ ମୃତଦେହ ଉଦ୍ଧାର

**ଝାରବନ୍ଧ,୧୭।୮(ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ଅମଠିରେ ଅଙ୍ଗ ନଦୀରେ ଭାସୁଥିବା ଏକ ଅଜଣା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇ ଅଧିକ ତଦନ୍ତ କରୁଛି। ଅମଠି ଗ୍ରାମର କିଛି ଲୋକ ସକାଳୁ ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ଉକ୍ତ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଝାରବନ୍ଧ ଥାନାଧିକାରୀ ଶୁଚିସ୍ମିତା ମହାନ୍ତି, ଏଏସ୍‌ଆଇ ଶଶିକାନ୍ତ ବାରିକ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ଫାଇଲେରିଆ ନିରାକରଣ ଅଭିଯାନ



**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପରିଚାଳିତ ଫାଇଲେରିଆ ନିରାକରଣ ଅଭିଯାନ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୩୬୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ ସହିତ ଔଷଧ ସେବନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

### ୧୪୦୯ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଅତାବିରା,୧୭।୮(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୪୦୯ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ସଭାପତିତ୍ୱ କରିଥିଲେ। ବିଡ଼ିଓ ପ୍ରମୋଦ ମେହେର, ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, ଜିଲା ପରିଷଦ ସଭ୍ୟ ରଣଜିତ ସାହୁ, ଶମ୍ଭୁ ସେଟ୍ ପ୍ରମୁଖ ଉପସ୍ଥିତ ଥିଲେ। ସଫେଇ କାର୍ଯ୍ୟ ପାଇଁ ୩ ବ୍ୟାଟେରୀ ଚାଳିତ ଗାଡ଼ି ଲୋକାର୍ପିତ ହୋଇଥିଲା।

### ଜମଲା ପଞ୍ଚାୟତରେ ଭତ୍ତା ବଣ୍ଟନ

**ପଦ୍ମପୁର,୧୭।୮(ପ୍ରଦୀପ୍ତ ଦାଶ):** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ଜମଲା ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୮ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ସରପଞ୍ଚ ଐଶ୍ୱର୍ଯ୍ୟା ପାଣିଗ୍ରାହୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରସାଗର ସାହୁ ଉପସ୍ଥିତ ଥିଲେ।

# ସମାଜ ସଂସ୍କାରକ ଥିଲେ ପାର୍ବତୀ ଗିରି

**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ସ୍ୱାଧୀନତା ଆନ୍ଦୋଳନରେ ନାରୀମାନଙ୍କ ମଧ୍ୟରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରି ନାରୀ ଜାଗରଣର ମୁଖ୍ୟ ପୁରୋଧା ସାଜିଥିଲେ ପାର୍ବତୀ ଗିରି । ନିଜର ନିଷ୍ଠା, ପରାକାଷ୍ଠା ପ୍ରଦର୍ଶନ କରି ଦେଶ ମାତୃକାର ସେବାରେ ସେ ଥିଲେ ଜଣେ ନିଆରା ସମର୍ପିତ ବ୍ୟକ୍ତିତ୍ୱ । ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଅବଦାନ ଯେଭଳି ଅତୁଳନୀୟ, ସମାଜରେ ସଂସ୍କାର ଆଣିବାରେ ସେଭଳି ଅବିସ୍ମରଣୀୟ ବୋଲି ଗୁରୁବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପାର୍ବତୀ ଗିରିଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ପାଳନ ସମାରୋହରେ ମତପ୍ରକାଶ ପାଇଛି ।

ସ୍ଥାନୀୟ ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦିବାକର ମାଝି ସଭାପତିତ୍ୱ କରିଥିଲେ। ଆଡ଼ଭୋକେଟ୍ ନିହାରିକା ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ତତ୍କାଳୀନ ପୁରୁଷ ପ୍ରାଧାନ୍ୟ ସମାଜରେ ପାର୍ବତୀ ଗିରି ଜଣେ ମହିଳା ନେତ୍ରୀ ଭାବେ ଆନ୍ଦୋଳନକୁ ଓହ୍ଲାଇଥିଲେ। ନିଜର ଅଗ୍ନିବର୍ଷି ଭାଷଣରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିପାରିଥିଲେ। ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ମଧ୍ୟ ତାଙ୍କ ଲଢ଼େଇ କମ୍ ନ ଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ଉତ୍ସାହ, ପ୍ରବଳ ଉଦ୍ୟମରେ ସେ ତୃଣମୂଳସ୍ତରରୁ ସ୍ୱାଧୀନତା ପାଇଁ କ୍ଷେତ୍ର ପ୍ରସ୍ତୁତିରେ ସମର୍ଥ ହୋଇପାରିଥିଲେ ବୋଲି ଆଚାର୍ଯ୍ୟ କହିଥିଲେ ।

ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ କହିଥିଲେ, ଅସହାୟ, ନିଷ୍ପେସିତ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କ ସେବାକୁ ପାର୍ବତୀ ଗିରି ନିଜ ବ୍ରତ ଭବେ ଗ୍ରହଣ କରିଥିଲେ ଏବଂ ଏଥିପାଇଁ ସେ ବହ୍ନିକନ୍ୟା ଏବଂ ବଡ଼ମା' ଭାବେ ସର୍ଭିଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେଥିପାଇଁ ତାଙ୍କ ସ୍ମୃତି ଆଜି ମଧ୍ୟ ପ୍ରତିଟି ଜନମାନସରେ ପ୍ରତିଫଳିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ସ୍ଥିତ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ରଣେଶ୍ୱର ରାମଚଣ୍ଡୀ ସଙ୍ଗଠନ ସଭାପତି ଦିବାକର ପ୍ରଧାନ, ପର୍ବତାରୋହୀ ଲିପିକା ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୋହେଲା ବ୍ଲକ ନଅଗାଁର ଆୟୁଷ୍ମାନ ପଣ୍ଡା, ରେମଣ୍ଡାର ଶପଥ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ସାମ୍ବାଦିକ ସଂଘ, ପାର୍ବତୀ ଗରି ମହିଳା କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦରସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ମଧ୍ୟ ପାର୍ବତୀ ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଠାରେ ଗଣେଶ ସେଟ୍, ସୁବିଞ୍ଜ ମଲ୍ଲିକ, ଶିବଶଙ୍କର ବିଶି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଶ୍ରମ ପରିଚାଳକ ଜଳନ୍ଧର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଷା ପୁରୀ, ଯଶୋବନ୍ତୀ ପଟେଲ, ଶଙ୍ଖ ଗିରି, ମଣି ଭୁଏ, ଶତ୍ରୁଘ୍ନ ମାଝି, ସ୍ୱାଗତିକା ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ।

### ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ମହାନ୍ତିପଡ଼ାସ୍ଥିତ ଇଲେଭେନ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ରାଧାମୋହନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିର ପରିଚାଳନାରେ କ୍ଲବର ସଦସ୍ୟବୃନ୍ଦ ସହଯୋଗ କରିଥିଲେ। ସେହିପରି ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ପକ୍ଷରୁ ବରଗଡ଼ ରକ୍ତଭଣ୍ଡାରରେ ଅନ୍ୟ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୩ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଅଶ୍ୱିନୀ ତ୍ରିପାଠୀ, ସମାଜସେବୀ ସ୍ୱାଧୀନ ପାତ୍ର, ନରସିଂହ କର, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ସଭାପତି ସତ୍ୟଜିତ ଦାଶ, ଉପସଭାପତି ନିରଞ୍ଜନ ତ୍ରିପାଠୀ, ସମ୍ପାଦକ ଏସ.କେ ନସିମୁଦ୍ଦିନ ଉପସ୍ଥିତ ଥିଲେ।

## ବାଳିକା ହାଇସ୍କୁଲରେ ୫-ଟି ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିଗଣ।

**ପଦ୍ମପୁର,୧୮।୮(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପଞ୍ଚ ଦିବସୀୟ ୫-ଟି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ସମ୍ବଲପୁର ଆର୍‌ଡି ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିକ୍ଷକମାନଙ୍କୁ ଡିଜିଟାଲ ଯୁଗ ସହ ପାଦ ମିଶାଇ ଚାଲିବା ପାଇଁ ଉଦବୋଧନ ଦେଇଥିଲେ। ବରଗଡ଼ ଜିଲା ଶିକ୍ଷାଧିକରୀ ମିତ୍ରଭାନୁ କଚ୍ଛପ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଓ ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ଝାରବନ୍ଧ, ପାଇକମାଳ ତଥା ପଦ୍ମପୁର ବ୍ଲକରୁ ଆସିଥିବା ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ ଏବଂ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋସ୍ନାରାଣୀ ସାହୁ, ବୃନ୍ଦାବନ ଦାସ, ଜୀବନାନନ୍ଦ ସାହୁ, ରବୀନା ପଧାନ, ସଂଯୁକ୍ତା ଭୋଇ, ଜ୍ୟୋତିରେଖା ମହାନନ୍ଦ, ମମତା ମିଶ୍ର, ପ୍ରଭାତୀ ପଟ୍ଟନାୟକ, ନୀଳିମା ରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ, କମଳା କୁମ୍ଭାର ସହଯୋଗ କରିଥିଲେ।

### ୧୮ରୁ ନିର୍ବାହୀ ଅଧିକାରୀଙ୍କ କାମ ବନ୍ଦ ଆନ୍ଦୋଳନ

**ପଦ୍ମପୁର,୧୭।୮(ପ୍ରଦୀପ୍ତ ଦାଶ)**

ଅଗଷ୍ଟ ୧୮ରୁ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏ ନେଇ ଏକ ପ୍ରତିନିଧିମଣ୍ଡଳୀ ପଦ୍ମପୁର ଉପଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି କ୍ରମେ ୧୭ତାରିଖ ଭିତରେ ଦାବି ପୂରଣ ପାଇଁ ସରକାରଙ୍କୁ ଜଣାଇ ଦିଆଯାଇଥିଲା। କିନ୍ତୁ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯିବାରୁ ୧୮ତାରିଖରୁ ସେମାନେ ସରକାରଙ୍କୁ ଅସହଯୋଗ କରିବେ ବୋଲି କାର୍ଯ୍ୟ ନିର୍ବାହୀ ସଂଘ ପକ୍ଷରୁ ଦୁର୍ଗା ପ୍ରସାଦ ସେଟ, କୁନୁ ସେଟ, ପରମେଶ୍ୱର ରଣା, ଦେବାଶିଷ ଲୁହା, କ୍ଷୀରସାଗର ସାହୁ, ସନ୍ତୋଷିନୀ ସାହୁ, ନୁରା ସେଟ, ଯମୁନା ଝାଙ୍କର ପ୍ରମୁଖ କହିଛନ୍ତି।

## ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ପଡ଼ା ଗ୍ରାମରେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଓଡ଼ିଶା ଆୟୁଷ ମିଶନର ମିଳିତ ଆନୁକୂଲ୍ୟରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ ପକ୍ଷରୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ରମେଶ କୁମାର ପୋଢ଼, ଡା. ସୁନୀତା ଗଡ଼ତିଆ, ଡା. ନରେନ୍ଦ୍ର ରାଉତ, ଡା. ଦୁଷ୍ମନ୍ତ ମାଝୀ ଆୟୁର୍ବେଦ ଚିକିତ୍ସା ବିଷୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ପରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ଯୋଗ ପ୍ରଶିକ୍ଷକ ତାପସ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଇଥିଲେ। ଆୟୁର୍ବେଦ ସହାୟକ ସାରଥି ସୁନା ଏବଂ ଛାୟାକାନ୍ତ ସାଗର ଔଷଧ ବଣ୍ଟନ କରିଥିଲେ। ଚନ୍ଦ୍ରଶେଖର ନାଏକ, ଚକ୍ର ସାହୁଙ୍କ ସମେତ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ଜବରଦଖଲମୁକ୍ତ ହେଲା ଆତ୍ମା ଅଫିସ



ପ୍ରଶାସନିକ ଅଧିକାରୀ ଜବରଦଖଲ ଉଚ୍ଛେଦ କରୁଛନ୍ତି।

**ଝାରବନ୍ଧ,୧୭।୮(ଦେବେନ୍ଦ୍ର ସାହୁ)**

ଝାରବନ୍ଧ କୃଷି ବିଭାଗର କାର୍ଯ୍ୟାଳୟ (ଆତ୍ମା)କୁ ଜବରଦଖଲମୁକ୍ତ କରିବାରେ ସ୍ଥାନୀୟ ପ୍ରଶାସନ ସକ୍ଷମ ହୋଇଛି। ୨୦୧୨ରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ କୃଷି ବିଭାଗ ନିଜ କାର୍ଯ୍ୟାଳୟ ପାଇଁ କୋଠା ତିଆରି କରିଥିଲା। ପରେ ଜନୈକ ବ୍ୟକ୍ତି ଘର ହୋଇଥିବା ଜାଗା ତାଙ୍କ ପୈତୃକ ସମ୍ପତ୍ତି ଦର୍ଶାଇ ତାକୁ ନିଜ ଅକ୍ତିଆରକୁ ନେଇଯାଇଥିଲେ। ଏହାକୁ ନେଇ ଅଦାଲତରେ ମାମଲା ହୋଇଥିଲା। ତେବେ ଜିଲାପାଳ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଗତବର୍ଷ ଏପ୍ରିଲ ମାସରେ ଉକ୍ତ ଘରକୁ ଖାଲି କରାଯାଇଥିଲା। ହେଲେ ପରେ ପୁଣି ଉକ୍ତ ଘର ଜବରଦଖଲ ହୋଇଥିଲା। ଏହାକୁ ନେଇ ଅଭିଯୋଗ ଶୁଣାଣିରେ କିଛି ଲୋକ ଅଭିଯୋଗ କରିବାରୁ ଜିଲାପାଳ ଘର ଖାଲି କରିବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ତହସିଲଦାର ସୀତାରାମ ଭୋଇ, ବିଡ଼ିଓ ରାମକୃଷ୍ଣ ମିଶ୍ର, ଥାନାଧିକାରୀ ଶୁଚିସ୍ମିତା ମହାନ୍ତି ପ୍ରମୁଖ ସଦଳବଳ ଘଟଣାସ୍ଥଳକୁ ଯାଇ ଉଚ୍ଛେଦ କରିଥିଲେ। ପରେ ଉକ୍ତ ଘର କୃଷି ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

## ସଂଗ୍ରାମୀ ପୀଠରେ ଟଙ୍କିକିଆ କ୍ଲିନିକ

**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ)**



ସଂଗ୍ରାମୀ ପୀଠ ବାଲିଟିକ୍ରା ଟଙ୍କିକିଆ କ୍ଲିନିକ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଛି ।

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୨ ସଂଗ୍ରାମୀ ପୀଠ ବାଲିଟିକ୍ରାରେ ବୁଧବାର ସ୍ୱାଧୀନତା ଦିବସ ଅବସରରେ ଭୀମସାର୍, ବୁର୍ଲା ଡାକ୍ତରଖାନାରେ କାର୍ଯ୍ୟରତ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ ଉଦ୍‌ଘାଟିତ ହୋଇଛି। ବରଗଡ଼ ସାମ୍ବାଦିକ ସଂଘ ଆୟୋଜନରେ ହୋଇଥିବା ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ବର୍ଷିୟାନ ନାଗରିକ ବୁଧୁ ବନଛୋର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡା. ରାମଚନ୍ଦାନୀ ସ୍ଥାନୀୟ ୨୦୦ରୁ ଅଧିକ ମହିଳାପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ପ୍ରତି ମାସରେ ଏଠାରେ ଏଭଳି କାର୍ଯ୍ୟକ୍ରମ ଚାଲିବ ଏବଂ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ା ବୋଲି ଡା. ରାମଚନ୍ଦାନୀ ସୂଚନା ଦେଇଥିଲେ। ପ୍ରଥମଥର ପାଇଁ ଏହି ସଂଗ୍ରାମୀ ପୀଠରେ ଏଭଳି ଏକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ବାଲିଟିକ୍ରାବାସୀ ବରଗଡ଼ ସାମ୍ବାଦିକ ସଂଘ ଏବଂ ଡା. ରାମଚନ୍ଦାନୀଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ କାଉନସିଲର ରେବତୀ ନାଏକ, ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ଉପସଭାପତି ବିରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବ୍ୟୋମକେଶ କରଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

### ରକ୍ତଦାନ ଶିବିର, ୪୮ ୟୁନିଟ୍ ସଂଗ୍ରହ

**ଭେଡ଼େନ,୧୭।୮(ସୁଦନ ମହାକୁର)**

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ କୁରୁଆଁ କଲ୍ୟାଣ ମଣ୍ଡପରେ ମା' ମାହେଶ୍ୱରୀ ସେନା ପକ୍ଷରୁ ୨୬ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କୁରୁଆଁ ଶାଖା ପରିଚାଳକ ମାନସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପରିଚାଳକ ରାକେଶ କୁମାର କହଁର, ହିସାବ ରକ୍ଷକ ଚନ୍ଦ୍ରଶେଖର ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି କଲତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ରକ୍ତଭଣ୍ଡାର ଟେକ୍‌ନିସିଆନ ଏବଂ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମା' ମାହେଶ୍ୱରୀ ସେନା, ଅମୃତ କୁଟୁମ୍ବ ସଦସ୍ୟ, ସାମାଜିକ କର୍ମୀ ଜଗବନ୍ଧୁ କଲତା ସହଯୋଗ କରିଥିଲେ।

## ପାର୍ବତୀ ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ

**ପାଇକମାଲ,୧୭।୮(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିସରରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ପାର୍ବତୀ ଗିରିଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଭୋରରୁ ରାମଧୂନ ଗାନ ସହ ଜର୍ଜଗଡ଼ ଗ୍ରାମ ଯାଏ ପ୍ରଭାତ ଫେରି ଏବଂ ସକାଳ ୮ଟାରେ ନୃସିଂହନାଥ ଝରଣାରେ ତିଳ ତର୍ପଣ କରାଯାଇଥିଲା। ଏହାପରେ ଅନ୍ତେବାସୀମାନେ ପାର୍ବତୀ ଗିରିଙ୍କ ସମାଧି ପୀଠରେ ପୂଜା କରି ମାତୃନିକେତନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନିରୁପମା ମହାପାତ୍ର, ନିର୍ମଳ ଗିରି, ଯଶୋବନ୍ତୀ ଭୋଇ, ଶୁଭ୍ରକାନ୍ତି ନାୟକ, ସଞ୍ଜୀବ ଦାଶ ସରୋଜ ପଧାନ, ସୁରଭି ବାରିକ, ଲିଜା ପାଣ୍ଡେ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଅନ୍ତେବାସୀ ସହଯୋଗ କରିଥିଲେ।



ପାର୍ବତୀ ଗିରିଙ୍କ ସମାଧି ପୀଠରେ ଅତିଥି ଓ ଅନ୍ତେବାସୀ।

## ନାଟକ ନାଇଟ୍ ହସ୍ପିଟାଲ ମଞ୍ଚସ୍ଥ

**ବରଗଡ଼,୧୭।୮(ପ୍ରେମାନନ୍ଦ ଖମାରୀ)**




ନାଟକ ନାଇଟ୍ ହସ୍ପିଟାଲର ଏକ ଦୃଶ୍ୟାଭିନୟ ।

ବରଗଡ଼ର ସୌଖୀନ କଳାକାର ସଂଘ ପକ୍ଷରୁ ନାଟକ ନାଇଟ୍ ହସ୍ପିଟାଲ ପରିବେଷିତ ହୋଇଛି । ନାଟ୍ୟକାର ସୁମନ୍ତ ଭୋଇଙ୍କ ରଚିତ ନାଟକରେ ଅଶୋକ ବେହେରା ନିର୍ଦ୍ଦେଶନା ଦେଇଥିଲେ। ନାଟକର ବିଭିନ୍ନ ଭୂମିକାରେ ପ୍ରଭାସ ରଞ୍ଜନ ମହଲା, ଅଶୋକ ବେହେରା, ବିଜୟ ବେହେରା, କେତନ ବଗାର, ସ୍ୱରୂପ ପଟ୍ଟନାୟକ, ପ୍ରୟାସ ବିର୍ଡିଆ, ବିକାଶ ମିଶ୍ର, ମୋହିତ ଭୋଇ, ଦେବସ୍ମିତା ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୋପାଳ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ପରିତୋଷ ବେହେରା, ତୁଳାରାମ ମହାନନ୍ଦ ସହଯୋଗ କରିଥିଲେ। ସଞ୍ଜୟ ବେହେରା, ଶୁଭମ ମହାପାତ୍ର, ସଞ୍ଜୟ ଶତପଥୀ ଆଲୋକ ସମ୍ପାଦନା କରିଥିଲେ। ମଞ୍ଚ ସଜ୍ଜାରେ ଚୂଡ଼ାମଣି ସିଂ, ସ୍ମାରକରେ ତ୍ରିନାଥ ପ୍ରସାଦ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ପୌରାଧ୍ୟକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂଘର ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ଆନୁକୂଲ୍ୟରେ ପୂର୍ବରୁ ହୋଇଥିବା କଣ୍ଠ ସଙ୍ଗୀତ, ଏକକ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ନାଟ୍ୟକାର ସୁମନ୍ତ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ସୌଖୀନ ସମ୍ବଲପୁରୀ ଲୋକନୃତ୍ୟ ଶିକ୍ଷାକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ନେହେରୁ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା କଲେଜରେ ଫାଇଲେରିଆ ଔଷଧ ବଣ୍ଟନ

**ବରପାଲି,୧୭।୮(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ସ୍ଥାନୀୟ ସିଏଚ୍‌ସିର ମିଳିତ ଉଦ୍ୟମରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସହକାରୀ ଅଧକ୍ଷା ନୀଳିମା ନାୟକ ଏଥିରେ ଅଧକ୍ଷତା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ତଥା ଯୁବ ରେଡକ୍ରସ କାଉନସିଲର ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବରପାଲି ସିଏଚ୍‌ସିର ପର୍ଯ୍ୟବେକ୍ଷକ ଚୈତନ୍ୟ ପ୍ରସାଦ ବେହେରାଙ୍କ ସମେତ ସହକର୍ମୀମାନେ ଯୋଗ ଦେଇ ଫାଇଲେରିଆର ଲକ୍ଷଣ ଓ ତତ୍ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଛାତ୍ରୀମାନେ ଔଷଧ ସେବନ କରିବା ସହ ନିଜ ଗାଁରେ ଲୋକ ମାନକୁ ସଚେତନ କରାଇବାକୁ ସଂକଳ୍ପ ନେଇଥିଲେ। ଓଡ଼ିଆ ଅଧାପିକା ପିଙ୍କି ପାଇକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ନୀତିଶ ତାଣ୍ଡି, ନେପାଳ ବିଶ୍ୱାଳ, ଅଧାପିକା ଅଙ୍କିତା ବାବୁ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେରଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।




## ସଂକ୍ଷେପରେ

### ଅନ୍‌ଲାଇନ ଠକେଇ, ୪ ଅଭିଯୁକ୍ତ ଗିରଫ

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)

ନବରଙ୍ଗପୁର ଜିଲା ଚାନ୍ଦଲି ଥାନା ଅଞ୍ଚଳରେ ଅନ୍‌ଲାଇନ ଠକେଇ ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଝାଡ଼ଖଣ୍ଡ ଅଞ୍ଚଳର ଧୀରଜ ପାଶୱାନ, ଗୁଲସନ ପାଶୱାନ, ମୋହନ ପାଶୱାନ ଓ ସନୋଜ ପାଶୱାନ। ଏ ନେଇ ଚାନ୍ଦଲି ଥାନାରେ ଏକ ମାମଲା (ନଂ.୧୧୨।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ଜୁଲାଇ ୨୯ ତାରିଖରେ ନବରଙ୍ଗପୁର ଜିଲା ଚାନ୍ଦଲି ଥାନା ଅଞ୍ଚଳରେ ଅନ୍‌ଲାଇନ ଠକେଇ ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ଏହାର ଚେର ରାଉରକେଲା ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିବା ପରେ ନବରଙ୍ଗପୁରରୁ ୫ ପୋଲିସ ଅଧିକାରୀ ଝିରପାଣି ଥାନାରେ ପହଞ୍ଚିଥିଲେ। ସେମାନେ ବୁଧବାର ସନ୍ଧ୍ୟାରେ ଝିରପାଣି ଥାନା ସହଯୋଗରେ ଜଗଦା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତେବେ ଏହି ଠକେଇର ମାଷ୍ଟର ମାଇଣ୍ଡ ଫେରାର ଅଛନ୍ତି। ଗୁରୁବାର ଝିରପାଣି ଥାନା ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ନବରଙ୍ଗପୁର ପୋଲିସକୁ ହସ୍ତାନ୍ତର କରିଛି।

### ମୋବାଇଲ ଚୋରି, ୨ ଗିରଫ

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)

ବିରଜାପାଲ୍ଲୀ ସ୍ଥିତ ପୁରୁଣା ଥାନା ନିକଟରେ ଏକ ନିର୍ମାଣସ୍ଥଳୀରୁ ଏସ.କେ ସାହିଲଙ୍କ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଉଦିତନଗର ଥାନାରେ ବୁଧବାର ସନ୍ଧ୍ୟାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ପୋଲିସ ବିରଜାପାଲ୍ଲୀରୁ ସିଦ୍ଧାର୍ଥ କନ୍ଧ(୨୦) ଓ ଆମ୍ବେଦକର ନଗରରୁ ସୁବାସ ବିଭାର(୨୦)ଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୫୭।୨୩) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

### ପ୍ରଶାନ୍ତ ସେଠୀଙ୍କ ଜନସମ୍ପର୍କ ଅଭିଯାନ



ରାଉରକେଲା, ୧୭।୮ (ବିପ୍ଲବ ରଞ୍ଜନ ଦାଶ)

ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଜନନୀ ସମ୍ପର୍କ ଅଭିଯାନରେ ସେକ୍ଟର-୬ ବିଦ୍ୟାନଗରୀ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଲୋକମାନେ ତାଙ୍କୁ ଅଞ୍ଚଳର ବିଭିନ୍ନ ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟା ଅବଗତ କରାଇଥିଲେ। ଲୋକଙ୍କ ସମସ୍ୟାକୁ ସରକାରୀ ସ୍ତରରେ ସମାଧାନ କରିବେ ବୋଲି ସେଠୀ ପ୍ରତିଶ୍ରୁତି ଦେଇଥିଲେ। ସେମାନେ କିପରି ସ୍ୱାବଲମ୍ବୀ ହେବେ ସେ ନେଇ ଅବଗତ କରିଥିଲେ।




ଗୁରୁବାର ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ବସ୍ତି ସୁରକ୍ଷା ପରିଷଦ ନେତୃତ୍ୱରେ ୮ ବସ୍ତିର ଲୋକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୮ ବସ୍ତିକୁ ଆର୍‌ଏମ୍‌ସିରେ ସାମିଲ କର

ରାଉରକେଲା, ୧୭।୮ (ଦିନେଶ ମିଶ୍ର)

- ବସ୍ତି ସୁରକ୍ଷା ପରିଷଦର ବିକ୍ଷୋଭ ପ୍ରଦର୍ଶନ
- କମିଶନରଙ୍କୁ ଦେଲେ ସ୍ମାରକପତ୍ର

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ରେ ୮ଟି ବସ୍ତିକୁ ସାମିଲ କରିବା ପାଇଁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବସ୍ତି ବିକାଶ ପରିଷଦ ପକ୍ଷରୁ ଆରଏମ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁରୁବାର ପୂର୍ବାହ୍ଣରେ ବନ୍ଧମୁଣ୍ଡା ସ୍ଥିତ ଶୀତଳନଗର, ଚମ୍ପାଗଡ, ଫୁଲବାରୀ, ତିଳକାନଗର, ରାମଟୋଲି, ଉତ୍ତମବସ୍ତି, କୋଇଲାଗେଟ୍ ଓ ଶିବଶଙ୍କରନଗର ବସ୍ତିର ଶତାଧିକ ଲୋକ ଉଦିତନଗର ସ୍ଥିତ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରୁ ଏକ ପଦଯାତ୍ରାରେ ବାହାରି ଆର୍‌ଏମ୍‌ସି ସମ୍ମୁଖରେ ପହଞ୍ଚିଥିଲେ ଏବଂ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଉକ୍ତ ୮ଟି ବସ୍ତିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତିବାସୀ ୨୦ ବର୍ଷରୁ ଅଧିକ ସମୟ ଧରି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବସ୍ତିବାସୀଙ୍କ ପାଇଁ ଆରଏମ୍‌ସି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ପକ୍କା ରାସ୍ତା, ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ଯୋଗାଇ ଦିଆଯାଉନାହିଁ। ସେମାନେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ଭୋଟ ଦେଉଥିବାବେଳେ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି। ପରେ ଆଗାମୀ ଦିନରେ ଏହି ବସ୍ତିଗୁଡିକୁ ଆର୍‌ଏମ୍‌ସିରେ ସାମିଲ କରିବା ଦାବିରେ ବସ୍ତିବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇ ବସ୍ତିବାସୀଙ୍କ ଦାବି ପୂରଣ ପାଇଁ ସହଯୋଗ କରିବେ ବୋଲି ଆରଏମ୍‌ସି କମିଶନର ଡ. ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ବସ୍ତି ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ଜେନା, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ନଗର ସଭାପତି ସୁଧୀର ସୁନ୍ଦର ରାୟ, ଚିତ୍ରସେନ ମହାନ୍ତି, ଅଶୋକ କୁମାର ମହାନ୍ତି, ରମେଶ ମୁଣ୍ଡା, ନାରାୟଣ ସାହୁ, ଚୈତନ୍ୟ ପାତ୍ର, ରାମ ବଙ୍କିରା, ସୁନିତା ମୁଖିଆ, ଲକ୍ଷ୍ମୀ ବୋଇପାଇ, ମଙ୍ଗଳା ଜେନା, ସୁମିତ୍ରା ମହାରଣା, ଶ୍ରୀକାନ୍ତ ମହାରଣା, ପିଟି ସାହା, କମଳା ଦେବୀ, ବିନିତା ହାସଁଦା ପ୍ରମୁଖ ସାମିଲ ହୋଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବସ୍ତି ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବସ୍ତିରେ ପଶିଲା ପାଣି, ଧୋଇଗଲା ରାସ୍ତା

ରାଉରକେଲା, ୧୭।୭ (ଦିନେଶ ମିଶ୍ର)

ରାଉରକେଲା ସହରରେ ଦୁଇଦିନ ଧରି ବର୍ଷା ଜାରି ରହିଛି। ଘଡଘଡି ସାଙ୍ଗକୁ ଲଗାଣ ବର୍ଷା ଯୋଗୁ ବସ୍ତି ତଳି ଅଞ୍ଚଳରେ ପାଣି ପଶିଥିବା ଦେଖିବାକୁ ମିଳିଛି। ରାଉରକେଲା ଶୀତଳପଡା ବସ୍ତି, ମାଲଗୋଦାମ ଖଟାଲ ବସ୍ତି ବେଶୀ ପ୍ରଭାବିତ ହୋଇଛି। ଉଦିତନଗର ସ୍ଥିତ ଶୀତଳପଡା ବସ୍ତିର ମାଟି ରାସ୍ତା ଧୋଇ ହୋଇଯାଇଛି। ଫଳରେ ବସ୍ତି ଭିତରକୁ ଯାତାୟାତ ପାଇଁ ଅସୁବିଧା ହେଉଛି। ଏହି ବସ୍ତି ଆର୍‌ଏସ୍‌ପି ଡମ୍ପିଂ ୟାର୍ଡରେ ଥିବାବେଳେ ଏଠାରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ବର୍ଷା ହେଲେ ଏଠାରେ ପାଣି ଜମି ରହୁଛି। ବସ୍ତି ଭିତରେ ଥିବା ଖାଲ ଓ ଢିପ ଜାଗାରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ବୁଧବାର କିଛି ଲୋକଙ୍କ ଘରେ ବର୍ଷାପାଣି ପଶିବାରୁ ସେମାନେ ଏକ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ସେହିପରି ମାଲଗୋଦାମ ଖଟାଲ ବସ୍ତିରେ ବର୍ଷାପାଣି ପଶିଛି। ଏହି ବସ୍ତିଟି ଦୁର୍ଗାପୁର ପାହାଡ ତଳେ ଥିବାରୁ ପାହାଡ ପାଣି ବସ୍ତି ଭିତରେ ପଶୁଛି। ନାଳପାଣି ରାସ୍ତା ଉପରେ ଚାଲୁଥିବାରୁ ବସ୍ତି ଭିତରକୁ ବିଭିନ୍ନ ଯାନବାହନ ଯିବାରେ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ବସ୍ତିବାସୀ ଗୁରୁବାର ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ଭେଟି ବସ୍ତିରୁ ବର୍ଷାଜଳ ନିଷ୍କାସନ ପାଇଁ ଦାବି କରିଛନ୍ତି। ଖୁବ ଶୀଘ୍ର ଏହି ବର୍ଷାଜଳ ନିଷ୍କାସନ ହେବ ବୋଲି ଉପଆୟୁକ୍ତ ଭୋଇ ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## କରାଟେ ଚାମ୍ପିୟନଶିପ୍‌ରେ ରାଜୀବ ସିଂ ବିଚାରକ

ରାଉରକେଲା, ୧୭।୮ (ଦିନେଶ ମିଶ୍ର)



କରାଟେ କୋଚ୍ ରାଜୀବ ସିଂ।

୧୭ତମ ଅଲ୍ ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ କପ୍ ଇଣ୍ଟରନ୍ୟାଶନାଲ କରାଟେ ଚାମ୍ପିୟନଶିପ୍‌ରେ ବିଚାରକ ଭାବେ ରାଉରକେଲାର ରାଜୀବ ସିଂ ଦାୟିତ୍ୱ ତୁଲାଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଇଣ୍ଡୋର ଷ୍ଟାଡିୟମରେ ସେଇକୋ-କାଇ କରାଟେ ଡୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ୯ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏସୀୟ କରାଟେ ଫେଡେରେଶନର ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ହାଂଶୀ ଭରତ ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ମୁଖ୍ୟ ସିଂ ଏଥିରେ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥଲେ।

# ରୋଗୀ ସେବା ପୁରସ୍କାର ଶୁଭାରମ୍ଭ

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀ ସେବାରେ ସାମଗ୍ରିକ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ୟୁନିଟ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମାନସିକତା ସୃଷ୍ଟି ଲକ୍ଷ୍ୟ ନେଇ ନୂତନ ରୋଗୀସେବା ପୁରସ୍କାର ଆରମ୍ଭ ହୋଇଛି। ପ୍ରସୂତି ଓ ସ୍ତ୍ରୀ ରୋଗ ୱାର୍ଡ ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସ ପାଇଁ ରୋଗୀସେବା ପୁରସ୍କାର ବିଜେତା ହୋଇଛି। ଅଗଷ୍ଟ ୧୪ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସମ୍ମାନ ସମାରୋହରେ ଆର୍‌ଏସ୍‌ପି ଓ ବିଏସ୍ଏଲ୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ପୁରସ୍କାର ବାବଦ ୧୦ହଜାର ଟଙ୍କା ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ସର୍ଜିକାଲ ୱାର୍ଡ (ଜେନେରାଲ ଓ ଅର୍ଥୋ) ରନର୍ସ ଅପ୍ ହୋଇ ୫ ହଜାର ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ଲାଭ କରିଥିଲା। ସୂଚନାଯୋଗ୍ୟ, ମେଡିକାଲ ଓ ସ୍ୱାସ୍ଥ୍ୟସେବା ବିଭାଗର ସମସ୍ତ ଡାକ୍ତର ଓ କର୍ମଚାରୀ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ଅଟନ୍ତି। ଏହି ଯୋଜନା ଏକ ଗୋଷ୍ଠୀ ସ୍ୱୀକୃତି ଯୋଜନା ଏବଂ ତ୍ରୟୋମାସିକ ଭିତ୍ତିରେ ପ୍ରଦାନ କରାଯିବ। ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀ ସେବାରେ ସାମଗ୍ରିକ ଉନ୍ନତି ଆଣିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଡାକ୍ତରଖାନାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ସର୍ବୋତ୍ତମ ପ୍ରୟାସ କରିବାକୁ ଉତ୍ସାହିତ କରିବା ପାଇଁ ଏକ ସୁସ୍ଥ ପ୍ରତିଯୋଗୀ ମାନସିକତା ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି କୁହାଯାଇଛି।

## ବାଇକ୍, ସ୍କୁଟି ଚୋରି ଅଭିଯୋଗ, ୨ ଗିରଫ

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲ ଟାଉନଶିପ୍ ଅଞ୍ଚଳରୁ ଗୁରୁବାର ସେକ୍ଟର-୧୪ର ପ୍ରଭାତି ଦେ(୨୮) ଘରକୁ ଫେରୁଥିବା ବେଳେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖ ପାର୍କିଂରୁ ୨ ଜଣ ଦୁର୍ବୃତ୍ତ ସୁଜୁକି ଏକ୍ସିସ ସ୍କୁଟି (ନଂ.ଓଡ଼ି୧୪ଏଏ/୧୧୫୭) ଚୋରି କରି ନେଇ ଫେରାର ହୋଇଯାଇଥିଲେ। ସ୍କୁଟି ଡିକିରେ ଏଟିଏମ, ମୋବାଇଲ ଫୋନ୍, ସ୍ମାର୍ଟ ଘଡି, ଆଧାର କାର୍ଡ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୨/୨୩) ରୁଜୁ କରି ବ୍ରାହ୍ମଣୀତରଙ୍ଗ ଥାନା ସିଂଟୋଲା ଅଞ୍ଚଳର କାନଚିନ ଲୁହା(୨୦) ଓ ଉତ୍ତମ ସିଂ(୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ନ୍ୟୁ ଏଲଆଇସି କଲୋନୀର ମନୋଜ ନାୟକ ତାଙ୍କ ବାଇକ (ନଂ.ଓଡ଼ି୧୪ଟି/୭୪୯୪) ଚୋରି ହୋଇଥିବା ନେଇ ଗୁରୁବାର ମଧ୍ୟାହ୍ନରେ ଏତଲା ଦେଇଥିଲେ। ମନୋଜ ଏସ୍‌ଟିଆଇ ଛକ ସ୍ଥିତ ଆଦର୍ଶ ହୋଟେଲ ସମ୍ମୁଖରେ ପାର୍କିଂ କରି ଯାଇଥିବା ବେଳେ ତାଙ୍କ ବାଇକ ଚୋରି ହୋଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୩/୨୩) ରୁଜୁ କରି ତଦନ୍ତ କରୁଛି।

## ସ୍ୱେଚ୍ଛାସେବୀ ପାଇଲେ ସେବାପଦକ




ମୁଖ୍ୟମନ୍ତ୍ରୀଙ୍କଠାରୁ ପଦକ ପାଇବା ଅବସରରେ ପ୍ରମୋଦ ଦଲାଇ।

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)

ବେସାମରିକ ପ୍ରତିରକ୍ଷା ସଙ୍ଗଠନର ସ୍ୱେଚ୍ଛାସେବୀ ପ୍ରମୋଦ ଦଲାଇ ରାଷ୍ଟ୍ରପତିଙ୍କ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବା ପଦକ ହାସଲ କରିଛନ୍ତି। ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ତାଙ୍କୁ ଏହି ସେବା ପଦକ ପ୍ରଦାନ କରିଛନ୍ତି। ଏ ନେଇ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ଉତ୍ସବରେ ଦଲାଇଙ୍କୁ ଏହି ପଦକ ପ୍ରଦାନ କରିଥିଲେ। ଦଲାଇ ରାଉରକେଲା ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କୁ ରାଉରକେଲା ଷ୍ଟେଶନରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସମାଜସେବୀ ବିଶ୍ୱଜିତ ରାଉତ ଓ ଅନ୍ୟମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦଲାଇ ପ୍ରଥମ ଥର ୨୦୧୫ ଓ ୨୦୨୩ରେ ୨ୟ ଥର ଏହି ପଦକ ପାଇଛନ୍ତି। ସୂଚନାଯୋଗ୍ୟ, ପ୍ରମୋଦ ବାସନ୍ତୀ କଲୋନୀ ଇଏଲ ବ୍ଲକରେ ସପରିବାର ରହୁଥିବା ବେଳେ ସମ୍ପ୍ରତି ରାଉରକେଲା ସୁପରସ୍ପେଶାଲିଟି ଆପୋଲୋ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଅଧିକାର ଭାବେ କାର୍ଯ୍ୟରତ। ପ୍ରମୋଦ ୨୦୧୩ରେ ଫାଇଲିନ ବାତ୍ୟା ସମୟରେ ଅବରୋଧ ହୋଇଥିବା ରାସ୍ତାକୁ ସଫା କରିଥିଲେ। ଫୁଲବାଣୀ ଜିଲା ରାଣିପଥର ଘାଟିରେ ଏକ ଖାଲରେ ପଡ଼ିଥିବା ବସରୁ ୩୦ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ବେଳେ ୨୦୧୩ରେ ରାଉରକେଲାର ଖାଲ୍ସା ବଜାରରେ ଲାଗିଥିବା ନିଆଁ ଲିଭାଇଥିଲେ। କୋଭିଡ଼ ମହାମାରୀର ନିରାକରଣ ଓ ଲୋକମାନଙ୍କୁ ସେବା ଯୋଗାଇଥିଲେ। ଏହାସହ ଜଣେ କୁଶଳୀ ତାଲିମଦାତା ଭାବେ ସେ ପ୍ରସିଦ୍ଧି ଲାଭ କରିଛନ୍ତି। ନିରନ୍ତର ସେବା ଯୋଗୁ ଚଳିତ ବର୍ଷ ଏହି ପଦକ ପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରମୋଦ ସିଭିଲ ଡିଫେନ୍ସରେ ଜଣେ ସକ୍ରିୟ ସ୍ୱେଚ୍ଛାସେବୀ ଭାବେ ୧୯୯୭ରୁ କାର୍ଯ୍ୟ କରୁଛନ୍ତି।

# ପାନୀୟ ଜଳ କେନ୍ଦ୍ର ଲୋକାର୍ପିତ

ରାଉରକେଲା, ୧୭।୮ (ସଙ୍ଗୀତା ଜେନା)



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ। (ଫଟୋ: ବିବେକ)

ରାଉରକେଲା ଓକିଲ ସଂଘର ନୂତନ ଓ ପୁରାତନ ବାର୍ ପରିସରରେ ବୁଧବାର ଆନୁଷ୍ଠାନିକ ଭାବେ ୨ଟି ପାନୀୟ ଜଳ କେନ୍ଦ୍ର ଲୋକାର୍ପିତ ହୋଇଛି। ଶ୍ରମ ଓ ରାଜ୍ୟ ଇଏସ୍‌ଆଇସି ମନ୍ତ୍ରୀ ସାରଦା ନାୟକ ଏହାକୁ ଲୋକାର୍ପଣ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ଏହା ପ୍ରତିଷ୍ଠା କରାଯାଇଛି। ଓକିଲ ସଂଘ ସଭାପତି ପ୍ରଦୀପ ମିଶ୍ର, ସାଧାରଣ ସମ୍ପାଦକ ଅବନୀ ପ୍ରଧାନ, ଉପସଭାପତି ଏମ୍ ମାଲେଶ୍ୱରମ, ସୁଜୟ ପାଣି, କୈଳାଶ ପ୍ରଧାନ, ସତ୍ୟ ନାରାୟଣ ମହାପାତ୍ର, ହାଡିବନ୍ଧୁ ପରିଡ଼ା, ମେରୀ ମେକ୍ସିମା ଏକ୍କା, କୋମଲ ସାହୁ, ଶରତ ବାରିକଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଫୁଟ୍‌ବଲ: ସବେର ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

ରାଉରକେଲା, ୧୭।୮ (ବିପ୍ଲବ ରଞ୍ଜନ ଦାଶ)

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭/୧୭ ଟାଟା ପିଲିଡ଼ଠାରେ ଜୟ ମା' ସମଲେଇ ସେବା ଶକ୍ତି କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଆର୍‌ଏସ୍‌ପିର ଡେପୁଟି ଜେନେରାଲ ମ୍ୟାନେଜର ଇଂ. ଖଦାଳ ସେଠି ମୁଖ୍ୟ ଅତିଥି, କଂଗ୍ରେସ ଓବିସି ସେଲ୍‌ର ରାଷ୍ଟ୍ରୀୟ ସହ ସଂଯୋଜକ କୈଳାଶ ଚନ୍ଦ୍ର ସାହୁ, ଫୁଟବଲ ଖେଳାଳି ମହମ୍ମଦ ସେକ୍ ସିକେନ୍ଦର ଆଲାମ, ନବାବ ଅକତାର, ଶିକ୍ଷକ ବେଣୀ ପ୍ରସାଦ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସବେର ସ୍ପୋର୍ଟିଂ କ୍ଲବ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା ବେଳେ ଭାଟେରାନ କ୍ଲବ ଉପବିଜେତା ହୋଇଥିଲା। ବିଜେତା ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି, ଉପ ବିଜେତା ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର କର୍ମକର୍ତ୍ତା ବିକାଶ ସୁନା, ବିନୋଦ କୋଲତ, ବିଶାଳ ସିନ୍ଧ୍ରିୟା, ଗଣେଶ ସୁନା, ରଞ୍ଜିତ ଦାସ, ସଞ୍ଜୀବ ସାଗର, ଅଭିଷେକ ପତ୍ରଖମିଆ, ଅମନ ବେହେରା, ଦୀପକ ସୁନା, ରେଫରୀ ସେକ ଆଜମତ ଅଲ୍ଲୀ, ସେକ ଜମାଳ, ସେକ୍ ଗୁଲାମ ମୁସ୍ତଫା, ସେକ ଅସଦୁଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

# ଜାତିବାଦରୁ ଭାଷାବାଦ ସୃଷ୍ଟି ହୁଏ

**ଜ୍ଞାନବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର**

ରାଉରକେଲା, ୧୭।୮ (ଦିନେଶ ମିଶ୍ର)




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା ଜେଲ୍ ରୋଡସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍ ପରିସରରେ ଶ୍ରୀଧର ସ୍ମୃତି ଜ୍ଞାନବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭେବଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ଭାଷାର ପ୍ରଚାର ଓ ପ୍ରସାରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ କରିଥିଲେ। ଡକ୍ଟର ଅଶ୍ୱିନୀ କୁମାର ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତିବାଦରୁ ହିଁ ଭାଷାବାଦ ସୃଷ୍ଟି ହୋଇଥାଏ। ତେଣୁ ଓଡିଆ ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ଆମେ ସମସ୍ତେ ଏକତ୍ରିତ ହେବାକୁ ପଡିବ ବୋଲି କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ପ୍ରଫେସର ସୁବାସ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ରୀନାରାଣୀ ସ୍ୱାଇଁ ଓ ସଙ୍ଗୀତା ଦାଶଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କବିତା ପାଠ ଉତ୍ସବରେ ଅତିଥି ଭାବେ ବଳରାମ ଦାସ ଓ ଅକ୍ଷୟ କୁମାର ଧଳ ଉପସ୍ଥିତ ଥିଲେ। ରାଉରକେଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ କବୟିତ୍ରୀ ଓ କବି ନିଜ ନିଜର କବିତା ପାଠ କରିଥିଲେ। ସଭାପତି ଡକ୍ଟର ଉମାକାନ୍ତ ପଣ୍ଡା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କବି ଶୁଚିସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଜମିହରା ହେବାକୁ ଥିବା ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ**

**ସମ୍ବଲପୁର,(ବି.ଶଙ୍କର):** ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ କଳାମାଟି ଗ୍ରାମର ଭାରତମାଳା ପରିଯୋଜନାରେ ଜମିହରା ହେବାକୁ ଥିବା ପରିବାର ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଦର୍ଶାଇଛନ୍ତି, ସରକାରଙ୍କ ଭାରତମାଳା ପରିଯୋଜନାରେ କଳାମାଟି ଗ୍ରାମର ଲୋକଙ୍କ ଜମି ଅଧିଗ୍ରହଣ ହେବାକୁ ଯାଉଛି। ଜମି ବାବଦରେ ଯେଭଳି ଉପଯୁକ୍ତ କ୍ଷତିପୂରଣ ମିଳିପାରିବ ସେଥିପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

## ସଂକ୍ଷେପରେ

### ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ



**ନାକଟିଦେଉଳ,୧୭।୮(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସାହେବି ଅଞ୍ଚଳରେ ଜଙ୍ଗଲୀ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଗତ କିଛିଦିନ ହେଲା ସାହେବୀ ଓ ଆଖପାଖ ଗ୍ରାମର ଧାନକ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ପୋଡ଼ମାଳ ଗ୍ରାମର ଧାନ କ୍ଷେତରେ ଦଳା ଚକଟା କରିଛନ୍ତି। ଏଥିଯୋଗୁ ଗ୍ରାମର ବସନ୍ତ କୁମାର ସାହୁ, ହରିହର ସାହୁ, ଛବିଳ ସାହୁ, ପୀତବାସ ପ୍ରଧାନ, ବସନ୍ତ ପ୍ରଧାନ ପ୍ରମୁଖଙ୍କ ଧାନ ଚାଷ ନଷ୍ଟ ହୋଇଛି। ଏ ନେଇ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି।

### ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ନାକଟିଦେଉଳ,୧୭।୮(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକର କିସିଣ୍ଡା ଓ ନାକଟିଦେଉଳ ଭାଜପା ମଣ୍ଡଳ ପକ୍ଷରୁ ଦେଶ ସ୍ୱାଧୀନତାର ୭୬ ବର୍ଷ ପୂର୍ତ୍ତି ଅବସରରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ ଓ ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ତ୍ରିରଙ୍ଗା ପତାକା ଧରି ଶିବମନ୍ଦିରଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି କୁଞ୍ଜାମୁରା ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ବାଟଗାଁ ଖେଳ ପଡ଼ିଆଠାରେ ଥିବା ସିଆର୍‌ପିଏଫ୍‌ର ଶହୀଦ ଯବାନ ରଞ୍ଜନ କୁମାର ସାହୁଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବମୋର୍ଚ୍ଚା ସମ୍ପାଦକ ଭାଗୀରଥି ଗଡ଼ତ୍ୟା, ଉପସଭାପତି ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋବିନ୍ଦପୁର ଥାନାରେ ନୂତନ ଆଇଆଇସି

**କୁଚିଣ୍ଡା,୧୭।୮(ବିରଞ୍ଚି ଦର୍ଭା)**

ଗୋବିନ୍ଦପୁର ଥାନାରେ ଗୁରୁବାର ନୂତନ ଆଇଆଇସି ଭାବେ ରାଜେନ୍ଦ୍ର କୁମାର ବେହେରା ଯୋଗଦେଇଛନ୍ତି। ସେ ପୂର୍ବରୁ ବଲାଙ୍ଗୀର ଜିଲାର ବେଲପଡା ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ସେ ବଦଳି ହୋଇ ଗୋବିନ୍ଦପୁର ଥାନାକୁ ଆସିଛନ୍ତି। ଗୋବିନ୍ଦପୁର ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ଦୃଷ୍ଟି ଦେବେ ସେ ବୋଲି କହିଛନ୍ତି।

# ହନୁମାନ ପଇସା କାରବାର: ୩ ଗିରଫ

## କାର୍, ୭ ତମ୍ବାମୁଦ୍ରା, ନଗଦ ଟଙ୍କା ଜବତ

**ରେଢାଖୋଲ,୧୭।୮ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ଗୁରୁବାର ହନୁମାନ ପଇସା କାରବାର ବେଳେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଶଙ୍କରପୋଷ ଗ୍ରାମର ସଚ୍ଚିନ୍ଦ୍ର ପଟେଲ (୩୮), ଖୋର୍ଦ୍ଧା ଜିଲା ତମାଣ୍ଡୋ ଥାନା କଳିଙ୍ଗବିହାରର ସତ୍ୟରଞ୍ଜନ ଜେନା(୪୦) ଓ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବମେଦିନିପୁର ଜିଲା ଦନ୍ତାନ ଥାନା ପେନିତେଣ୍ଡା ଗ୍ରାମର କାର୍ତ୍ତିକ ମିଶ୍ର। ଥାନା ପରିସରରେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଏହି ସୂଚନା ଦେଇଛନ୍ତି।

ଗିରଫ ଅଭିଯୁକ୍ତଙ୍କ ନିକଟରୁ ଏକ ହୋଣ୍ଡାସିଟି କାର୍ (ଓଡି୦୨ଆର୍-୩୫୮୧), ୭ଟି ପୁରୁଣା ତମ୍ବା ମୁଦ୍ରା, ୫ଟି ମୋବାଇଲ ଫୋନ, ନଗଦ ୩୮ହଜାର ଟଙ୍କା ସହ ମୁଦ୍ରା ପରୀକ୍ଷାରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଏ ନେଇ ରେଢାଖୋଲ ଥାନାରେ ଆଇପିସି ଦଫା ୪୧୯, ୪୨୦ ଓ ୨୫ (୧) (୨)ରେ ମାମଲା (ନଂ.୧୮୫/୨୩) ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନର ଶୁଣାଣି ଆସନ୍ତା ୧୯ ତାରିଖ ଧାର୍ଯ୍ୟ ହେବା ଯୋଗୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଡିପିଓ ମେହେରଙ୍କ ସୂଚନା ଅନୁଯାୟୀ, ଗତ ୧୬ ତାରିଖ ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୫୫ନଂ ଜାତୀୟ ରାଜପଥର ଚାରବାଟି ଛକରେ ଏକ କାର୍ ନିକଟରେ କେତେଜଣ ଲୋକ କଥାବାର୍ତ୍ତା କରୁଥିବା ଦେଖିଥିଲା। ପୋଲିସ ସନ୍ଦେହରେ ପଚରାଉଚୁରା କରିବାରୁ ଅଭିଯୁକ୍ତମାନେ ହନୁମାନ ଫଟୋଥିବା ଇଷ୍ଟ ଇଣ୍ଡିଆ କମ୍ପାନୀର ପୁରୁଣା ମୁଦ୍ରା କାରବାର କରୁଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଏହି ମୁଦ୍ରା ବଦଳରେ ପ୍ରଚୁର ଟଙ୍କା ଦେବାକୁ ଲୋକଙ୍କୁ ପ୍ରଲୋଭିତ କରୁଥିବା ଜାଣି ପୋଲିସ ତଲାସି ନେବାରେ ହନୁମାନ ପଇସା ସହ ଅନ୍ୟାନ୍ୟ ଜିନିଷ ଜବତ କରିଥିଲା। ଖବରଦାତା ସମ୍ମିଳନୀରେ ଥାନା ଅଧିକାରିଣୀ ସବିତାବାଳା ସେଠୀ,ଏସ୍‌ଆଇ ଅସୀମା ଏକ୍କା ଓ ଈଶ୍ୱର ନାୟକ ଉପସ୍ଥିତ ଥଲେ।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନେ।

# ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ସମାରୋହରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

**ସମ୍ବଲପୁର,୧୭।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଝୁଜୁମୁରାସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ହୋତା ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନର ଇତିହାସ ଉପରେ ବକ୍ତବ୍ୟ ଦେଇଥିଲେ। ସ୍ଥାନୀୟ ସମିତିସଭ୍ୟ ଜୟନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅନୁଷ୍ଠାନର ଉନ୍ନତି ତଥା ସ୍ଥାନୀୟ ଶିକ୍ଷାର ବିକାଶ ନିମନ୍ତେ ଆଗାମୀ ଦିନରେ ଯୁକ୍ତ ତିନି ଖୋଲିବା ନିମନ୍ତେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ବାବୁ ପ୍ରଧାନ, ନବ ନାୟକ, ଡ. କିରଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସୁଶୀଲ କୁମାର ଶତପଥୀ ଅତିଥି ପରିଚୟ ଓ ଅଧ୍ୟାପକ ପଦ୍ମନାଭ ସାମଲ ଧନ୍ୟବାଦ ଦେଇଥିଲେ।

# ଭୋଜପୁର ହାଇସ୍କୁଲରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା,୧୭।୮(ବିରଞ୍ଚି ଦର୍ଭା)**

ସ୍ୱାଧୀନତା ଦିବସ ଅବସରରେ ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅଲୁମ୍‌ନି ଓ ପ୍ରତିଭା ବିକାଶ ଅଭିଯାନର ମିଳିତ ଆନୁକୂଲ୍ୟରେ ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଭା ବିକାଶ ଅଭିଯାନର କୁଚିଣ୍ଡା ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକ, ଉପଦେଷ୍ଟା ରତନ ଲାଲ ସିଂ ଭୋଜପୁର ଆଶ୍ରମ ସ୍କୁଲର ଅବଦାନ ଓ ସମ୍ଭାବନା ଶୀର୍ଷକରେ ଆଲୋଚନା କରିଥିଲେ। ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନକରି ଶ୍ରେଣୀର ଦୁର୍ବଳ ପିଲାଙ୍କୁ ପ୍ରୋତ୍ସାହିତ କରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ଆଦର୍ଶ ଭାବେ ଗଢ଼ିବାକୁ କରାଯାଉଥିବା ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରକୁ ମୋ ସ୍କୁଲ ଅଭିଯାନ ସଭାପତି ମଳୟ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷପତି ନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ପୁରାତନ ଛାତ୍ର ରୁଦ୍ର ନାରାୟଣ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ନାୟକ, ରମାକାନ୍ତ ମହାକୁଡ଼, ମହେନ୍ଦ୍ର ବାଘ, ରାଜ ଶର୍ମା, ସଞ୍ଜୟ ମହାକୁଡ଼, ଶ୍ରମିକ ନେତା ମହମ୍ମଦ ମୁର୍ତ୍ତୁଜା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସଭାରେ ଅଭିଯାନର ପ୍ରକାଶିତ ଏକ ବାର୍ଷିକ ପତ୍ରିକାକୁ ପ୍ରଶଂସିତ କରାଯାଇଥିଲା। ସଂଯୋଜକ ରମେଶ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋପାଳ ବିଦ୍ୟାମନ୍ଦିରରେ ଶପଥପାଠ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୮(ବି.ଶଙ୍କର)**

ରୋଟାରି ଇନ୍‌ଟ୍ରାକ କ୍ଲବର ଶପଥପାଠ ଉତ୍ସବ ଗୁରୁବାର ସମ୍ବଲପୁରସ୍ଥିତ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ ଅଫ ସମ୍ବଲପୁର ସଭାପତି ସୁଜିତ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସାଧାରଣ ସମ୍ପାଦକ ୱାସେ ମଲ୍ଲିକ ସୂଚନା ପ୍ରଦାନ କରିଥିଲେ। ସନ୍ତୋଷ କୁମାର ହୋତା ରୋଟାରି ଇନ୍‌ଟ୍ରାକ କ୍ଲବର ନୂତନ ସଭାପତି ଅମନ କଚ୍ଛାୱାଲା, ସମ୍ପାଦିକା ଅର୍ପିତା ପ୍ରିୟଦର୍ଶିନୀ ମେହେର, କୋଷାଧ୍ୟକ୍ଷ ଶୟନ ଘୋଷ, ଉପସଭାପତି ମହମ୍ମଦ ହୁସେନ ଅନସାରୀଙ୍କୁ ଶପଥ ପାଠ କରାଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ସମ୍ବଲପୁର,୧୭।୮(ବି.ଶଙ୍କର)**

ସମ୍ବଲପୁର ଭଡ୍ରାସ୍ଥିତ ଶଙ୍କର ମଠ ପରିସରରେ ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଛି। ପଣ୍ଡିତମାନଙ୍କ ସାମୂହିକ ମନ୍ତ୍ରପାଠରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶ୍ରୀଆଞ୍ଚଳିକ ଗୋପାଳଜୀ ପଣ୍ଡିତ ମହାସଭା ଓ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା।

# ୯୨୫ ନୂତନ ହିତାଧିକାରୀ ଭତ୍ତା ପାଇଲେ



ଅତିଥିଙ୍କ ସହ ହିତାଧିକାରୀ।

**ନାକଟିଦେଉଳ,୧୭।୮(ବୈକୁଣ୍ଠନାଥ ସାହୁ)**

ସ୍ୱାଧୀନତା ଦିବସ ଅବସରରେ ନାକଟିଦେଉଳ ବ୍ଲକର ସମସ୍ତ ୧୪ ପଞ୍ଚାୟତର ୯୨୫ ନୂତନ ହିତାଧିକାରୀଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ନାକଟିଦେଉଳ ପଞ୍ଚାୟତରେ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ୪୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଚିତ୍ରା ସେଠଙ୍କ ସମେତ ୱାର୍ଡ଼ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସେହିପରି ବଳମ ପଞ୍ଚାୟତରେ ୧୧୩, ବାଟଗାଁରେ ୭୮, ଡାଇଁଚାରେ ୮୦, ଘୋଷରାମାଳରେ ୬୫, ଗିରିଶ୍ଚନ୍ଦ୍ରପୁରରେ ୬୭, ଗୋଗୁଆରେ ୩୯, ଜାମୁଯୋରୀରେ ୪୫, କିସିଣ୍ଡାରେ ୫୭, ପାଣିମୁରାରେ ୨୯, ସାହେବୀରେ ୩୮, ସାଲେଭଟାରେ ୮୯, ସାରାପାଲିରେ ୧୩୩ ଓ ଶିମିଲିପାଳ ପଞ୍ଚାୟତରେ ୫୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି।

## ବଲାଙ୍ଗୀର ଜିଲା ରେଙ୍ଗାଲି, ରତାଖଣ୍ଡି ଗ୍ରାମପଞ୍ଚାୟତକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା

**ସମ୍ବଲପୁର,୧୭।୮(ବି.ଶଙ୍କର)**

ଟିପିଡବ୍ଲ୍ୟୁଓଡିଏଲ୍ ସର୍ବଦା ଗ୍ରାହକମାନଙ୍କ ସେବାକୁ ଗୁରୁତ୍ୱ ଦେଇଆସୁଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଓ ରତାଖଣ୍ଡି ଗ୍ରାମପଞ୍ଚାୟତକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବାକୁ କାର୍ଯ୍ୟ କରିଛି। ବିକଳ୍ପ ପନ୍ଥା ମାଧ୍ୟମରେ ବିଗତ ସପ୍ତାହରେ ୫୦ଟି ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରି ୩ କିଲୋମିଟର ପର୍ଯ୍ୟନ୍ତ ୧୧କେଭି ବିଦ୍ୟୁତ୍ ଲାଇନ ଟଣାଯାଇଛି। ଫଳରେ ଦୁଇ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡିକର ଉପଭୋକ୍ତା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଉଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଦୁଇ ଗ୍ରାମପଞ୍ଚାୟତକୁ ୧୧କେଭି ବିଦ୍ୟୁତ ଲାଇନ ସୁକତେଲ ପ୍ରକଳ୍ପ ଭିତରେ ଯାଇଥିଲା। ଚଳିତ ବର୍ଷା ଋତୁରେ ପ୍ରକଳ୍ପ ଜଳପୂର୍ଣ୍ଣ ହୋଇଥିବାରୁ ୧୧କେଭି ଫିଡର ବାରମ୍ବାର ବନ୍ଦ ହେଉଥିଲା। ଏପରିକି ଧନଜୀବନ କ୍ଷତି ହେବାର ଆଶଙ୍କା ଥିଲା। ଫଳରେ ଉକ୍ତ ଅଞ୍ଚଳର ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟି ରଖି କମ୍ପାନୀ ବିକଳ୍ପ ବ୍ୟବସ୍ଥା କରିଛି।

## ବିରସିଂଗଡରେ ପ୍ରୋଗ୍ରେସିଭ ସମ୍ବଲପୁର ବୈଠକ

**ସମ୍ବଲପୁର,୧୭।୮(ଶୁଭାଶିଷ ପାଢ଼ୀ)**

ଝୁଜୁମୁରା ବ୍ଲକ ଅନ୍ତର୍ଗତ ବୀରସିଂଗଡ ସନ୍ତରାପଲ୍ଲୀ ଗ୍ରାମରେ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ସହ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା ଶତାଧିକ ଗ୍ରାମବାସୀ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷକରି ଜମି ପଟ୍ଟାରୁ ବଞ୍ଚିତ ହେବା, ସରକାରୀ ଗୃହ ନ ମିଳିବା, ଜାତି ପ୍ରମାଣପତ୍ର ନ ମିଳିବା ସମ୍ପର୍କରେ ଅଭିଯୋଗ କରିଥିଲେ । ସଭାରେ ଛାତ୍ର ବିଜେଡ଼ି ଜିଲା ସମ୍ପାଦକ ଚୁମନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଯୁବନେତା ସ୍ୱାଧୀନ ପଣ୍ଡା, ଆକାଶ ଦେବତା, ଛାତ୍ର ଜୋନ ଉପସଭାପତି ଦେବ ପଟ୍ଟନାୟକ, ନିଖିଲ ବାବୁ, ପୂର୍ବତନ ସରପଞ୍ଚ ଗିରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୬୧ ଦିବ୍ୟାଙ୍ଗଙ୍କୁ ଦିଆଗଲା କିଟ୍




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ସମ୍ବଲପୁର,୧୭।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଦୁଇଦିନିଆ କିଟ୍ ପ୍ରଦାନ ଶିବିର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଶେଷ ହୋଇଛି। ପ୍ରଥମ ଦିବସରେ ୧୨୧ ଜଣ ମାନଶିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଟିଚିଂ ଓ ଲର୍ନିଂରେ ସହାୟତା ନିମନ୍ତେ କିଟ୍ ବଣ୍ଟନ କରାଯାଇଥିଲା। ୩ ଦିବ୍ୟାଙ୍ଗ ନବଦମ୍ପତିଙ୍କୁ ଅଢେଇଲକ୍ଷ ଟଙ୍କା ସହାୟତା, ୨ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ୧୪୦ ଜଣଙ୍କୁ ଅତିରିକ୍ତ ଜିଲାପାଳ ପ୍ରଦିପ କୁମାର ସାହୁ କିଟ ବଣ୍ଟନ କରିଥିଲେ। ଏଥିରେ କୁଚିଣ୍ଡା ଓ ରେଢାଖୋଲ ଉପଖଣ୍ଡର ସମସ୍ତ ବ୍ଲକର ହିତାଧିକାରୀ ସାମିଲ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବିରା ମହାନନ୍ଦ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଅଧିକାରୀ ରବୀନ୍ଦ୍ର ନାଥ ଶତପଥି ଉପସ୍ଥିତ ଥିଲେ।

### ରେଳ ମଣ୍ଡଳରେ ଆନ୍ତଃ ବିଭାଗୀୟ ଫୁଟ୍‌ବଲ

# ଇଲେକ୍ଟ୍ରିକାଲ ଓପି ଦଳ ଚାମ୍ପିୟନ

**ସମ୍ବଲପୁର,୧୭।୮(ବି.ଶଙ୍କର)**

ପୂର୍ବତଟ ରେଳ ସ୍ପୋର୍ଟ୍ସ ଆସୋସିଏଶନ ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ରେଳବାଇ ଷ୍ଟାଡିୟମଠାରେ ଫାଇନାଲ ମ୍ୟାଚ ଇଞ୍ଜିନିୟରିଂ ଦଳ ବନାମ ଇଲେକ୍ଟ୍ରିକାଲ (ଓପି) ଦଳ ମଧ୍ୟରେ ହୋଇଥିଲା। ଇଲେକ୍ଟ୍ରିକାଲ (ଓପି) ଦଳ ୧-୦ ଗୋଲ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଇଷ୍ଟକୋଷ୍ଟ ରେଳବାଇ ମହିଳା କଲ୍ୟାଣ ସମ୍ବଲପୁର ଶାଖା ଅଧ୍ୟକ୍ଷା ଅଞ୍ଜାନୀ ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଥିଲେ। ରମେଶ ରାଉତଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ସର୍ବାଧିକ ଗୋଲ ସ୍କୋରର ସତ୍ୟବ୍ରତ ଡାଙ୍ଗ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ରବୀନ୍ଦ୍ରନାଥ ପାଣ୍ଡେ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। କ୍ରୀଡା ଅଧିକାରୀ ଡା. ମନୋଜ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ କ୍ରୀଡ଼ା ଅଧିକାରୀ ଅନୁପ ଗୋରିଙ୍ଗା, କ୍ରୀଡ଼ା ସଚିବ ଆଲୋକ ରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।



ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ବିଜେତା ଦଳ।

# ବାଲ୍ୟବିବାହ ମୁକ୍ତ ହେଲା ଭାଲୁବାହାଲ ଗ୍ରାମ

**ଜମନକିରା,୧୭।୮ (ରବୀନ୍ଦ୍ର ପ୍ରସାଦ ଦାନି)**

କୁଚିଣ୍ଡା ବ୍ଲକ ବାଉରିଗୋଡ଼ା ଗ୍ରାମ ପଞ୍ଚାୟତ ଭାଲୁବାହାଲ ଗ୍ରାମକୁ ଗୁରୁବାର କୁଚିଣ୍ଡା ଆଇସିଡିଏସ୍ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଛି। ଏହି ଅବସରରେ ଏକ ଜନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ୱାର୍ଡସଭ୍ୟା ସରସ୍ୱତୀ କିଶାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଓ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକ୍ରିଷ୍ଣ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କମ ବୟସରେ ବିବାହ ଯୋଗୁ ହେଉଥିବା କ୍ଷତି ସମ୍ପର୍କରେ ସଚେତନ କରାଇଥିଲେ। ପ୍ରାରମ୍ଭରେ କୁଚିଣ୍ଡା ଆଇସିଡିଏସ୍ କ୍ଷେତ୍ର ପରିଦର୍ଶକ ଜୟଶ୍ରୀ ଗର୍ଡିଆ ସ୍ୱାଗତ ଭାଷଣ ଦେଇଥିଲେ। ବାଲ୍ୟ ବିବାହ ରୋକିବା ଓ ବୃକ୍ଷ ରୋପଣ କରି ଗାଁକୁ ସବୁଜ ସୁନ୍ଦର କରିବାକୁ ସମସ୍ତେ ଶପଥପାଠ କରିଥିଲେ। ପରେ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଅତିଥିଙ୍କ ସହ ଅନ୍ୟମାନେ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଘରର ବାଡିରେ ତିନୋଟି ଲେଖାଏ ମୋଟ ୩୦୦ ଚାରା ରୋପଣ କରିବାକୁ ଗ୍ରାମବାସୀ ସଂକଳ୍ପ ନେଇଥିଲେ। ଶେଷରେ ଅଙ୍ଗନୱାଡ଼ି କର୍ମୀ ମନ୍ଦାକିନୀ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଅତିଥିଙ୍କ ସହ ଗ୍ରାମବାସୀ।



ସ୍ୱାଧୀନତା ଦିବସ ଅବସରରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଭିଡିଓ 'ଜୟ ହୋ'କୁ ପେଟ୍ରୋଲିୟମ ଆଣ୍ଡ ନାଚୁରାଲ ଗ୍ୟାସ୍ ମନ୍ତ୍ରୀ ହର୍‌ଦୀପ ସିଂ ପୁରୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ସହଯୋଗରେ ଦେଶର ବିଭିନ୍ନ ଖେଳ ଓ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଏହି ଦେଶାତ୍ମକବୋଧକ ଭିଡିଓ ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଇସିଓଏଲ୍‌ର ଅଧକ୍ଷ ଶ୍ରୀକାନ୍ତ ବୈଦ୍ୟଙ୍କ ସମେତ ଚେସ୍ ଗ୍ରାଣ୍ଡ ମାଷ୍ଟର ପ୍ରଜ୍ଞାନନନ୍ଧା, ଅଲିମ୍ପିଆନ ପୁଲେଲା ଗୋପୀଚାନ୍ଦ ଏବଂ ଆଇଓସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର,୧୭।୮**

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୮୮(୩୮୮.୪୦) ପଏଣ୍ଟ କମି ୬୫,୧୫୧ (୬୫,୧୫୧.୦୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୦୦(୯୯.୭୫) ପଏଣ୍ଟ ହ୍ରାସ ଘଟି ୧୯,୩୬୫ (୧୯,୩୬୫.୨୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ଅସ୍ଥିରତା ଦେଖାଦେଇଛି। ଏପରିକି ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍ କ୍ୟାପ୍‌ର କାରବାର ସମେତ ଏନ୍‌ଏସ୍‌ଇ ନିଫ୍ଟିର ମିଡ୍ କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କିଙ୍ଗ୍ କାରବାରରେ ମଧ୍ୟ ପରିବର୍ତ୍ତନ ଘଟୁଛି।

## ଭାରତ ପେ'ର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୧୭।୮**

ଭାରତପେ'ର ନୂତନ ଉତ୍ପାଦ ଆଣ୍ଡ୍ରଏଡ୍ ପଏଣ୍ଟ ଅଫ୍ ସେଲ୍ (ପିଓଏସ) ଟର୍ମିନାଲ୍'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଡେବିଟ୍-କ୍ରେଡିଟ୍ କାର୍ଡ, ୟୁପିଆଇ,ମୋବାଇଲ୍ ୱାଲେଟ୍ ଏବଂ ବାର୍ କୋଡ୍ ସହ ଡିଜିଟାଲ ପେମେଣ୍ଟ ମଧ୍ୟ ଗ୍ରହଣ ପାଇଁ ଏକାଧିକ ମୋଡ୍ ପ୍ରଦାନ କରିବ। ୨୦୨୦ରେ କମ୍ପାନୀ ଲିନକ୍ସ ଆଧାରିତ ପିଓଏସ୍ ଡିଭାଇସ୍‌ର ଶୁଭାରମ୍ଭ କରିଥିବା ବେଳେ ବର୍ତ୍ତମାନ ଦେଶର ୪୦୦ରୁ ଅଧିକ ସହରରେ ୨ଲକ୍ଷରୁ ଅଧିକ ପିଓଏସ୍ ମେଶିନ ନେଟ୍‌ୱାର୍କ ରହିଛି ଏବଂ ଏହା ପିଓଏସ୍ ବର୍ଗର ଶ୍ରେଷ୍ଠ ୩ ଫିନ୍‌ଟେକ କମ୍ପାନୀଙ୍କ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ସେହିଭଳି ଭାରତପେ ବ୍ୟବସାୟୀମାନଙ୍କୁ ଲିନକ୍ସ ଆଧାରିତ ପିଓଏସ୍‌ରୁ ନୂତନ ଆଣ୍ଡ୍ରଏଡ୍ ପିଓଏସ୍ ଡିଭାଇସ୍‌କୁ ଅପ୍‌ଗ୍ରେଡ୍ କରିବାକୁ ଏକ ବିକଳ୍ପ ଦେବ। ଏହା ସହ ଭାରତପେ ସ୍ୱାଇପ୍ ଆଣ୍ଡ୍ରଏଡ୍ ଶୁଭାରମ୍ଭ ହେବା ସହିତ ଆଗାମୀ ୧୨ମାସରେ ଏହାର ପିଓଏସ୍ ନେଟ୍‌ୱାର୍କ କାଉଣ୍ଟରକୁ ଦ୍ୱିଗୁଣିତ କରିବାକୁ ଯୋଜନା କରିଛି। ଏ ସମ୍ପର୍କରେ ଭାରତପେ'ର ସିଏଫ୍‌ଓ ତଥା ମଧ୍ୟବର୍ତ୍ତିକାଳୀନ ସିଇଓ ନଳୀନ ନେଗୀ କହିଛନ୍ତି, ଅଫ୍‌ଲାଇନ ବ୍ୟବସାୟୀଙ୍କ ପାଇଁ ଏକ ଦୃଢ଼ ଫିନ୍‌ଟେକ୍ ଇକୋସିଷ୍ଟମ ସହିତ କମ୍ପାନୀ ଲକ୍ଷ ଲକ୍ଷ ଛୋଟ ବ୍ୟବସାୟ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ଡିଜିଟାଲ ଅର୍ଥନୀତି ସହିତ ଯୋଡ଼ିପାରିଛି। ସେହିଭଳି ଭାରତପେ'ର ମୁଖ୍ୟ ବ୍ୟବସାୟ ଅଧିକାରୀ (ବ୍ୟାଙ୍କିଙ୍ଗ୍ ଆଣ୍ଡ ଆଲାଇନସେସ୍) ସନ୍ଦୀପ ଇନ୍ଦୁରକର କହିଛନ୍ତି, କମ୍ପାନୀ ମେଟ୍ରୋ ଏବଂ ଟାୟାର-୧ ସହରରେ ନୁହେଁ ବରଂ ୨ୟ ଏବଂ ୩ୟ ବର୍ଗର ସହରଗୁଡ଼ିକରେ ମଧ୍ୟ ପଏଣ୍ଟ ଅଫ୍ ସେଲ୍ ସହ ବିଭିନ୍ନ ଦେୟ ଗ୍ରହଣୀୟ ଅଫର ପାଇଁ ଭିତ୍ତିଭୂମି ବୃଦ୍ଧିପାଉଛି।

## ଏପିବିର ପ୍ରଥମ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୧୭।୮**

ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ (ଏପିବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏପିବିର ବିଭିନ୍ନ ଦିଗ ଉପରେ ବ୍ୟାପକ ଚର୍ଚ୍ଚା ସହ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ପ୍ରଥମ ଥର ପାଇଁ ଏପିବିର ତ୍ରୈମାସିକ ରାଜସ୍ୱ ବାର୍ଷିକ ଆଧାରରେ ୪୧% ବୃଦ୍ଧି ଘଟି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୪୦୦ କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କର ଲାଭ ବାର୍ଷିକ ଆଧାରରେ ୧୪୩%କୁ ବୃଦ୍ଧି ପାଇଛି। ସେହିଭଳି ଏପିବିର ନୂଆ ଗ୍ରାହକ ଯୋଗ ହେବା ଦ୍ୱାରା ପରିଚାଳିତ ହୋଇ ଗ୍ରାହକଙ୍କ ଜମା ପରିମାଣ ମଧ୍ୟ ୧୯୨୨ କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ଏ ସମ୍ପର୍କରେ ଏୟାରଟେଲ୍ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଆମର ଅଭିବୃଦ୍ଧି ଯାତ୍ରା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି ପ୍ରଥମ ଥର ପାଇଁ ଆମର ରାଜସ୍ୱ ୪୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଆମ ବ୍ରାଣ୍ଡ୍‌ର ନିର୍ଭରଯୋଗ୍ୟତା ଓ ଅତ୍ୟାଧୁନିକ ଉତ୍ପାଦ ଅଫରିଂଗୁଡିକ ଏକ ଅତୁଳନୀୟ ବିତରଣ ନେଟ୍‌ୱର୍କ ଓ ଆଡ୍‌ଭାନ୍ସଡ୍ ଟେକ୍ନୋଲୋଜି ସହିତ ଏକତ୍ରିତ ହୋଇଛି,ଯାହା ଆମକୁ ଆମର ବିସ୍ତାରକୁ ତ୍ୱରାନ୍ୱିତ କରିବା ଜାରି ରଖିବା ପାଇଁ ଅନୁକୂଳ ଭାବେ ଅବସ୍ଥାପିତ କରିଛି। ଆମେ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା ପେମେଣ୍ଟ୍ସ ବ୍ୟାଙ୍କ ମଡେଲ ଏବଂ ଦେଶର ଡିଜିଟାଲ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାର ବୈଧତା ରୂପେ କାର୍ଯ୍ୟ କରୁଛି।

## ଖଣ୍ଡଗିରିରେ ଓକାୟା ଇଭିର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍

**ଭୁବନେଶ୍ୱର,୧୭।୮ (ଅଭୟ ଦାଶ)**



ଦେଶର ପ୍ରମୁଖ ଇଲେକ୍ଟ୍ରି ଭେହିକିଲ (ଇଭି) ନିର୍ମାତା ଓକାୟା ଇଭିର ଅତ୍ୟାଧୁନିକ ତଥା ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍ ନିକଟରେ ଖଣ୍ଡଗିରି ଠାରେ ଉଦ୍‌ଘାଟିତ ହୋଇଯାଇଛି। ଓକାୟା ଇଭିର ସ୍ୱୀକୃତିପ୍ରାପ୍ତ ଡିଲର ଏ ଆଣ୍ଡ ଟି ଅଟୋମୋବାଇଲ୍ସ ଆନୁକୂଲ୍ୟାରେ ଉକ୍ତ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏଠାରେ ଓକାୟା ଇଭିର ସମସ୍ତ ମଡେଲ ସହ ବିବିଧ ଉତ୍ପାଦର ବ୍ୟାପକ ପୋର୍ଟଫୋଲିଓ ଉପଭୋକ୍ତାମାନେ ପାଇପାରିବେ। ଓକାୟା ଇଭିର ସ୍କୁଟର ପୋର୍ଟଫୋଲିଓରେ ଫାଷ୍ଟ ସିରିଜ୍ ଉତ୍ପାଦ ଲାଇନରେ ଫାଷ୍ଟ ଏଫ୍‌୪, ଫାଷ୍ଟ ଏଫ୍‌୩, ଏଫ୍‌୨ବି ଏବଂ ଏଫ୍‌୨ଟି ପରି ଉଚ୍ଚ ଗତି ଏବଂ ନିମ୍ନ ଗତିର ମଡେଲ ଅନ୍ତର୍ଭୁକ୍ତ ରହିଛି। ସେହିଭଳି କ୍ଲାସିକ୍+ ଏବଂ ଫ୍ରିଡମ୍ ମଡେଲଗୁଡିକ ଲୋ-ସ୍ପିଡ୍ ସେଗ୍‌ମେଣ୍ଟର ଏକ ଅଂଶ । ଉଲ୍ଲେଖଯୋଗ୍ୟ, ଓକାୟା ଇଭିର ଉତ୍ପାଦ ଲାଇନ୍‌ଅପ୍ ଗ୍ରାଉଣ୍ଡ ବ୍ରେକିଙ୍ଗ୍ ଏଲ୍‌ଏଫ୍‌ପି (ଲିଥିୟମ୍ ଫେରୋ ଫସ୍‌ଫେଟ୍) ବ୍ୟାଟେରି ଟେକ୍ନୋଲୋଜିକୁ ବୈଶିଷ୍ଟ୍ୟ କରିଥାଏ। ଶକ୍ତି ସାନ୍ଦ୍ରତା, ଦୀର୍ଘାୟୁତା ଏବଂ ପରିବେଶ ଉପଯୋଗୀ ପାଇଁ ନୂତନ ମାନକ ସ୍ଥିର କରିଥାଏ।

## ଆର୍‌ବିଆଇଏଚ୍ ସହ ଆକ୍ସିସ୍ ବ୍ୟାଙ୍କର ସହଭାଗିତା

**ଭୁବନେଶ୍ୱର,୧୭।୮**

ରିଜର୍ଭ ବ୍ୟାଙ୍କ ଇନୋଭେସନ ହବ୍ (ଆର୍‌ବିଆଇଏଚ୍) ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ପବ୍ଲିକ୍ ଟେକ୍ ପ୍ଲାଟ୍‌ଫର୍ମ ଫର୍ ଫ୍ରିକ୍ସନଲେସ୍ କ୍ରେଡିଟ୍ (ପିଟିପିଏଫ୍‌ସି) ଜରିଆରେ ଦୁଇଟି ଋଣ ଉତ୍ପାଦକୁ ନିକଟରେ ଉନ୍ମୋଚନ କରାଯାଇଛି। ପିଟିପିଏଫ୍‌ସି ହେଉଛି ଭରତୀୟ ରିଜର୍ଭ ବ୍ୟାଙ୍କ ଇନୋଭେସନ ହବ୍ (ଆର୍‌ବିଆଇଏଚ୍) ବିକାଶ କରିଥିବା ଏକ ପ୍ଲାଟ୍‌ଫର୍ମ। ନିକଟରେ ଆର୍‌ବିଆଇ ପକ୍ଷରୁ ଉକ୍ତ ସୁବିଧାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ଉକ୍ତ ପ୍ଲାଟ୍‌ଫର୍ମ ଜରିଆରେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ କିଷାନ କ୍ରେଡିଟ୍ କାର୍ଡ (କେସିସି) ଓ କ୍ଷୁଦ୍ର ବ୍ୟବସାୟ ଗ୍ରାହକମାନଙ୍କୁ ଅସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ଉଭୟ ଉତ୍ପାଦ ପ୍ରଦାନ କରାଯିବ ଏବଂ ଏଥିପାଇଁ କୌଣସି କାଗଜପତ୍ର ଦାଖଲ କରିବାକୁ ପଡ଼ିବନାହିଁ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ରାଜୀବ ଆନନ୍ଦ କହିଛନ୍ତି, ଖୋଲା ବ୍ୟାଙ୍କିଙ୍ଗ୍‌ର ଶକ୍ତି ଉପରେ ଆକ୍ସିସ୍ ବ୍ୟାଙ୍କର ବିଶ୍ୱାସ ରହିଛି ଏବଂ ଆମେ ନିରନ୍ତର ଭାବେ ଡିଜିଟାଲ ପ୍ରଥମ ଉତ୍ପାଦରେ ନିବେଶ ଜାରି ରଖିଛୁ ଯାହା ଗ୍ରାହକ ଉପସ୍ଥାପନାରେ ପରିବର୍ତ୍ତନ ଆଣିପାରିଛି। ଆମେ ୟୁପିଆଇ,ଆକାଉଣ୍ଟ ଏଗ୍ରିଗେଟର ପ୍ଲାଟ୍‌ଫର୍ମ, ଭିଡିଓ କେୱାଇସି ଭଳି ବହୁ ଅଭିନବ ପ୍ରଯୁକ୍ତିକୁ ଆଗୁଆ ଗ୍ରହଣ କରିଛୁ ଏବଂ ରିଜର୍ଭ ବ୍ୟାଙ୍କ ଇନୋଭେସନ ହବ୍‌ର ପବ୍ଲିକ୍ ଟେକ୍ ପ୍ଲାଟ୍‌ଫର୍ମ ଫର୍ ଫ୍ରିକ୍ସନ୍‌ଲେସ୍ କ୍ରେଡିଟ୍ ଅଭିଯାନରେ ଅଂଶଗ୍ରହଣ କରି କିଷାନ କ୍ରେଡିଟ୍ କାର୍ଡ ଓ ଏମ୍‌ଏସ୍‌ଏମ୍‌ଇ ଋଣ ଶୁଭାରମ୍ଭ କରିବା ଲାଗି ଆମେ ବେଶ୍ ଉତ୍ସାହିତ ରହିଛୁ।

**ଫୁର୍‌ସତ୍**

## ଧୂମପାନକାରୀ କିଶୋରଙ୍କ ମସ୍ତିଷ୍କ ଅନ୍ୟ କିଶୋରଙ୍କଠାରୁ ଭିନ୍ନ

**ଲଣ୍ଡନ:** ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଧୂମପାନ କରୁଥିବା କିଶୋରଙ୍କ ମସ୍ତିଷ୍କ ଅନ୍ୟ କିଶୋରମାନଙ୍କ ମସ୍ତିଷ୍କଠାରୁ ଭିନ୍ନ। ବ୍ରିଟେନ୍‌ର କେମ୍ବ୍ରିଜ୍, ୱାର୍‌ୱିକ୍ ବିଶ୍ୱବିଦ୍ୟାଳୟ ଏବଂ ଚାଇନାର ଫୁଡାନ୍ ୟୁନିଭର୍ସିଟି ଦ୍ୱାରା ପରିଚାଳିତ ଏକ ଅନୁସନ୍ଧାନକାରୀ ଦଳ ୧୪ ବର୍ଷ ବୟସରୁ ସିଗାରେଟ୍ ଟାଣିବା ଆରମ୍ଭ କରିଥିବା କିଶୋରମାନଙ୍କ ମସ୍ତିଷ୍କର ବାମ ପ୍ରଣ୍ଟାଲ ଲୋବ୍‌ର ଏକ ଅଂଶରେ କିଛି ଧୂସର ପଦାର୍ଥ ପାଇଥିଲେ। ଏକ ପତ୍ରିକାରେ ପ୍ରକାଶିତ ଅନୁସାରେ, ବାମ ପ୍ରଣ୍ଟାଲ ଲୋବ୍‌ରେ କମ୍ ଧୂସର ପଦାର୍ଥ ଥିବା କିଶୋରମାନଙ୍କ ଜ୍ଞାନଗତ କାର୍ଯ୍ୟ କରିଥାଏ। ତେଣୁ ପିଲାମାନେ ଧୂମପାନ ଭଳି ଖରାପ ଅଭ୍ୟାସ କରିବାକୁ ଅଧିକ ଇଚ୍ଛା କରନ୍ତି। ମସ୍ତିଷ୍କର ବାମ ପ୍ରଣ୍ଟାଲ ଲୋବ୍‌ର ନିଷ୍ପତ୍ତି



ନେବା ଏବଂ ନିୟମ ଭାଙ୍ଗିବା ଭଳି କାର୍ଯ୍ୟ ସହ ସମ୍ପୃକ୍ତ। ଧୂସର ପଦାର୍ଥ ହେଉଛି ମସ୍ତିଷ୍କ ଟିସୁ, ଯାହା ସୂଚନା ପ୍ରକ୍ରିୟାକରଣ କରିଥାଏ। ଏଥିସହ ସମାନ କିଶୋର ଧୂମପାନକାରୀଙ୍କ ମସ୍ତିଷ୍କର ଡାହାଣ ଅଂଶରେ କମ୍ ଧୂସର ପଦାର୍ଥ ମଧ୍ୟ ରହିଥିଲା। ମସ୍ତିଷ୍କର ଡାହାଣ ପ୍ରଣ୍ଟାଲ ଲୋବ୍ ସେନ୍ସେସ ଖୋଜିବା ସହ ଜଡ଼ିତ। ଧୂମପାନକାରୀ କିଶୋରଙ୍କ ଏହି ଡାହାଣ ପ୍ରଣ୍ଟାଲ ଲୋବ୍ ସଙ୍କୁଚିତ ହଉଥିବା ଦେଖିବାକୁ ମିଳିଥିଲା। ତେବେ ନିଶାର ଖରାପ ଅଭ୍ୟାସ ହେବା ପୂର୍ବରୁ ତାକୁ ରୋକିବାକୁ ସାହାଯ୍ୟ କରାଯାଇପାରେ। ଧୂମପାନ ନିଶା ଆଚରଣ ବ୍ୟକ୍ତି ଏବଂ ବୟସ୍କଙ୍କ ମୃତ୍ୟୁ ହେବାର ଏକ ପ୍ରମୁଖ କାରଣ ବୋଲି ଅଧ୍ୟୟନର ସହଲେଖକ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଟ୍ରେଭର ରବିନ୍ସ କହିଛନ୍ତି। ଧୂମପାନ ଅଭ୍ୟାସ ଯୁବାବସ୍ଥାରେ ଘଟିବାର ଅଧିକ ସମ୍ଭାବନା ରହିଥାଏ। ତେବେ ଯୁକ୍ତରାଷ୍ଟ୍ରରେ ପ୍ରତିଦିନ ୧୮ ବର୍ଷ ବୟସ ପୂର୍ବରୁ ପ୍ରାୟ ୧୬୦୦ ଯୁବକ ଧୂମପାନ ଓ ନିଶା ସେବନ ପାଇଁ ମୃତ୍ୟୁ ମୁଖରେ ପଡ଼ନ୍ତି।

## 'ଅନ୍ତରୀକ୍ଷରୁ ହିମାଳୟ'

**ଆବୁଧାବି:** ୟୁଏଇର ମହାକାଶଚାରୀ ସୁଲ୍‌ତାନ ଅଲ୍ ନେୟାଦି ବର୍ତ୍ତମାନ ସମୟରେ ଅନ୍ତରୀକ୍ଷରେ ୬ ମାସର ଯାତ୍ରାରେ ଅଛନ୍ତି। ଅନ୍ତରୀକ୍ଷରୁ ନିଆଯାଉଥିବା ଦୃଶ୍ୟକୁ ସେ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିକଟରେ ସେ ହିମାଳୟର ଦୃଶ୍ୟ ଅନ୍ତରୀକ୍ଷରୁ କିପରି ଦେଖାଯାଏ, ତାହା ଶେୟାର କରିଛନ୍ତି। ସେଥିରେ ହିମାଳୟର ସୌନ୍ଦର୍ଯ୍ୟକୁ ଦର୍ଶାଇଥିବା ସେ କହିଛନ୍ତି। ଟୁଇଟରରେ ଶେୟାର କରିଥିବା ହିମାଳୟ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, 'ଅନ୍ତରୀକ୍ଷରୁ ହିମାଳୟ', ଏଭରେଷ୍ଟ ସୁମିତ୍‌ଙ୍କ ଘର, ପୃଥିବୀରେ ସମୁଦ୍ର ସ୍ତରରୁ ସବୁଠୁ ଉଚ୍ଚ ପାହାଡ଼, ଏହି ପାହାଡ଼ ଆମ ଗ୍ରହର ସମୁଦ୍ରର ପ୍ରକୃତିର ପ୍ରତିଷ୍ଠିତ ସ୍ଥଳ ମଧ୍ୟରୁ ଗୋଟିଏ। ଫଟୋରେ ହିମାଳୟ ଏକ ଧଳା ବାଦଲ ସଦୃଶ ଦେଖାଯାଉଛି। ଏହା ପୂର୍ବରୁ ମଧ୍ୟ ହିମାଳୟର ଦୃଶ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଆମେରିକାର ଅନ୍ତରୀକ୍ଷ ଏଜେନ୍ସି ନାସାର ମହାକାଶଚାରୀ ଜୋଶ କସାଦା ଅରୋରା ବେରିଆଲିସିସ୍‌ର ଫଟୋ ଶେୟାର କରିଥିଲେ। ଯେଉଁଥିରେ ଆମ ଗ୍ରହ ଉପରେ ଏକ ରଶ୍ମିର ସୁନ୍ଦର ସବୁଜ ଚାଦର ଦେଖିବାକୁ ମିଳିଥିଲା। ତା' ପଛରେ ସହରର କିଛି ଲାଇଟ୍ ମଧ୍ୟ ଦେଖିବାକୁ ମିଳିଥିଲା।



## ନିର୍ଦ୍ଦେଶନା ଦେବେ ଦିଶା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ତାଙ୍କ ଅଭିନୟ ପାଇଁ ଅନେକ ପ୍ରଶଂସା ସାଉଁଟିଛନ୍ତି। ତେବେ ସେ ଅଭିନୟ ପରେ ଏବେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ସେ ଏକ ମ୍ୟୁଜିକ ଭିଡିଓ 'କ୍ୟୁ କରୁ ଫିକର'ରେ ନଜରକୁ ଆସିବେ। ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏନେଇ ସେ ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟ ଶେୟାର କରି ତାଙ୍କ ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି। ପୋଷ୍ଟରରେ ଦିଶାଙ୍କୁ ବିନ୍ଦାସ ଲୁକ୍‌ରେ ଦେଖିବାକୁ ମିଳିଛି। ଦିଶା 'ହୁଇ ମଲଙ୍ଗ'ଠୁ ଆରମ୍ଭ କରି 'ସ୍ଲୋ ମୋସନ୍' ଓ 'ଡୁ ୟୁ ଲଭ୍ ମି' ଭଳି ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି। ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କୁ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ତେବେ ଦିଶାଙ୍କ ଆଗାମୀ ଫିଲ୍ମ 'ଯୋଦ୍ଧା' ଆସିବାକୁ ଯାଉଛି। ଏଥିରେ ସେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ଏକାଠି ନଜରକୁ ଆସିବେ। ୨୦୧୫ ମସିହାରେ ତେଲୁଗୁ ଫିଲ୍ମ 'ଲୋଫର୍' ଜରିଆରେ ସେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସୁଶାନ୍ତ ସିଂ ରାଜପୁତଙ୍କ ଫିଲ୍ମ 'ଏମ୍.ଏସ୍. ଧୋନି: ଦ ଅନଟୋଲ୍ଡ ଷ୍ଟୋରି' ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତା'ପରେ ଚାଇନିଜ୍ ଆକ୍ସନ୍ କମେଡି ସିନେମା 'କୁଙ୍ଗ ଫୁ ୟୋଗା', 'ବାଗି-୨', 'ଭାରତ', 'ମଲଙ୍ଗ' ଓ 'ଏକ୍ ଭିଲେନ୍ ରିଟର୍ନସ'ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ। ଏଥିସହ ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।






## ଜେଟ୍‌ପ୍ୟାକ୍ ଶୁଟ୍‌ର ପରୀକ୍ଷା

**ଲକ୍ଷ୍ନୌ:** ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳରେ କୌଳିକ ଗତିଶୀଳତା ବୃଦ୍ଧି ପାଇଁ ଭାରତ ଏକ ପାଦ ଆଗକୁ ବଢ଼ିଛି। ଭାରତୀୟ ସେନାର ପାରା ସ୍ପେଶାଲ ଫୋର୍ସ ଗତ ବୁଧବାର ଆଗ୍ରାର ଆର୍ମି ଏୟାରବୋର୍ନ ଟ୍ରେନିଂ ସ୍କୁଲରେ ଜେଟ୍‌ପ୍ୟାକ୍ ଶୁଟ୍‌ର ପରୀକ୍ଷା କରିଛି। ଟୁଇଟରରେ ଏହି ଟ୍ରେନିଂର ଏକ ଭିଡିଓ ଶେୟାର ହୋଇଛି। ଅଭିନବ ଯୁଗର ପ୍ରଯୁକ୍ତିବିଦ୍ୟା, ଏହାର ଯୁଦ୍ଧଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ସେନାର ପ୍ରୟାସର ଏକ ଅଂଶ। ଏହିପରି ୪୮ଟି ଶୁଟ୍ କ୍ରୟ ପାଇଁ ପ୍ରାଥମିକ ଆବଶ୍ୟକତା ରହିଛି। ଟେକ୍-ଚାଳିତ ଜେଟ୍‌ପ୍ୟାକ୍ ଶୁଟ୍‌ର ଡିଜାଇନ ଗ୍ରାଭିଟି ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା ରିଚାର୍ଡ ବ୍ରାଉନିଙ୍ଗ ପ୍ରସ୍ତୁତ କରିଛନ୍ତି। ଏହି ଜେଟ୍‌ପ୍ୟାକ୍ ପିନ୍ଧିଥିବା ବ୍ୟକ୍ତି ତାଙ୍କ ବାହୁ ଓ ପିଠିରେ ଲାଗିଥିବା ଛୋଟ ଜେଟ୍ ଇଞ୍ଜିନ ବ୍ୟବହାର କରି ଉଡିବେ। ଶିଖରରେ ଯୁଦ୍ଧ ସମୟରେ ଏହାର ଆବଶ୍ୟକତା ରହିଥିବା ଭାରତୀୟ ସେନା ଏହାର ବ୍ୟବହାର କରିଛି। ରିଚାର୍ଡ ଚଳିତବର୍ଷ ଫେବୃୟାରୀ ୨୭ରେ ଆଗ୍ରାସ୍ଥିତ ଭାରତୀୟ ସେନାକୁ ତାଙ୍କ କମ୍ପାନୀର ଜେଟ୍‌ପ୍ୟାକ୍ ସିଷ୍ଟମର ଏକ ଡେମୋ ପ୍ରଦାନ କରିଥିଲେ। ଏହାପରେ ଭାରତୀୟ ସେନା ଆଉ ୪୮ଟି ଜେଟ୍‌ପ୍ୟାକ କ୍ରୟ ପାଇଁ ଆବଶ୍ୟକତା ଜାରି କରିଥିଲା। ଟୁଇଟରରେ ଜାରି ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ଜଣେ ବ୍ୟକ୍ତି ଏକ ଜେଟ୍‌ପ୍ୟାକ୍ ପିନ୍ଧି ସ୍ଥଳଭାଗଠାରୁ ଉପରେ ଉଡୁଛନ୍ତି।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଡେରାବିଶ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

# ଯୁବପିଢ଼ି ହିଁ ବଡ଼ଧରଣର ସମାଧାନ କରିପାରିବେ



ଡେରାବିଶ ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।


ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର, ବିଚାରକ, ଅଧ୍ୟାପିକା ଅଧ୍ୟାପକ ଓ ବିଶିଷ୍ଟ ବ୍ୟକ୍ତିମାନେ।

**କେନ୍ଦ୍ରାପଡ଼ା/ଡେରାବିଶ, ୧୭।୮ (ଜଗନ୍ନାଥ ଧଳ/ବେବର୍ତ୍ତା ଅଜୟ ଦାସ)**

ଆମମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବାର ମାନସିକତା ପିଲାବେଳେ ଦେଖାଦେଇଥାଏ। ପିଲାମାନେ ପଚାରି ପଚାରି ସବୁକଥା ଜାଣିବାକୁ ପାଇଥାନ୍ତି। ପରବର୍ତ୍ତୀ ସମୟରେ ଆମେ ଯେତେବେଳେ ସମାଜ ଭିତରକୁ ପ୍ରବେଶ କରୁ, ଶିକ୍ଷାନୁଷ୍ଠାନ ଯାଉ ଏବଂ ବୟସ୍କ ଲୋକଙ୍କ ସହ ଭେଟୁ ସେତେବେଳେ ଆମ ପ୍ରଶ୍ନ ପଚାରିବାର ଶକ୍ତିକୁ କଳେବଳେ କୌଶଳେ ମାରି ଦିଆଯାଏ। ତାହା ସମାଜ କରୁ କି ସରକାର କରୁ କିମ୍ବା ଅଧ୍ୟାପିକା, ଅଧ୍ୟାପକ କରନ୍ତୁ, କ୍ରମଶଃ ଆମର ସେହି ପ୍ରଶ୍ନ କରିବାର ଶକ୍ତିକୁ ହ୍ରାସ କରି ଦିଆଯାଏ। ଯାହାଫଳରେ ଯାହା ଆମ ଆଖିଆଗକୁ ଆସିଲା, ତାହାକୁ 'କାନ୍ଧୁଥିବେ, ଯାହା ପାଉଥିବେ ବାନ୍ଧୁଥିବେ' ଚରିତ୍ରରେ ଗ୍ରହଣ କରି ଆମେ ସମସ୍ତେ ପ୍ରାୟ ବଢ଼ିବାକୁ ପସନ୍ଦ କରିଥାଉ। ଓଡ଼ିଶାରେ ପିଲାମାନଙ୍କର ପ୍ରଶ୍ନ କରିବାର ଇଚ୍ଛା ଅଛି, କିନ୍ତୁ ତାହା ଦବି ଯାଉଛି। ତାହାକୁ ଜାଗ୍ରତ କରିବାକୁ ହେଲେ ବୌଦ୍ଧିକ ବିକାଶ ଜରୁରୀ ଏବଂ କଥା କହିବାର କୌଶଳ ଶିଖିବାକୁ ହେବ। ସବୁ କିଛି ଯେ ଶାସନ ବ୍ୟବସ୍ଥା, ସରକାର, ରାଜନୈତିକ ନେତା କରିଦେବେ ତାହାନୁହେଁ, ଏହିସବୁ ମାଧ୍ୟମ ଆଂଶିକ ସମାଧାନ ଦେଇପାରିବ। କିନ୍ତୁ ଯୁବପିଢ଼ି ହିଁ ବଡ଼ଧରଣର ସମାଧାନ କରିପାରିବେ। ଯେତେବେଳେ ଆମ ଯୁବପିଢ଼ି ସଚେତନ ହେବେ, ପ୍ରଶ୍ନ ପଚାରିବେ ଏବଂ ଯେତେବେଳେ ବୁଝିବେ ସମାଜରେ କ'ଣ ହେଉଛି, ତା'ର ସମାଧାନ ସେମାନେ ହିଁ ବାହାର କରିପାରିବେ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷ ପରିସରରେ ଗୁରୁବାର ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ସମ୍ପାଦକ ସତପଥୀ ଉପରୋକ୍ତ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଛନ୍ତି। ସୁସ୍ଥ ଗଣତନ୍ତ୍ର ସ୍ଥାପନ ପାଇଁ ଯୁବପିଢ଼ି ପ୍ରଶ୍ନ କରିବାର ସମୟ ଆସିଛି। ଧରିତ୍ରୀ ଏଥିପାଇଁ ସଚେତନତା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଡେରାବିଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଧରିତ୍ରୀର ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହ ବକ୍ତୃତା ପ୍ରତିଯୋଗିତାର ବିଷୟ ସମୟ ଉପଯୋଗୀ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର କର ଯୋଗଦେଇ କହିଛନ୍ତି, ଧରିତ୍ରୀର ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ସଚେତନତା ସୃଷ୍ଟି କରୁଛି। ଏହାଦ୍ୱାରା ଛାତ୍ରୀଛାତ୍ର ଦେଶରେ ଚାଲିଥିବା ଗଣତନ୍ତ୍ରକୁ ବିଶ୍ଳେଷଣ କରୁଛନ୍ତି। ଗଣତନ୍ତ୍ର ଯେତେ ସୁଦୃଢ଼ ହେବ, ସେହି ପରିମାଣରେ ଦେଶ ସଶକ୍ତ ହେବ ବୋଲି ସଭାପତି କର କହିଛନ୍ତି। ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପିକା ପ୍ରଜ୍ଞା ପଟ୍ଟନାୟକ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ୍ ଗୋଲେଖ ଚନ୍ଦ୍ର ମହାଭୋଇ ଯୋଗଦେଇ କହିଥିଲେ ଯେ, ସାମାଜିକ ଗଣମାଧ୍ୟମରେ ଆସୁଥିବା ବହୁ ଖବର ସାମାଜିକ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି। ଏଥିପାଇଁ ଦେଶରେ ଅଶାନ୍ତି ସୃଷ୍ଟି ହେଉଛି। ଖବରକୁ ପରଖିବା ବ୍ୟବସ୍ଥା ନାହିଁ। ଅପରପକ୍ଷରେ ଧରିତ୍ରୀ ପରି ଗଣମାଧ୍ୟମ ଯୁବବର୍ଗଙ୍କୁ ପ୍ରତ୍ୟେକ ଖବର ପ୍ରତି ଯତ୍ନଶୀଳ ହେବାକୁ ଗତ ୪୯ ବର୍ଷ ଧରି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ସେମାନେ ମତ ଦେଇଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ୧୬ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ଯୁକ୍ତ୩ ଛାତ୍ରୀ ଚିନ୍ମୟୀ ଶୁଭଦର୍ଶନୀ ପ୍ରଧାନ ଓ ଯୁକ୍ତ୨ ଛାତ୍ରୀ ସ୍ମୃତି ସାଗରିକା ପରିଡ଼ା ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଯୁକ୍ତ ୨ ଛାତ୍ରୀ ସୁଶ୍ରୀ ଶ୍ରାବଣୀ ଦାସ ଦ୍ୱିତୀୟ ବିଜେତା ଏବଂ ଯୁକ୍ତ୩ ଛାତ୍ରୀ ବନ୍ଦିତା ପଣ୍ଡା ତୃତୀୟ ବିଜେତା ହୋଇଛନ୍ତି। ପ୍ରାରମ୍ଭରେ ଇନ୍ଦୁପୁରସ୍ଥିତ ପାୟଲ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ବୃନ୍ଦାବନ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସେହିପରି ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ବିଜେତାମାନଙ୍କ ନାମ ଘୋଷଣା କରିଥିଲେ। ଧରିତ୍ରୀର କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ଜଗନ୍ନାଥ ଧଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡେରାବିଶ ପ୍ରତିନିଧି ବେବର୍ତ୍ତା ଅଜୟ ଦାସ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମନୋରଞ୍ଜନ ଦାଶ, ଧରିତ୍ରୀ ଲାଇଭର ଭବାନୀ ଭୂୟାଁ, ପ୍ରସାର ବିଭାଗର ଅଭୟ ମହାଭୋଇ, ମାର୍ଶାଘାଇ ପ୍ରତିନିଧି ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ମହାକାଳପଡ଼ା ପ୍ରତିନିଧି ପ୍ରତାପ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ପ୍ରତିନିଧି କଳ୍ପତରୁ ନାୟକ ଓ ରାଜକନିକା ପ୍ରତିନିଧି ସଞ୍ଜୟ କୁମାର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ହରପ୍ରିୟା ସାହୁ


ଅମ୍ରିତା ମଲ୍ଲିକ


ଅନିତା ଦାସ


ଅସରଫ୍ ରଜା


ବର୍ଷାରାଣୀ ସିଂ


ଜୟପ୍ରକାଶ ମହାରଣା


ମନୀଷା ଭଦ୍ରା


ପ୍ରାଚୀପ୍ରତ୍ୟାଶା ମାଟି


ପ୍ରୀତିପ୍ରଜ୍ଞା ଦାସ


ସାନଭୀ ପାତ୍ର


ସାହିସ୍ଥା ଜାହାଙ୍ଗିର


ଶ୍ରୀଦେବୀ ସିଂ

## କ'ଣ କୁହନ୍ତି ବିଜେତା।

### ଗଣମାଧ୍ୟମ ରାଜନୀତିର ପଶାପାଲିରେ ନ ରହୁ



ଦେଶରେ ଗଣତନ୍ତ୍ର ବ୍ୟବସ୍ଥା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାରୀ ସୁରକ୍ଷାଠାରୁ ଆରମ୍ଭ କରି ଦୁର୍ନୀତି ଭ୍ରଷ୍ଟାଚାର ଏହାକୁ ବିକଳାଙ୍ଗ କରିଛି। ଯୁବବର୍ଗ ଏବେ ଏହାର ପରିବର୍ତ୍ତନ ଆଶା କରୁଛନ୍ତି। ଦିଗ୍‌ଦର୍ଶକ ଭାବେ ଗଣମାଧ୍ୟମ ଆଗକୁ ଆସିବା କଥା। ତେବେ ରାଜନୀତିର ପଶାପାଲିରେ ଗଣମାଧ୍ୟମ ଲୋକଙ୍କ ସ୍ୱର ହୋଇପାରୁନି। ରାଜନୀତି ପଶାପାଲିରୁ ଗଣମାଧ୍ୟମ ନ ରହିବା ଆବଶ୍ୟକ।

- ଚିନ୍ମୟୀ ଶୁଭଦର୍ଶନୀ ପ୍ରଧାନ, ପ୍ରଥମ ବିଜେତା

### ସୁସ୍ଥ ରାଷ୍ଟ୍ର ପ୍ରତି ଯୁବବର୍ଗ ସଚେତନ ହୁଅନ୍ତୁ



ଯୁବବର୍ଗ ଏବେ ସାମାଜିକ ଗଣମାଧ୍ୟମ ଜାଲରେ ଫସିଛନ୍ତି। ତେବେ ଏପରି ଗଣମାଧ୍ୟମ ବହୁ ସମୟରେ ଦେଶରେ ଅଶାନ୍ତି ସୃଷ୍ଟି କରିବା ପରି ଖବର ପ୍ରସାରଣ କରୁଛନ୍ତି। ଏବେ ସତ ଓ ମିଛ ପରଖିବା ଜରୁରୀ ହୋଇପଡ଼ିଛି। ସଚେତନ ଯୁବବର୍ଗ ହିଁ ସୁସ୍ଥ ରାଷ୍ଟ୍ର ଗଠନରେ ସହାୟକ ହେବେ।

- ସ୍ମୃତି ସାଗରିକା ପରିଡ଼ା, ପ୍ରଥମ ବିଜେତା

### ଧରିତ୍ରୀ ଯୁବବର୍ଗଙ୍କୁ ସଚେତନ କରୁଛି



ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ଖବର ପ୍ରକାଶ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରୁଛି। ବିଭିନ୍ନ ଗଣମାଧ୍ୟମ ସୂଚନା ପ୍ରଦାନ କ୍ଷେତ୍ରରେ ନିଜର ସ୍ୱାର୍ଥ ଥିବା ପରି ଲେଖା ବାହାରୁଛି। ଫଳରେ ସୁସ୍ଥ ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ବିପଥଗାମୀ ହେଉଛି।

- ସୁଶ୍ରୀ ଶ୍ରାବଣୀ ଦାସ, ଦ୍ୱିତୀୟ ବିଜେତା

### ଗଣତନ୍ତ୍ରର ସାମ୍ବିଧାନିକ ଲକ୍ଷ୍ୟ ଭ୍ରଷ୍ଟ ହୋଇଛି



ଜଣତନ୍ତ୍ର ଓ ଗଣତନ୍ତ୍ର ମଧ୍ୟରେ ଆକାଶ ପାତାଳ ଫରକ ଅଛି। ଦେଶ ସ୍ୱାଧୀନତା ପରେ ଭାରତକୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚଳାଇବା ପାଇଁ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା। ତେବେ ଏହି ସାମ୍ବିଧାନିକ ଲକ୍ଷ୍ୟ ସମ୍ପ୍ରତି ଭ୍ରଷ୍ଟ ହେବା ଭଳି ଲାଗୁଛି। ଅସ୍ଥିରତା ଦେଶ ବିକାଶରେ ବାଧକ। ଯୁବବର୍ଗଙ୍କୁ ଏପରି ସ୍ଥିତିରେ ଆତ୍ମ ସମୀକ୍ଷା କରିବା ଆବଶ୍ୟକ।

- ବନ୍ଦିତା ପଣ୍ଡା, ତୃତୀୟ ବିଜେତା

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
କୁନ୍ତଳା କୁମାରୀ ସାବତ ମହିଳା କଲେଜ, ବାଲେଶ୍ୱର

# ଗଣମାଧ୍ୟମ ଗଣତନ୍ତ୍ରର ଜଗୁଆଳି





ଧରିତ୍ରୀ ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ (ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ବାଲେଶ୍ୱର, ୧୭।୮ (ମାନସ ବିଶ୍ୱାଳ)**

ଗଣତନ୍ତ୍ରର ମୁଖ୍ୟ ସ୍ତମ୍ଭ ହେଉଛି ଗଣମାଧ୍ୟମ ଓ ଯୁବପିଢ଼ି। 'ଧରିତ୍ରୀ' ଖବରକାଗଜ ରାଜ୍ୟର ଏକ ଶକ୍ତିଶାଳୀ ସ୍ୱର ଭାବେ ପ୍ରତିପାଦିତ ହୋଇଛି। ସଭ୍ୟତା ଆରମ୍ଭରୁ ପୃଥିବୀ ଯେତେ ପ୍ରକାର ଶାସନ ବ୍ୟବସ୍ଥାକୁ ଆପଣାଇଛି, ସେଥିମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ। ଗଣତନ୍ତ୍ର ସୀମା ଉଲ୍ଲଂଘନ କଲେ ଗଣମାଧ୍ୟମ ସତର୍କଘଣ୍ଟି ବଜାଏ, ଯୁବଶକ୍ତି ପ୍ରତିବାଦର ସ୍ୱର ଉତ୍ତୋଳନ କରିଥାନ୍ତି। ସର୍ବୋପରି ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜଗୁଆଳି ସଦୃଶ ବୋଲି ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା କଲେଜ ସେମିନାର ସମ୍ମିଳନୀ କକ୍ଷରେ ଗୁରୁବାର 'ଧରିତ୍ରୀ'ର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା, ଧରିତ୍ରୀ ଉପ-ବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ, କବି ଶ୍ରୀଦେବ ଓ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଶିରିଶ ଚନ୍ଦ୍ର ଜେନା କୁନ୍ତଳା କୁମାରୀ ସାବତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସଞ୍ଜୟ ସ ସ୍ୱାଗତ ଭାଷଣ ପ୍ରଦାନ କରି ଧରିତ୍ରୀର ଏହି ବକ୍ତୃତା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଧରିତ୍ରୀ ଉପ-ବାର୍ତ୍ତା ସମ୍ପାଦକ ରଥ ବକ୍ତୃତା ପ୍ରତିଯୋଗିତା ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ନୂଆ ଓଡ଼ିଶା ଗଠନ ଦିଗରେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମା', ମାଟିରେ ରହି ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଛାତ୍ରୀଛାତ୍ର ଯତ୍ନବାନ୍ ହେବା ଉଚିତ। ନିଜର ମେଧାଶକ୍ତିର ଅଭିବୃଦ୍ଧି ପାଇଁ ନିୟମିତ ଖବରକାଗଜ ପଢ଼ିବା ସହ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଡ. ଦେବାଙ୍ଗନା ଧରିତ୍ରୀର ଏହି ଅଭିଯାନକୁ ଭୂୟସୀ ପ୍ରଶଂସା କରିଥିଲେ। ବିକଶିତ ରାଷ୍ଟ୍ର ପାଇଁ ଛାତ୍ରୀଛାତ୍ର ତଥା ଯୁବପିଢ଼ିଙ୍କୁ ଚିନ୍ତାଶୀଳ ହେବାକୁ ପଡ଼ିବ। ଶୃଙ୍ଖଳିତ ଯୁବଶକ୍ତି ଏବଂ ଗଣମାଧ୍ୟମର ନିର୍ଭୀକତା ବଳରେ ଗଣତନ୍ତ୍ର ତା'ର ମୌଳିକତା ବଜାୟ ରଖିପାରିବ ବୋଲି ସେ ବକ୍ତବ୍ୟରେ କହିଥିଲେ। ବିଚାରକ ଭାବେ ଯୋଗଦେଇଥିବା କବି ଶ୍ରୀଦେବ ଧରିତ୍ରୀ ଏକ ଭିନ୍ନ ଧରଣର ଖବରକାଗଜ। ଯୁବପିଢ଼ି ବିପୁଳ ଅର୍ଥ ରୋଜଗାର ଆଶାରେ ଘରଦ୍ୱାର, ଦେଶ ଛାଡ଼ି ବିଦେଶକୁ ଯାଇ ଚାକିରି କରୁଛନ୍ତି। ବିଳାସବ୍ୟସନରେ ମଗ୍ନ ରହି ନିଜ ଦେଶର କଥାକୁ, ନିଜ ଦେଶ ପ୍ରତି କର୍ତ୍ତବ୍ୟକୁ ଭୁଲିଯାଉଛନ୍ତି। ରାଷ୍ଟ୍ରର ସର୍ବଶ୍ରେଷ୍ଠ ଶକ୍ତି ଯୁବଶକ୍ତି। ଯୁବଶକ୍ତି ଶୃଙ୍ଖଳିତ ହୋଇ ଦାୟିତ୍ୱବାନ୍ ହେବା ଦରକାର। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର କଳୁଷିତ ଅବସ୍ଥାରେ ଥାଆନ୍ତା ବୋଲି ସେ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ବିଚାରକ ଜେନା କହିଥିଲେ ଯେ, ପୂର୍ବରୁ ଲୋକସାହିତ୍ୟ ଓ ଲୋକ ଗୀତିକାର ମାଧ୍ୟମରେ ବିଭିନ୍ନ ତଥ୍ୟ ସମଗ୍ର ସମାଜକୁ ପ୍ରେରିତ ହେଉଥିଲା। ତାହା ହିଁ ଗଣମାଧ୍ୟମର ମୂଳ ଚେହେରା ଥିଲା। ଗଣତନ୍ତ୍ରକୁ ବିକଶିତ କରିବାର ପ୍ରମୁଖ ଭୂମିକା ଉଭୟ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ବୋଲି ସେ ବକ୍ତବ୍ୟରେ କହିଥିଲେ। ଧରିତ୍ରୀର ବାଲେଶ୍ୱର ଡେସ୍କ ସହ ସମ୍ପାଦିକା ସ୍ମୃତିରେଖା ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୧୧ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଲିପ୍‌ସିତା ପାଢ଼ୀ ପ୍ରଥମ ସ୍ଥାନ, ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ସମର୍ପିତା ପାଣିଗ୍ରାହୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ରାଜଶ୍ରୀ ଦାସ ଓ ଯୁକ୍ତ୩ ଦ୍ୱିତୀୟବର୍ଷ ଛାତ୍ରୀ ତନୁଶ୍ରୀ ମୈକାପ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଧରିତ୍ରୀ ରୂପ୍‌ସା ପ୍ରତିନିଧି ବାଞ୍ଛାନିଧି ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧରିତ୍ରୀ ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ରେମୁଣା ବ୍ଲକ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼ ଓ ଅଧ୍ୟାପିକା ଝାନ୍‌ସୀ ଜେନା ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...



ଗଣମାଧ୍ୟମ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ଯୁଗରେ ସମଗ୍ର ବିଶ୍ୱରେ ଆମ ରାଷ୍ଟ୍ର ବହୁ ଆଗରେ। ରାଷ୍ଟ୍ରର ଗଠନ ପାଇଁ ଗଣମାଧ୍ୟମ ଯେତିକି ଗୁରୁତ୍ୱ ବହନ କରିଛି, ଯୁବପିଢ଼ିଙ୍କ ସେତିକି ସମାନ ଦାୟିତ୍ୱବୋଧ ରହିଛି। ଧରିତ୍ରୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ।

- ଲିପ୍‌ସିତା ପାଢ଼ୀ, ପ୍ରଥମ



ଯୁବପିଢ଼ିଙ୍କ ଭୋଟ ଗଣତନ୍ତ୍ରକୁ ପ୍ରଭାବିତ କରୁଛି। 'ଏକ ଭାରତ, ଏକ ହୃଦୟ' ନିର୍ମାଣ ପାଇଁ ଗଣତନ୍ତ୍ର ସର୍ବଦା ଚେଷ୍ଟିତ। ସୋସିଆଲ ମିଡିଆ ମାଧ୍ୟମରେ ଯିଏ ଯେଉଁଠି ରହିଲେ ମଧ୍ୟ ସମ୍ପର୍କ ସ୍ଥାପନ ହୋଇପାରୁଛି। ଏହା ଯୁବଶକ୍ତି ଓ ଲୋକତନ୍ତ୍ରକୁ ମଜଭୁତ କରିପାରିଛି। ଯୁବଶକ୍ତି ଅନ୍ୟ ଦେଶରେ ନିଜ ପ୍ରତିଭା ପ୍ରଦର୍ଶନକରି ଆମ ରାଷ୍ଟ୍ରର ନାମକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି।

- ସମର୍ପିତା ପାଣିଗ୍ରାହୀ, ଦ୍ୱିତୀୟ



ଆଜିକାର ଯୁଗ ହେଉଛି ଗଣସଂଯୋଗ ଯୁଗ। ଗଣମାଧ୍ୟମକୁ ଆୟୁଧ କରି ରାଜନେତାମାନେ ରାଜନୀତିରେ ପ୍ରବେଶ କରୁଛନ୍ତି। ୧୩୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ଗଣତନ୍ତ୍ର ପ୍ରଚଳିତ। ଆଦ୍ୟ ଯୁବପିଢ଼ି, ମଧ୍ୟ ଯୁବପିଢ଼ି ଓ ପ୍ରାନ୍ତଃ ଯୁବପିଢ଼ି ମିଳିତ ଭାବେ ରାଷ୍ଟ୍ର ପାଇଁ କାର୍ଯ୍ୟଧାରା ବଜାୟ ରଖିଲେ ଗଣମାଧ୍ୟମ ଓ ଗଣତନ୍ତ୍ର ସୁଦୃଢ଼ ହେବ।

- ରାଜଶ୍ରୀ ଦାସ, ଯୁଗ୍ମ ତୃତୀୟ



ନାଗରିକ ଶିକ୍ଷିତ ହେଲେ ଦେଶ ବିକଶିତ ହେବ। 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଟ୍ରାଫିକ୍ ସିଗ୍‌ନାଲର ତିନି ସୂଚକ ଭଳି। ଗଣତନ୍ତ୍ର ଆମ ଦେଶକୁ ସାର୍ବଭୌମ କ୍ଷମତା ଦେଇଛି। ଗଣତନ୍ତ୍ର ଯୋଗୁ ଭାରତ ସଂଘୀୟ ଶାସନ ବ୍ୟବସ୍ଥାକୁ ଉପଭୋଗ କରୁଛି। ଯୁବପିଢ଼ି ଯଦି ଗଣମାଧ୍ୟମ ଓ ଗଣତନ୍ତ୍ରରେ ସକ୍ରିୟ ରହିବେ ଆମ ରାଷ୍ଟ୍ର ବିଶ୍ୱ ଦରବାରରେ ବିକଶିତ ହୋଇପାରିବ।

- ତନୁଶ୍ରୀ ମୈକାପ, ଯୁଗ୍ମ ତୃତୀୟ


ଆଲିଶା କାଦ୍ରି


ଅଲିଭା ମଲ୍ଲିକ


ଦେବସ୍ମିତା ପାଣିଗ୍ରାହୀ


ଇତିଶ୍ରୀ ଚୌଧୁରୀ


ସାଦିୟା କାଦ୍ରି


ସାଇନ୍ ସୁହାନା ପଣ୍ଡା


ସୁଭଦ୍ରା ବେହେରା



ନୂଆଦିଲ୍ଲୀର ତାଲକୋଟ୍‌ରା ଷ୍ଟାଡିୟମରେ ମହିଳା କଂଗ୍ରେସର ଦୁଇଦିନିଆ ଜାତୀୟ ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଦଳୀୟ ନେତୃବୃନ୍ଦ।

# ମୋଦି ଲାଲ୍‌କିଲ୍ଲାରୁ ନୁହେଁ, ତାଙ୍କ ଘରୁ ପତାକା ଉତ୍ତୋଳନ କରିବେ: ଖାର୍ଗେ

ନୂଆଦିଲ୍ଲୀ,୧୭।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବର୍ଷ ମଧ୍ୟ ଲାଲ୍‌କିଲ୍ଲାରୁ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସ୍ୱାଧୀନତା ଦିବସରେ ଭାଷଣ ଦେବା ଅବସରରେ କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ତାଚ୍ଛଲ୍ୟ କରିଛନ୍ତି। ମୋଦି ଲାଲ୍‌କିଲ୍ଲାରୁ ନୁହେଁ, ନିଜ ଘରୁ ତ୍ରିରଙ୍ଗା ଉଡ଼ାଇବେ ବୋଲି ଖାର୍ଗେ ଗୁରୁବାର କହିଛନ୍ତି। ନୂଆଦିଲ୍ଲୀର ତାଲକୋଟ୍‌ରା ଷ୍ଟାଡିୟମରେ ମହିଳା କଂଗ୍ରେସର ଦୁଇଦିନିଆ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଖାର୍ଗେ କହିଥିଲେ, କେବଳ ସର୍ବପୁରାତନ ଦଳ ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କରିପାରିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ କଥା କହୁଥିବାବେଳେ ମୋଦି ଭାରତ ତୋଡୋରେ ବିଶ୍ୱାସ କରନ୍ତି। ମଣିପୁର ହିଂସାକୁ ୩ ମାସ ବିତିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସେଠାକୁ ଯାଉନାହାନ୍ତି। ଆଗାମୀ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାରେ ମହିଳାମାନେ ବଡ଼ ଭୂମିକା ନେଇପାରିବେ ବୋଲି ଖାର୍ଗେ କହିବା ସହ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ଦଳର ମହିଳା ମୋର୍ଚ୍ଚା ସଭାପତି ନେଟ୍ଟା ଡି'ସୌଜାଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଦେଶର ଗଣତନ୍ତ୍ର, ସ୍ୱାଧୀନତା ଓ ସମ୍ବିଧାନକୁ କଂଗ୍ରେସ ବଞ୍ଚାଇ ରଖିଥିବାରୁ ମୋଦି ଆଜି ପ୍ରଧାନମନ୍ତ୍ରୀ ଓ ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ହୋଇଛନ୍ତି। ନ ହେଲେ କେହି ସେମାନଙ୍କୁ ଜାଣି ନ ଥାନ୍ତେ। ପ୍ରଧାନମନ୍ତ୍ରୀ ନିକଟରେ ପାର୍ଲାମେଣ୍ଟରେ ଭାଷଣ ଦେବା ବେଳେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବି.ଆର୍. ଆମ୍ବେଦ୍‌କରଙ୍କୁ ସ୍ମରଣ କରି ନ ଥିଲେ। ତାଙ୍କ ସମ୍ପୂର୍ଣ୍ଣ ଭାଷଣ କେବଳ 'ମୁଁ'ରେ ସୀମିତ ଥିଲା। ଜଣେ ଲୋକର ଅହଂକାର ସବୁବେଳେ ବିପଜ୍ଜନକ ବୋଲି ଖାର୍ଗେ କହିଛନ୍ତି।

## ରାଜସ୍ଥାନ ପାଇଁ ଭାଜପାର ୨ ନିର୍ବାଚନ କମିଟି

# ବସୁନ୍ଧରା ରାଜେଙ୍କ ନାଁ ନାହିଁ

ଜୟପୁର,୧୭।୮(ପି.ଟି.)

ରାଜସ୍ଥାନ ବିଧାନସଭା ନିର୍ବାଚନ ଲାଗି ଭାଜପା ଗୁରୁବାର ଦୁଇଟି ମୁଖ୍ୟ ନିର୍ବାଚନ କମିଟି ଗଠନ କରିଛି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ କୌଣସି କମିଟିରେ ରଖାଯାଇ ନାହିଁ। ପୂର୍ବତନ ଏମ୍‌ପି ନାରାୟଣ ପଞ୍ଚରିଆଙ୍କ ନେତୃତ୍ୱରେ ୨୧ ସଦସ୍ୟ ବିଶିଷ୍ଟ ନିର୍ବାଚନ ପରିଚାଳନା କମିଟି ଗଠନ ହୋଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ନେତୃତ୍ୱରେ ନିର୍ବାଚନୀ ଇସ୍ତାହାର କମିଟି ଗଠନ ହୋଇଛି। ଖୁବ୍‌ଶୀଘ୍ର ଭାଜପା ନିର୍ବାଚନ ପ୍ରଚାର କମିଟି ଗଠନ କରିବ ବୋଲି କୁହାଯାଉଛି। ଗଠିତ ୨ କମିଟିରେ ବସୁନ୍ଧରାଙ୍କୁ ନିଆ ନ ଯିବା ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ନିର୍ବାଚନ ପ୍ରଚାର ଦାୟିତ୍ୱରେ ରହିବେ ବୋଲି ରାଜ୍ୟ ଭାଜପା ପ୍ରଭାରୀ ଅରୁଣ ସିଂ କହିଛନ୍ତି। ବସୁନ୍ଧରା ଦୁଇଥର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବେ ସେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅଛନ୍ତି। ତେଣୁ ତାଙ୍କୁ ବଡ଼ ଭୂମିକା ମିଳିବ ବୋଲି ଅରୁଣ ଖବରଦାତାମାନଙ୍କୁ କହିଛନ୍ତି। ପ୍ରଚାରରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ସାମିଲ ହେବେ ବୋଲି ରାଜ୍ୟ ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଆମ ରଣକୌଶଳ



ପ୍ରସ୍ତୁତ। ଏଥର ଭାଜପାକୁ ଜନାଦେଶ ମିଳିବା ନେଇ ଜୋଷୀ ଦୃଢ଼ୋକ୍ତି କରିଛନ୍ତି।

# ୟୁପି କଂଗ୍ରେସର ନୂଆ ମୁଖିଆ ଅଜୟ ରାୟ

## ମୋଦିଙ୍କ ବିରୋଧରେ ୨ଥର ଲଢ଼ିଛନ୍ତି ନିର୍ବାଚନ

ଲକ୍ଷ୍ନୌ,୧୭।୮

ଲୋକ ସଭା ନିର୍ବାଚନ ପୂର୍ବରୁ ଉତ୍ତରପ୍ରଦେଶରେ କଂଗ୍ରେସ ସକ୍ରିୟ ହେଉଛି। ଦଳ ପୂର୍ବତନ ବିଧାୟକ ଅଜୟ ରାୟଙ୍କୁ ରାଜ୍ୟର କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ଦେଇଛି। ତେବେ ଅଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦୁଇ ଥର ନିର୍ବାଚନ ଲଢ଼ିଛନ୍ତି। ଅଜୟ ୟୁପି କଂଗ୍ରେସରେ



ବ୍ରିଜ୍‌ଲାଲ ଖାବରୀଙ୍କ ସ୍ଥାନ ନେଇଛନ୍ତି। ତେବେ ନିର୍ବାଚନ ଦୃଷ୍ଟିରୁ ୮୦ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ଉପରେ ସମସ୍ତ ଦଳର ନଜର ରହିଛି। ରେକର୍ଡ ଦେଖିଲେ ଏଠାରେ ଲଗାତର ଭାବେ କଂଗ୍ରେସକୁ ପରାଜିତ ହେବାକୁ ପଡ଼ିଛି। ଏଭଳି ସ୍ଥିତିରେ ସଂଗଠନକୁ ଏକଜୁଟ କରି ନିର୍ବାଚନ ଲାଗି ପ୍ରସ୍ତୁତ କରିବା ଅଜୟଙ୍କ ପ୍ରମୁଖ ଦାୟିତ୍ୱ ରହିବ।

# ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ରାଜ୍ୟ ଭାଜପା

ଭୁବନେଶ୍ୱର, ୧୭।୮(ସୁନୀତ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ପୂର୍ବୋଦୟ ଭାରତର ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଏଥିସହ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି। ବିଶେଷ ଭାବେ ରେଳପଥ ବିକାଶ କ୍ଷେତ୍ରରେ ମୋଦି ସରକାରଙ୍କ ଅବଦାନ ଅଧିକ । ରେଳଯାତ୍ରୀଙ୍କ ସୁବିଧା ଓ ଗମନାଗମନ ସହ ରେଳପଥ ପରିବହନ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ଗତ ୯ ବର୍ଷରେ ମୋଦି ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଦେଇଛନ୍ତି । ଓଡ଼ିଶାର ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଐତିହାସିକ ନିଷ୍ପତ୍ତିକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ଓଡ଼ିଶାରେ ଏବେ ରେଳ ନେଟ୍‌ୱାର୍କ ବିସ୍ତାର ହେବା ଫଳରେ ଯାତ୍ରୀ ଏବଂ ମାଲ୍ ପରିବହନ ସହଜ ହେବ । ଖଣିଜ ସମ୍ପଦ ଭରା ଓଡ଼ିଶାର କୋଇଲା, ଇସ୍ପାତ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମେତ ସାର ପରିବହନର ଗତିକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୪୧୭.୬ କି.ମି. ଲମ୍ବ 'ନିର୍ଗୁଣ୍ଡି-ବାରଙ୍ଗ' ଏବଂ 'ଖୋର୍ଦ୍ଧାରୋଡ୍-ବିଜୟନଗରମ୍' ୩ୟ ରେଳଲାଇନ



ମନମୋହନ ସାମଲ

## 'ନିର୍ଗୁଣ୍ଡି -ବାରଙ୍ଗ' ଏବଂ 'ଖୋର୍ଦ୍ଧାରୋଡ୍ - ବିଜୟନଗରମ୍' ୩ୟ ରେଳଲାଇନ ନିର୍ମାଣ ପ୍ରସଙ୍ଗ

ନିର୍ମାଣ ସକାଶେ ୫୬୧୮.୨୬ କୋଟି ଟଙ୍କା ଅନୁମୋଦନ ମିଳିଛି । ଏହା ନିର୍ମାଣ ଫଳରେ ରେଳ ପରିବହନ କ୍ଷେତ୍ରରେ ଓଡ଼ିଶାର ଭୂମିକା ବୃଦ୍ଧି ପାଇବ ଏବଂ ଆର୍ଥିକ କ୍ଷେତ୍ରରେ ଓଡ଼ିଶା ଆହୁରି ସୁଦୃଢ଼ ହୋଇପାରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନମୋହନ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଛନ୍ତି ।

# ବିଜେଡିରେ କେସିଙ୍ଗା ଏନ୍‌ଏସି ସ୍ୱାଧୀନ କାଉନସିଲର

କେସିଙ୍ଗା,୧୭।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ଭବାନୀପାଟଣା ଟାଉନ ହଲଠାରେ ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଶଧି ବାଗଙ୍କ ସମେତ କେସିଙ୍ଗା ଏନଏସିର ଅଧ୍ୟକ୍ଷ ନୃପରାଜ ଯାଦବ, ଶିଲୁ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେସିଙ୍ଗା ଏନ୍‌ଏସିର ୬ନଂ. ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ତଥା କାଉନସିଲର ଶମ୍ଭୁ ବର୍ଗର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ସୁଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ।

## ରାଜ୍ୟ ଖବର

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଢେଙ୍କାନାଳ,୧୭।୮(ରତନ ନାୟାର)

ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଆକାଂକ୍ଷିତ ମିଶ୍ର ଅଭିଯୁକ୍ତ ପ୍ରଦୀପ ପାତ୍ର (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୫,୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଭୁବନ ଥାନା ଅଞ୍ଚଳର ସମ୍ପୃକ୍ତ ୧୪ ବର୍ଷୀୟା ନାବାଳିକା ୨୦୨୧ ମେ' ୧୮ ସକାଳ ସାଢ଼େ ୮ଟାରେ ନଳକୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ ପାଟପୁର ଗ୍ରାମର ପ୍ରଦୀପ୍ତ ପାତ୍ର ତାଙ୍କୁ ଅପହରଣ କରି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଘରେ ଆସି ସମସ୍ତ ଘଟଣା କହିବା ପରେ ପରିବାର ପକ୍ଷରୁ ଥାନାରେ ନଂ. ୧୮୦/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ପ୍ରଦୀପଙ୍କୁ ବିରୋଧ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ. ୪୦/୨୧ରେ ବିଚାର କରି ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୀଡ଼ିତାଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ୧୭ଟି ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପୋକ୍‌ସୋ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟନାରାୟଣ ତ୍ରିପାଠୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିବାହିତ ପ୍ରଦୀପଙ୍କ ୩ଜଣ ସନ୍ତାନ ଅଛନ୍ତି।

# ୫-ଟି ସଚିବଙ୍କ ନିର୍ଦ୍ଦେଶରେ ମିଳିଲା ସହାୟତା

ଢେଙ୍କାନାଳ,୧୭।୮(ରତନ ନାୟାର)

ଆଫ୍ରିକା ମହାଦେଶର ସର୍ବବୃହତ୍ ଗିରିଶୃଙ୍ଗ କିଲିମାଞ୍ଜାରୋ ଚଢ଼ିବେ ଢେଙ୍କାନାଳର ଦୁଃସାହସିକ କ୍ରୀଡ଼ାବିତ୍ ବିଭାରାଣୀ ପାତ୍ର। ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାପରେ ବିଭାରାଣୀଙ୍କ କିଲିମାଞ୍ଜାରୋ ବିଜୟ ସ୍ୱପ୍ନ ଉଜ୍ଜୀବିତ ହୋଇଛି।

ଓଡ଼ାପଡା ବ୍ଲକ ମେରାମଣ୍ଡଳି ଗ୍ରାମର ବିଭାରାଣୀ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ଦୁଃସାହସିକ କ୍ରୀଡ଼ା, ସମାଜସେବା କ୍ଷେତ୍ରରେ ସେ ୧୨୫୩ ପୁରସ୍କାର ପାଇଥିବାବେଳେ ଜାତୀୟସ୍ତରରେ ଅର୍ଜନ କରିଛନ୍ତି ସୁନାମ। ଏବେ ସେ ପୃଥିବୀର ବିଭିନ୍ନ ପର୍ବତ ଶୃଙ୍ଗ ଉପରେ ତ୍ରିରଙ୍ଗା ଉଡ଼ାଇବାକୁ ଲକ୍ଷ୍ୟ ରଖି ଆଗକୁ ବଢୁଛନ୍ତି। ତେବେ କିଲିମାଞ୍ଜାରୋ ପଥରେ ଅର୍ଥ ବାଧକ ସାଜିଥିଲା। ଏଥିଲାଗି ସେ ରାଜ୍ୟ ସରକାରଙ୍କ ୫-ଟି ସଚିବ, ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ୫-ଟି



ବିଭାରାଣୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

## କିଲିମାଞ୍ଜାରୋ ଚଢ଼ିବେ ବିଭାରାଣୀ

ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗୁରୁବାର ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହି ସହାୟତା ରାଶି ପ୍ରଦାନ କରିବା ସହ ବିଭାରାଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ଓ ଜିଲା ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ଉପସ୍ଥିତ ଥିଲେ। ବିଭାରାଣୀଙ୍କ କିଲିମାଞ୍ଜାରୋ ସ୍ୱପ୍ନ ସଫଳ ହେଲେ ସେ ରୁଷିଆର ଏଲବ୍ରସ୍ ଶୃଙ୍ଗ ଆରୋହଣ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ବିଭାରାଣୀ ହେଉଛନ୍ତି ବିଦ୍ୟୁତ୍‌ପ୍ରଭା ପାତ୍ର ଏବଂ ପିତା କୃଷ୍ଣ ପ୍ରସାଦ ପାତ୍ରଙ୍କ କନ୍ୟା।

# ଫାଇଲେରିଆ ଔଷଧ ଖାଇ ୮ ଛାତ୍ରୀଛାତ୍ର ଅସୁସ୍ଥ

ଆନନ୍ଦପୁର,୧୭।୮(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ପାଇକଚାଟରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଫାଇଲେରିଆ ଔଷଧ ସେବନ କରି ୮ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନଙ୍କୁ କୌଣସି ଔଷଧ ଖାଇବାକୁ ଦେବା ପୂର୍ବରୁ ସୂଚନା ଦେବା ଆବଶ୍ୟକ ବୋଲି ଅଭିଭାବକ ମାୟାଧର ବାରିକ, ରୂପାଲି ମାଝୀ କହିଛନ୍ତି। ସୂଚନା ଅନୁଯାୟୀ, ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅନୁମତି କ୍ରମେ ସ୍ଥାନୀୟ ଆଶାକର୍ମୀ ଛାତ୍ରୀଛାତ୍ରମାନଙ୍କୁ ଫାଇଲେରିଆ ଔଷଧ ଖାଇବାକୁ ଦେଇଥିଲେ। ପିଲାମାନଙ୍କୁ ୭ଟା ଲେଖାଏ ବଟିକା ଖାଇବାକୁ ଦିଆଯାଇଥିଲା। ତେବେ ଔଷଧ ସେବନ ପରେ ୮ ଛାତ୍ରୀଛାତ୍ର ଅଚେତ ହୋଇପଡ଼ିଥିଲେ। ଖବର ପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଅସୁସ୍ଥ ପିଲାମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସିତ ପିଲାମାନଙ୍କ ଭଲମନ୍ଦ ବୁଝାଶୁଝା କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିରଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ବିଜେଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ନିଲମ୍ବିତ

ମାହାଙ୍ଗା,୧୭।୮(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନାବାଳିକା ମୃତ୍ୟୁ ଘଟଣାର ସସପେନ୍ସ ଲାଗି ରହିଥିବାବେଳେ ଅଭିଯୋଗର ଫର୍ଦ୍ଦ ବଢ଼ିବାରେ ଲାଗିଛି। ପ୍ରଥମେ ଘଟଣା ସମ୍ପର୍କରେ ରାଜ୍ୟ ଭାଜପା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯିବା ପରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ କଲ୍ୟାଣ କମିଟି ନିଜ ଆଡୁ ମାମଲା ରୁଜୁ କରିଛି। ଏନେଇ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ପୋଲିସର ଏକ ତଦନ୍ତକାରୀ ଟିମ୍ ମାହାଙ୍ଗାରେ ପହଞ୍ଚି ମୃତା ନାବାଳିକାଙ୍କ ଗାଁରେ ତଦନ୍ତ ଆରମ୍ଭ କରିଥିବାବେଳେ ତାଙ୍କ ସହ ପ୍ରେମ ସମ୍ପର୍କ ଘଟଣାରେ ସମ୍ପୃକ୍ତ ଖେଳ ଶିକ୍ଷକଙ୍କୁ ଜଗତ୍‌ସିଂହପୁରସ୍ଥିତ ବାସଭବନରେ ପଚରାଉଚରା କରିଛି। ଅପରପକ୍ଷେ ନାବାଳିକାଙ୍କ ମୃତ୍ୟୁ ଘଟଣାର ପ୍ରମାଣ ନଷ୍ଟ କରିଥିବା ନେଇ ଭାଇରାଲ ଅଡିଓରେ ସ୍ୱୀକାର କରିଥିବା ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶରତ ନାୟକଙ୍କୁ ନେଇ ପୋଲିସ କୌଣସି ତଦନ୍ତ କରି ନ ଥିବା ଜଣାପଡ଼ିଛି। ତେବେ ଏହି ବିବାଦୀୟ ଅଡିଓ ପାଇଁ ମାହାଙ୍ଗା ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ନାୟକଙ୍କୁ ନିଲମ୍ବିତ କରାଯାଇଛି ବୋଲି କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜୁନ୍ ୧୮ରେ ମାହାଙ୍ଗା ଥାନା ଅନ୍ତର୍ଗତ ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁର ୨ ମାସ ପରେ ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଛି। ଏଥିରେ ନାୟକ ମୃତ୍ୟୁ ଘଟଣାକୁ ଚପାଇ ଦେବା ପାଇଁ ୭୦ ହଜାର ଟଙ୍କା ଡିଲ୍ କରୁଥିବା ଅଭିଯୋଗ ହୋଇଛି। ଏହାପରେ ଏକ ହାତଲେଖା ଚିଠି ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏହା ନାବାଳିକାଙ୍କ ବୋଲି ସନ୍ଦେହ କରାଯାଉଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବାରୁ ବାପା ବିଷ ଦେଇ ମାରିବାକୁ ଉଦ୍ୟମ କରୁଥିବା ଉଲ୍ଲେଖ ରହିଛି। ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି।

## ନାବାଳିକା ମୃତ୍ୟୁ ଘଟଣା ତଦନ୍ତ ଆରମ୍ଭ

- ନିଜ ଆଡ଼ୁ ମାମଲା ରୁଜୁ କଲା ରାଜ୍ୟ ମହିଳା କମିଶନ, ଶିଶୁ କଲ୍ୟାଣ କମିଟି
- ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ



ବିଜେଡିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ।

# ଚାରା ଉପାଡ଼ି ଅଡୁଆରେ ପିଅନ, ସ୍ତ୍ରୀ

ପରଜଙ୍ଗ, ୧୭।୮(ନିଗମାନନ୍ଦ ଦଳବେହେରା)

'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ରୋପଣ କରାଯାଇଥିବା ଚାରା ଉପାଡ଼ି ଅଡୁଆରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଆଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଅନ ମୋହନ ସାହୁ ଏବଂ ତାଙ୍କ ସ୍ତ୍ରୀ ଅଞ୍ଜଳି ସାହୁ। ଗ୍ରାମବାସୀ ଏବଂ ସରପଞ୍ଚଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ପରଜଙ୍ଗ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ କୁଆଲୋ ସରପଞ୍ଚ ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ମାଳିସାହିସ୍ଥିତ ଏକ ଗୋଚର ଜମିରେ ବନୀକରଣ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଗତ ଅଗଷ୍ଟ ୧୪ରେ ବନ ବିଭାଗ, ଗ୍ରାମବାସୀ ଏବଂ ସରପଞ୍ଚଙ୍କ ଉପସ୍ଥିତିରେ ସେଠାରେ ମୂଲ୍ୟବାନ ଚାରା ଲଗାଯାଇଥିଲା। ତେବେ ଅଗଷ୍ଟ ୧୫ ସନ୍ଧ୍ୟାରେ ମୋହନ ଏବଂ ଅଞ୍ଜଳି ଉକ୍ତ ଗଛ ଉପାଡ଼ି ଦେଇଥିଲେ। ପ୍ରତିବାଦ କରିବାରୁ ଗ୍ରାମବାସୀଙ୍କୁ ମାରଣାସ୍ତ୍ର ଧରି ଧମକ ଦେଇଥିଲେ, ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗ୍ରାମବାସୀ ଦାବିକରିଛନ୍ତି। ଅନ୍ୟପଟେ ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବୈଠକକୁ ଆସିଲେନି ଅଭିଭାବକ, ବର୍ଷାରେ ଠିଆ ହେଲେ ପିଲା

ବୌଦ୍ଧ,୧୭।୮(ଅଜିତ କୁମାର ବାରିକ)

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟ ପକ୍ଷରୁ ଡକାଯାଇଥିବା ବୈଠକକୁ କେତେଜଣ ଅଭିଭାବକ ନ ଆସିବାରୁ ସେମାନଙ୍କ ପିଲାଙ୍କୁ ବାହାରେ ବର୍ଷାରେ ଠିଆ କରାଯାଇଥିବା ଅଭିଯୋଗ ହୋଇଛି। ପିଲାଙ୍କୁ ଏପରି ଦଣ୍ଡ ମିଳିବା ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିନ୍ତୁ ଏହି ଅଭିଯୋଗକୁ ବିଦ୍ୟାଳୟ ଅଧ୍ୟକ୍ଷା ରାଜଲକ୍ଷ୍ମୀ ବିଶ୍ୱାଳ ଖଣ୍ଡନ କରିଛନ୍ତି।



ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରତିମାସରେ ପରୀକ୍ଷା ହୋଇଥାଏ। ପରୀକ୍ଷାରେ ପିଲାଙ୍କ ଫଳାଫଳ କିପରି ରହିଛି ଏବଂ ଶିକ୍ଷାଦାନ ସମ୍ପର୍କରେ ଜଣାଇବା ପାଇଁ ବୁଧବାର ବିଦ୍ୟାଳୟ ପକ୍ଷରୁ ଅଭିଭାବକ ବୈଠକ ଡକାଯାଇଥିଲା। ହେଲେ ଏହି ବୈଠକକୁ କେତେଜଣ ଅଭିଭାବକ ଆସି ନ ଥିଲେ। ଫଳରେ ଅଧ୍ୟକ୍ଷା ସେମାନଙ୍କୁ ଡାକିବାକୁ ପିଲାଙ୍କୁ କହିଥିଲେ। ଏହି ସମୟରେ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ହେଉଥିଲା। ତେଣୁ ଅଧ୍ୟକ୍ଷା ସେମାନଙ୍କୁ ଗେଟ୍ ପାଖକୁ ଯାଇ ଅଭିଭାବକମାନଙ୍କୁ ଫୋନ୍ କରି ଡାକିବାକୁ କହିଥିଲେ। ପ୍ରାୟ ୧୦-୧୧ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ଗେଟ୍ ନିକଟରେ ଠିଆ ହୋଇ ସେମାନଙ୍କ ଅଭିଭାବକମାନଙ୍କୁ ଡାକିଥିଲେ। ଏହି ସମୟରେ ବର୍ଷା ହୋଇଥିଲା। ପିଲାମାନେ ବର୍ଷାରେ ଓଦା ହୋଇଯାଇଥିଲେ। ଅଭିଭାବକମାନେ ସେଠାରେ ପହଞ୍ଚି ପିଲାମାନେ ବର୍ଷାରେ ଓଦା ହୋଇ ଠିଆ ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଭିଭାବକମାନେ ଗେଟ୍ ବାହାରେ ଠିଆ ହୋଇ ଅଧ୍ୟକ୍ଷାଙ୍କୁ ଡକାଇଥିଲେ। ଅଧ୍ୟକ୍ଷା ବିଶ୍ୱାଳ ଆସି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇ ଅଭିଭାବକଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଏନେଇ ଅଧ୍ୟକ୍ଷା ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ବୈଠକରେ ଅନୁପସ୍ଥିତ ଥିବା କେତେଜଣ ଅଭିଭାବକଙ୍କୁ ଡାକିବା ପାଇଁ ସେମାନଙ୍କ ପିଲାଙ୍କୁ କହିଥିଲି। ହେଲେ ବିଦ୍ୟାଳୟରେ ରୁଟ ଟୁ ରୁଟ କାର୍ଯ୍ୟକ୍ରମ ଚାଲିଥିଲା। ଫଳରେ ଗହଳି ଯୋଗୁ ପିଲାଙ୍କୁ ବାହାରକୁ ଯାଇ ଡାକିବାକୁ କୁହାଗଲା। ହେଲେ ହଠାତ୍ ବର୍ଷା ହେଲା। ଜାଣିଶୁଣି ଏଭଳି କରାଯାଇ ନାହିଁ ବୋଲି ସେ କହିଛନ୍ତି। ସେହିପରି ନିଜ ନାମ ଗୋପନ ରଖି କେତେଜଣ ଅଭିଭାବକ କହିଛନ୍ତି, ଯଦି କୌଣସି କାରଣରୁ ଅଭିଭାବକମାନେ ବୈଠକକୁ ଆସି ନ ପାରିଲେ, ସେମାନଙ୍କୁ ସିଧାସଳଖ ଫୋନ ମାଧ୍ୟମରେ ଡକାଯାଇ ପାରିଥାନ୍ତା। କିନ୍ତୁ ତାହା ନ କରି ପିଲାଙ୍କୁ କହି ପ୍ରାୟ ଅଧଘଣ୍ଟା ବର୍ଷାରେ ବାହାରେ ଠିଆ କରାଇବା ଅନୁଚିତ।

**ପୂର୍ବ ତଟ ରେଳପଥ**

ରେଳ କୋଚ୍ ରେଷ୍ଟୁରାଣ୍ଟ ନିମନ୍ତେ ଇ-ନିଲାମ

ସଂ. Comml/SBP/IREPS/Catg./23/17

**01. ପରିସମ୍ପତ୍ତି ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ଷ୍ଟେସନର ପରିସରର କ୍ଷେତ୍ରରେ ରେଳ କୋଚ ରେଷ୍ଟୁରାଣ୍ଟର ସ୍ଥାପନା, ପରିଚାଳନା ଏବଂ ମ୍ୟାନେଜମେଣ୍ଟର ବ୍ୟବସ୍ଥା ।
ଷ୍ଟେସନ: ସମ୍ବଲପୁର (SBP)

**02. ପରିସମ୍ପତ୍ତି ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ ଷ୍ଟେସନର ପରିସରର କ୍ଷେତ୍ରରେ ରେଳ କୋଚ ରେଷ୍ଟୁରାଣ୍ଟର ସ୍ଥାପନା, ପରିଚାଳନା ଏବଂ ମ୍ୟାନେଜମେଣ୍ଟର ବ୍ୟବସ୍ଥା ।
ଷ୍ଟେସନ: ଟିଟିଲାଗଡ଼ (TIG)

**03. ପରିସମ୍ପତ୍ତି ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ମୁନିଗୁଡ଼ା ଷ୍ଟେସନର ପରିସରର କ୍ଷେତ୍ରରେ ରେଳ କୋଚ ରେଷ୍ଟୁରାଣ୍ଟର ସ୍ଥାପନା, ପରିଚାଳନା ଏବଂ ମ୍ୟାନେଜମେଣ୍ଟର ବ୍ୟବସ୍ଥା ।
ଷ୍ଟେସନ: ମୁନିଗୁଡ଼ା (MNGD)

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 28.08.2023, 1200 Hrs. (କ୍ର.ସଂ.01 ପାଇଁ), 29.08.2023, 1200 Hrs. (କ୍ର.ସଂ.02 ଏବଂ 03 ପାଇଁ).
ନିଲାମ ବନ୍ଦ ହେବା ତାରିଖ ଓ ସମୟ : 28.08.2023, 1230 Hrs. (କ୍ର.ସଂ.01 ପାଇଁ), 29.08.2023, 1240 Hrs. (କ୍ର.ସଂ.02 ଏବଂ 03 ପାଇଁ).

ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ : https://www.ireps.gov.in ରେ ଉପଲବ୍ଧ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-462/O/23-24

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଏନ୍. ଜନ୍ ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱାକୋ ଇଣ୍ଡିଆ କିକ୍‌ବକ୍ସିଂରେ ଓଡ଼ିଶା ଭାଗନେବ


ଓଡ଼ିଶା କିକ୍ ବକ୍ସିଂ ଦଳ।

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ୱାକୋ ଇଣ୍ଡିଆ କିକ୍‌ବକ୍ସିଂ ଚାମ୍ପିୟନଶିପ୍ କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ର ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୨୨ ଜଣିଆ ଦଳ ଭାଗନେବ। ଏଥିରେ ସାମିଲଥିବା ୧୭ ପ୍ରତିଯୋଗୀ, ୪ ଅଫିସିଆଲ ଓ ଜଣେ ପ୍ରଶିକ୍ଷକ ଗୁରୁବାର କୋଲକାତା ଯାତ୍ରା କରିଛନ୍ତି। ଅନ୍ତର୍ଜାତୀୟ ବିଚାରକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି। ଗଙ୍ଗାଧର ସାହୁ, ନାରାୟଣ ତମାଙ୍ଗ, ନିଖିତ ବାନୁ ଓ ପ୍ରକାଶ ବେହେରା ଜାତୀୟ ବିଚାରକ ଦାୟିତ୍ୱ ତୁଲାଇବେ। ମହମ୍ମଦ ସଲିମ ଖାଁ ଦଳର ପ୍ରଶିକ୍ଷକଭାବେ କୋଲକାତା ଯାତ୍ରା କରିଛନ୍ତି। ଓଡ଼ିଶା ଦଳରେ ସାମିଲଥିବା ପ୍ରତିଯୋଗୀମାନେ ହେଲେ ମାଲୋଥ ରାଜଶେଖର, ଅନିକେତ ଚୌରାସିଆ, ସମୀକ୍ଷା କିସାନ, ଚୋଡ଼ଗଙ୍ଗ ଦେବ ରୋହିଦାସ, ତୁଷାର ବେହେରା, ଅର୍ପିତା ଜାଲି, ବାବି ଚାଟାର୍ଜୀ, ଚନ୍ଦନ ନାୟକ, ବିକାଶ ନାୟକ, ପିନୁ ସାହୁ, ଆର୍ଯ୍ୟନ ଶର୍ମା, ୟାଶ୍ ଖାଁ, ଦକ୍ଷ ଖାଁ, ଶ୍ରେୟାଶ୍ରୀ ଦେ, ସୁପ୍ରିୟା ଦାସ ଓ ଅସିତ ସିଂ। ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସଭାପତି ପ୍ରବୋଧ ତିର୍କୀ, ଉପସଭାପତି ଦୀନବନ୍ଧୁ ବେହେରା, ଅନିଲ ରାଉଳ ପ୍ରମୁଖ ରାଜ୍ୟ ଦଳର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନରେ ନଜରରେ ଯୁବ ଖେଳାଳି

ଡବ୍‌ଲିନ୍, ୧୭।୮ (ପି.ଟି.)

ଭାରତୀୟ ଯୁବ ଦଳ ଏହାର ଆୟର୍ଲାଣ୍ଡ ଗସ୍ତ ଶୁକ୍ରବାର ଆରମ୍ଭ କରିବ। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଯଶପ୍ରୀତ୍ ବୁମ୍‌ରା ଅଧିନାୟକ ରହିଥିବା ବେଳେ ଏକାଧିକ ଯୁବ ଖେଳାଳିଙ୍କ ଉପରେ ନଜର ରହିବ। ବ୍ୟାକ୍ ଷ୍ଟ୍ରେସ୍ ଫ୍ରାକ୍ଟର ସର୍ଜରୀ ପରେ ଦୀର୍ଘ ୧୧ ମାସ ଧରି କ୍ରିକେଟରୁ ଦୂରେଇ ରହିବା ପରେ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଗକୁ ଦିନିକିଆ ବିଶ୍ୱକପ୍ ରହିଥିବା ବେଳେ ବୁମ୍‌ରାଙ୍କ ପାଇଁ ଏହି ସିରିଜ୍‌ଟି ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ବୁମ୍‌ରାଙ୍କ ପେସ୍ ଓ ଫିଟ୍‌ନେସ୍ ଉପରେ ଭାରତୀୟ ମ୍ୟାନେଜମେଣ୍ଟର ନଜର ରହିବ। ଏହା ବ୍ୟତୀତ ଭାରତୀୟ କ୍ରିକେଟର ଭବିଷ୍ୟତ କୁହା ଯାଉଥିବା ରିଙ୍କୁ ସିଂ, ଋତୁରାଜ ଗାଏକ୍ୱାଡ ଓ ଜିତେଶ ଶର୍ମା ମଧ୍ୟ ଏହି ଦଳରେ ରହିଛନ୍ତି। ଷ୍ଟ୍ରେସ୍ ଫ୍ରାକ୍ଟର କାରଣରୁ ବୁମ୍‌ରା ଏସିଆ କପ୍ ଓ ଟି୨୦ ବିଶ୍ୱକପ ଦଳରୁ ବାଦ ପଡିଥିଲେ। ୫ ଦିନର ଏହି ଟୁରରେ ୩ ମ୍ୟାଚ୍‌ରେ ବୁମ୍‌ରାଙ୍କୁ ୧୨ ଓଭର ବୋଲିଂ କରିବାର ସୁଯୋଗ ମିଳିବ। ଦିନିକିଆରେ ବୋଲିଂ କରିବା ପାଇଁ ସେ ମ୍ୟାଚ୍ ଫିଟ୍ ଅଛନ୍ତି କି ନାହିଁ ଏ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର, ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କୁ ଏକ ଆଇଡିଆ ମଧ୍ୟ ମିଳିଯିବ। ଟି୨୦ ଅପେକ୍ଷା ଦିନିକିଆରେ ଅଧିକ ଫିଟନେସ୍ ଆବଶ୍ୟକ ରହିଥିବା ବେଳେ ମ୍ୟାନେଜମେଣ୍ଟ ଏହା ଉପରେ ନଜର ରଖିବ। ନିକଟରେ ବିସିସିଆଇ ପକ୍ଷରୁ ବୁମ୍‌ରାଙ୍କ ଏକ ବୋଲିଂ ଭିଡିଓ ଜାରି କରାଯାଇଥିଲା। ଯେଉଁଥିରେ ସେ ୟର୍କର ଓ ଶର୍ଟ ବଲ୍ ପକାଉଥିବା ନଜର ଆସିଥିଲେ।


ଅଭ୍ୟାସ ସେସନରେ ମନ୍ତ୍ରଣାରତ ଭାରତୀୟ ଦଳର ଖେଳାଳିମାନେ।

**ସଞ୍ଜୁଙ୍କ ପାଇଁ ଶେଷ ସୁଯୋଗ:** ଭାରତୀୟ କ୍ରିକେଟର ଅନ୍ୟତମ ପ୍ରତିଭାବାନ ଖେଳାଳି ସଞ୍ଜୁ ସାମସନ୍ ଅନ୍ତର୍ଜାତୀୟ କ୍ରିକେଟରେ ନିଜ ଦକ୍ଷତା ମୁତାବକ ପ୍ରଦର୍ଶନ କରିପାରି ନାହାନ୍ତି। ଆଗାମୀ ଦିନିକିଆ ବିଶ୍ୱକପରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଏହି ସିରିଜରେ ସଞ୍ଜୁଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ କରିବାକୁ ପଡିବ। ସଞ୍ଜୁଙ୍କ ବ୍ୟତିତ ଅନ୍ୟତମ ଉଇକେଟ କିପର ଭାବରେ ଜିତେଶ ଶର୍ମା ଦଳରେ ରହିଛନ୍ତି। ଜିତେଶଙ୍କୁ ମଧ୍ୟ ଭାରତୀୟ ଦଳରେ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଆଇପିଏଲରେ ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରିଙ୍କୁ ସିଂ ଓ ଜିତେଶ ପ୍ରଥମ ଟି୨୦ରେ ଭାରତ ପାଇଁ ପଦାର୍ପଣ କରି ପାରନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ତିଳକ୍ ବର୍ମାଙ୍କୁ ୩ ଅଥବା ୪ ନମ୍ବରରେ ଖେଳିବାକୁ ମିଳିପାରେ। ଅନ୍ୟ ପକ୍ଷରେ ବୁମ୍‌ରାଙ୍କ ପରି ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ପ୍ରଦର୍ଶନ ପରେ ଉଭୟ ଖେଳାଳି ଏସିଆ କପ୍ ଦଳରେ ରହିବେ କି ନାହିଁ ତାହା ମଧ୍ୟ ନିର୍ଦ୍ଧାରଣ ହେବ।

**ଆଜିଠୁ ଆୟର୍ଲାଣ୍ଡ ସିରିଜ୍**
**ମ୍ୟାଚ୍ ସ୍ଥାନ: ଦ ଭିଲେଜ୍, ଡବଲିନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଜିଓ ସିନେମା**

ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିବମ୍ ଦୁବେ ମଧ୍ୟ ଏକ ସୁଯୋଗ ଲକ୍ଷ୍ୟରେ ରହିବେ। ଋତୁରାଜ ଗାଏକ୍ୱାଡ ଓ ଯଶସ୍ୱୀ ଜୟସ୍ୱାଲ ଓପନର ଭାବରେ ଖେଳିବାକୁ ଥିବା ବେଳେ ସ୍ପିନର ଭୂମିକାରେ ରବି ବିଷ୍ଣୋଇ ଓ ୱାଶିଂଟନ୍ ସୁନ୍ଦର ନଜର ଆସି ପାରନ୍ତି। ଅନ୍ୟ ପକ୍ଷରେ ଆୟର୍ଲାଣ୍ଡ ଆଣ୍ଡ୍ରୁ ବାଲବିରିନ୍‌ଙ୍କ ନେତୃତ୍ୱରେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ। ଏହି ଦଳରେ ହ୍ୟାରୀ ଟେକ୍ଟର, ଲୋର୍କାନ୍ ଟକର, ଜର୍ଜ ଡକରେଲଙ୍କ ପରି ଖେଳାଳି ରହିଛନ୍ତି। ଏହା ବ୍ୟତିତ ଦଳରେ ବାମହାତୀ ଦ୍ରୁତ ବୋଲର ଜୋସୁଆ ଲିଟିଲ ରହିଛନ୍ତି। ଆଇପିଏଲରେ ଏକାଧିକ ଭାରତୀୟ ଖେଳାଳିଙ୍କ ସହିତ ସେ ଖେଳିଥିବାରୁ ଏହା ଆୟର୍ଲାଣ୍ଡ ପାଇଁ ଲାଭଦାୟକ ରହିବ।

# ସୁନ୍ଦରଗଡ଼ରେ ୧୯ ବର୍ଷରୁ କମ୍ ରାଜ୍ୟ ଚେସ୍

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଓ ସୁନ୍ଦରଗଡ଼ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ୧୯ ବର୍ଷରୁ କମ୍ (ଓପନ୍ ଓ ବାଳିକା) ଚେସ୍ ପ୍ରତିଯୋଗିତା ଶୁକ୍ରବାରଠାରୁ ସୁନ୍ଦରଗଡ଼ରେ ଆରମ୍ଭ ହେବାକୁ ଯାଉଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୦୪ ଜାନୁୟାରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଉପରୋକ୍ତ ଇଭେଣ୍ଟରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୪୫ ମିନିଟ୍ + ୩୦ ସେକେଣ୍ଡ ସମୟ ନିୟନ୍ତ୍ରଣରେ ଏହି ପ୍ରତିଯୋଗିତା ଖେଳାଯିବ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ଉଭୟ ଓପନ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଜଣଙ୍କୁ ଛାଡ଼ିଦେଲେ ୭, ୯, ୧୧, ୧୩, ୧୫ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି। ଉଭୟ ଓପନ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୪ ଖେଳାଳି ଆଗାମୀ ୧୯ ବର୍ଷରୁ କମ୍ ଜାତୀୟ ଓପନ୍ ଏବଂ ବାଳିକା ଚେସ୍ ଚାମ୍ପିୟନଶିପ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୨୦ରୁ ୨୮ ପର୍ଯ୍ୟନ୍ତ ଜାତୀୟ ପ୍ରତିଯୋଗିତା ଗୁଜରାଟରେ ଅନୁଷ୍ଠିତ ହେବ। ରାଜ୍ୟ ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ପାଇଁ ପ୍ରତିଯୋଗୀମାନେ ସୁନ୍ଦରଗଡ଼ ଜିଲା ଚେସ୍ ଆସୋସିଏଶନ ଅଧ୍ୟକ୍ଷ ଶରତ ଦାସଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଦେବବ୍ରତ କହିଛନ୍ତି।

# ସନ୍ତୋଷ ଦାସ ଉପସଭାପତି

ଭୁବନେଶ୍ୱର, ୧୭।୮

ମାଷ୍ଟର ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆର ନିର୍ବାଚନ ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ଉପସଭାପତି ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ଓଡ଼ିଶାର ସୁଦାମ ଚରଣ ସାହୁ କାର୍ଯ୍ୟକାରି କମିଟି ସଦସ୍ୟ ହୋଇଛନ୍ତି। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗର ଜଣେ ସଦସ୍ୟ, ଏଏଫ୍‌ଆଇର ଜଣେ ପୂର୍ବତନ ସଦସ୍ୟ, ଜଣେ ବରିଷ୍ଠ ଆଇନଜୀବୀ ଏବଂ ଜଣେ ପୂର୍ବତନ ଅନ୍ତର୍ଜାତୀୟ ଆଥଲେଟ୍ ପର୍ଯ୍ୟବେକ୍ଷକଭାବେ ନିର୍ବାଚନ ସମୟରେ ଉପସ୍ଥିତ ଥିଲେ। ୨୯ଟି ରାଜ୍ୟର ପ୍ରତିନିଧି ଭୋଟ ଦେଇ କର୍ମକର୍ତ୍ତା ନିର୍ବାଚନ କରିଥିଲେ।



**ମାଷ୍ଟର ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ନିର୍ବାଚନ**

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ):** ମଞ୍ଚେଶ୍ୱରସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷ ମୀରାରାଣୀ ଦାସ ଇନ୍‌ଡୋର ହଲ୍‌ରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପୃଷ୍ଠପୋଷାକ ଅତୀଶ କୁମାର ରାଉତ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ଓ ଜିମ୍ନାଷ୍ଟିକ୍ସ ଖେଳାଳି, ଅଭିଭାବକ ଏବଂ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରଭାତ କୁମାର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଫୁଲତୋଡ଼ା, ଉତ୍ତରୀୟ, ମାନପତ୍ର ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗଣେଶ ଭାରତୀୟ ଦଳର ଅଧିନାୟକ

ମାଲକାନଗିରି, ୧୭।୮
(ଦୁର୍ଯ୍ୟୋଧନ ପାତ୍ର)

ଆସନ୍ତା ୧୯ରୁ ୨୦ ତାରିଖ ପର୍ଯ୍ୟନ୍ତ ନେପାଳ କାଠମାଣ୍ଡୁରେ ଅନୁଷ୍ଠିତ ହେବାକୁ ଥିବା ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍‌ରେ ବଣ୍ଡା ଜନଜାତିର ଯୁବକ ଗଣେଶ ଧାଙ୍ଗଡା ମାଝି ଭାରତୀୟ ରଗ୍‌ବୀ ଦଳର ନେତୃତ୍ୱ ନେବେ। ଗଣେଶଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ ୪ ଜଣ ଯୁବକ ଏହି ୨୦ ଜଣିଆ ଦଳରେ ମନୋନୀତ ହୋଇଛନ୍ତି। ନେପାଳରେ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳକୁ ଆଗେଇ ନେବା ପାଇଁ ମାଲକାନଗିରିର ବଣ୍ଡା ଯୁବକ ଗଣେଶ ନେତୃତ୍ୱ ନେଇଥିବା ବେଳେ ଏହା ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଦଳ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଅଗଷ୍ଟ ୧୫ରେ ନେପାଳ ଅଭିମୁଖେ ଯାତ୍ରା କରିଛି। ଡିଫେଣ୍ଡିଂ ଚାମ୍ପିୟନ ୟୁଏଇ ଏବଂ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନ ଓ ମାଲେସିଆକୁ ପରାସ୍ତ କରି ପୋଡିୟମ୍‌ରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଗଣେଶ ମାଲକାନଗିରି ଜିଲାର ଖଇରପୁଟ ବ୍ଲକ ମୁଦୁଲିପଡ଼ା ପଞ୍ଚାୟତ ଏମ୍. ବଣ୍ଡାଗୁଡା ଗ୍ରାମରୁ ଆସିଛନ୍ତି। ବହୁ ବାଧାବିଘ୍ନ ସହ ରଗ୍‌ବୀ ଖେଳର ଏତେଟା ସୁଯୋଗ ନ ଥିବା ସେ କହିଛନ୍ତି। ତେବେ ତାଙ୍କ ନେତୃତ୍ୱରେ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ସମସ୍ତଙ୍କ ଆଶା ରହିଛି।


ଗଣେଶ ଧାଙ୍ଗଡା ମାଝି

**୨୦ ବର୍ଷରୁ କମ୍ ରଗ୍‌ବୀ**

# ସୁମାରିୱାଲା ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ନିର୍ବାଚିତ

ବୁଦାପେଷ୍ଟ, ୧୭।୮ (ପି.ଟି.)

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ମୁଖ୍ୟ ଆଦିଲ ସୁମାରିୱାଲା ବୁଧବାର ଶକ୍ତିଶାଳୀ ୱାର୍ଲ୍ଡ ଆଥ୍‌ଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ସଦସ୍ୟ ହୋଇପାରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ନିର୍ବାଚିତ ୪ ଉପସଭାପତିଙ୍କ ମଧ୍ୟରେ ସେ ଅନ୍ୟତମ ରହିଛନ୍ତି। ବିଶ୍ୱ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଗଭର୍ଣ୍ଣିଂବଡିରେ ଜଣେ ଭାରତୀୟ ଭାବେ ସେ ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି। ୬୫ ବର୍ଷୀୟ ସୁମାରିୱାଲା ୨୦୧୨ରୁ ଏଏଫ୍‌ଆଇ ସଭାପତି ରହିଆସିଛନ୍ତି। ଏଠାରେ ବିଶ୍ୱ ଚାମ୍ପିୟନଶିପ୍‌ର ଦୁଇ ଦିନ ପୂର୍ବରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ନିର୍ବାଚନ ବେଳେ ସେ ତୃତୀୟ ସର୍ବାଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ। ବିଶ୍ୱ ଆଥ୍‌ଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଉପସଭାପତି ପଦବୀ ପାଇଁ ୮ଜଣ ପ୍ରାର୍ଥୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୪ଜଣଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଜଣେ ସଭାପତି, ୪ ଉପସଭାପତି, ୩ ନିଯୁକ୍ତ ସଦସ୍ୟ ଏବଂ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ (ବିନା ଭୋଟିଂ)ଙ୍କୁ ନେଇ କାର୍ଯ୍ୟନିର୍ବାହୀ ପରିଷଦ ଗଠିତ। ସୁମାରିୱାଲା ହେଉଛନ୍ତି ଜଣେ ୧୦୦ମିଟର ଅଲିମ୍ପିଆନ ରନର। ସେ ୨୦୧୫ରେ ବିଶ୍ୱ ଆଥଲେଟିକ୍ସ କାଉନ୍‌ସିଲର ମଧ୍ୟ ଜଣେ ସଦସ୍ୟ ଥିଲେ।


ଆଦିଲ ସୁମାରିୱାଲା


# Classified Everyday
**0674-2580101, 2549949**


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899


FOR RENT

Spacious Ground floor with parking near Prabhujee School, Vssnagar for office: 7978059473. D-1069


Healthcare

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Spa Kerala body Massage only best Therapist @699/- Bhubaneswar. 9337672475. D-1033

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75023

**LOST**

By virtue of F.I.R. I Prahallad Rai Agrawal, R/o, Titilagarh, Dist.- Bolangir hereby affirm that I am staying in my own residential building in Plot No.1225, Khata No.-463/235, on which the original ROR copy has been lost anywhere else at Titilagarh. So by this declaration, I request to the Authorities to issue a copy of ROR against the above mentioned Plot No. D-1075

I, Satya Swarup Pattnaik have Lost my Original Pass HSC (2021) & +2(2023) from CBSE Certificate. If found kindly Contact- 9776133603. D-74089

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ମୋର ଦଲିଲ ସଂଖ୍ୟା- ୧୦୬୨୧୧୦୦୬୦୩, ତାରିଖ ୨୨.୦୩. ୨୦୧୧ କୁ ୧୭.୦୭.୨୦୨୩ ତାରିଖରେ ଜଗତପୁର ମାର୍କେଟ ଏରିଆରେ ହଜିଯାଇଅଛି ଏବଂ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଏଥି ନିମନ୍ତେ କଟକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥପତ୍ର ଦାଖଲ କରିଅଛି ଏବଂ ଜଗତପୁର ଥାନା ଅଧିକାରୀଙ୍କ ନିକଟରେ ଏଫ.ଆଇ.ଆର. ଦିନାଙ୍କ ୨୪.୦୭.୨୦୨୩ରେ ଦାଖଲ କରିଅଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ଖୋଜି ପାଆନ୍ତି, ଦୟାକରି ନିମ୍ନଲିଖିତଙ୍କ ସହ ଯୋଗାଯୋଗ କରିବେ। ଶ୍ରୀମତୀ ଅର୍ଚ୍ଚନା ମହାନ୍ତି, ସ୍ୱା- ଶକ୍ତି ପ୍ରସାଦ ପଣ୍ଡା, ପୋ:/ ଥାନା- ଜଗତପୁର, କଟକ- ୭୫୪୦୨୧, ଫୋ: ୮୮୯୫୪୮୮୭୯୬। ଧ-୧୫୬୭

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ରବିନାରାୟଣ ପୁହାଣ**
ତଳିହା, ରାମବାଗ, ଦଶରଥପୁର, ଯାଜପୁର
ଆବିର୍ଭାବ- ତା୨୭।୦୪।୧୯୫୩ (ଚନ୍ଦନପୂର୍ଣ୍ଣିମା)
ତିରୋଧାନ- ତା୦୮।୦୮।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ହତଭାଗ୍ୟ ପୁତ୍ର: ପୁଲିନ ପ୍ରକାଶ ପୁହାଣଙ୍କ ସହ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୦୭୩

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଲକ୍ଷ୍ମୀଧର ସାହୁ (ବଗ)**
ଭୁବନପୁର, ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୨୪।୦୯।୧୯୬୪
ତିରୋଧାନ: ୦୮।୦୮।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
::ଶୋକସନ୍ତପ୍ତ::
ପତ୍ନୀ-ଟୁନି, ହତଭାଗ୍ୟ ପୁଅ-ମିଲୁ, ଭାଇ-ରାମ, କୃଷ୍ଣ, ଲିଙ୍ଗା, ବାସୁ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ
ଧ-୭୧୨୨୩

**ଏକାଦଶାହ ଉପଲକ୍ଷେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି**



**୰ରତ୍ନାକର ସାହୁ**
ପାହାଡ଼ି ମନ୍ଦିର ଛକ, ଝାରସୁଗୁଡ଼ା
ଆବିର୍ଭାବ: ୩୦/୦୧/୧୯୩୯ ତିରୋଧାନ: ୦୮/୦୮/୨୦୨୩
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପ୍ରଫୁଲ କୁମାର ସାହୁ (ଭାଇ), ଅନ୍ତର୍ଯ୍ୟାମି ସାହୁ (ପୁତ୍ର), ରଞ୍ଜିତ କୁମାର ସାହୁ (ପୁତ୍ର), ଶାରଦା ମହାପାତ୍ର, ମଞ୍ଜୁଲତା ସାହୁ, ପ୍ରତିଭା ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମେଶ ସାହୁ, ପ୍ରସନ୍ନ କୁମାର ସାହୁ।
ଧ-୬୬୬୬୬

## ଫିଫା ମହିଳା ବିଶ୍ୱକପ୍

# ରାଇଜିଂ ଷ୍ଟାର୍

**ଚଳିତ ମହିଳା ଫିଫା ବିଶ୍ୱକପରେ ଅନେକ ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ଭବିଷ୍ୟତର ସୁପରଷ୍ଟାର ଭାବରେ ବିବେଚନା କରାଯାଉଛି ଏପରି କେତେଜଣ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...**


ଲିଣ୍ଡା କାଇସେଡୋ
ସୋଫିଆ ସ୍ମିଥ
ଲରେନ୍ ଜେମ୍ସ

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଜାରି ରହିଛି ମହିଳା ଫୁଟବଲ ବିଶ୍ୱକପ ୨୦୨୩। ଏହି ବିଶ୍ୱକପରୁ ଆମେରିକା ଓ ବ୍ରାଜିଲ ପରି ଶକ୍ତିଶାଳୀ ଦଳ ବିଦା ହୋଇଛନ୍ତି। ଇଂଲଣ୍ଡ ଓ ସ୍ପେନ୍ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ ମଧ୍ୟ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ଭାବରେ ବ୍ରାଜିଲର ମାର୍ଟା, କାନାଡାର କ୍ରିଷ୍ଟିନ୍ ସିନ୍‌କ୍ଲେୟାର ଓ ଆମେରିକାର ମେଗାନ୍ ରାପିନୋ ଖେଳିଛନ୍ତି ନିଜର ଅନ୍ତିମ ବିଶ୍ୱକପ। ତେବେ ଏହି ମହାନ୍ ଖେଳାଳିମାନଙ୍କ କ୍ୟାରିୟରର ସାୟାହ୍ନରେ ଅନେକ ଯୁବ ଖେଳାଳିଙ୍କ ଆବିର୍ଭାବ ଘଟିଛି। ମାତ୍ର ୧୬ ବର୍ଷ ୨୬ ଦିନରେ ଦକ୍ଷିଣ କୋରିଆର କେସି ଫେୟାର ସର୍ବକନିଷ୍ଠ ଖେଳାଳି ଭାବରେ ପଦାର୍ପଣ କରିଛନ୍ତି। ଏହି ଯୁବ ପ୍ରତିଭାମାନଙ୍କ ମଧ୍ୟରୁ ଅନେକଙ୍କୁ ଭବିଷ୍ୟତର ସୁପରଷ୍ଟାର ଭାବରେ ବିବେଚନା କରାଯାଉଛି। ଚଳିତ ସଂସ୍କରଣରେ ପ୍ରଭାବିତ କରିଥିବା ଇଂଲଣ୍ଡର ଲରେନ୍ ଜେମ୍ସ, କଲମ୍ବିଆର ଲିଣ୍ଡା କାଇସେଡୋ, ଅଷ୍ଟ୍ରେଲିଆର ମେରୀ ଫାଓଲର, ଆମେରିକାର ସୋଫିଆ ସ୍ମିଥ୍ ଓ ହାଇତିର ମେଲ୍‌ଚି ଡୁମୋରନେଙ୍କ ପରି ଖେଳାଳିଙ୍କୁ ନେଇ ଏକ ଆଲେଖ୍ୟ...

### ଲରେନ୍ ଜେମ୍ସ

ଇଂଲଣ୍ଡ ଦଳ ପକ୍ଷରୁ ଖେଳୁଥିବା ଚେଲ୍‌ସୀ ଷ୍ଟାର ଲରେନ୍ ଜେମ୍ସଙ୍କ ବିଶ୍ୱକପ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଛି। ୨୧ ବର୍ଷୀୟ ଲରେନ୍ ହାଇତି ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବେଞ୍ଚରେ ବସିଥିଲେ। ଡେନମାର୍କ ବିପକ୍ଷ ପରବର୍ତ୍ତୀ ମ୍ୟାଚରେ ଖେଳିବାକୁ ସୁଯୋଗ ପାଇଥିବା ବେଳେ ମ୍ୟାଚ୍‌ର ୬ଷ୍ଠ ମିନିଟରେ ଏକ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଚାଇନା ବିପକ୍ଷ ମ୍ୟାଚ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୩ଟି ଆସିଷ୍ଟରେ ସାମିଲ ଥିଲେ। ତାଙ୍କର ସାଇଡ୍ ଫୁଟେଡ୍ ଭଲି ଗୋଲ ଅଫ୍ ଟୁର୍ନାମେଣ୍ଟର ଦାବିଦାର ରହିଥିବା ବେଳେ ନାଇଜେରିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମିନିଟରେ ନାଇଜେରିଆ ଡିଫେଣ୍ଡର ମିଚେଲ ଆଲୋଜିଙ୍କୁ ଫାଉଲ ମାରି ରେଡକାର୍ଡ ପାଇଥିଲେ। ଫଳରେ ଲରେନ କ୍ୱାର୍ଟର ଫାଇନାଲ ମ୍ୟାଚରୁ ବାଦ୍‌ପଡିଥିଲେ। ତେବେ ସେମିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ ଇଂଲଣ୍ଡକୁ ଫାଇନାଲରେ ପହଞ୍ଚାଇଥିଲେ।

### ଲିଣ୍ଡା କାଇସେଡୋ

ଜରାୟୁ କର୍କଟରେ ପୀଡ଼ିତ ଥିବା ତଥା ଏଥିରୁ ସୁସ୍ଥ ହୋଇ ଫେରିଥିବା ଲିଣ୍ଡା ଚଳିତ ବିଶ୍ୱକପରେ କଲମ୍ବିଆ ଦଳର ମେରୁଦଣ୍ଡ ରହିଥିଲେ। ୧୮ ବର୍ଷୀୟା ରିୟଲ ମାଡ୍ରିଡ୍ ଫରୱାର୍ଡଙ୍କ ପ୍ରଦର୍ଶନ ବଳରେ କଲମ୍ବିଆ ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଇଂଲଣ୍ଡ ନିକଟରୁ ପରାଜିତ ହୋଇ ବିଦାୟ ନେଇଛି। ଜର୍ମାନୀକୁ ୨–୧ରେ ପରାସ୍ତ କରିବାରେ କାଇସେଡୋଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

### ମେରୀ ଫାଓଲର

ଅଷ୍ଟ୍ରେଲିଆର ଅନୁଭବୀ ଷ୍ଟ୍ରାଇକର ସାମ୍ କେର୍ ଆହତ ହୋଇ ଖେଳି ପାରି ନ ଥିଲେ। ତେବେ ୨୦ ବର୍ଷୀୟ ଫାଓଲର ଏହି ସୁଯୋଗର ଫାଇଦା ଉଠାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ସେ ଗୋଟିଏ ଲେଖାଏ ଗୋଲ ଓ ଆସିଷ୍ଟ କରିଥିଲେ। ତେବେ କ୍ୱାର୍ଟର ଫାଇନାଲ ମ୍ୟାଚରେ କେର୍ ଫିଟ୍ ହେବା ପରେ ମଧ୍ୟ ଫାଓଲର ଦ୍ୱିତୀୟ ଷ୍ଟ୍ରାଇକର ଭାବରେ ମ୍ୟାଚ୍ ଖେଳିଥିଲେ।

### ସୋଫିଆ ସ୍ମିଥ

ଆମେରିକାର ତାରକା ଖଚିତ ଲାଇନ୍‌ଅପ୍‌ରେ ୨୨ ବର୍ଷୀୟା ସୋଫିଆ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଆମେରିକାର ଓପନିଂ ଗେମ୍‌ରେ ଦୁଇଟି ଗୋଲ୍ ସ୍କୋର କରିଥିଲେ ସୋଫିଆ। ତେବେ ସ୍ୱିଡେନ୍ ବିପକ୍ଷ ମ୍ୟାଚ୍‌ରେ ଏକ ସ୍ପଟ୍ କିକ୍ ମିସ୍ କରିଥିଲେ ସୋଫିଆ। ଏହି ମ୍ୟାଚରେ ଅତିରିକ୍ତ ସମୟରେ ଆଲେକ୍ସ ମୋର୍ଗାନଙ୍କୁ ସବ୍‌ଷ୍ଟିଚ୍ୟୁଟ କରି କୋଚ୍ ସୋଫିଆଙ୍କୁ ସାମିଲ କରିଥିଲେ।

### ମେଲଚି ଡୁମୋର୍‌ନେ

ହାଇତି ଏହାର ପ୍ରଥମ ବିଶ୍ୱକପ ଖେଳୁଥିବା ବେଳେ ମେଲଚି ଡୁମୋର୍‌ନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୧୯ ବର୍ଷୀୟ ମେଲ୍‌ଚି ଡୁମୋର୍‌ନେ ଗୋଟିଏ ବି ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ ମଧ୍ୟ ତାଙ୍କୁ ଇଂଲିଶ କ୍ଲବ୍ ଲିଓନ୍‌ରେ ସୁଯୋଗ ମିଳିଛି।

**ପ୍ରସ୍ତୁତି: ସରୋଜ ଜେନା**

---

## ଓଡ଼ିଆ

ରୁଷିଆର ଉଚ୍ଚ ମାଉଣ୍ଟ ଏଲବ୍ରସରେ
ସୌଭାଗ୍ୟ କୁମାର ରଥ
ଫାଇଭ୍ ଥାଉଜାଣ୍ଡ ସିକ୍ସ ଫୋର୍‌ଟୁ
ମିଟର ଶୃଙ୍ଗରେ ମିତ
ଉଡ଼ାଇ ତ୍ରିରଙ୍ଗା ନେତ
ନୟାଗଡ଼ ଆଇରନମ୍ୟାନ ଭାବେ
ଦେଶରେ ହୋଇଛି ଖ୍ୟାତ।

ବିଶ୍ୱ ପୋଲିସ କରାଟେ
ପ୍ରତିଯୋଗିତାରେ
ଚିନ୍ମୟୀ ଭୂୟାଁ ଜିତି
କାନାଡ଼ାର ୱିନିପେଗ୍‌ଠାରେ ୱାର୍ଲ୍ଡ
ଖେଳାଳିଙ୍କ ସଙ୍ଗେ ମାତି
ଟପର ଓଡ଼ିଆ ଜାତି
ରାଇଜର ଗର୍ବ ଗଉରବ ସିଏ
କୁଣ୍ଢେ ମୋଟ ଆମ ଛାତି।




ହକି ଖାଲି ଏକ ଖେଳ ନୁହେଁ ବରଂ
ଦେଶକୁ ଯୋଡ଼ିବା ଦଳ
କାହାଣୀ ବୋଲିକି କହନ୍ତି ଆମର
କୁଲ୍ ମୁଖ୍ୟମନ୍ତ୍ରୀ ଭୋଳ
ଓଡ଼ିଆ ଖେଳାଳି ଖେଳ
ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଝଲସେ
ସିଏମ୍ ଆମର ମୂଳ।

–ସୁବାସ ଚନ୍ଦ୍ର ପ୍ରଧାନ

---

# ଯୁବ ଖେଳାଳିଙ୍କ ପାଇଁ ପରୀକ୍ଷା



**ନିର୍ମଳ କୁମାର ମିଶ୍ର**

ଭାରତୀୟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ସମାପ୍ତ ହୋଇଛି। ଏହି ଗସ୍ତରୁ ଭଲ ଶିକ୍ଷାଲାଭ କରିଛି ଟିମ୍ ଇଣ୍ଡିଆ। ଟି୨୦ ସିରିଜ ପରାଜୟ ପାଇଁ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସୋସିଆଲ ମିଡିଆରେ ବେଶ୍ ଟ୍ରୋଲ ହେବାକୁ ପଡିଛି। କ୍ରମାଗତ ଭାବେ ୧୨ଥର ବିଭିନ୍ନ ଦେଶ ସହ ସିରିଜ ଜିତି ରେକର୍ଡ କରିଥିବା ଭାରତୀୟ ଦଳକୁ ୨–୩ରେ ସିରିଜ ହାରିବାକୁ ପଡିଛି। ଯାହାକି ମୁଖ୍ୟ କୋଚ ଏବଂ ଟି୨୦ କ୍ୟାପଟେନ ହାର୍ଦ୍ଦିକଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ଆସୁଥିବା ବେଳେ ଅକ୍ଟୋବର ୫ରୁ ଆଇସିସି ଏକଦିବସୀୟ ବିଶ୍ୱକପ ଭାରତରେ ଖେଳାଯିବାକୁ ରହିଛି। ଭାରତ ଯୁବ ଖେଳାଳିମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା ଫଳରେ ଦୀର୍ଘ ୭ ବର୍ଷ ପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜ ହାରି ସମାଲୋଚନାର ଶରବ୍ୟ ହୋଇଛି। ଯେଉଁ ଯୁବ ଖେଳାଳିମାନେ ଫ୍ରାଞ୍ଚାଇଜଭିତ୍ତିକ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦଳରେ ସାମିଲ ହେବା ପାଇଁ ଦୃଢ଼ ଦାବିଦାର ରହିଥିଲେ ଗତ ୱେଷ୍ଟଇଣ୍ଡିଜ ସିରିଜରେ ସେମାନଙ୍କୁ ପରୀକ୍ଷା କରାଯାଇଥିଲା। କାରଣ ପୂର୍ବତନ ଭାରତୀୟ ଖେଳାଳିମାନେ ସେମାନଙ୍କୁ ଦଳରେ ସାମିଲ କରିବା ପାଇଁ ବାରମ୍ବାର ଦାବିକରିଆସୁଥିଲେ। ସେମାନଙ୍କ ମଧ୍ୟରେ କପିଳ ଦେବ, ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, ଦିଲୀପ ଭେଙ୍ଗସରକାର ଏପରିକି ସଚିନ ତେନ୍ଦୁଲକର ମଧ୍ୟ ସେପରି ଖେଳାଳିଙ୍କୁ ବିଭିନ୍ନ ଫର୍ମାଟରେ ସୁଯୋଗ ଦେବା ପାଇଁ କହିଥିଲେ। ଟିମ୍ ଇଣ୍ଡିଆର ଅନେକ ରେଗୁଲାର ଖେଳାଳି ଶ୍ରେୟସ ଆୟାର, ରିଷଭ ପନ୍ତ, ଲୋକେଶ ରାହୁଲ, ଉମେଶ ଯାଦବ, ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତିରେ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାର୍ଡ, ଶୁଭମନ ଗିଲ, ସଞ୍ଜୁ ସାମସନ, ତିଲକ ବର୍ମା, ମୁକେଶ କୁମାର, ଅର୍ଶଦୀପ ସିଂ, ରବି ବିଷ୍ଣୋଇ, ଉମ୍ରାନ ମଲିକ, ଜୟଦେବ ଉନାଡକଟ୍‌ଙ୍କୁ ସୁଯୋଗ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମାଟିରେ ଖେଳାଯାଇଥିବା ୩ ଫର୍ମାଟକଥା ଦେଖିଲେ କିଛି ଯୁବଖେଳାଳି ସଫଳ ହୋଇଥିବା ନଜରକୁ ଆସେ। ସାମସନ, ଗାଏକ୍ୱାର୍ଡ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ଟି୨୦ର ୨ଟି ମ୍ୟାଚରେ ସଫଳ ହୋଇଥିଲେ। ଶୁଭମନ ଗିଲ ଗୋଟିଏ ମ୍ୟାଚକୁ ଛାଡିଦେଲେ ଅତି ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରିଥିଲେ। ସ୍ପିନରମାନଙ୍କ ମଧ୍ୟରେ କୁଳଦୀପ ଯାଦବଙ୍କ ଚମତ୍କାର ସ୍ପିନ ବୋଲିଂ ଦେଖିବାକୁ ମିଳିଥିବା ବେଳେ ତିଲକ ବର୍ମା ତାଙ୍କର ଆଇପିଏଲ୍ ଫର୍ମ ଯୋଗୁ କେତେଗୁଡିଏ ଭଲ ଇନିଂସ ଖେଳି ନିଜ ଦକ୍ଷତାର ଉପଯୁକ୍ତ ପ୍ରମାଣ ଦେଇଥିଲେ। ଇଶାନ କିଶନ ଏକଦିବସୀୟ ମ୍ୟାଚରେ ଚମକ ଦେଖାଇଥିବାବେଳେ ମୁକେଶ କୁମାର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସବୁଠାରୁ ଚର୍ଚ୍ଚାରେ ରହିଥିଲା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ। ନିଜେ ନୂଆ ବଲରେ ବୋଲିଂ କରିବା, ବୋଲର ରୋଟେଶନରେ ଅସଫଳ, ଯୁବ ବ୍ୟାଟରମାନଙ୍କୁ ଉପଯୁକ୍ତ ଡାଉନରେ ନ ଖେଳାଇବା, ନିଜର ଖରାପ ଫର୍ମ, ଟସ୍ ଜିତି ବ୍ୟାଟିଂ କିମ୍ବା ବୋଲିଂ ନେବାର ନିଷ୍ପତ୍ତିରେ ଅପରିପକ୍ୱତା ସହିତ ସିରିଜ ହାରିବା ପରେ "ବେଳେ ବେଳେ ହାରିବା ଆବଶ୍ୟକ ଏବଂ ସେଥିରୁ ଅନେକ ଶିକ୍ଷା ମିଳିଥାଏ" ବୋଲି କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଯେଉଁ ଦଳ ବିଶ୍ୱକପ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହିଁ, ଏପରିକି ସ୍କଟ୍‌ଲାଣ୍ଡ, ନେଦରଲାଣ୍ଡ୍ସ ଏବଂ ଜିମ୍ବାୱେଠାରୁ ହାରି ବାଦ୍‌ପଡିଥିବା ସେପରି ଦଳଠାରୁ ସିରିଜ ହାରିବା ନିଶ୍ଚିତ ପରିତାପର ବିଷୟ।

ଟିମ୍ ଇଣ୍ଡିଆର ଷ୍ଟ୍ରାଇକ୍ ପେସ୍ ବୋଲର ଯଶପ୍ରୀତ ବୁମରା ଆଘାତଜନିତ ସମସ୍ୟା ଯୋଗୁ ଗତବର୍ଷ ସେପ୍ଟେମ୍ବରରୁ କୌଣସି ଅନ୍ତର୍ଜାତୀୟ ସିରିଜରେ ଖେଳିପାରି ନାହାନ୍ତି। ତାଙ୍କୁ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜର ୩ ମ୍ୟାଚରେ ଟିମ୍ ଇଣ୍ଡିଆର ଏକ ଭିନ୍ନ ଦଳ ଦେଖିବାକୁ ମିଳିବ। ଦଳରୁ ସମସ୍ତ ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ନୂଆ ଅଧିନାୟକଙ୍କ ନେତୃତ୍ୱରେ ଭାରତୀୟ ଦଳ ପଡ଼ିଆକୁ ଓହ୍ଲାଇବ। ୩ ମ୍ୟାଚବିଶିଷ୍ଟ ଟି୨୦ ସିରିଜର ସମସ୍ତ ମ୍ୟାଚ ଡବଲିନ୍‌ଠାରେ ଖେଳାଯିବ। ଏହା ପରେ ଭାରତୀୟ ଦଳ ଏସିଆ କପ୍ ଖେଳିବ। ତେଣୁ ଭାରତର ଆୟର୍ଲାଣ୍ଡ ସିରିଜ ପରେ ଏସିଆ କପ୍ ପାଇଁ ଖେଳାଳି ମନୋନୟନ ହେବ। ବୁମରାଙ୍କ ସହିତ କୁଳଦୀପ ଯାଦବ ଏବଂ ତିଲକ ବର୍ମାଙ୍କ ପରି ଖେଳାଳି ଏସିଆ କପଦଳରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ଆୟର୍ଲାଣ୍ଡ ବିପକ୍ଷ ସିରିଜ ପାଇଁ ଦଳରେ ଋତୁରାଜ ଗାଏକ୍ୱାର୍ଡ, ପ୍ରସିଦ୍ଧ କ୍ରିଷ୍ଣା, ଜିତେଶ ଶର୍ମା, ରିଙ୍କୁ ସିଂ, ଶିବମ ଦୁବେ, ୱାଶିଂଟନ ସୁନ୍ଦରଙ୍କ ପରି ଖେଳାଳି ସ୍ଥାନ ପାଇଛନ୍ତି। ବୁମରାଙ୍କ ଚେହେରାରେ ଏକ ଭିନ୍ନ ଖୁସି ଦେଖିବାକୁ ମିଳିଛି। କାରଣ ସେ ପ୍ରଥମ ଥର ପାଇଁ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ନେତୃତ୍ୱ ନେବାର ସୁଯୋଗ ପାଇଛନ୍ତି। ସଞ୍ଜୁ ସାମସନଙ୍କ ପାଇଁ ଏହି ସିରିଜ ଶେଷ ସୁଯୋଗ ହୋଇପାରେ। କାରଣ ୱେଷ୍ଟଇଣ୍ଡିଜ ଗସ୍ତରେ ସେ ଅତି ଖରାପ ପ୍ରଦର୍ଶନ କରିବା ସହିତ ସୁଯୋଗ ହାତଛଡା କରି ସାରିଛନ୍ତି। ୨୦୧୫ରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଥିବା ଏହି ଖେଳାଳି ଅଧିକାଂଶ ସମୟ ଦଳରୁ ବାହାରେ ରହିଛନ୍ତି ଏବଂ ଠିକଣା ସମୟରେ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଶାହାବାଦ ଅହମ୍ମଦ ଗତ ଆଇପିଏଲ୍‌ରେ ଭଲ ବୋଲିଂ କରିଥିଲେ। ଅର୍ଶଦୀପ ସିଂ, ମୁକେଶ କୁମାର, ଆଭେଶ ଖାଁ କିପରି ସୁଯୋଗର ସଦ୍‌ବ୍ୟବହାର କରିବେ ତାହା ଦେଖିବାର କଥା।

ରାହୁଲ ଦ୍ରାବିଡ ଏବଂ ଅନ୍ୟ ସମସ୍ତ କୋଚିଂ ଷ୍ଟାଫଙ୍କୁ ଏହି ସିରିଜରୁ ବାଦ୍ ଦିଆଯାଇଛି। ମାତ୍ର ଦ୍ରାବିଡ ଏସିଆ କପ୍ ପାଇଁ କୋଚ ଭାବେ ଟିମ୍ ଇଣ୍ଡିଆ ସହିତ ରହିବେ। ଆୟର୍ଲାଣ୍ଡ ଦଳ ମଧ୍ୟ ଟି୨୦ରେ ଏକ ଶକ୍ତିଶାଳୀ ଦଳ। ତେବେ ଏହା ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ମୋଟ ୫ଟି ଟି୨୦ ମ୍ୟାଚ ହୋଇଥିବାବେଳେ ଭାରତ ସମସ୍ତ ୫ଟି ଯାକରେ ଜିତିଛି। ୨୦୨୨ରେ ଅନୁଷ୍ଠିତ ଏକ ମ୍ୟାଚ କିନ୍ତୁ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ଭାରତ ମାତ୍ର ୪ ରନରେ ବିଜୟୀ ହୋଇଥିଲା। ଦଳରେ ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ସୂର୍ଯ୍ୟକୁମାର ଯାଦବ ଏବଂ ଶୁଭମନ ଗିଲଙ୍କ ପରି ଖେଳାଳି ସ୍ଥାନ ପାଇ ନ ଥିବାବେଳେ ଯୁବଖେଳାଳିମାନେ ସୁଯୋଗର ସଦୁପଯୋଗ କରିବା ଆଶା ରହିଛି। ଏସିଆ କପ୍ ଏବଂ ବିଶ୍ୱକପ୍ ପାଇଁ ଭାରତୀୟ ଦିନିକିଆ ଦଳ ଗଠନଲାଗି ମନୋନୟନକାରୀଙ୍କ ପାଖରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି।


ଶିବମ ଦୁବେ


ରିଙ୍କୁ ସିଂ
ପ୍ରସିଦ୍ଧ କ୍ରିଷ୍ଣା
ଜିତେଶ ଶର୍ମା

# ଧୀନିଧି, ଈଶାନଙ୍କ ଜାତୀୟ ରେକର୍ଡ



ଜାତୀୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସର ଏକ ଇଭେଣ୍ଟ।

## ଜାତୀୟ ଜୁନିୟର ସନ୍ତରଣ

ଭୁବନେଶ୍ୱର,୧୭।୮
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ କର୍ନାଟକର ଧୀନିଧି ଦେଶିଙ୍ଘୁ ଓ ଇଶାନ ମେହେରା ୧୦୦ ମିଟର ଫ୍ରିଷ୍ଟାଇଲରେ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। କର୍ନାଟକର ୧୩ ବର୍ଷୀୟର ଧୀନିଧି ଦେଶିଙ୍ଘୁ ବାଳିକା ୧୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୫୭.୬୭ ସେକେଣ୍ଡର ଟାଇମିଂ ସହିତ ଅଲିମ୍ପିଆନ ମାନା ପଟେଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୧୪ ମସିହାରେ ମାନା ୫୯.୧୨ ସେକେଣ୍ଡର ସମୟ ନେଇଥିଲେ। ଅନ୍ୟ ସନ୍ତରଣକାରଙ୍କ ଅପେକ୍ଷା ୧୦ ମିଟର ଆଗରେ ରହିଥିଲେ ଧୀନିଧି। କର୍ନାଟକର ଶ୍ରୀ ଚରଣୀ ଟୁମ୍ମୁ ୧:୦୨.୫୫ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୧୦୦ ମିଟର ଫ୍ରି ଷ୍ଟାଇଲ ବାଳକ ବର୍ଗରେ ଏକ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି କର୍ନାଟକର ଇଶାନ୍ ମେହେରା। ଗ୍ରୁପ୍-୨ରେ ରହିଥିବା ଇଶାନ୍ ୧:୦୦.୬୪ ସେକେଣ୍ଡର ସମୟ ନେଇ ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ୨୦୨୨ରେ ସୁହାସ ପ୍ରେଥମଙ୍କ ରେକର୍ଡକୁ ୧:୦୧.୨୯ ସେକେଣ୍ଡକୁ ପଛରେ ପକାଇଥିଲେ। କର୍ନାଟକର ବେଦାନ୍ତ ମାଧିର ୧:୦୧.୯୮ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ପ୍ରଥମ ଦିନରେ ଜାତୀୟ ରେକର୍ଡ ନିଜ ନାମରେ କରିଥିବା ଆସାମର ଜନଞ୍ଜୟ ଜ୍ୟୋତି ହଜାରିକା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ହଜାରିକା ୨୫.୧୨ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଅନ୍ୟପକ୍ଷରେ ୨୫.୯୪ ସେକେଣ୍ଡର ଟାଇମିଂ ସହ ମହାରାଷ୍ଟ୍ରର ସଲିଲ ପ୍ରଶାନ୍ତ ବାଘପତ ରୌପ୍ୟ ପଦକ ହାସଲ କରିଥିଲେ।

ବାଳକ ୧୫୦୦ ମିଟର ଫ୍ରି ଷ୍ଟାଇଲରେ ମହାରାଷ୍ଟ୍ରର ରୋନକ ନିତିନ ସାୱନ୍ତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ୯୦୦ ମିଟର ଯାଏ ଆନ୍ଧ୍ର ପ୍ରଦେଶର ଗୋଙ୍ଗେଟି ସମ୍ପତ କୁମାର ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ପରେ ତୃତୀୟ ସ୍ଥାନକୁ ଖସି ଆସିଥିଲେ। କର୍ନାଟକର ଏସ୍ ଦର୍ଶନ ରୌପ୍ୟ ପଦକ ହାସଲ କରିଥିଲେ। ଶେଷ ଲାପ୍‌ରେ ହିଁ ନିଜ ସ୍ପିଡ୍ ଜରିଆରେ ରୋନକ ସମସ୍ତଙ୍କୁ ପଛରେ ପକାଇଥିଲେ। ରୋନକ ୧୬:୨୭.୯୦ ସେକେଣ୍ଡର ସମୟ ନେଇଥିବା ବେଳେ ଦର୍ଶନ ୧୬:୨୮.୧୮ ଓ ସମ୍ପତ ୧୬:୩୧.୧୭ ସେକେଣ୍ଡର ସମୟ ନେଇଥିଲେ।

ବାଳକ ୪୦୦ ମିଟର ଫ୍ରିଷ୍ଟାଇଲରେ ରାଜସ୍ଥାନର ଯୁଗ ଚେଲାନି ୪:୩୬.୩୧ ସେକେଣ୍ଡର ସମୟ ନେଇ ପ୍ରଥମ ସ୍ଥାନରେ ଥିବା ବେଳେ ଆନ୍ଧ୍ର ପ୍ରଦେଶର ମୋଙ୍ଗାମ ଥିର୍ଦ୍ଧୁ ୪:୪୦.୬୫ ସେକେଣ୍ଡ ସହ ରୌପ୍ୟ ଓ ବେଙ୍ଗଲର ଶାଶ୍ୱତ ରୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## କିଟ୍‌ର ବିଜୟ ସହ ଅଭିଯାନ

ଭୁବନେଶ୍ୱର, ୧୭।୮ (ବିଜୟ ରଣା): ଭୁବନେଶ୍ୱର ଆଥଲେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ କିଟ୍ ଦଳ ୧-୦ ଗୋଲ୍‌ରେ ଖାରପଡ଼ା ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେ,ର ୩୦ତମ ମିନିଟ୍‌ରେ କୁନାଲ କୁମାର ସିଂ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ କିଟ୍‌ର ଥିଲା ଏହାଥିଲା ପ୍ରଥମ ମ୍ୟାଚ। ବିଜୟ ସହ କିଟ୍ ୨ ପଏଣ୍ଟ ଅର୍ଜନ କରିଛି। ଅନ୍ୟପକ୍ଷରେ ଖାରପଡ଼ା ଦଳ ୪ଟି ମ୍ୟାଚ ଖେଳି ସେଥିରୁ ମାତ୍ର ୧ ପଏଣ୍ଟ ଅର୍ଜନ କରି ପ୍ରତିଯୋଗିତାରୁ ବିଦାୟ ନେଇଛି। ଗୋଲ ସ୍କୋରର କୁନାଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

## ଭାରତୀୟ ତୀରନ୍ଦାଜଙ୍କୁ ୨ ବ୍ରୋଞ୍ଜ ପଦକ

ପ୍ୟାରିସ,୧୭।୮(ପି.ଟି.)

ଭାରତୀୟ ରିକର୍ଭ ତୀରନ୍ଦାଜମାନେ ଏଠାରେ ଚାଲିଥିବା ବିଶ୍ୱକପ୍ ଷ୍ଟେଜ୍-୪ ପୁରୁଷ ଓ ମହିଳା ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଧୀରଜ ବୋମ୍ମାଦେଭରା, ଅତନୁ ଦାସ ଓ ତୁଷାର ସେଲ୍‌କେଙ୍କୁ ନେଇ ଭାରତୀୟ ପୁରୁଷ ରିକର୍ଭ ଦଳ ୬-୨ରେ ସ୍ପେନର ଆନ୍ଦ୍ରେସ ଟେମିନୋ, ୟୁନ୍ ସାଞ୍ଚେଜ ଓ ପାବ୍‌ଲୋ ଆଚାଙ୍କୁ ହରାଇ ଦେଇଛନ୍ତି। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭାରତୀୟ ମହିଳା ଦଳ ୫-୪ରେ ମେକ୍ସିକୋ ଦଳକୁ ହରାଇ ଦେଇଥିଲା।

## ନୀରଜଙ୍କ ଟୁଇଟ୍ ପରେ ଆଶା ବଢ଼ିଲା

### କିଶୋର ଜେନାଙ୍କ ଭିଜା ବାତିଲ ପ୍ରସଙ୍ଗ

ନୂଆଦିଲ୍ଲୀ,୧୭।୮(ପି.ଟି.)

ଓଡ଼ିଆ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କ ଭିଜା ବାତିଲ ପ୍ରସଙ୍ଗରେ ଟୁଇଟ୍ କରିଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା। ନୀରଜଙ୍କ ଟୁଇଟ ପରେ କିଶୋରଙ୍କୁ ଶୁକ୍ରବାର ସକାଳ ୯.୦୦ ସମୟରେ ଭିଜା ଆପଏଣ୍ଟମେଣ୍ଟ ପାଇଁ ସମୟ ପ୍ରଦାନ କରିଛି ହଙ୍ଗେରୀ ଦୂତାବାସ। ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଏହା ଟୁଇଟ୍ କରି ସୂଚନା ଦିଆଯାଇଛି। ବୁଧବାର ହଙ୍ଗେରୀ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ବାତିଲ କରି ଦିଆଯାଇଥିଲା। ବୁଦାପେଷ୍ଟରେ ଅଗଷ୍ଟ ୧୯ରୁ ୨୭ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ନିମନ୍ତେ କିଶୋର ଅଗଷ୍ଟ ୨୦ ତାରିଖରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଭିଜା ବାତିଲ ହେବା ପରେ ବର୍ତ୍ତମାନ ଏହାକୁ ନେଇ ଆଶଙ୍କା ଦେଖାଦେଇଛି। ଏହି ମାମଲାରେ ବୈଦେଶିକ ମନ୍ତ୍ରଣାଳୟ ହସ୍ତକ୍ଷେପ କରିବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ସେ ବୈଦେଶିକ ମନ୍ତ୍ରଣାଳୟକୁ ଟ୍ୟାଗ୍ କରିବା ସହିତ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ତୁରନ୍ତ ଏହି ମାମଲାର କୌଣସି ସମାଧାନ ବାହାର କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ଏହା କିଶୋରଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, ତେଣୁ ଆମ ପକ୍ଷରୁ ଶ୍ରେଷ୍ଠ ପ୍ରୟାସ କରାଯିବା ଉଚିତ ବୋଲି ନୀରଜ କହିଥିଲେ।

ଜୁଲାଇ ୩୦ରେ ଶ୍ରୀଲଙ୍କାର ଜାତୀୟ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ କିଶୋର ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୨୭.୧୦.୧୯୬୩
ତିରୋଧାନ : ୩୦.୦୭.୨୦୨୨

୰ ଚନ୍ଦ୍ରଶେଖର ପତି
ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଇହ ଜଗତରୁ ବିଦାୟ ନେଇଛନ୍ତି ସତ, କିନ୍ତୁ ଆପଣଙ୍କର ଅନାବିଳ ସ୍ନେହ, ଆଦର୍ଶ, ବଳିଷ୍ଠ ବିଚାରଧାରା, ଅସୀମ ଧୈର୍ଯ୍ୟ ଓ କର୍ତ୍ତବ୍ୟପରାୟଣତା ଆମର ଚିରସ୍ମରଣୀୟ ହୋଇ ରହିଅଛି । ଆପଣଙ୍କର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଦୁଃଖଭରା ହୃଦୟରେ ଅନୁଭବ କରୁଅଛୁ । ସ୍ୱର୍ଗଲୋକରେ ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ
ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ବୃନ୍ଦ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ